

ଗୀତା-ରାମାୟଣ କେବଳ ଅବସରର ପୁସ୍ତକ ନୁହେଁ ପୃଷ୍ଠା ୪


# ସଂଚାର THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 178 ଭାଗ ୩୪ | ସଂଖ୍ୟା ୧୭୮

Saturday 19 September 2026 | Page 8 Rs. 5.00

ଭୁବନେଶ୍ୱର ଶନିବାର, ୧୯ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


■ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

## ୨୦୨୭ରୁ ଷଷ୍ଠ ଶ୍ରେଣୀରେ ତିନି-ଭାଷା ନୀତି

ନୂଆଦିଲ୍ଲୀ,୧୮।୯: ଚଳିତ ବର୍ଷ ପରିବର୍ତ୍ତେ ଆସନ୍ତା ୨୦୨୭ ଜାନୁଆରୀଠାରୁ ତିନି-ଭାଷା ନୀତି (ଥ୍ରୀ-ଲାଙ୍ଗୁଏଜ୍ ପଲିସି) କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନର ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ଦେବା ଓ ଲଜିଷ୍ଟିକ୍ସକୁ ଦୃଷ୍ଟିରେ ରଖି କୋର୍ଟ ଏହି ମତ ପୋଷଣ କରିଛନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱରେ ଜଷ୍ଟିସ୍ ଜୟମଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ସେମାନେ ନୀତିଗତ ଭାବେ ଏହାର ବିରୋଧ କରୁନାହାନ୍ତି। କିନ୍ତୁ ଛାତ୍ରଛାତ୍ରୀଙ୍କୁ ହଠାତ୍ ଅସୁବିଧାରେ ନ ପକାଇ କିଛି ଶ୍ୱାସ ନେବାର ସ୍ଥାନ ବା ସମୟ ଦେବା ଉଚିତ। ବର୍ଷ ଶେଷ ହେବାକୁ ମାତ୍ର ଚାରି ମାସ ବାକିଥିବାରୁ ଏହି ନିଷ୍ପତ୍ତି ନେବା ପାଇଁ ଅଦାଲତ ସରକାରଙ୍କୁ ଅନୁରୋଧ କରିଛନ୍ତି।



କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇଥିବା ଅତିରିକ୍ତ ସଲିସିଟର୍ ଜେନେରାଲ୍ (ଏଏସ୍‌ଜି) ଐଶ୍ୱର୍ଯ୍ୟା ଭାଟି ଯୁକ୍ତି ଦର୍ଶାଇଥିଲେ ଯେ ସରକାର ପୂର୍ବରୁ ସପ୍ତମ, ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ପାଇଁ କୋହଳ କରିସାରିଛନ୍ତି। ବର୍ତ୍ତମାନର ଷଷ୍ଠ ଶ୍ରେଣୀର ପିଲାମାନେ ୪ ବର୍ଷ ପରେ ବୋର୍ଡ ପରୀକ୍ଷା ଦେବେ। ତେଣୁ ଏହାକୁ ଏହି ବର୍ଷଠାରୁ ହିଁ ଲାଗୁ କରାଯିବା ଉଚିତ। ତେବେ କୋର୍ଟ ଏହି ଯୁକ୍ତିକୁ ଗ୍ରହଣ ନ କରି ୨୦୨୭ ଜାନୁଆରୀରୁ ଏହାକୁ ବାଧ୍ୟତାମୂଳକ କରିବାକୁ କହିଛନ୍ତି। ସରକାର ଚାହିଁଲେ ବର୍ତ୍ତମାନର ଷଷ୍ଠ ଶ୍ରେଣୀ ବ୍ୟାଚ୍ ପାଇଁ ଏହାକୁ ଇଚ୍ଛାକୃତ ବା ଅପ୍ସନାଲ୍ ଭାବେ ରଖିପାରିବେ ବୋଲି କୋର୍ଟ ମତ ଦେଇଛନ୍ତି।

ସିବିଏସ୍‌ଇ ପକ୍ଷରୁ ଗତ ଏପ୍ରିଲରେ ଜାରି କରାଯାଇଥିବା ପାଠ୍ୟକ୍ରମ ଅନୁଯାୟୀ, ଛାତ୍ରଛାତ୍ରୀମାନଙ୍କୁ ଦୁଇଟି ଭାରତୀୟ ସ୍ଥାନୀୟ ଭାଷା ସମେତ ମୋଟ ୩ଟି ଭାଷା ପଢ଼ିବାକୁ ପଡ଼ିବ। ଅନ୍ୟପକ୍ଷରେ ଦେଖାଯାଇଛି ଯେ ଏହି ନୀତି ବଳରେ ଦକ୍ଷିଣ ଭାରତରେ ହିନ୍ଦୀ ଭାଷାକୁ ଜୋରକରି ଲଦିବା ନେଇ କିଛି ଚିନ୍ତା ଓ ବିବାଦ ମଧ୍ୟ ସୃଷ୍ଟି କରିଛି। କୋର୍ଟଙ୍କ ଏହି ପରାମର୍ଶ ଉପରେ କେନ୍ଦ୍ର ସରକାର ପୁନର୍ବିଚାର କରିବେ ବୋଲି ଏଏସ୍‌ଜି କୋର୍ଟଙ୍କୁ ଅବଗତ କରାଇଛନ୍ତି।

‘ସେମିକନ୍ ଇଣ୍ଡିଆ ୨୦୨୬’ରେ ଓଡ଼ିଶାର ବଡ଼ ସଫଳତା

# ନରାଜରେ ପ୍ରତିଷ୍ଠା ହେବ ‘ଓଡ଼ିଶା ସିଲିକନ୍ ଭ୍ୟାଲି’

■ ଆସିଲା ଆଉ ୨୩,୬୦୦ କୋଟିର ନିବେଶ ପ୍ରସ୍ତାବ
■ ସୃଷ୍ଟି ହେବ ୬,୧୦୦ ନିଯୁକ୍ତି ସୁଯୋଗ
■ ଖଣି ଅର୍ଥନୀତିରୁ ଜ୍ଞାନ ଅର୍ଥନୀତି ଆଡ଼କୁ ରାଜ୍ୟର ଅଗ୍ରଗତି
■ ଉତ୍ସାହଜନକ ସେମିକଣ୍ଡକ୍ଟର ମାନଚିତ୍ରରେ ଇତିହାସ ରଚୁଛି ଓଡ଼ିଶା
■ ବିଶ୍ୱସ୍ତରୀୟ କମ୍ପାନୀ ପାଇଁ ସୃଷ୍ଟି ହେଉଛି ଅନୁକୂଳ ଇକୋସିଷ୍ଟମ



ନୂଆଦିଲ୍ଲୀ,୧୮।୯(ସଂଚାର ବ୍ୟୁରୋ): ଦେଶର ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରୁଛି। ନୂଆଦିଲ୍ଲୀଠାରେ ଆୟୋଜିତ ‘ସେମିକନ୍ ଇଣ୍ଡିଆ ୨୦୨୬’ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଭବିଷ୍ୟତ ଓ ନୂତନ ନିବେଶ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି। କଟକର ନରାଜଠାରେ ୮୭୦ ଏକର ପରିମିତ ଜମିରେ ‘ଓଡ଼ିଶା ସିଲିକନ୍ ଭ୍ୟାଲି’ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ସେଠାରେ ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରକଳ୍ପଗୁଡ଼ିକୁ ଏକାଠି କରି ଏକ ବିଶ୍ୱସ୍ତରୀୟ ‘ସେମିକଣ୍ଡକ୍ଟର ହବ୍’ରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି। ନରାଜର ଭୌଗୋଳିକ ଅବସ୍ଥିତି ଶିଳ୍ପ ପାଇଁ ଅତ୍ୟନ୍ତ ଅନୁକୂଳ। ଏଠାରୁ ଭୁବନେଶ୍ୱର-କଟକ ସହରାଞ୍ଚଳ କରିଡର ସହ ସୁଗମ ଯୋଗାଯୋଗ ସୁବିଧା ରହିବା ସହ ମହାନଦୀ ନିକଟବର୍ତ୍ତୀ ହୋଇଥିବାରୁ ଆବଶ୍ୟକ ଜଳ ଯୋଗାଣ ମଧ୍ୟ ସହଜ ହୋଇପାରିବ। ଏହାଛଡ଼ା, ପାରାଦୀପ ଓ ଧାମରା ବନ୍ଦର ସହ ସଂଯୋଗ ରହୁଥିବାରୁ ଏହା ଲଜିଷ୍ଟିକ୍ସ ଓ ଯୋଗାଣ ଶୃଙ୍ଖଳା ପାଇଁ ଏକ ମୁଖ୍ୟ କେନ୍ଦ୍ର ପାଲଟିବ।

ସମ୍ମିଳନୀ ଅବସରରେ ରାଜ୍ୟ ସରକାର ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି, ଯାହାଦ୍ୱାରା ପ୍ରାୟ ୬,୧୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ‘ସେମିକନ୍ ୨.୦’ ଅଧୀନରେ ଓଡ଼ିଶାରେ ଏକ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଭାଲ୍ୟୁ ଚେନ୍ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ। ଏଥିସହ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱାଫର୍ ପ୍ରସ୍ତୁତି ପାଇଁ ‘କ୍ୱାଡକ୍ୱାଣ୍ଟମ’ ସଂସ୍ଥା ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ନୂଆଦିଲ୍ଲୀରେ ଚାଲିଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଜାପାନ, ସ୍ୱିଡେନ୍ ଓ ତାଇୱାନର ଅନ୍ତର୍ଜାତୀୟ ପ୍ରତିନିଧି ଦଳ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହାଛଡ଼ା ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିକ୍ ସେମ୍, ଥ୍ରୀ-ଡି ଗ୍ଲାସ୍ ସଲ୍ୟୁସନ ଏବଂ ସାଇଏଣ୍ଟ୍ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରା ବର୍ତ୍ତମାନ କେବଳ ପରିକଳ୍ପନା ସ୍ତରରୁ ଆଗକୁ ଯାଇ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆମେ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ଆକର୍ଷିତ କରିବାରେ ଓ ସବୁଠାରୁ ବଡ଼ କଥା ହେଲା ପ୍ରମୁଖ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ସଫଳ ହୋଇଛୁ। ‘ସେମିକନ୍ ଇଣ୍ଡିଆ ୨୦୨୬’ରେ ଶିଳ୍ପ ଜଗତର ଅଗ୍ରଣୀ ବ୍ୟକ୍ତିବିଶେଷଙ୍କ ସହ ଆମର ➣ପୃଷ୍ଠା-୬

# କୁଆଖାଇ ନଦୀପଠା ଜମି କେମିତି ହେଲା ବ୍ୟକ୍ତିଗତ ?

● ୪୫ ବର୍ଷ ପରେ ରାଜସ୍ୱ ପରିଷଦର ବଡ଼ ରାୟ
● ୫ ଏକର ନଦୀ ପଠା ଜମିର ମୂଲ୍ୟ ୧୦୦ କୋଟିରୁ ଊର୍ଦ୍ଧ୍ୱ
● ସାଧାରଣ ପ୍ରଶାସନ ବିଭାଗ ନାମରେ ରେକର୍ଡ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): କୁଆଖାଇ ବେଶ ଗୁରୁତ୍ୱ ବହନ କରୁଛି। ନଦୀ ପଠା ଜମି କ’ଣ ବ୍ୟକ୍ତିଗତ ହୋଇପାରେ? କେବଳ ରେଭେନ୍ୟୁ ରେକର୍ଡରେ ନାମ ଚଢ଼ିଗଲେ ମାଲିକାନା ମିଳିଯାଏ କି? ପଞ୍ଜୀକୃତ ବିକ୍ରୟ ଦଲିଲ ଥିଲେ ନଦୀ ପଠା ଜମି ଉପରେ ବ୍ୟକ୍ତିଗତ ଅଧିକାର ପ୍ରମାଣିତ ହୋଇଯାଏ କି? ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ଦେଇ ପ୍ରାୟ ୪୫ ବର୍ଷ ଧରି ଚାଲିଥିବା ଏକ ଜମି ବିବାଦରେ ଓଡ଼ିଶା ରାଜସ୍ୱ ପରିଷଦ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ବିବାଦରେ ଥିବା ପ୍ରାୟ ୫ ଏକର ନଦୀ ପଠା ଜମିର ବର୍ତ୍ତମାନ ଆନୁମାନିକ ମୂଲ୍ୟ ୧୦୦ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଏତେ ବିପୁଳ ମୂଲ୍ୟର ଜମି କିପରି ନଦୀ କିସମରୁ ବ୍ୟକ୍ତିଗତ ରେକର୍ଡକୁ ଗଲା, ତାହାକୁ ନେଇ ମଧ୍ୟ ମାମଲାଟି ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଆଗତ ପିଟିସନ ଉପରେ ରାଜସ୍ୱ ପରିଷଦର ସଦସ୍ୟ ସତ୍ୟବ୍ରତ ସାହୁଙ୍କ ଅଦାଲତରେ ମାମଲାର ଶୁଣାଣି ହୋଇଥିଲା। ସାବିକ-ହାଲ୍ ରେକର୍ଡ, ବିଭିନ୍ନ ସରକାରୀ ଦଲିଲ, ସେଟଲମେଣ୍ଟ ରେକର୍ଡ, ପେସକାରୀ ବଦର, ଆମିନ୍ ରିପୋର୍ଟ, ତହସିଲଦାର ଓ ସେଟଲମେଣ୍ଟ ଅଧିକାରୀଙ୍କ ରିପୋର୍ଟ ସମେତ ଉଭୟ ପକ୍ଷର ଯୁକ୍ତିକୁ ସମଗ୍ର ଭାବେ ବିଚାର କରିବା ପରେ ପରିଷଦ ବିବାଦୀୟ ଜମିର ବ୍ୟକ୍ତିଗତ ରେକର୍ଡ ବାତିଲ କରିବା ସହ ସରକାରୀ ଖାତାରେ ଆବଶ୍ୟକ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ମୁଖ୍ୟ ପ୍ରଶ୍ନ ଥିଲା ଜମିର ପ୍ରକୃତ ପରିଚୟ। ସାବିକ ରେକର୍ଡରେ ପ୍ରାୟ ୫ ଏକର ଜମି ‘ଅନାବାଦୀ’ ଭାବେ ରେକର୍ଡ ହୋଇଥିବା ବେଳେ ଏହାର କିସମ ଥିଲା ‘ନଦୀ’। ଅର୍ଥାତ୍ ପୁରୁଣା ରେକର୍ଡରୁ ହିଁ ଏହା ନଦୀପଠା ଜମି ବୋଲି ସ୍ପଷ୍ଟ ଥିଲା। ପୂର୍ବତନ ଜମିଦାରୀ ବ୍ୟବସ୍ଥାର ଅଂଶ ହୋଇଥିବାରୁ ଓଡ଼ିଶା ଇଷ୍ଟେଟ୍ ଆବୋଲିସନ୍ ଆଇନ ଅନୁଯାୟୀ ଜମିଟି ରାଜ୍ୟରେ ନିହିତ ହୋଇଥିଲା। ତେବେ ପରେ ଏହି ଜମି ➣ପୃଷ୍ଠା-୬

ରାଜନଗର ବିଧାୟକଙ୍କୁ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅବମାନନା

## ମଞ୍ଚ ଛାଡ଼ି ତଳେ ବସି ପ୍ରତିବାଦ କଲେ ବିଧାୟକ



କେନ୍ଦ୍ରାପଡ଼ା,୧୮।୯(ସଂଚାର ବ୍ୟୁରୋ): ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଷଷ୍ଠ ଜିଲ୍ଲା ପରିଷଦର ନବମ ସାଧାରଣ ବୈଠକରେ ଗତ ୧୦ ତାରିଖରେ ପଟ୍ଟାମୁଣ୍ଡାଇଠାରେ ଏକ ଇନଡୋର ଷ୍ଟାଡିୟମ ଶିଳାନ୍ୟାସ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କୁ ନିମନ୍ତ୍ରିତ ଅତିଥି କରିଥିଲେ ହେଁ ହଠାତ୍ ରାତିରେ ମନା କରିଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୂରଜ ବିଶ୍ୱାଳଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରିବା ସହ କ୍ଷୋଭରେ ସହ ଆସନ ପରିତ୍ୟାଗ କରି ସଭାକକ୍ଷ ସମ୍ମୁଖ ଚଟାଣରେ ବସି ପ୍ରତିବାଦ କରିଛନ୍ତି ବିଧାୟକ ଶ୍ରୀ ସାହୁ। ଏଭଳି ସ୍ଥିତିରେ ପ୍ରଶାସନକୁ ନାକେଦମ୍ ହେବାକୁ ପଡ଼ିଥିଲା। ଏହି ରୋଚକ ପରିସ୍ଥିତି ସୃଷ୍ଟି ହୋଇଥିଲା ପରେ ବି ଅଧୀକ୍ଷଣ ଯନ୍ତ୍ରୀ ସୂରଜ୍ ବିଶ୍ୱାଳ ନିଜର ଭୁଲ୍ ସ୍ୱୀକାର କରିନଥିଲେ। ଉକ୍ତ ଘଟଣାରେ ବିଧାୟକ ନିଜର କ୍ଷୋଭ ➣ପୃଷ୍ଠା-୬

ରାଜ୍ୟସଭା କ୍ରସ୍ ଭୋଟିଂ ମାମଲା

## ୨୯ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନରେ ବିଜେଡିର କିଛି ବିଧାୟକଙ୍କ ଦ୍ୱାରା ହୋଇଥିବା ଚର୍ଚ୍ଚିତ କ୍ରସ୍ ଭୋଟିଂ ଏବଂ ଦଳୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନକୁ ନେଇ ଓଡ଼ିଶା ରାଜନୀତିରେ ପୁଣି ଥରେ ଝଡ଼ ସୃଷ୍ଟି ହୋଇଛି। ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍ ଅମାନ୍ୟ କରି କ୍ରସ୍ ଭୋଟିଂ କରିଥିବା ଅଭିଯୋଗରେ ୮ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗରେ ଦାୟର ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଆଜି ବିଚାରପତି ଜଷ୍ଟିସ ଆର୍‌କେ ପଟ୍ଟନାୟକଙ୍କ କୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ମାମଲାରେ ପ୍ରତିପକ୍ଷଙ୍କୁ ଜବାବ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୯ ତାରିଖକୁ ଧାର୍ଯ୍ୟ କରାଯାଇଛି। ବାଚସ୍ପତିଙ୍କ ଦ୍ୱାରା ବିଦ୍ରୋହୀ ବିଧାୟକଙ୍କ ସଦସ୍ୟତା ରଦ୍ଦ ଆବେଦନ ଖାରଜ ହେବା ପରେ ବିଜେଡି ➣ପୃଷ୍ଠା-୬

## ଆଇଏଏସ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ଆଇଏଏସ ସ୍ତରରେ ଆଜି ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ନୂଆ ଦାୟିତ୍ୱ ଅନୁଯାୟୀ, ସୂର୍ଯ୍ୟ ନାରାୟଣ ଦାସ, ସୌଦାମିନୀ ସେଠୀ ଓ ଶୁଭ୍ରା ମହାନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ହୋଇଛନ୍ତି। ସେହିପରି ଜ୍ୟୋତିର୍ମୟୀ ପ୍ରଧାନ ଓ ବବିତା ମହାନ୍ତିଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଯୁଗ୍ମ ସଚିବ ଦାୟିତ୍ୱ ମିଳିଛି। ମଧୁମିତା ନାୟକ ଶ୍ରମ ଓ ଇଏସଆଇ ବିଭାଗର ଯୁଗ୍ମ ସଚିବ ଭାବେ ଦାୟିତ୍ୱ ନେବେ। ଏଥିସହ ଭୁବନେଶ୍ୱରସ୍ଥିତ ଇଏସଆଇ ନିର୍ଦ୍ଦେଶକ ଭାବେ ତାଙ୍କର ଅତିରିକ୍ତ ଦାୟିତ୍ୱ ଜାରି ରହିବ। ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ଯୋଜନା ଓ ସମନ୍ୱୟ ବିଭାଗର ଯୁଗ୍ମ ସଚିବ, ଜ୍ୟୋତି ରଞ୍ଜନ ମିଶ୍ରଙ୍କୁ ଶିଳ୍ପ ବିଭାଗର ଯୁଗ୍ମ ସଚିବ, ସଂଘମିତ୍ରା ଶତପଥୀଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଏବଂ ହିମାଂଶୁ ଶେଖର ବେହେରାଙ୍କୁ ଗୃହ ବିଭାଗର ଯୁଗ୍ମ ସଚିବ ➣ପୃଷ୍ଠା-୬

## ବିଶିଷ୍ଟ ରସାବଳି ବ୍ୟବସାୟୀ ବୈଷ୍ଣବ ପଣ୍ଡାଙ୍କ ପରଲୋକ

■ ରସାବଳିକୁ ଜିଆଇ ମାନ୍ୟତା ଅଭିଯାନରେ ଆଗରେ ଥିଲେ
■ କେନ୍ଦ୍ରାପଡ଼ା ପୌର ପରିଷଦ କାଉନସିଲର ଥିଲେ



କେନ୍ଦ୍ରାପଡ଼ା,୧୮।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ରସାବଳି ବ୍ୟବସାୟୀ ତଥା ପୂର୍ବତନ କାଉନ୍‌ସିଲର ବୈଷ୍ଣବ ଚରଣ ପଣ୍ଡାଙ୍କର ଶୁକ୍ରବାର ୮୧ ବର୍ଷ ବୟସରେ ପରଲୋକ ହୋଇଛି। କେନ୍ଦ୍ରାପଡ଼ା ପୌରାଞ୍ଚଳର ଗୋପସ୍ଥିତ ବାସଭବନରେ ମଧ୍ୟାହ୍ନ ସମୟରେ ତାଙ୍କର ଦେହାନ୍ତ ହୋଇଥିବା ଜଣାପଡ଼ିଛି। ରସାବଳି ବ୍ୟବସାୟ କ୍ଷେତ୍ରରେ ସ୍ୱର୍ଗତଃ ପଣ୍ଡାଙ୍କର ଦୀର୍ଘ ଅଭିଜ୍ଞତା ଥିଲା। କେନ୍ଦ୍ରାପଡ଼ାର ପ୍ରସିଦ୍ଧ ରସାବଳିର ସ୍ୱତନ୍ତ୍ର ପରିଚୟ ଓ ପାରମ୍ପରିକତାକୁ ବଜାୟ ରଖିବା ସହ ଏହାକୁ ବ୍ୟାପକ ପରିଚିତି ଦେବା ଦିଗରେ ସେ ନିରନ୍ତର ଉଦ୍ୟମ କରିଥିଲେ। ଦୀର୍ଘବର୍ଷ ଧରି ସେ ଜିଲ୍ଲା ରସାବଳି ➣ପୃଷ୍ଠା-୬

# ଦିଲ୍ଲୀରୁ ଫେରି ନବୀନ ଖେଳିଲେ ୟୁପିଆଇ ଗୋଟି

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ପ୍ରାୟ ୧୨ ଦିନ ପରେ ଦିଲ୍ଲୀରୁ ଫେରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୁଣି ଏକ ରାଜନୈତିକ ଗୋଟି ଖେଳିଛନ୍ତି। ୟୁପିଆଇ ନିୟମରେ ପରିବର୍ତ୍ତନକୁ ନେଇ ସେ ସାଧାରଣ ଲୋକ ଓ ଛୋଟ ବ୍ୟବସାୟୀଙ୍କ ସ୍ୱାର୍ଥର ସୁରକ୍ଷାକୁ ଗୁରୁତ୍ୱ ଦେଇଛନ୍ତି।

କିଛି ଦିନ ପୂର୍ବରୁ କେନ୍ଦ୍ର ସରକାର ବଡ଼ ପରିବର୍ତ୍ତନ କରିଛନ୍ତି। ୟୁପିଆଇ ପେମେଣ୍ଟ ୨୦୦୦ ଟଙ୍କା ଟପିଲେ ନିର୍ଦ୍ଦିଷ୍ଟ ଫି’ ଦେବାକୁ ପଡ଼ିବ। ୟୁପିଆଇ ନେଣଦେଣ ପାଇଁ ସରକାର ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ (ଏମଡିଆର)

● ସାଧାରଣ ଲୋକ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ
● ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବିରୋଧୀ: ବିଜେପି



ଫ୍ରେମୱାର୍କ ଘୋଷଣା କରିଛନ୍ତି। ଏହି ନିୟମାନୁସାରେ ଯଦି ଜଣେ ବ୍ୟକ୍ତି କୌଣସି ମର୍ଚ୍ଚାଣ୍ଟ ବା ବ୍ୟାବସାୟିକ ସଂସ୍ଥାକୁ ୟୁପିଆଇରେ ୨ ହଜାରରୁ ଅଧିକ ଟଙ୍କା ପଠାଇବେ, ତା’ହେଲେ ସଂସ୍ଥାକୁ କିଛି ନିର୍ଦ୍ଦିଷ୍ଟ ଫି’ ଦେବାକୁ ପଡ଼ିବ। କେନ୍ଦ୍ର ସରକାରଙ୍କ ଏହି ଘୋଷଣା ସାମ୍ନାକୁ ଆସିବା ପରେ ସାରା ଦେଶରେ ଏନେଇ ଚର୍ଚ୍ଚା ଜୋର ଧରିଛି। ଏହି ପ୍ରସଙ୍ଗରେ ରାଜ୍ୟର ବିରୋଧୀ ଦଳର ନେତା ଶ୍ରୀ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି। ସେ ଚିରାଚରିତ ଭାବେ ସାଧାରଣ ଲୋକ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ସପକ୍ଷରେ ବାହାରିଛନ୍ତି। ଏହି ସଂଶୋଧନ ଦ୍ୱାରା ବ୍ୟବସାୟୀ ଓ ଲୋକଙ୍କ ସ୍ୱାର୍ଥହାନୀ ନ ହେବା ଉଚିତ ବୋଲି ସେ କହିଛନ୍ତି।

ନବୀନ ପଟ୍ଟନାୟକଙ୍କ ଏହି ମତକୁ ସମାଲୋଚନା କରିଛି ବିଜେପି। ଦଳର ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି ଯେ ୟୁପିଆଇ କାରବାରରେ ମୋଟ ଦେୟର ୦.୪ ପ୍ରତିଶତ ଫି’ ଆକାରରେ କେବଳ ବ୍ୟବସାୟୀମାନେ ଦେବେ। କ୍ଷୁଦ୍ର ବ୍ୟବସାୟୀ, ଅଟୋ ଚାଳକମାନେ ଏଥିରେ ପ୍ରଭାବିତ ହେବେନି। ବଡ଼ କାରବାର କରୁଥିବା ବ୍ୟବସାୟୀଙ୍କ ସଂଖ୍ୟା ମାତ୍ର ୪ ପ୍ରତିଶତ। ସେମାନେ ଡେବିଟ କାର୍ଡ କିମ୍ବା କ୍ରେଡିଟ କାର୍ଡରେ ଚାର୍ଜ ଦେଉଥିବା ବେଳେ ଏଣିକି ୟୁପିଆଇ କାରବାରରେ ତାଙ୍କୁ ଫି’ ଦେବାକୁ ପଡ଼ିବ। ଯାହା ଦେଶର ଅର୍ଥନୀତି ପାଇଁ ଆବଶ୍ୟକ। ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ଜାଣିବା ଦରକାର ଯେ ଫାଇନାନ୍ସ କମିଟି ଏହି ନିଷ୍ପତ୍ତି ନେଇଛନ୍ତି। ଯେଉଁଥିରେ ଦେଶର ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ଭଳି ଅନ୍ୟ ବିରୋଧୀ ଦଳର ସଦସ୍ୟମାନେ ଅଛନ୍ତି ଓ ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସାଧାରଣ ଲୋକ ବିଲକୁଲ ପ୍ରଭାବିତ ହେବେନି କି କ୍ଷୁଦ୍ର ବ୍ୟବସାୟୀ ବି ପ୍ରଭାବିତ ହେବେନି ବୋଲି ବିଜେପି ସ୍ପଷ୍ଟ କରିଛି।



କାନ ଡେରିଥା

ପଞ୍ଚାୟତ ଏବେ ଆଗକୁ ଦେଖିବ
ବିଜେପି ବିଜେଡି ଲଢେଇ
କଂଗ୍ରେସ ସେଇଠି ମଧ୍ୟସ୍ଥି ହୋଇବ
କାହାକୁ ଦେବ ସେ ଗଡ଼ାଇ
ନିଜକୁ ଖୋଜୁନି କାହିଁ...
ଓଡ଼ିଶା ହାତକୁ ବେମାର ଲାଗିଛି !
ଦେଲାଣି ଅସ୍ତିତ୍ୱ ହରାଇ ।

■ ଦେବାଶିଷ

# ଆଦାନୀ ସର୍ଭେକୁ କୋରାପୁଟରେ ପ୍ରବଳ ବିରୋଧ

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ବକ୍ସାଇଟ୍ ଖୋଜିବାକୁ ଯାଇଥିବା ଆଦାନୀ କମ୍ପାନୀକୁ ଆରମ୍ଭରୁ ହିଁ ବିରୋଧର ସାମ୍ନା କରିବାକୁ ପଡ଼ିଛି। କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍‌ର ବାଲଡ଼ା ବକ୍ସାଇଟ୍ ପାହାଡ଼ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଆଦାନୀ ଗ୍ରୁପ୍ ପକ୍ଷରୁ କରାଯାଉଥିବା ଡ୍ରୋନ୍ ସର୍ଭେକୁ ଗ୍ରାମବାସୀଙ୍କ ଜୋରଦାର ବିରୋଧ ଦେଖିବାକୁ ମିଳିଛି। ଡ୍ରୋନ୍ ସର୍ଭେ ଚାଲିଥିବା ଖବର ପାଇ ଚିଲମ, କଣ୍ଟାସାରୁ, ଖଡ଼ାପୁଟ, କନ୍ଦଗୁଡ଼ା, ଡାଇନ୍ତର ଓ ବାଲଡ଼ା ଆଦି ଗ୍ରାମରୁ ଶତାଧିକ ଲୋକ ରୁଣ୍ଡ ହୋଇଥିଲେ। ସର୍ଭେକୁ ବିରୋଧ କରି ଡ୍ରୋନ୍, ଗାଡ଼ି ଓ ସର୍ଭେ ପାଇଁ ଆସିଥିବା କର୍ମଚାରୀଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

ଏହି ସୂଚନାନୁଯାୟୀ, ଗ୍ରାମବାସୀମାନେ ପ୍ରଶ୍ନ କରିଥିଲେ ଯେ ପଞ୍ଚମ ଅନୁସୂଚୀତ ଅଞ୍ଚଳରେ ଏଭଳି ଡ୍ରୋନ୍ ସର୍ଭେ କାହା ନିର୍ଦ୍ଦେଶରେ ହେଉଥିଲା? ଶହ ଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇ ପାଡୁଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆଦାନୀ ଗ୍ରୁପ୍‌ର କର୍ମଚାରୀ, ଗାଡ଼ି ଓ ଡ୍ରୋନ୍‌କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଏହାପରେ ସର୍ଭେ କାର୍ଯ୍ୟ ବନ୍ଦ ହୋଇଥିଲା। ଅନ୍ୟପଟେ ବାଲଡ଼ା ପାହାଡ଼ ସୁରକ୍ଷା ସମିତି ପକ୍ଷରୁ ଡ୍ରୋନ୍

■ ଗାଁ ଲୋକେ ଅଟକାଇଲେ ଗାଡ଼ି ଓ ଡ୍ରୋନ୍
■ ବକ୍ସାଇଟ୍ ପାଇଁ ଆଦାନୀର ଉଦ୍ୟମକୁ ଝଟ୍‌କା

ସର୍ଭେକୁ ବିରୋଧ କରି ପାଡୁଆ ଥାନାରେ ଏତଲା ଦିଆଯାଇଛି। ଥାନାଧିକାରୀ ଟୁନା ପିଡ଼ିକା ଏତଲାପତ୍ର ଗ୍ରହଣ କରିଥିବା ସୂଚନା ମିଳିଛି। ସୂଚନାନୁସାରେ, ୨୦୦୮ରେ ବାଲଡ଼ା ପାହାଡ଼ ଓ ଗୁମ୍ଫାକୁ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ମିଳିଥିଲା। ପରେ ପାହାଡ଼କୁ ଖଣି ଅଞ୍ଚଳ ଭାବେ ମାନ୍ୟତା ଦେଇ ଆଦାନୀ ଗ୍ରୁପ୍‌କୁ ନିଲାମ ସତ୍ତ୍ୱ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇ ଆସୁଛି।



ଖଣି ଖନନ ସମ୍ପର୍କିତ ଗ୍ରାମସଭା ଓ ଜନଶୁଣାଣିକୁ ନେଇ ପାହାଡ଼ ପାର୍ଶ୍ୱର ୫ଟି ପଞ୍ଚାୟତର ଗ୍ରାମବାସୀ ବିରୋଧ କରୁଥିବା ସମିତି ପକ୍ଷରୁ ଦର୍ଶାଯାଇଛି। ବାଲଡ଼ା ପାହାଡ଼କୁ ନେଇ ଗ୍ରାମବାସୀଙ୍କ ବିରୋଧ ଏବେ ପୁଣି ଚର୍ଚ୍ଚାରେ। ଆଗକୁ ଏହି ମାମଲା କେଉଁ ମୋଡ଼ ନେବ, ତା’ ଉପରେ ରହିଛି ସମସ୍ତଙ୍କ ନଜର।

ଉଲ୍ଲେଖନୀୟ ଯେ ରାଜ୍ୟରେ ଆଲୁମିନିୟମ କାରଖାନା ସ୍ଥାପନ ପାଇଁ ଆଦାନୀ କମ୍ପାନୀ ଆଗଭର ହୋଇଥିବା ବେଳେ ଏଥିପାଇଁ ବକ୍ସାଇଟ୍ ଖଣି ଏକାନ୍ତ ଜରୁରୀ। ଅନ୍ୟ ପକ୍ଷରେ ବକ୍ସାଇଟ୍ ଖଣି ବିଶେଷକରି ବାଇଡା ବକ୍ସାଇଟ୍ ପାହାଡ଼କୁ କୌଣସି ସ୍ଥିତି ଛାଡ଼ିବାକୁ ସ୍ଥାନୀୟ ଲୋକେ ରାଜି ନାହାନ୍ତି। ଏହା ସେମାନଙ୍କ ଆସ୍ଥା ଓ ପରମ୍ପରା ସହ ଜଡ଼ିତ ଥିବାରୁ ଯେକୌଣସି ମୂଲ୍ୟରେ ଏହାର ସୁରକ୍ଷା କରିବେ ବୋଲି ରଣହୁଙ୍କାର ଦେଇଛନ୍ତି।

ଅନ୍ୟପଟେ ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ ଓ ପୁଅ କରଣ ଆଦାନୀ ରାୟଗଡ଼ା ଜିଲ୍ଲା ଗସ୍ତରେ ଆସି ଇମ୍ଫା କାରଖାନା ପରିଦର୍ଶନ କରିବା ସହ ସେଠାରେ ଆଲୁମିନିୟମ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ମତ ଦେଇଥିଲେ। ଏହାପରେ ଅଦାନୀ ଗ୍ରୁପର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଥିଲେ। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତ ସମୟରେ ଓଡ଼ିଶା ସରକାର ଆଦାନୀ ଗ୍ରୁପ ସହ ଏକ ବଡ଼ ରାଜିନାମା କରିଛନ୍ତି। ତେବେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠାର ଅୟମାରମ୍ଭରୁ ଆଦାନୀ ଗ୍ରୁପକୁ ଯେଉଁଭଳି ବିରୋଧ ଆରମ୍ଭ ହୋଇଛି, ତାହା ଆଗାମୀ ଦିନରେ କେଉଁ ରୂପ ନେବ ତାହା ଉପରେ ସମସ୍ତଙ୍କ ନଜର।

### ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବଦଳି ନିୟମକୁ ଫୁ

# ବର୍ଷାଧିକ କାଳ ଗୋଟିଏ ସ୍ଥାନରେ କର୍ମଚାରୀ

କେନ୍ଦ୍ରାପଡ଼ା,୧୮।୯ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି ବାବୁ ମାନେ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ଦିହରେ ହାତ ମାରି ପାରୁ ନାହିଁ । କାରଣ କିଏ ୩୦ ବର୍ଷ ତ ପୁଣି କିଏ ୧୫ ବର୍ଷ ଅବା ୧୧ ବର୍ଷ ଧରି ଗୋଟିଏ ସ୍ଥାନରେ ରହି କାମ କରୁଥିବା ଦେଖିବାକୁ ମିଳିଛି ।

ବରିଷ୍ଠ ଷ୍ଟେନୋ ଭବେଶ ଦାସ ୧୯୯୫ ମସିହାରୁ ଏଠାରେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ଧରି କାମ କରିବା ପରେ ଅବସର ନେଇଥିଲେ। କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରିୟଦର୍ଶିନ ସ୍ୱାଇଁ ୨୦୧୯ମସିହାରୁ ୮ବର୍ଷ ହେଲା ଏଠାରେ କାର୍ଯ୍ୟରତ ଅଛନ୍ତି । ପ୍ରୋଗ୍ରାମ ମ୍ୟାନେଜର ଅବଦୁଲ ରହେମାନ ଖାନ୍ ୨୦୧୧ ମସିହାରୁ ଏଠାରେ ଅଛନ୍ତି । ତାଙ୍କର୧୫ ବର୍ଷରୁ ଅଧିକ ସମୟ ବିତିଲାଣି। ପ୍ରୋଗ୍ରାମ ମ୍ୟାନେଜର ଜ୍ୟୋତିପ୍ରକାଶ ଦାଶ ୨୦୧୦ ମସିହାଠାରୁ କାମ କରୁଥିବା ବେଳେ ଏଠାରେ ତାଙ୍କର ୧୬ ବର୍ଷରୁ ଅଧିକ ସମୟ ବିତିଲାଣି। ସେହିପରି ପ୍ରୋଗ୍ରାମ ମ୍ୟାନେଜର ପୁଷ୍ପଲତା ରାଉଳ ମଧ୍ୟ ୨୦୧୩ ମସିହାରୁ କାମ କରୁଥିବା ବେଳେ ତାଙ୍କର ୧୩ ବର୍ଷ ଅତିକ୍ରାନ୍ତ ହୋଇସାରିଲାଣି । ପ୍ରୋଗ୍ରାମ ମ୍ୟାନେଜର ମନମୋହିନୀ ମହାନ୍ତି ୨୦୧୪ ମସିହାରୁ ଅଦ୍ୟାବଧି ସାଢ଼େ ୧୨ବର୍ଷ ହେଲା ଏଠାରେ କାର୍ଯ୍ୟରତ ଅଛନ୍ତି । ପ୍ରୋଗ୍ରାମ ମ୍ୟାନେଜର ମନିଷା ଗୁପ୍ତା ମଧ୍ୟ ୨୦୧୬ ମସିହାରୁ ୧୦ବର୍ଷ ହେଲା ସମାନ ସ୍ଥାନରେ କାମ କରୁଛନ୍ତି । ପ୍ରୋଗ୍ରାମ ମ୍ୟାନେଜର ସୁକନ୍ୟା ଦିବ୍ୟଜ୍ୟୋତି ସ୍ୱାଇଁ ୨୦୨୦ ମସିହାରୁ ୬ବର୍ଷ ଗୋଟିଏ ସ୍ଥାନରେ କାର୍ଯ୍ୟରତ ଅଛନ୍ତି । ସେହିପରି କନିଷ୍ଠ କିରାଣୀ ପ୍ରମିଳା ମିଶ୍ର ୨୦୧୭ ମସିହାରୁ ୯ବର୍ଷ ହେଲା କାମ କରୁଛନ୍ତି । ଜୁନିୟର ଷ୍ଟେନୋ ମନୋଜ କୁମାର ପରିଡ଼ା ୨୦୧୬ମସିହାରୁ ଦୀର୍ଘ ୧୦ବର୍ଷ ହେଲା ଗୋଟିଏ ଯାଗାରେ ରହିଛନ୍ତି। ଏନ୍‌ଆରଇଜିଏସ ଆସିଷ୍ଟା କୃଷ୍ଣଚନ୍ଦ୍ର ନାୟକ ୨୦୧୧ ମସିହାରୁ ରହିଥିବା ବେଳେ ବିଶ୍ୱରଞ୍ଜନ ସ୍ୱାଇଁ ୨୦୧୮ ମସିହାରୁ ଗୋଟିଏ ଯାଗାରେ ଆଉଟ୍‌ସୋର୍ସିଂ ସଂସ୍ଥା ଜରିଆରେ କାମ କରୁଥିବା ବେଳେ ସେମାନେ ଯଥାକ୍ରମେ ୧୫ ବର୍ଷ ଓ ୮ବର୍ଷ ହେଲା କାର୍ଯ୍ୟରତ ଅଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ ପ୍ରୋଗ୍ରାମ ମ୍ୟାନେଜର ମାନଙ୍କୁ ଠିକା ଭିତିରେ ସରକାର ନିଯୁକ୍ତି ଦେଇଛନ୍ତି। ସେମାନଙ୍କ ବଦଳି ବାବଦରେ ସରକାର ନିଷ୍ପତି ନେବେ। ସର୍ଭିସ ପ୍ରୋଭାଇଡର ସଂସ୍ଥା ନିଯୁକ୍ତି ଦେଇଥିବା କର୍ମଚାରୀଙ୍କ ବଦଳି ନିଷ୍ପତି ନେବ । ଅନ୍ୟ କିଛି କର୍ମଚାରୀ ସିଧାସଳଖ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ନିଯୁକ୍ତ ପାଇଛନ୍ତି ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଅନ୍ୟ କୌଣସି ଶାଖା କାର୍ଯ୍ୟାଳୟ ନଥିବାରୁ ସେମାନଙ୍କୁ ଅନ୍ୟତ୍ର ବଦଳି କରିବାର ବ୍ୟବସ୍ଥା ନାହିଁ । ପୂର୍ବରୁ ମଧ୍ୟ ଜଣେ ପ୍ରୋଗ୍ରାମ ମ୍ୟାନେଜରଙ୍କୁ ଏଠାରୁ ବଦଳି କରାଯାଇଛି କିନ୍ତୁ ଅନ୍ୟମାନଙ୍କ କ୍ଷେତ୍ରରେ କାହିଁକି କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି ସାଧାରଣ ମହଲରେ ଉଦବେଗ ପ୍ରକାଶ ପାଇଛି ।

ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥାର ସୁପରିଚାଳନା ତଥା ୩ବର୍ଷରୁ ଉର୍ଦ୍ଧ୍ୱ ରହିଥିବା କର୍ମଚାରୀଙ୍କୁ ବଦଳି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ନିର୍ଦ୍ଦେଶ ରହିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଗୋଟିଏ ଯାଗାରେ ଗାଦି ମାଡ଼ି ବସିଥିବା କର୍ମଚାରୀଙ୍କ କ୍ଷେତ୍ରରେ ବଦଳି ନିୟମ କେବେ କାର୍ଯ୍ୟକାରୀ ହେବ ତାହା ଜିଲ୍ଲା ପ୍ରଶାସନର ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ଚନ୍ଦନପୁର-କଂସାର ରାସ୍ତାରେ ଅଘଟଣ

## ଗଛ ଭାଙ୍ଗି ପଡ଼ିବାରୁ ଯୁବକ ଗୁରୁତର



କେନ୍ଦ୍ରାପଡ଼ା,୧୮।୯(ସଂଚାର ବ୍ୟୁରୋ)ଃ ରାସ୍ତାରେ ବାଇକ୍ ଚଳାଇ ଯାଉଥିବା ବେଳେ ହଠାତ୍ ଭାଙ୍ଗିପଡ଼ିଲା ଗଛ। ଗଛ ତଳେ ଚାପି ହୋଇ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏପରିକି ଗଛର ଏକ ମୁନିଆ ଡାଳ ଯୁବକଙ୍କ ଶରୀରରେ ପଶିଯାଇ ପିଠିପଟେ ବାହାରିଥିବା ଭଳି ଅଭାବନୀୟ ଘଟଣା ଘଟିଛି କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚନ୍ଦନପୁର-କଂସାର ରାସ୍ତାରେ ।

ସୂଚନା ଅନୁସାରେ, ବାଇପୁର ଗାଁର ବିଚିତ୍ର ପ୍ରଧାନ ଆଜି ପୂର୍ବାହ୍ନରେ ବାଇକ୍ ଯୋଗେ ଉକ୍ତ ରାସ୍ତା ଦେଇ ଯାଉଥିଲେ। ରାସ୍ତାକଡ଼ରେ ଥିବା ଏକ ଇଉକାଲିପଟାସ ଗଛ ହଠାତ୍ ତାଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ଗଛର ଏକ ଧାରୁଆ ଡାଳ ତାଙ୍କ ପେଟରେ ପଶିଯାଇଥିଲା। ଡାଳଟି ଶରୀର ଭିତରେ ଅଟକି ରହିବା ସହ ପିଠିପଟେ ବାହାରି ଯାଇଥିଲା । ଘଟଣା ପରେ ବିଚିତ୍ର ରାସ୍ତା ଉପରେ ଗୁରୁତର ଅବସ୍ଥାରେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିଲେ। ତାଙ୍କ ଚିତ୍କାର ଶୁଣି ଆଖପାଖର ଲୋକେ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କରିଥିଲେ। ଶରୀରରେ ଡାଳ ଅଟକି ରହିଥିବାରୁ ଏହାକୁ ବାହାର କରିବାକୁ ଚେଷ୍ଟା ନକରି ତାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲ ପଠାଯାଇଥିଲା।

ଜିଲ୍ଲା ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ବିଚିତ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଶରୀରରେ ଡାଳଟି ଅଟକିଥିବା ଅବସ୍ଥାରେ ତାଙ୍କୁ କଟକ ନିଆଯାଇଥିବା ଜଣାପଡ଼ିଛି। ଏହି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି ।

### ଛତର ସେବା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ

## ଧାରଣାରେ ବସିଲେ ଚାଷୀ, କାର୍ଯ୍ୟାନୁଷ୍ଠାନ ଦାବି




ମହାକାଳପଡ଼ା, ୧୮।୯(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଛତର ସେବା ସମବାୟ ସମିତିରେ ଦୁର୍ନୀତି ଓ ସାର କଳାବଜାରୀ ଚାଲିଥିବା ଅଭିଯୋଗ କରି ଚାଷୀମାନେ ଶୁକ୍ରବାର ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରିଛନ୍ତି। ଆନ୍ଦୋଳନକାରୀ ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ସମିତି ଦ୍ୱାରା ସାର କଳାବଜାରୀ କରାଯାଉଥିବା ଏବଂ ଚାଷୀଙ୍କ ପଞ୍ଜୀକରଣ ପାଇଁ ଅନଧିକୃତ ଭାବେ ଟଙ୍କା ଦାବି କରାଯାଉଛି, ଟଙ୍କା ନଦେଲେ ପଞ୍ଜୀକରଣ ମଧ୍ୟ କରାଯାଉ ନାହିଁ, ପ୍ରତିବାଦ କରୁଥିବା ଚାଷୀମାନଙ୍କୁ ବିଭିନ୍ନ ଭାବେ ହଇରାଣ ମଧ୍ୟ କରାଯାଉଛି। ପ୍ରଶାସନିକ ଅଧିକାରୀଙ୍କ ନଜରରେ ଏଭଳି କାର୍ଯ୍ୟ ଚାଲିଥିବା ଅଭିଯୋଗ କରି ଚାଷୀମାନେ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଏହି ଧାରଣାରେ ଉଦୟ କୁମାର ସାହୁ, ହେମନ୍ତ ପ୍ରଧାନ, ଫକିର ସାହୁ, ନୃସିଂହ ବେହେରା, ଧନେଶ୍ୱର ରାଉତ, ନିର୍ମଳ ପ୍ରଧାନ, ମଙ୍ଗୁଳି ବେହେରା, ରବିଭୂଷଣ ବେହେରା, ବାବାଜୀ ସ୍ୱାଇଁ, ସୁମନ୍ତ ସ୍ୱାଇଁ, ଅଶୋକ ଖଟୁଆ, ଉତ୍କଳ ଖଟୁଆ, କାହ୍ନୁଚରଣ ସାହୁ ପ୍ରମୁଖ ଚାଷୀ ସାମିଲ ହୋଇଥିଲେ। ସମିତିର ସେକ୍ରେଟାରୀ ଓ ଡିଇଓଙ୍କ ବିରୋଧରେ ତୁରନ୍ତ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

## ଭସାଣି ବେଳେ ଅଘଟଣଃ ଜଣେ ମୃତ



କେନ୍ଦ୍ରାପଡ଼ା,୧୮।୯ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ଜୟକୃଷ୍ଣପୁରୁ ଗାଁରେ ଗଣେଶ ଭସାଣି ବେଳେ ଇଲେକ୍ଟ୍ରିକ୍ ସର୍ଟ ସର୍କିଟ ଘଟି ଜଣଙ୍କ ର ମୃତ୍ୟୁ ଘଟିଥିବା ଜଣାଯାଇଛି । ଏହି ଘଟଣାରେ ଅନ୍ୟ ୪ ଅତି ଗୁରୁତର ହୋଇ ପଡ଼ିଛନ୍ତି । ଗୁରୁତର ମାନଙ୍କୁ ହସ୍ପିଟାଲ ରେ ଭର୍ତ୍ତି କରାଯାଇଛି । ତେବେ ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୧୦ ରୁ ଅଧିକ ସାମାନ୍ୟ ଆହତ ହୋଇଛନ୍ତି । ସନ୍ଧ୍ୟାରେ ଜୟକୃଷ୍ଣ ପୁରୁ ଗାଁରେ ଗଣେଶ ଭସାଣି ଚାଲିଥିବା ବେଳେ ଡିଜେ ଇଲେକ୍ଟ୍ରି ତାର ସଂସ୍ପର୍ଶରେ ଆସି ଯାଇଥିଲା । ଫଳରେ ଡିଜେ ପାଖରେ ଥିବା ଯୁବକ ମାନେ କରେଣ୍ଟ ଲାଗି ଛିଟିକି ପଡିଥିଲେ ।

### ଫେକ୍ ଆଇଡି କରି ବିଧାୟକଙ୍କୁ ବଦନାମ

## ଥାନାରେ ଅଭିଯୋଗ କଲେ ସରପଞ୍ଚ, ସମିତିସଭ୍ୟ



ଗରଦପୁର/ଡେରାବିଶ,୧୮।୯ (ସଂଚାର ବ୍ୟୁରୋ)ଃ ସାମାଜିକ ଗଣମାଧ୍ୟମରେ ଫେକ୍ ଆଇଡି ଖୋଲି ମାନ୍ୟବର ପାଟକୁରା ବିଧାୟକଙ୍କ ବିରୋଧରେ ଅଶ୍ଲୀଳ ଭାଷାରେ ଗାଳିଗୁଲଜ ଓ ଅଶ୍ଳୀଳ ଗୀତ ପୋଷ୍ଟ କରାଯାଉଥିବା ଅଭିଯୋଗରେ ପାଟକୁରା ଏବଂ ଡେରାବିଶ ଥାନାରେ ଏତଲା ଦାୟର ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ଫେସବୁକ୍ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ଏକ ନକଲି ଆକାଉଣ୍ଟ ଖୋଲି ଜଣେ ବ୍ୟକ୍ତି ବିଶେଷ ପାଟକୁରା ବିଧାୟକଙ୍କ ବିରୋଧରେ ବ୍ୟକ୍ତିଗତ ଆକ୍ଷେପ କରିବା ସହ ଅଶ୍ଳୀଳ ଶବ୍ଦ ପ୍ରୟୋଗ ଓ ଅଶ୍ଳୀଳ ଗୀତ ପୋଷ୍ଟ କରୁଛନ୍ତି। ଏହି ପୋଷ୍ଟ ଗୁଡିକ ଭାଇରାଲ ହେବା ପରେ ବିଧାୟକଙ୍କ ସମର୍ଥକ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏହାକୁ ବିଧାୟକଙ୍କ ଭାବମୂର୍ତ୍ତିକୁ ମଳିନ କରିବା ପାଇଁ ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ବୋଲି ଦର୍ଶାଇ ଆଜି ବିଧାୟକଙ୍କ ସମର୍ଥକମାନେ ଓ ଗରଦପୁର ବ୍ଲକର ପାଟକୁରା, ପଦ୍ମପୁର,ବେଢ଼ାରୀ,ଗରଦପୁର, ପାଖଡ଼ ସହ ସମସ୍ତ ପଂଚାୟତର ଜନପ୍ରତିନିଧି ମାନେ ଏକାଠି ହୋଇ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ ଦାୟର କରିଛନ୍ତି। ସମର୍ଥକମାନେ ଉକ୍ତ ଫେକ୍ ଆଇଡିକୁ ତୁରନ୍ତ ଚିହ୍ନଟ କରି ବନ୍ଦ କରିବା ସହ ଅଭିଯୁକ୍ତ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଅବନୀକାନ୍ତ ମହାପାତ୍ର,ପାଟକୁରା ସରପଞ୍ଚଙ୍କ ପ୍ରତିନିଧି ଶୈଳେନ୍ଦ୍ର ମହାନ୍ତି, ଗରଦପୁର ସରପଞ୍ଚ ପ୍ରତିନିଧି ରମାକାନ୍ତ ବେହେରା,ଦିଲ୍ଲୀପ ସାହୁ, ପ୍ରତାପ ସ୍ୱାଇଁ, ଗଙ୍ଗାଧର ମିଶ୍ର,ରାଜେନ୍ଦ୍ର ସ୍ୱାଇଁ, ଖିରୋଦ ମହାନ୍ତି,ସୁକାନ୍ତ ମହନ୍ତି,ପଦ୍ମପୁର ସରପଞ୍ଚ ଅନୁସୟା ବେହେରା ଶିବ ପ୍ରସାଦ ପଣ୍ଡା ଏବଂ ଚନ୍ଦ୍ରକାନ୍ତ ବରୀହା ପ୍ରମୁଖ ଉପସ୍ଥିତ ରହି ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଥାନା ଅଧିକାରୀଙ୍କ ଦାବି କରିଛନ୍ତି। ସେହିଭଳି ଡେରାବିଶ ବ୍ଲକ ର ସମସ୍ତ ଆଗ ଧାଡିର ସମର୍ଥକମାନେ ତଥା ଏକାଠି ହୋଇ ଡେରାବିଶ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ ଦାୟର କରିଛନ୍ତି। ସମର୍ଥକମାନେ ଉକ୍ତ ଫେକ୍ ଆଇଡିକୁ ତୁରନ୍ତ ଚିହ୍ନଟ କରି ବନ୍ଦ କରିବା ସହ ଅଭିଯୁକ୍ତ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## କଦଳୀଭେଳାରେ ଭାସି ଭାସି ପୂଜା ପାଇଲେ ମା’ ମନସା ଦେବୀ



ମହାକାଳପଡ଼ା,୧୮।୯ (ସଂଚାର ବ୍ୟୁରୋ)ଃ ନଦୀ ନାଳ, ବଣଜଙ୍ଗଲ ଘେରା ମହାକାଳପଡ଼ା ବ୍ଲକର ଉପକୂଳବର୍ତ୍ତୀ ଅଞ୍ଚଳରେ ସର୍ପ ଭୟ ରହିଥିଲା । ମନସା ଦେବୀଙ୍କୁ ପୂଜା କରିଲେ ସର୍ପାଘାତରୁ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି । ସେଇ ବିଶ୍ୱାସ ଅନୁସାରେ ଦୀର୍ଘବର୍ଷ ହେବ ମହାକାଳପଡ଼ା ବ୍ଲକ ବତୀଘର ବରକୋଳିଖୋଲା ଅଞ୍ଚଳରେ ମନସା ଦେବୀଙ୍କ ପୂଜା ପ୍ରତିବର୍ଷ ହୋଇ ଆସୁଅଛି । ସମୁଦ୍ର ମୁହାଣ ନିକଟବର୍ତ୍ତୀ ଖୋଳା ନଈରେ କଦଳୀ ଭେଳାରେ ସୁସଜ୍ଜିତ ବିମାନରେ ସପ୍ତଫେଣି ନାଗସାପ ମଣ୍ଡିତ ମନସା ଦେବୀଙ୍କ ମୃଣ୍ମୟୀମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଇ ଆସୁଅଛି । ଚଳିତବର୍ଷ ଗୁରୁବାର ସକାଳୁ ମାଆଙ୍କ ପୂଜା ଆରମ୍ଭ ହୋଇଛି । ହଜାର ହଜାର ଶ୍ରଦ୍ଧାଳୁ, ରାଜନେତା ମାଆଙ୍କ ଦର୍ଶନ କରି ଆଶୀର୍ବାଦ କାମନା କରିଛନ୍ତି । ବରକୋଳି ଖୋଳା ନଦୀଘାଟରେ ନାମ ସଂକୀର୍ତ୍ତନ ସହିତ ପୁରୁଷ ଶ୍ରଦ୍ଧାଳୁଙ୍କ ହରିବୋଲ ଏବଂ ମହିଳା ଶ୍ରଦ୍ଧାଳୁଙ୍କ ହୁଳୁହୁଳିରେ ପରିବେଶ ଭକ୍ତିମୟ ହୋଇଉଠୁଛି। ପୂଜା ପରିଚାଳନାରେ ମାଣିକ ଗିରି, ନୀଳକଣ୍ଠ ପ୍ରଧାନ, ପ୍ରଳୟ ଦାସ, ପ୍ରମୁଖଙ୍କ ସମେତ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ ।

## ମାହାଙ୍ଗା ବିଧାୟକଙ୍କ ଉଦ୍ୟମ ପରେ ଖୋଲିଲା ୯ଟି ସ୍କୁଲ

ନିଶ୍ଚିନ୍ତକୋଇଲି,୧୮।୯ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଉଦ୍ୟମ କ୍ରମେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ବନ୍ଦ୍ ହୋଇଯାଇଥିବା ତିନୋଟି ଓ ମାହାଙ୍ଗା ବ୍ଲକର ୬ଟି ବିଦ୍ୟାଳୟ ପୁନର୍ବାର ଖୋଲିବାକୁ ଯାଉଛି । ବିଦ୍ୟାଳୟ ଖୋଲିବା ଖବର ପାଇ ଅଭିଭାବକ ମହଲରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ମାହାଙ୍ଗା ବିଧାୟକଙ୍କୁ ସାଧୁବାଦ ଜଣାଯାଇଛି। ପୁନର୍ବାର ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ବିଦ୍ୟାଳୟ ଗୁଡିକ ମଧ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକର ତରତ ପଂଚାୟତ କୋଇଲିରଙ୍ଗୀ ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ, ଜମରା ପଂଚାୟତସ୍ଥିତ ଆଞ୍ଜାପୁର ପ୍ରାଥମିକ ବିଦ୍ୟାଳୟ ଓ କଟରପଡା ପଂଚାୟତ ସାଙ୍କିଲୋସ୍ଥିତ ଦମୟନ୍ତୀ ଉପ୍ରା ବିଦ୍ୟାଳୟ ଏବଂ ମାହାଙ୍ଗା ବ୍ଲକର ଭଉଁରିଆ ପଂଚାୟତର ଗିରିଧାରୀ ପ୍ରାଥମିକ ବିଦ୍ୟାଳୟ, ବାଜପୁର ପଂଚାୟତ ସଶିଲ ପ୍ରାଥମିକ ଓ ପହିଗୋପାଳପୁର ପ୍ରାଥମିକ ବିଦ୍ୟାଳୟ, ପାଇକରାପୁର ପଂଚାୟତ ମାଟିପାରିଲୋ ପ୍ରାଥମିକ, ଗୋତରା ପଂଚାୟତର ଦୁବେଇପୁର ପ୍ରାଥମିକ, ନାହାଙ୍ଗ ପଂଚାୟତର ଡିହୀଗୋପ ପ୍ରାଥମିକ ବିଦ୍ୟାଳୟ ଖୋଲାଯିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ଶିକ୍ଷା ବର୍ଷରୁ ଏହି ବିଦ୍ୟାଳୟ ଗୁଡିକୁ ଖୋଲାଯାଇ ପରିଚାଳନା କରାଯିବା ବୋଲି ଜଣାଯାଇଛି ।

## ରାଜ୍ୟ କିଷାନ କଂଗ୍ରେସର ବିଶାଳ କିଷାନ ଅଧିକାର ଯାତ୍ରା

### ଋଣ ଛାଡ ସହ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି




କେନ୍ଦ୍ରାପଡ଼ା,୧୮।୯ (ସଂଚାର ବ୍ୟୁରୋ)ଃ ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ା ଜିଲ୍ଲାର ଢୋଲ ପଞ୍ଚାୟତରେ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଏକ ବିଶାଳ ‘କିଷାନ ଅଧିକାର ଯାତ୍ରା’ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକଙ୍କ ପ୍ରତ୍ୟେକ୍ଷ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କିଷାନ କଂଗ୍ରେସ ସଭାପତି ଅଭୟ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷକମାନଙ୍କ ସ୍ୱାର୍ଥ ରକ୍ଷା ତଥା ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ ଲଢ଼େଇକୁ ଆହୁରି ତେଜିୟାନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ଉଦ୍‌ବୋଧନ ଦେଇ ପୂର୍ବତନ ବିଧାୟିକା ଡ. ମଲ୍ଲିକ ଏବଂ କିଷାନ କଂଗ୍ରେସ ସଭାପତି ଶ୍ରୀ ସାହୁ ରାଜ୍ୟ ସରକାରଙ୍କ କୃଷକ ବିରୋଧୀ ନୀତି ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ।

ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ସେମାନେ ସରକାରଙ୍କ ନିକଟରେ ୪ ଦଫା ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ । ଦାବି ଗୁଡିକ ମଧ୍ୟରେ ସମସ୍ତ ଚାଷୀଙ୍କ କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରାଯିବା, ଯୋଗ୍ୟ ଚାଷୀଙ୍କୁ ବିନା ବିଳମ୍ବରେ ଫସଲ ବୀମା ରାଶି ଯୋଗାଇ ଦିଆଯିବା, ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବା, ସାମ୍ପ୍ରତିକ ବନ୍ୟାଳରେ ହୋଇଥିବା ବ୍ୟାପକ କ୍ଷୟକ୍ଷତି ପାଇଁ ସ୍ୱତନ୍ତ୍ର ସହାୟତା ରାଶି ତୁରନ୍ତ ପ୍ରଦାନ କରାଯିବାକୁ ଦାବି କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ରାଜ୍ୟ କିଷାନ କଂଗ୍ରେସ ଉପସଭାପତି ର୍କାକ ବରାଳ, ଶିତିକାନ୍ତ ମହାନ୍ତି, ଅରୁଣ ଜେନା, ସଂଯୋଜକ କାଶୀନାଥ ସ୍ୱାଇଁ, ରାଜ୍ୟ କିଷାନ କଂଗ୍ରେସ ସାମାଜିକ ଗଣମାଧ୍ୟମ(ସୋସିଆଲ ମିଡିଆ) ସଦସ୍ୟ ହିମାଂଶୁ ଭୂଷଣ ନନ୍ଦ, କେନ୍ଦ୍ରାପଡ଼ା ଜିଲ୍ଲା କିଷାନ କଂଗ୍ରେସ ସଭାପତି ଜୟଦେବ ପରିଡ଼ା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କେନ୍ଦ୍ରାପଡ଼ା ବ୍ଲକ ସଭାପତି ହରୀଶ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଅମର ପ୍ରସାଦ ରାଉତ, ଢୋଲ ପାୟତ ସଭାପତି ରେବତୀ ରମଣ ରାଉତ, କେନ୍ଦ୍ରାପଡ଼ା ପୌରାଞ୍ଚଳର ସେକ୍ ସଗିର ହୁସେନ ଏବଂ ନଗର କଂଗ୍ରେସ ଉପସଭାପତି ଶେଖ ଅନଶଙ୍କ ସମେତ ଦଳୀୟ ନେତୃବୃନ୍ଦ, କର୍ମୀ ତଥା ସ୍ଥାନୀୟ ଚାଷୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

## ଗଣେଶ ପୂଜା କମିଟି ସଦସ୍ୟଙ୍କ ଚାରାରୋପଣ କାର୍ଯ୍ୟକ୍ରମ

### ଭାଇଚାରା ସହ ପରିବେଶ ସଚେତନତା



ମହାକାଳପଡ଼ା,୧୮।୯ (ସଂଚାର ବ୍ୟୁରୋ)ଃ ଗଣେଶ ପୂଜା କମିଟି ସଦସ୍ୟମାନେ କେବଳ ଗଣେଶ ପୂଜା କରନ୍ତି ନାହିଁ ବରଂ ଉତ୍ତମ ଭାଇଚାରା ସହିତ ପରିବେଶ ସୁରକ୍ଷା ପାଇଁ ମଧ୍ୟ କାମ କରୁଛନ୍ତି। ଯାହାକି ବର୍ତ୍ତମାନର ସମାଜ ପାଇଁ ଏକ ଉଦାହରଣ।

ଏମିତି ଏକ ନିଆରା ଓ ଉତ୍ତମ ଚିନ୍ତାଧାରା ରଖିଥିବା କମିଟି ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଓଳିହା ଗ୍ରାମରେ ଦେଖିବାକୁ ମିଳିଛି। ବଟବାବା ୟୁଥ୍ କ୍ଲବ୍‌ର ସଦସ୍ୟମାନେ ଦୀର୍ଘ ତିନିବର୍ଷ ଧରି ଏମିତି କାର୍ଯ୍ୟକ୍ରମ କରିଆସୁଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ମଧ୍ୟ ସଦସ୍ୟମାନେ ଗ୍ରାମର ସାନଦଣ୍ଡା ନିକଟରେ ଥିବା ପୋଖରୀ ଚତୁଃପାର୍ଶ୍ୱରେ ଚାରା ରୋପଣ କରିବା ସହିତ ସୁରକ୍ଷା ବାଡ଼ ବୁଲାଇ ଛନ୍ତି। ସଦସ୍ୟମାନଙ୍କ ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି। ଏନେଇ କମିଟିର ସଭାପତି ଚିତ୍ତରଞ୍ଜନ ପାଇଟାଳ କୁହନ୍ତି ଗାଁର ଯୁବକମାନେ ଏକତା ସୂତ୍ରରେ ବାନ୍ଧି ହେବା ପାଇଁ ଅନୁଷ୍ଠାନ ଆବଶ୍ୟକ। ଏହି ଏକତା ସୂତ୍ରରେ ରହି ଗ୍ରାମର ସାମାଜିକ ଓ ପରିବେଶଗତ କାର୍ଯ୍ୟକ୍ରମ ଆୟୋଜନ କରି ସାମାଜିକ ଦାୟିତ୍ୱବୋଧକୁ ଚରିତାର୍ଥ କରିହେବ। ଆଜିର ଏହି କାର୍ଯ୍ୟକ୍ରମରେ ଆନନ୍ଦମୟ ମହାପାତ୍ର, ଚିତ୍ତରଞ୍ଜନ ସାହୁ,ଜ୍ୟୋତିପ୍ରକାଶ ମହାପାତ୍ର, ଶିବ ପ୍ରସାଦ ରାଉତ, ବିଶ୍ୱପ୍ରକାଶ ଜେନା, ସୁଧାଂଶୁ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ନାରାୟଣନଗରରେ ନିଇତି ପଞ୍ଝୁକ, ସମ୍ମାନ ଜଣାଇଲେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



କେନ୍ଦ୍ରାପଡ଼ା,୧୮।୯(ସଂଚାର ବ୍ୟୁରୋ)ଃ ବୌଦ୍ଧ ଜିଲ୍ଲାର ଲକ୍ଷ୍ମୀପ୍ରସାଦ ବ୍ଲକ ଅନ୍ତର୍ଗତ ନାରାୟଣନଗର ଗାଁରେ ରହିଛି ଜଗନ୍ନାଥ ଓ ରଘୁନାଥଙ୍କ ମନ୍ଦିର। ଗାଁରେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ସମସ୍ତେ ଏକତ୍ରିତ ଭଜନ କୀର୍ତ୍ତନ ଓ ନାମଯଜ୍ଞ କରିଆସୁଛନ୍ତି । ଏହି ବିଷୟରେ ଜାଣିବା ପରେ କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ସମସ୍ତ ଗ୍ରାମବାସୀଙ୍କୁ ଭାବଭକ୍ତିର ପ୍ରଣିପାତ ଜଣାଇ ଗାଁ ମୁଖିଆଙ୍କୁ ସମ୍ମାନିତ କରିଥିଲେ। ବର୍ତ୍ତମାନ ଗାଁରେ ଆଧ୍ୟାତ୍ମିକ ଭାବନା ହଜିବାକୁ ବସିଥିବା ବେଳେ ଏହି ଗାଁରେ କିନ୍ତୁ ଭିନ୍ନ ଦୃଶ୍ୟ ।

## ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସରେ ସେବା ଓ ସଂକଳ୍ପ କାର୍ଯ୍ୟକ୍ରମ




ପଟ୍ଟାମୁଣ୍ଡାଇ,୧୮।୯ (ସଂଚାର ବ୍ୟୁରୋ)ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ରେ ବିଜେପି ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ସେବା ଓ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀରାମ ମନ୍ଦିର ସମ୍ମୁଖ ପଡ଼ିଆ ଠାରେ ସ୍ୱଚ୍ଛ ଭାରତ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପଟ୍ଟାମୁଣ୍ଡାଇ ମେଡିକାଲରେ କାର୍ଯ୍ୟରତ କର୍ମଚାରୀ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବା ସହିତ ବିଭିନ୍ନ ବୃକ୍ଷର ଚାରା ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିର ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଦୀର୍ଘ ଜୀବନ କାମନା କରି ବିଜେପି ପକ୍ଷରୁ ଦୀପଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ବରିଷ୍ଠ ବିଜେପି ନେତ୍ରୀ ସୁଜାତା ବାରିକଙ୍କ ନେତୃତ୍ୱ ଓ ଯୁବନେତା ସନ୍ତୋଷ କୁମାର ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ତଥା କାଉନସିଲର ବିଦ୍ୟାଧର ସେଠୀ, ସଞ୍ଜୟ ସାହୁ,ଶଶିକାନ୍ତ ସ୍ୱାଇଁ, ଅବସର ପ୍ରାପ୍ତ ଯବାନ ସମାଜ ପ୍ରଧାନ, କିର୍ତ୍ତୀ ଚନ୍ଦ୍ର ସାହୁ,ସତ୍ୟରଞ୍ଜନ ସ୍ୱାଇଁ, ରବୀନ୍ଦ୍ର ବିଶ୍ୱାଳ, ଉପେନ୍ଦ୍ର ନାୟକ, ବିଦ୍ୟାଧର ମଲିକ, ସୁଶାନ୍ତ ଦାସ, ଅଶୋକ ସେଠୀ, ଅଭୟ

# ବିକାଶ କାର୍ଯ୍ୟର ମନ୍ଥର ଗତିକୁ ନେଇ ଉଠିଲା ପ୍ରଶ୍ନ




କୋରାପୁଟ,୧୮।୯ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ମନ୍ଥର ଗତି ଓ ନିର୍ମାଣ କାର୍ଯ୍ୟର ଗୁଣାତ୍ମକ ମାନକୁ ନେଇ ଜିଲ୍ଲା ପରିଷଦର ୫୮ତମ ବୈଠକରେ ସଦସ୍ୟମାନେ ପ୍ରଶ୍ନ ଉଠାଇଛନ୍ତି। ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ନହେବାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ଓ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ଯୋଜନା ଓ ପର୍ଯ୍ୟବେକ୍ଷଣ, ଗ୍ରାମୀଣ ଉନ୍ନୟନ, ପାନୀୟ ଜଳ ଯୋଗାଣ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କୃଷି, ସମବାୟ, ଜାତୀୟ ରାଜପଥ, ବିଦ୍ୟୁତ, କଫି ଓ ମଙ୍ଗଳ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତି ଓ କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଥିଲା। ବିଶେଷକରି କୋରାପୁଟ ବସଷ୍ଟାଣ୍ଡ ଓ ବାଇପାସ୍ ରାସ୍ତା ନିର୍ମାଣ ପ୍ରସଙ୍ଗ ବୈଠକରେ ଗୁରୁତ୍ୱ ପାଇଥିଲା। ପୂର୍ବ ବୈଠକରେ ଯେଉଁ ଉତ୍ତର ମିଳିଥିଲା, ଏଥର ମଧ୍ୟ ପ୍ରାୟ ସେହିଭଳି ଉତ୍ତର ମିଳିଥିବା ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା କହିଥିଲେ। ପ୍ରକଳ୍ପଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଥିଲେ। କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀମାନଙ୍କ ଉପରେ ମଧ୍ୟ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। କାମ କରିବାକୁ ଇଚ୍ଛୁକ ନଥିବା ଅଧିକାରୀମାନେ ଜିଲ୍ଲା ଛାଡ଼ି ଅନ୍ୟତ୍ର ଯିବା ଉଚିତ ବୋଲି ସଭାପତି କହିଥିଲେ।

ଅନ୍ୟପକ୍ଷରେ ଏମଏମଡିଆର ବିଲ୍ ପ୍ରତ୍ୟାହାର ପ୍ରସଙ୍ଗ ମଧ୍ୟ ବୈଠକରେ ଉଠିଥିଲା। ଏହି ବିଲ୍ ପ୍ରତ୍ୟାହାର ଦାବିରେ ଜିଲ୍ଲା ପରିଷଦର ସଦସ୍ୟ ଓ ବିଧାୟକମାନେ ସହମତି ପ୍ରକାଶ କରିଥିବା ସସ୍ମିତା ମେଲେକା କହିଥିଲେ। ବୈଠକରେ କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ, ପଟ୍ଟାଙ୍ଗୀ ବିଧାୟକଙ୍କ ପ୍ରତିନିଧି ରୂପକ ତୁରୁକ୍, ଜିଲ୍ଲା ପରିଷଦ ଉପସଭାପତି ରାଧା ବିନୋଦ ସାମନ୍ତରାୟଙ୍କ ସହ ସମସ୍ତ ଜିଲ୍ଲା ପରିଷଦ ସଭ୍ୟସଭ୍ୟା, ବ୍ଲକ ଅଧ୍ୟକ୍ଷ-ଅଧ୍ୟକ୍ଷା ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଖମାର ସାହି ବିକାଶ ୟୁଥ କ୍ଲବ ପକ୍ଷରୁ ଷ୍ଟାର ନାଇଟ୍

### ମୁଖ୍ୟ ଅତିଥି ଭାବେ ଯୋଗଦେଲେ ପୂର୍ବତନ ବିଧାୟକ



ଢେଙ୍କାନାଳ,୧୮।୯ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ସହରର ଖମାର ସାହି ବିକାଶ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ହୋଇଛି ଷ୍ଟାର ନାଇଟ୍ କାର୍ଯ୍ୟକ୍ରମ। ଗଣେଶ ପୂଜା ଅବସରରେ ଆୟୋଜିତ ଏହି ସାଂସ୍କୃତିକ ସନ୍ଧ୍ୟାରେ ଜମିଥିଲା ଦର୍ଶକଙ୍କ ଭିଡ଼। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇଥିଲେ।

ଖମାର ସାହି ବିକାଶ ୟୁଥ କ୍ଲବ ପକ୍ଷରୁ ଧୁମଧାମରେ ଆୟୋଜିତ ହୋଇଥିଲା ଷ୍ଟାର ନାଇଟ୍ ପ୍ରୋଗ୍ରାମ। ରଙ୍ଗାରଙ୍ଗ ଆଲୋକମାଳା ସାଙ୍ଗକୁ ମନୋରଞ୍ଜନଭରା ସଙ୍ଗୀତ କାର୍ଯ୍ୟକ୍ରମରେ ମାହୋଲ ହୋଇଥିଲା ଉତ୍ସବମୁଖର।

କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ଲବର ଏଭଳି ଆୟୋଜନକୁ ପ୍ରଶଂସା କରିଥିଲେ।

ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ଓଡ଼ିଆ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ। ତାଙ୍କ ଲୋକପ୍ରିୟ ଗୀତରେ ଝୁମିଥିଲେ ଉପସ୍ଥିତ ଦର୍ଶକ। ଗୋଟିଏ ପରେ ଗୋଟିଏ ଗୀତରେ ଦର୍ଶକଙ୍କ ଉତ୍ସାହ ବଢ଼ିବା ସହ ସମଗ୍ର ପରିବେଶ ସଙ୍ଗୀତମୟ ହୋଇଉଠିଥିଲା।

କାର୍ଯ୍ୟକ୍ରମକୁ ସଫଳ କରିବାରେ ୟୁଥ କ୍ଲବର ସଦସ୍ୟ, କର୍ମକର୍ତ୍ତା ଓ ସ୍ଥାନୀୟ ଯୁବକମାନେ ସହଯୋଗ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଗୋଲକ ମହାପାତ୍ରଙ୍କ ଦୀପ ଦାନ



ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସାରା ଦେଶରେ ବିଭିନ୍ନ ସେବାମୂଳକ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଅବସରରେ ଭୁବନେଶ୍ୱରର ୱାର୍ଡ ନଂ-୪ ଅନ୍ତର୍ଗତ ହଂସପାଳ ଗ୍ରାମରେ ମଧ୍ୟ ଜନସାଧାରଣଙ୍କ ସହଭାଗିତାରେ ଏକ ଆଧ୍ୟାତ୍ମିକ ଓ ସେବାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେପି ନେତା ଗୋଲକ ମହାପାତ୍ର ହଂସପାଳ ଗ୍ରାମର ଜନସାଧାରଣଙ୍କ ସହ ମିଶି ବାଟ ମହାବୀର ମନ୍ଦିରରେ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏହି ପବିତ୍ର ଅବସରରେ ସେ ମହାବୀରଙ୍କ ନିକଟରେ ପ୍ରାର୍ଥନା କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଓ ସୁଖମୟ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମରେ ହଂସପାଳ ଗ୍ରାମର ବହୁସଂଖ୍ୟକ ଜନସାଧାରଣ, ସ୍ଥାନୀୟ ଯୁବକ, ମହିଳା ଓ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ଶ୍ରୀ ମହାପାତ୍ର ସମସ୍ତଙ୍କ ସହ ମିଶି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନକୁ ସେବା, ସମର୍ପଣ ଓ ସମାଜ ପ୍ରତି ଦାୟିତ୍ୱବୋଧର ଦିବସ ଭାବେ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ କେବଳ ଉତ୍ସବ ପାଳନ ନୁହେଁ, ବରଂ ଲୋକଙ୍କ ସେବା, ସମାଜର ଉନ୍ନତି ଓ ଅସହାୟ ଲୋକଙ୍କ ପାଖରେ ଠିଆ ହେବା ହିଁ ଏହି ଦିନର ମୂଳ ଉଦ୍ଦେଶ୍ୟ ହେବା ଉଚିତ। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସାଥୀ କରି ଏକ ସୁସ୍ଥ, ସମୃଦ୍ଧ ଓ ବିକଶିତ ସମାଜ ଗଠନ ଦିଗରେ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଜଣାଇଥିଲେ।

### ପୌର ପରିଷଦ, ଏନ୍‌ଏସି ଓ ମହାନଗର ନିଗମ ସାଧାରଣ ନିର୍ବାଚନ

# ୱାର୍ଡ ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପାଇଁ ସଂଶୋଧିତ ତାଲିକା ଜାରି

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ରାଜ୍ୟର ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ମହାନଗର ନିଗମଗୁଡ଼ିକର ଆଗାମୀ ସାଧାରଣ ନିର୍ବାଚନ ପାଇଁ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବା ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରାଯାଇଛି। ପୂର୍ବରୁ ବିଭାଗ ପକ୍ଷରୁ ଜାରି ହୋଇଥିବା କାର୍ଯ୍ୟସୂଚୀର ଆଂଶିକ ସଂଶୋଧନ କରାଯାଇ ଏହି ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କରେ ରାଜ୍ୟର ସମସ୍ତ ଜିଲ୍ଲାକୁ ବାର୍ତ୍ତା ଦେଇ ସମସ୍ତ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ଆସନ୍ତା ୨୪ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଖସଡ଼ା ବିଜ୍ଞପ୍ତି ପ୍ରକାଶ କରାଯାଇ ସାଧାରଣ ଜନତାଙ୍କଠାରୁ ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯିବ। ଆପତ୍ତି ଓ ପରାମର୍ଶ ଦାଖଲ କରିବାର ଶେଷ ତାରିଖ ଆସନ୍ତା ଅକ୍ଟୋବର ୩




ରହିଛି। ଏହାପରେ ଅକ୍ଟୋବର ୭ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ କରାଯିବ। ଏହି ବିଜ୍ଞପ୍ତି ବିରୋଧରେ ଅକ୍ଟୋବର ୭ରୁ ଅକ୍ଟୋବର ୨୧ ପର୍ଯ୍ୟନ୍ତ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଆପିଲ୍ ଦାଖଲ କରାଯାଇପାରିବ। ପ୍ରାପ୍ତ ଆପିଲ୍‌ଗୁଡ଼ିକୁ ସମ୍ପୃକ୍ତ ଜିଲ୍ଲାପାଳମାନେ ନିଜର ସୁପାରିଶ/ମତାମତ ସହ ଆସନ୍ତା ଅକ୍ଟୋବର ୨୨ ତାରିଖ ସୁଦ୍ଧା ସ୍ୱତନ୍ତ୍ର ଦୂତ ମାଧ୍ୟମରେ ନିର୍ଦ୍ଦେଶକ, ପୌର ପ୍ରଶାସନଙ୍କ କାର୍ଯ୍ୟାଳୟରେ ପହଞ୍ଚାଇବେ। ପରବର୍ତ୍ତୀ ପର୍ଯ୍ୟାୟରେ ଅକ୍ଟୋବର ୨୬ରୁ ୨୮ ମଧ୍ୟରେ ରାଜ୍ୟ ସରକାର, ଆପିଲେଟ୍ କର୍ତ୍ତୃପକ୍ଷ ଭାବେ ଆପିଲ୍‌ଗୁଡ଼ିକର ଶୁଣାଣି କରି ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ସମଗ୍ର ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ଅକ୍ଟୋବର ୩୧ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବା ସହ ଚୂଡ଼ାନ୍ତ ବିଜ୍ଞପ୍ତିର ଆବଶ୍ୟକ ସଂଖ୍ୟକ ନକଲ ରାଜ୍ୟ ନିର୍ବାଚନ ଆୟୋଗ, ରାଜ୍ୟ ସରକାର ଓ ସମ୍ପୃକ୍ତ ପୌର ପରିଷଦ/ଏନ୍‌ଏସିକୁ ପ୍ରଦାନ କରାଯିବ। ଅନ୍ୟପକ୍ଷରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମରେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ପ୍ରକ୍ରିୟା ପାଇଁ ମଧ୍ୟ ସଂଶୋଧିତ ସମୟ ସୀମା ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୪ ତାରିଖ ସୁଦ୍ଧା ସମ୍ପୃକ୍ତ ମହାନଗର ନିଗମଗୁଡ଼ିକ ପକ୍ଷରୁ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ସୂଚନା ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ରେ, ୱାର୍ଡ ସୀମା ଦର୍ଶାଉଥିବା ସ୍କେଚ୍ ମାନଚିତ୍ର ଓ ମହାନଗର ନିଗମର ସଂକଳ୍ପ ସହ ଗୃହ ଓ ନଗର ଉନ୍ନୟନ ବିଭାଗରେ ଦାଖଲ କରାଯିବ।

ମହାନଗର ନିଗମଗୁଡ଼ିକ କ୍ଷେତ୍ରରେ ଅକ୍ଟୋବର ୫ରେ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କରେ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରାଯିବ। ଏ ସମ୍ବନ୍ଧରେ ଆପତ୍ତି ଓ ପ୍ରସ୍ତାବ ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୧୪ ତାରିଖ ରହିଛି। ଭୁବନେଶ୍ୱର ମହାନଗର ନିଗମ, କଟକ ମହାନଗର ନିଗମ, ବ୍ରହ୍ମପୁର ମହାନଗର ନିଗମ ଓ ରାଉରକେଲା ମହାନଗର ନିଗମର କମିଶନରମାନଙ୍କୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ଆବଶ୍ୟକ ସୂଚନା ଓ ଦଲିଲ ଦାଖଲ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### କ୍ରସ ଭୋଟିଂ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ ମାମଲା

## ବିଧାୟକମାନେ ଲୋକପ୍ରତିନିଧି ରହିବାର ଅଧିକାର ହରାଇଛନ୍ତି



ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ମାମଲାରେ ଆଜି ଉଚ୍ଚ ନ୍ୟାୟାଳୟ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ବିଜେଡି ଏହି ୮ ବିଧାୟକ ଲୋକ ପ୍ରତିନିଧି ଭାବେ ରହିବାର ଅଧିକାର ହରାଇ ସାରିଛନ୍ତି ବୋଲି କହିଛି। ଦଳୀୟ ହ୍ୱିପ୍‌କୁ ଅମାନ୍ୟ କରି ରାଜ୍ୟସଭାରେ କ୍ରସ ଭୋଟିଂ କରିଥିବା ଏହି ୮ ବିଧାୟକ ଅଧିକ ଦିନ ବିଧାୟକ ଭାବେ ରହିବା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏକ ଆଘାତ ବୋଲି ବିଜେଡି କହିଛି। ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ. ଅରୁଣ କୁମାର ସାହୁ କହିଥିଲେ ଯେ ସମ୍ବିଧାନର ଦଶମ ଅନୁଚ୍ଛେଦର ବ୍ୟବସ୍ଥା ଅନୁଯାୟୀ ଯେଉଁ ବିଧାୟକମାନେ ଦଳୀୟ ହ୍ୱିପ୍ ଅବଜ୍ଞା କରି କ୍ରସ ଭୋଟିଂ କରିବେ, ସେମାନଙ୍କ ସଭ୍ୟ ପଦ ରଦ୍ଦ ହେବ। ବିଧାନସଭା ବାଚସ୍ପତିଙ୍କ ପାଖରେ ଏହି ବିଧାୟକମାନଙ୍କ ପଦକୁ ରଦ୍ଦ କରିବା ଅଧିକାର ରହିଛି।

### ଅଡିଟ୍ ସ୍ୱଚ୍ଛତା ଉପରେ ରାଜସ୍ୱ ପର୍ଷଦ ସଦସ୍ୟଙ୍କ ଗୁରୁତ୍ୱାରୋପ

# ଖୁବ୍‌ଶୀଘ୍ର ଆସିବ ଅଡିଟ୍ ସମ୍ପର୍କିତ ସ୍ୱତନ୍ତ୍ର ଏସଓପି

**ନିଜ ଜିଲ୍ଲାରେ ଅଡିଟ୍ କାର୍ଯ୍ୟ କରିପାରିବେନି ଅଡିଟର୍**




ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅଡିଟ୍ ସମ୍ବନ୍ଧୀୟ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସୂଚନାଯୋଗ୍ୟ ଯେ ରାଜସ୍ୱ ପର୍ଷଦ ବିଭିନ୍ନ କାର୍ଯ୍ୟାଳୟ ଯଥା ରାଜସ୍ୱ କମିଶନର/ଜିଲ୍ଲାପାଳ/ଉପଜିଲ୍ଲାପାଳ/ତହସିଲ/ଭୂଦାନ ଯଜ୍ଞ ସମିତି ସମୁଦାୟ ୪୨୦ଟି କାର୍ଯ୍ୟାଳୟର ଅଡିଟ୍ କରିଥାଏ। ମାସ ମାସ ଧରି ଅଡିଟରମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ ଅଡିଟ୍ କରିବା ଦ୍ୱାରା କାର୍ଯ୍ୟାଳୟଗୁଡ଼ିକର କ୍ଷେତ୍ର କର୍ମଚାରୀମାନେ ଦୈନନ୍ଦିନ କାର୍ଯ୍ୟ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ଓ ସବୁ କାର୍ଯ୍ୟାଳୟରେ ଅଡିଟ୍ ସମ୍ଭବପର ହୋଇପାରି ନ ଥାଏ। ଏ ସବୁକୁ ସୁସଂଗଠିତ କରିବା ସହ ଅଡିଟ୍ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ରାଜସ୍ୱ ପର୍ଷଦର ସଦସ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଅଡିଟ୍ ପ୍ରକ୍ରିୟାର ପରିବର୍ତ୍ତନ କରାଯାଇ ଏକ ଏସଓପି ସ୍ଥିର କରାଯିବ। ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟର ଏକ ଆର୍ଥିକ ବର୍ଷ ଅଡିଟ୍ ପାଇଁ ସର୍ବାଧିକ ୨୦ଟି କାର୍ଯ୍ୟ ଦିବସ ଧାର୍ଯ୍ୟ କରାଯିବ। ଅଡିଟ୍ ପ୍ରକ୍ରିୟାରେ ବସ୍ତୁନିଷ୍ଠତା, ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ କୌଣସି ଅଡିଟରଙ୍କୁ ତାଙ୍କ ନିଜ ଜିଲ୍ଲାରେ ଅଡିଟ୍ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ ନାହିଁ। ଯେଉଁ କାର୍ଯ୍ୟାଳୟଗୁଡ଼ିକ ଏପର୍ଯ୍ୟନ୍ତ ଅଡିଟ୍ ହୋଇନାହିଁ ସେଗୁଡ଼ିକୁ ଅଡିଟ୍ କରିବା ପାଇଁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଧାର୍ଯ୍ୟ କରାଯାଇଥିବା ସମୟସୀମା ମଧ୍ୟରେ ଅଡିଟ ସମାପ୍ତ କରିବା ପାଇଁ ସ୍ଥିର କରାଯାଇଛି।

## ଝାରପଡ଼ା ଦୁର୍ଗାପୂଜା ସମିତିର ମାଟି ଅନୁକୂଳ ଉତ୍ସବ



ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ପାର୍ବଣର ଆଗମନରେ ଚଳଚଞ୍ଚଳ ହୋଇଉଠିଛି ଗାଁ ଓ ସହର। ଆଉ ମାତ୍ର କେତେଦିନର ବ୍ୟବଧାନ ପରେ ଦୁର୍ଗତିନାଶିନୀ ମା' ଦୁର୍ଗା ଆବିର୍ଭାବ ହେବେ ବିଭିନ୍ନ ପୂଜା ମଣ୍ଡପରେ। ଏହି ଅବସରରେ ସାରା ରାଜ୍ୟରେ ଦୀର୍ଘ ୧୬ ବର୍ଷ ହେବ ଦୁର୍ଗାପୂଜାକୁ ଶାନ୍ତି ଓ ଶୃଙ୍ଖଳାର ସହ ଆୟୋଜିତ କରି ବେଶ୍ ଜନମାନସରେ ବେଶ୍ ଆଦୃତ ହୋଇଛି ଝାରପଡ଼ା ଦୁର୍ଗାପୂଜା ସମିତି। ଗତକାଲି ପବିତ୍ର ବିଶ୍ୱକର୍ମା ସଂକ୍ରାନ୍ତି ଅବସରରେ ଝାରପଡ଼ା ଦୁର୍ଗାପୂଜା ସମିତିର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ ସମିତିର ସମସ୍ତ ସଭ୍ୟ ଓ ଝାରପଡ଼ା ଗ୍ରାମର ଜନସାଧାରଣ ଏକାଠି ହୋଇ ଭବ୍ୟ ମୂର୍ତ୍ତି ନିର୍ମାଣ ପାଇଁ ଆଜି ମୃତ୍ତିକା ଆନୟନ କାର୍ଯ୍ୟକୁ ସଫଳ ରୂପେ ସମ୍ପାଦନ କରିଛନ୍ତି। ଗତକାଲି ସକାଳ ସମୟରେ ସମିତି ପକ୍ଷରୁ ଗ୍ରାମ ଦେବତାଙ୍କ ପାଖେ ପୂଜା କରି ବାଜା, ବାଣ ଓ ରୋଷଣୀ ସହ ଏକ ବିରାଟ ପଟୁଆରରେ ଝାରପଡ଼ା ଗ୍ରାମର ବାହାରି କୁଆଖାଇ ନଦୀପଠାରେ ଯଥାବିଧି ପୂଜାର୍ଚ୍ଚନା କରି ସେଠାରୁ ମାଟି ଆଣି ଗ୍ରାମର ମେଳଣ ପଡ଼ିଆରେ ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଗିରାଧୂତ ସ୍ଥାନରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ଦୁର୍ଗାପୂଜା ସମିତି ସଭାପତି ପ୍ରଭାତ ମାଝୀ, ସମ୍ପାଦକ ପ୍ରକାଶ ସାମନ୍ତରାୟ ଓ ସୁରେଶ ଚନ୍ଦ୍ର ଜେନା, ସୁନୀଲ ଜେନା, ଗ୍ରାମ କମିଟି ସଭାପତି ଗୋରାଚାନ୍ଦ ମଙ୍ଗରାଜ, ସମ୍ପାଦକ ରମାକାନ୍ତ ଜେନା, ନିରସ ଜେନା, ଉପଯନ୍ତା ଜେନା, ଅଜିତ ମାଝୀ, ଜହର ଖାନ, କଲିମୁଦ୍ଦିନ ଖାନ ଉପସ୍ଥିତ ଥିଲେ।

### ■ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ସରକାରୀ ଖର୍ଚ୍ଚକୁ ନେଇ ବର୍ଷିଲେ ଭକ୍ତ

# ରାଜକୋଷରୁ ଅର୍ଥ ଅପଚୟକୁ ନେଇ ଉଠାଇଲେ ପ୍ରଶ୍ନ



ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ପିସିସି ସଭାପତି ଭକ୍ତ ଚରଣ ଦାସ ଆଜି ବିଜେପି ନେତୃତ୍ୱାଧୀନ ସରକାରଙ୍କ ବିରୋଧରେ ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ ପାଇଁ ସାରା ଦେଶରେ ଆୟୋଜିତ ବ୍ୟାପକ ସରକାରୀ ଉତ୍ସବ ଓ ଆଡ଼ମ୍ବରକୁ ସେ କଡ଼ା ଭାବେ ସମାଲୋଚନା କରିଛନ୍ତି। ଏହି ଉତ୍ସବକୁ 'ରାଜ୍ୟ ଯନ୍ତ୍ରଣାର ଅଗ୍ରହଣୀୟ ଅପବ୍ୟବହାର' ବୋଲି ଅଭିହିତ କରି ଓଡ଼ିଶା କଂଗ୍ରେସ ସଭାପତି କହିଛନ୍ତି ଯେ ଏକ ଗଣତାନ୍ତ୍ରିକ ସରକାର ନିଜକୁ କୌଣସି ଜଣେ ବ୍ୟକ୍ତିଙ୍କ ପ୍ରଚାର ସଂସ୍ଥାରେ ପରିଣତ କରିବା ଉଚିତ ନୁହେଁ। ଏପଟେ ଲକ୍ଷ ଲକ୍ଷ ନାଗରିକ ବେକାରୀ, ବଢ଼ୁଥିବା ମୁଦ୍ରାସ୍ଫୀତି ଓ ଗୁରୁତର କୃଷି ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସେ କହିଛନ୍ତି ଯେ ସାଧାରଣ ଲୋକ ଯେତେବେଳେ ନିଜ ଜୀବନ ଚଳାଇବା ପାଇଁ ସଂଘର୍ଷ କରୁଛନ୍ତି, ସେତେବେଳେ ସରକାର ଅଭୂତପୂର୍ବ ଆତ୍ମପ୍ରଚାରରେ ଲିପ୍ତ ହେବାକୁ ବାଛିଛନ୍ତି। ଜନ୍ମଦିନ ଏକ ବ୍ୟକ୍ତିଗତ ଓ ନିଜସ୍ୱ ମୁହୂର୍ତ୍ତ। ଏହାକୁ ଟିକସଦାତାଙ୍କ ଟଙ୍କାରେ ଏକ ସରକାରୀ ଉତ୍ସବରେ ପରିଣତ କରିବା ଦେଶର ଗଣତନ୍ତ୍ର ପ୍ରତି ସିଧାସଳଖ ଅପମାନ। ଏହି ଉତ୍ସବଗୁଡ଼ିକୁ ଚାଲୁ ରଖିବା ପାଇଁ ସରକାରୀ ରାଜକୋଷ ଉପରେ ପଡ଼ୁଥିବା ବ୍ୟାପକ ଆର୍ଥିକ ବୋଝ ନେଇ ପିସିସି ସଭାପତି ଗଭୀର ଉଦବେଗ ପ୍ରକାଶ କରିଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟବ୍ୟାପୀ ବିଜ୍ଞାପନ ଅଭିଯାନ, ହୋର୍ଡିଂ, ପ୍ରାୟୋଜିତ ପ୍ରଦର୍ଶନୀ ଓ ପ୍ରଚାରମୂଳକ କାର୍ଯ୍ୟକ୍ରମ ପାଇଁ ସରକାରୀ ଅର୍ଥରୁ ଶହ ଶହ କୋଟି ଟଙ୍କା ବ୍ୟୟ କରାଯାଉଛି। ଏହି ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ ଖର୍ଚ୍ଚ ହେଉଥିବା ପ୍ରତ୍ୟେକ ଟଙ୍କା ଭାରତର ଟିକସଦାତାଙ୍କ ଟଙ୍କା। ବ୍ୟକ୍ତିକେନ୍ଦ୍ରିକ ପ୍ରଚାରକୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ଏହି ଅର୍ଥକୁ ସରକାରୀ ସ୍ୱାସ୍ଥ୍ୟସେବା, ଶିକ୍ଷା କିମ୍ବା ଭିତ୍ତିଭୂମି ବିକାଶରେ ବ୍ୟୟ କରାଯିବା ଉଚିତ।

### ■ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ

## କୁଳପତିଙ୍କ ନେତୃତ୍ୱରେ ହେବ ତଦନ୍ତ




ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଏକ ବଡ଼ ଅଭିଯୋଗ ସାମ୍ନାକୁ ଆସିଛି। ସୋସିଆଲ ମିଡିଆ ଏବଂ ହ୍ୱାଟ୍ସଆପ୍ ମାଧ୍ୟମରେ ଏହି ପ୍ରଶ୍ନପତ୍ର ଘୂରିବୁଲୁଥିବା ଜଣାପଡ଼ିଛି। କିପରି ହେଲା ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ଲିକ୍ ସେନେଇ ଏବେ ଚର୍ଚ୍ଚା ଜୋର ଧରିଛି। ତେବେ ଏନେଇ କୁଳପତିଙ୍କ ନେତୃତ୍ୱରେ ତଦନ୍ତ କରାଯିବ ବୋଲି କୁହାଯାଇଛି। ଏହି ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ପରୀକ୍ଷା ନିୟନ୍ତ୍ରକ ଡ. ହୃଷୀକେଶ ନାୟକ। ଯୁକ୍ତ ୩ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାର ସମସ୍ତ ପ୍ରଶ୍ନପତ୍ର ଲିକ୍ ହୋଇଥିବା ସେ ସ୍ୱୀକାର କରିଛନ୍ତି। ହ୍ୱାଟ୍ସଆପ୍ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା କହିଛନ୍ତି ପରୀକ୍ଷା ନିୟନ୍ତ୍ରକ। ତେବେ କେଉଁଠୁ ହୋଇଛି ପ୍ରଶ୍ନପତ୍ର ଲିକ୍ କୁଳପତିଙ୍କ ନେତୃତ୍ୱରେ ତାହାର ତଦନ୍ତ କରାଯିବ। ଏନେଇ ସାଇବର ଥାନାରେ ଏତଲା ଦିଆଯିବ। ଯଦି ପ୍ରକୃତରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା କଥା ସାମ୍ନାକୁ ଆସେ, ତେବେ ପୁନଃପରୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଛି। ଯୁକ୍ତ ୩ର ପ୍ରାୟ ୩୦୦ କଲେଜରେ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ଦେଉଛନ୍ତି ଛାତ୍ରଛାତ୍ରୀ। ଗତ ୧୨ ତାରିଖରୁ ଆରମ୍ଭ ହୋଇଛି ପରୀକ୍ଷା। ହ୍ୱାଟ୍ସଆପ୍ ଆଗୁଆ ବୁଲୁଥିଲା ଯୁକ୍ତ ୩ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାର ସମସ୍ତ ପ୍ରଶ୍ନପତ୍ର।

## ନାରୀଶକ୍ତିର ପ୍ରତୀକ ନନ୍ଦିନୀ ଶତପଥୀ

### କେଏମସି ପକ୍ଷରୁ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ



କଟକ,୧୮।୯(ସଂଚାର ବ୍ୟୁରୋ): ଓଡ଼ିଶାର ପୂର୍ବତନ ତଥା ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ବିଶିଷ୍ଟ ନାରୀନେତ୍ରୀ ଓ ନାରୀଶକ୍ତିର ଏକ ବଳିଷ୍ଠ ପ୍ରତୀକ ସ୍ୱର୍ଗତଃ ନନ୍ଦିନୀ ଶତପଥୀଙ୍କ ସ୍ମୃତି ଓ ଅବଦାନକୁ ଚିରସ୍ଥାୟୀ କରିବା ଉଦ୍ଦେଶ୍ୟରେ କଟକ ମହାନଗର ନିଗମ (କେଏମ୍‌ସି) ପକ୍ଷରୁ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଆଜି ଉନ୍ମୋଚିତ ହୋଇଛି। କେଏମସିର ୯ ନମ୍ବର ୱାର୍ଡ ଅନ୍ତର୍ଗତ ଦୟାଶ୍ରମ ପାର୍କ ପରିସରରେ ସ୍ଥାପିତ ଏହି ପ୍ରତିମୂର୍ତ୍ତି ଆଗାମୀ ପିଢ଼ି ପାଇଁ ନନ୍ଦିନୀ ଶତପଥୀଙ୍କ ଜୀବନ, ସଂଘର୍ଷ, ନେତୃତ୍ୱ ଓ ଜନସେବାର ସ୍ମୃତିକୁ ଜୀବନ୍ତ ରଖିବ। ଏହି ଅବସରରେ ଦୟାଶ୍ରମ ପାର୍କ ପରିସରରେ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହ ଆୟୋଜିତ ହୋଇଥିଲା। କେଏମ୍‌ସି ମେୟର ସୁବାସ ସିଂହ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ବିମଳ ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନନ୍ଦିନୀ ଶତପଥୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଉନ୍ମୋଚନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମେୟର ସୁଲୋଚନା ଦାସ ଯୋଗ ଦେଇଥିବା ବେଳେ ବାରବାଟୀ-କଟକର ବିଧାୟିକା ଇଂ. ସୋଫିଆ ଫିର୍ଦୋସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଶକ୍ତିଶ୍ରୀ ସଚେତନତା ସମ୍ମାନ ଓ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ

ଯାଜପୁର,୧୮।୯(ସଂଚାର ବ୍ୟୁରୋ): ସୃଷ୍ଟିକର୍ତ୍ତା ନାରୀକୁ ସର୍ବଶ୍ରେଷ୍ଠ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କରିଛନ୍ତି। ନାରୀ ତା'ର ମର୍ଯ୍ୟାଦା ରକ୍ଷା ହିଁ ସମାଜ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ସବୁ ପରେ ବି ନାରୀ ସର୍ବଦା ସଶକ୍ତ ବୋଲି ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ, ଛତିଆରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ମତ ପ୍ରକାଶ ପାଇଛି। ଶୁକ୍ରବାର କଲେଜରେ ଶକ୍ତିଶ୍ରୀ ସଚେତନତା ସମ୍ମାନ ଓ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦଯାପନୀ ସମାରୋହ ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଗୋଟିଏ ଛୁଞ୍ଚି ମୂନ ପରି ଶୁକ୍ରାଣୁ ନାରୀ ଗର୍ଭରେ ଧାରଣ କରି ଚାଳିଶ ସପ୍ତାହ ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖି ଗୋଟିଏ ଜୀବନକୁ ଜନ୍ମ ଦେଇଥାଏ ବୋଲି କହିଛନ୍ତି।




# ଜଳସେଚନ ସୁବିଧାକୁ ସୁଦୃଢ଼ କରିଛି ବେଦାନ୍ତର ପ୍ରକଳ୍ପ ସଙ୍ଗମ

### ୫ ହଜାରରୁ ଅଧିକ ଗ୍ରାମବାସୀ ସିଧାସଳଖ ଉପକୃତ ହୋଇଛନ୍ତି

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମର ଆଲୁମିନା ବିଶୋଧନାଗାର ଆଖପାଖ ଗାଁଗୁଡ଼ିକରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହା ନୂତନ ଭାବେ ସୃଷ୍ଟି ହୋଇଥିବା ଫାର୍ମ ପୋଖରୀରେ ପରିଲକ୍ଷିତ ହୋଇଛି, ଯାହା ଖରାଦିନେ ଚାଷବାସ ସହ କୁକୁଡ଼ା ଫାର୍ମଗୁଡ଼ିକ ପାଣି ଯୋଗାଇଥାଏ, ଯାହା ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରୁଛି ଏବଂ କୃଷି ପରିବାରଗୁଡ଼ିକରେ ଯାହା ଜଳବାୟୁ ଓ ଅର୍ଥନୈତିକ ଅନିଶ୍ଚିତତା ପ୍ରତି ଅଧିକ ସହନଶୀଳ ହେବାରେ ଲାଗିଛି। ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେଉଛି ପ୍ରକଳ୍ପ ସଙ୍ଗମ, ଯାହା ଏକ ସମନ୍ୱିତ ଜଳବିଭାଜିକା ଏବଂ ଜୀବିକା ବିକାଶ ପଦକ୍ଷେପ ଯାହା ୨୦୨୩ରେ ଜଳ ସୁରକ୍ଷାକୁ ମଜବୁତ କରିବା, କୃଷି ଉତ୍ପାଦକତା ବୃଦ୍ଧି କରିବା ଓ ଗ୍ରାମାଞ୍ଚଳରେ ସ୍ଥାୟୀ ଜୀବିକା ନିର୍ବାହକୁ ପ୍ରୋତ୍ସାହିତ କରିବା ପାଇଁ ଆରମ୍ଭ କରାଯାଇଥିଲା।

କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପ୍ରୟାସର ଅଂଶବିଶେଷ ସ୍ୱରୂପ ପ୍ରକଳ୍ପ ସଙ୍ଗମ ପ୍ରାକୃତିକ ସମ୍ବଳ ପରିଚାଳନା, ଜଳବାୟୁ-ନମନୀୟ କୃଷି, ଭୂତଳ ଜଳ ପୁନର୍ଭରଣ, ବର୍ଷା ଜଳ ଅମଳ, ଦକ୍ଷତା ବିକାଶ ଓ ଦୀର୍ଘକାଳୀନ ସାମାଜିକ-ଆର୍ଥିକ ବିକାଶ ପାଇଁ ଗୋଷ୍ଠୀ-



ପରିଚାଳିତ ଜୀବିକା ହସ୍ତକ୍ଷେପକୁ ଅନ୍ତର୍ଭୁକ୍ତ କରି ଏକ ବହୁସ୍ତରୀୟ ଆଭିମୁଖ୍ୟ ନିୟୋଜିତ କରିଛି। ଉଭୟ ଜଳ ଉପଲବ୍ଧତା ଓ ଜୀବିକା ସୃଷ୍ଟି ଉପରେ ଧ୍ୟାନ ଦେଇ, ଏହି ପଦକ୍ଷେପ ଗ୍ରାମୀଣ ପରିବାରକୁ ଅଧିକ ଆତ୍ମନିର୍ଭରଶୀଳତା ଏବଂ ନମନୀୟତା ସୃଷ୍ଟି କରିବାରେ ସାହାଯ୍ୟ କରୁଛି।

ଏହି ଆଭିମୁଖ୍ୟର ପ୍ରଭାବ ସମଗ୍ର ଅଞ୍ଚଳର ଗ୍ରାମଗୁଡ଼ିକରେ ଗଭୀର ଭାବେ ପ୍ରତିଫଳିତ ହେଉଛି। ନିକଟବର୍ତ୍ତୀ ନିଆଳି ଗ୍ରାମରେ ଏହି କାର୍ଯ୍ୟକ୍ରମ ଅଧୀନରେ ବିକଶିତ ଏକ ଫାର୍ମ ପୋଖରୀ ଲିଙ୍ଗରାଜ ରାଉତଙ୍କୁ କଦଳୀ ଚାଷ, ମତ୍ସ୍ୟଚାଷ ଓ ଉଦ୍ୟାନ କୃଷି ସହ ଏକ ସମନ୍ୱିତ କୃଷି ମଡେଲ ଗ୍ରହଣ କରିବାରେ ସାହାଯ୍ୟ କରିଛି। ସୁନିଶ୍ଚିତ ଜଳସେଚନ ଦ୍ୱାରା ଅନିୟମିତ ବର୍ଷା ଉପରେ ନିର୍ଭରଶୀଳତା ହ୍ରାସ ପାଇଛି, କୃଷି ଉତ୍ପାଦନରେ ଉନ୍ନତି ଘଟିଛି ଓ ଆୟର ଏକାଧିକ ଧାରା ସୃଷ୍ଟି ହୋଇଛି। କଦଳୀ ଚାଷରେ ପାଖାପାଖି ୯୦୦୦ ଟଙ୍କା ନିବେଶ କରି ଲିଙ୍ଗରାଜ ଗୋଟିଏ ଅମଳ ଋତୁରେ ଏହାର ୬ ଗୁଣ ଆୟ କରିଥିଲେ। ମତ୍ସ୍ୟଚାଷରୁ ତାଙ୍କ ଅତିରିକ୍ତ ଆୟ ଘରୋଇ ଆୟକୁ ଆହୁରି ମଜବୁତ କରିଛି। "ଚାଷ ପାଇଁ ଥିବା ପୋଖରୀ ମୋର ଚାଷ କରିବାର ଶୈଳୀକୁ ବାସ୍ତବରେ ବଦଳାଇଦେଇଛି। ମୁଁ ଏବେ ବର୍ଷସାରା ବିଭିନ୍ନ ପ୍ରକାରର ଫସଲ ଚାଷ କରିପାରିବି, ମୋ ଆୟରେ ବିବିଧତା ଆଣିପାରିବି ଓ ମୋ ପରିବାରର ଆବଶ୍ୟକତାକୁ ଅଧିକ ଭଲ ଭାବେ ପୂରଣ କରିପାରିବି ବୋଲି ଲିଙ୍ଗରାଜ କୁହନ୍ତି। କେନ୍ଦୁଗୁଡ଼ା ଗ୍ରାମରେ ଏହି ପଦକ୍ଷେପ ଅଧୀନରେ ପ୍ରଦାନ କରାଯାଇଥିବା ସହାୟତା ନିରଞ୍ଜନ ନାଗଙ୍କୁ ଏକ ୫୦୦ ବ୍ରଏଲର କୁକୁଡ଼ା ବିଶିଷ୍ଟ ଫାର୍ମ ପ୍ରତିଷ୍ଠା କରିବାରେ ସକ୍ଷମ କରିଥିଲା, ଯାହା ଏକ ଅନିୟମିତ ମଜୁରୀ ଆଧାରିତ ଆୟକୁ ଅଧିକ ସ୍ଥିର ଓ ସ୍ଥାୟୀ ଜୀବିକା ରେ ପରିଣତ କରିଥିଲା। ଆଜି ଏହି ଉଦ୍ୟୋଗ ନିଶ୍ଚିତ ଆୟ ସୃଷ୍ଟି କରୁଛି ଓ ତାଙ୍କ ପରିବାରର ଆର୍ଥିକ ସୁରକ୍ଷାରେ ଉଲ୍ଲେଖନୀୟ ଉନ୍ନତି କରିଛି।

### ■ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ସମାଧାନ ଦାବି

## ୨୮ରେ ବିଧାନସଭା ସମ୍ମୁଖରେ ଛାତ୍ର ବିକ୍ଷୋଭ




ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ଦେଶ ତଥା ରାଜ୍ୟର ଚରମ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାର ସମାଧାନ ଦାବିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେସନ୍ (ଏଆଇଡିଏସଓ) ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଆସନ୍ତା ୨୮ ତାରିଖରେ ବିଧାନସଭା ସମ୍ମୁଖରେ ଏକ ରାଜ୍ୟସ୍ତରୀୟ ବିଶାଳ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ରାଜ୍ୟ ସଭାପତି ସୋମନାଥ ବେହେରା, ସମ୍ପାଦକ ସିଦ୍ଧାର୍ଥ ରଥ, ଉପସଭାପତି ଭାଗ୍ୟରବି ଦାସ, କାର୍ଯ୍ୟାଳୟ ସମ୍ପାଦକ ନସିମ ସରକାର ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି। ପ୍ରତିବାଦ ବିନା ଦାବି ହାସଲ ଅସମ୍ଭବ ବୋଲି ଉଲ୍ଲେଖ କରି ନେତୃବୃନ୍ଦ ଶିକ୍ଷା କ୍ଷେତ୍ରରେ ଚାଲିଥିବା ସରକାରୀ ଅବହେଳା ବିରୋଧରେ ସାରା ରାଜ୍ୟରେ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ନେତୃବୃନ୍ଦ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ କେନ୍ଦ୍ରର ବିଜେପି ସରକାର ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ଅଯୌକ୍ତିକ, ଅବୈଜ୍ଞାନିକ, କପୋଳକଳ୍ପିତ ଓ କୁସଂସ୍କାରାଚ୍ଛନ୍ନ ବିଷୟବସ୍ତୁ ଭିତ୍ତି କରି ଶିକ୍ଷାର ମୂଳଦୁଆକୁ ଧ୍ୱଂସ କରିବା ପାଇଁ ଷଡ଼ଯନ୍ତ୍ର ଚଳାଇଛନ୍ତି।

### ଦକ୍ଷିଣ ଆଫ୍ରିକାର କେପ୍‌ଟାଉନରେ ବାଚସ୍ପତି

# ରାଜ୍ୟ ଗୋଷ୍ଠୀ ମହିଳା ସଂସଦ କାର୍ଯ୍ୟକ୍ରମରେ ଯୋଗଦାନ

ଭୁବନେଶ୍ୱର,୧୮।୯ (ସଂଚାର ବ୍ୟୁରୋ): ୨୦୨୪ ସାଧାରଣ ନିର୍ବାଚନରେ, ଲୋକସଭାକୁ ୭୪ ଜଣ ମହିଳା ନିର୍ବାଚିତ ହୋଇଥିଲେ- ଯାହା ସଦନର ମୋଟ ସଦସ୍ୟ ସଂଖ୍ୟାର ୧୩.୬ ପ୍ରତିଶତ। ଭାରତର ପଞ୍ଚାୟତିରାଜ ଅନୁଷ୍ଠାନରେ ୧୪.୫ ଲକ୍ଷରୁ ଅଧିକ ମହିଳା ନିର୍ବାଚିତ ପ୍ରତିନିଧି ଭାବରେ କାର୍ଯ୍ୟ କରୁଛନ୍ତି, ଯାହା ମୋଟ ପ୍ରତିନିଧିଙ୍କ ପ୍ରାୟ ୪୬ ପ୍ରତିଶତ। ଭାରତର ଅନୁଷ୍ଠାନଗୁଡ଼ିକରେ ମହିଳାମାନେ କେବଳ ଅଂଶଗ୍ରହଣ କରନ୍ତି ନାହିଁ, ବରଂ ଦକ୍ଷତାର ସହ କାର୍ଯ୍ୟ କରନ୍ତି ଏବଂ ନେତୃତ୍ୱ ନିଅନ୍ତି। ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ଏକ-ତୃତୀୟାଂଶ ସଂରକ୍ଷଣ ଉଦ୍ଦେଶ୍ୟରେ ଭାରତ ୧୦୬ତମ



ସମ୍ବିଧାନ ସଂଶୋଧନ ମାଧ୍ୟମରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩' ପ୍ରଣୟନ ନିମନ୍ତେ ଉଦ୍ୟମ ଜାରି ରହିଛି

**ନାରୀ ଶକ୍ତିର ଉତ୍‌ଥାନ ରାଷ୍ଟ୍ରର ବିକାଶ ପାଇଁ ଜରୁରୀ**

ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଦକ୍ଷିଣ ଆଫ୍ରିକାର କେପଟାଉନ୍‌ଠାରେ ଆୟୋଜିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ସମ୍ମିଳନୀର ମହିଳା ସଂସଦର କାର୍ଯ୍ୟକ୍ରମରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଓଡ଼ିଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଲକ୍ଷ ଲକ୍ଷ ମହିଳାଙ୍କୁ ଆତ୍ମନିର୍ଭର କରାଇଛି। ଯେତେବେଳେ ଜଣେ ମହିଳା ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ ହୁଅନ୍ତି, ସେ କେବଳ ଜଣେ ମହିଳାଙ୍କ ଦୃଷ୍ଟିକୋଣ ନେଇ ଆସନ୍ତି ନାହିଁ ବରଂ ସେ ଜଣେ ନାଗରିକ, ଏକ ସମ୍ପ୍ରଦାୟ ଏବଂ ଏକ ରାଷ୍ଟ୍ରର ଅନୁଭୂତି ବହନ କରି ଆସନ୍ତି। 'କମନଲେଥ୍ ୱିମେନ୍ ପାର୍ଲିଆମେଣ୍ଟାରିଆନ୍ସ' ନେଟୱାର୍କ ୧୮୦ରୁ ଅଧିକ ଜାତୀୟ ଓ ଆଞ୍ଚଳିକ ସଂସଦର ୬,୦୦୦ରୁ ଅଧିକ ମହିଳାଙ୍କୁ ପ୍ରତିନିଧିତ୍ୱ କରୁଛି। ଏହାର ପରିସର ପ୍ରଭାବଶାଳୀ ହେଲେ ମଧ୍ୟ ପ୍ରତିନିଧିଗତ ବ୍ୟବଧାନ ହ୍ରାସ କରିବା ଦିଗରେ ଆହୁରି ଅନେକ କାର୍ଯ୍ୟ କରିବାକୁ ହେବ ବୋଲି ବାଚସ୍ପତି କହିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟଗୋଷ୍ଠୀ ସମୂହର ମହିଳା ବାଚସ୍ପତି, ସାଂସଦ, ବିଧାୟକ ଓ ମନ୍ତ୍ରୀମାନେ ଯୋଗଦେଇଥିବାବେଳେ ଉତ୍ତରାଖଣ୍ଡର ବାଚସ୍ପତି ରୀତା ଖଣ୍ଡୁରୀ, ଆନ୍ଧ୍ରପ୍ରଦେଶର ସାଂସଦ ପୁରନ୍ଦେଶ୍ୱରୀ ଓ ପଶ୍ଚିମବଙ୍ଗର ସାଂସଦ ରଚନା ବାନାର୍ଜୀ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

## ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ବଡ଼ମ୍ବା,୧୮।୯(ସଂଚାର ବ୍ୟୁରୋ): ରାଜ୍ୟ ସାହିତ୍ୟ ଏକାଡେମୀ ଓ ବୈକୁଣ୍ଠ ସାହିତ୍ୟ ସଂସଦ ବଡ଼ମ୍ବାଙ୍କ ମିଳିତ ଆନୁକୂଲ୍ୟରେ ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସବୁଜକବି ବୈକୁଣ୍ଠନାଥଙ୍କ ଏକ୍ସୁଡ଼ିଶାଳ ବଡ଼ମ୍ବା ବୈକୁଣ୍ଠ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୈକୁଣ୍ଠ ସାହିତ୍ୟ ସଂସଦ ବଡ଼ମ୍ବାର ସଭାପତି ଜଗନ୍ନାଥ ବାରିକି ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ବିଶିଷ୍ଟ ଅତିଥି ଭାବେ ସୁସାହିତ୍ୟିକ ବାବାଜୀ ଚରଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପଶାସନିକ ଅଧିକାରୀ ବିଶ୍ୱେଶ୍ୱର ମହାନ୍ତି, ଦୁର୍ଯ୍ୟୋଧନ ବରାଳ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ସାହିତ୍ୟିକ ସୁରେନ୍ଦ୍ର ଶ୍ରୀଚନ୍ଦନ ଓ ବୈକୁଣ୍ଠନାଥଙ୍କ ଦାୟାଦ ଭାବେ ସମାଜସେବୀ ବିଭୁଦତ୍ତ ପଟ୍ଟନାୟକ ଯୋଗଦେଇଥିଲେ। ୧୨୨ତମ ଜନ୍ମଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ କବି ବୈକୁଣ୍ଠନାଥଙ୍କ ତୈଳଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଭୂମି, ପରିଚୟ ଓ ବିକାଶର ଲଢ଼େଇ

ମଣିପୁର, ଭାରତର ଉତ୍ତର-ପୂର୍ବ ସୀମାରେ ଥିବା ଏକ ସୁନ୍ଦର ପର୍ବତମୟ ରାଜ୍ୟ, ଆଜି ଏକ ଗଭୀର ଜାତିଗତ ସଂଘର୍ଷର ଆଘାତରେ ପୀଡ଼ିତ। ୨୦୨୩ ମସିହା ମେ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ହିଂସା ମେଇତେଇ ଓ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଘଟିଛି। ଶତାଧିକ ଲୋକଙ୍କ ମୃତ୍ୟୁ, ହଜାର ହଜାର ଘର ପୋଡ଼ା ଯିବା ଓ ୬୦,୦୦୦ରୁ ଅଧିକ ଲୋକଙ୍କ ବିସ୍ଥାପନ ଏହି ଦୁଃଖଦ କାହାଣୀର କେବଳ ଆରମ୍ଭ। ଏହା କେବଳ ଏକ ସାମ୍ପ୍ରତିକ ଘଟଣା ନୁହେଁ; ଏହାର ମୂଳ ଗଭୀର ଇତିହାସ ଓ ଜଟିଳ କାରଣ ସହ ଜଡ଼ିତ। ମଣିପୁରର ଜାତିଗତ ଗଠନ ବହୁତ ପୁରୁଣା। ମେଇତେଇ ସମ୍ପ୍ରଦାୟ, ଯେଉଁମାନେ ରାଜ୍ୟର ପ୍ରାୟ ଅର୍ଦ୍ଧେକ ଜନସଂଖ୍ୟା ଗଠନ କରନ୍ତି, ମୁଖ୍ୟତଃ ଇମ୍ଫାଲ ଉପତ୍ୟକାରେ ବସବାସ କରନ୍ତି। ସେମାନେ ଐତିହାସିକ ଭାବରେ ରାଜନୀତି ଓ ଅର୍ଥନୀତିରେ ପ୍ରଭାବଶାଳୀ। ଅନ୍ୟପକ୍ଷରେ, କୁକି-ଜୋ ଓ ନାଗା ଜନଜାତିଗଣ ପର୍ବତୀୟ ଅଞ୍ଚଳରେ ରହନ୍ତି, ଯାହା ରାଜ୍ୟର ୯୦ ଶତାଂଶ ଭୂମି। ବ୍ରିଟିଶ ଶାସନ କାଳରେ ପାହାଡ଼ ଓ ଉପତ୍ୟକା ମଧ୍ୟରେ ପ୍ରଶାସନିକ ବିଭାଜନ ସୃଷ୍ଟି ହୋଇଥିଲା। ମେଇତେଇ ରାଜାମାନେ ଉପତ୍ୟକା ଶାସନ କରୁଥିବା ବେଳେ ପାହାଡ଼ିଆ ଜନଜାତିମାନେ ନିଜ ମୁଖିଆମାନଙ୍କ ଅଧୀନରେ ରହୁଥିଲେ। ୧୮୯୧ ମସିହାର ଆଙ୍ଗ୍ଲୋ-ମଣିପୁର ଯୁଦ୍ଧ ପରେ ବ୍ରିଟିଶମାନେ ଏହି ବିଭାଜନକୁ ଆହୁରି ଦୃଢ଼ କରିଥିଲେ। ୧୯୪୯ ମସିହାରେ ମଣିପୁର ଭାରତରେ ମିଶିବା ପରେ ମଧ୍ୟ ଏହି ଭୂମି ଆଇନ ବଳବତ୍ତର ରହିଲା-ମେଇତେଇମାନେ ପାହାଡ଼ରେ ଜମି କିଣିପାରନ୍ତି ନାହିଁ, କିନ୍ତୁ ଜନଜାତିମାନେ ଉପତ୍ୟକାରେ କିଣିପାରନ୍ତି। ଏହା ମେଇତେଇମାନଙ୍କ ମଧ୍ୟରେ ଅସନ୍ତୋଷର ମୂଳ କାରଣ ହୋଇଥିଲା।




୧୯୯୦ ଦଶକରେ ନାଗା-କୁକି ସଂଘର୍ଷରେ ହଜାର ହଜାର ଲୋକ ନିହତ ହୋଇଥିଲେ ଓ ଗ୍ରାମଗୁଡ଼ିକ ପୋଡ଼ି ଯାଇଥିଲା। କୁକିମାନେ ନିଜ ଜାତିର ସୁରକ୍ଷା ପାଇଁ ସଶସ୍ତ୍ର ଗୋଷ୍ଠୀ ଗଠନ କରିଥିଲେ। ଏହି ଐତିହାସିକ ଆଘାତ ଆଜି ମଧ୍ୟ ବଞ୍ଚି ରହିଛି। ମେଇତେଇମାନେ ନିଜକୁ ମଣିପୁରର ମୂଳ ବାସିନ୍ଦା ବୋଲି ଦାବି କରନ୍ତି ଓ କୁକିମାନଙ୍କୁ ମିଆଁମାରରୁ ଆସିଥିବା ବହିରାଗତ ବୋଲି ସନ୍ଦେହ କରନ୍ତି। କୁକିମାନେ ଭାବନ୍ତି ଯେ ସେମାନେ ଶତାବ୍ଦୀ ଧରି ଏହି ଭୂମିରେ ରହିଛନ୍ତି ଓ ସେମାନଙ୍କ ଭୂମି ଅଧିକାର ସୁରକ୍ଷିତ ରହିବା ଉଚିତ। ୨୦୨୩ର ସଂଘର୍ଷର ତାତ୍କାଳିକ କାରଣ ଥିଲା ମଣିପୁର ଉଚ୍ଚ ନ୍ୟାୟାଳୟର ଏକ ଆଦେଶ। ଏପ୍ରିଲରେ ନ୍ୟାୟାଳୟ ମେଇତେଇମାନଙ୍କୁ ଅନୁସୂଚିତ ଜନଜାତି (ଏସଟି) ମାନ୍ୟତା ଦେବା ପାଇଁ ସରକାରଙ୍କୁ ବିଚାର କରିବାକୁ କହିଥିଲା। ମେଇତେଇମାନେ ଏହାକୁ ନିଜର ଭୂମି ଅଧିକାର ଓ ସରକାରୀ ଚାକିରିରେ ସଂରକ୍ଷଣ ପାଇଁ ଆବଶ୍ୟକ ବୋଲି ଭାବିଥିଲେ। କିନ୍ତୁ କୁକି ଓ ଅନ୍ୟ ଜନଜାତିମାନେ ଏହାକୁ ନିଜ ସୁବିଧା ହରାଇବାର ଭୟ ଭାବି ବିରୋଧ କରିଥିଲେ। ମେ ୩ ତାରିଖରେ ଜନଜାତି ଏକତା ମାର୍ଚ୍ଚ ସମୟରେ ହିଂସା ବିସ୍ଫୋରଣ ହେଲା। ପୂର୍ବରୁ ରାଜ୍ୟ ସରକାରଙ୍କ ବନ ଉଚ୍ଛେଦ ଅଭିଯାନ, ପପି ଚାଷ ବିରୋଧୀ ଅଭିଯାନ ଓ ଅବୈଧ ଅଭିବାସୀ ଚିହ୍ନଟ କାର୍ଯ୍ୟ କୁକି ଅଞ୍ଚଳରେ କେନ୍ଦ୍ରିତ ହୋଇଥିବାରୁ ଉତ୍ତେଜନା ବଢ଼ିଥିଲା। ମିଆଁମାରରୁ ଆସିଥିବା ଶରଣାର୍ଥୀଙ୍କ ଭୟ ମଧ୍ୟ ଏଥିରେ ଯୋଗ ଦେଇଥିଲା। ଏହି ସଂଘର୍ଷର ମୂଳରେ ରହିଛି ଭୂମି, ପରିଚୟ ଓ ବିକାଶର ଅସମାନତା। ଉପତ୍ୟକା ଅଧିକ ବିକଶିତ, ପାହାଡ଼ ପଛରେ। ରାଜନୈତିକ ଶକ୍ତି ମେଇତେଇମାନଙ୍କ ହାତରେ ଥିବାରୁ ଜନଜାତିମାନେ ନିଜକୁ ଅବହେଳିତ ଅନୁଭବ କରନ୍ତି। ଉଭୟ ପକ୍ଷର ସଶସ୍ତ୍ର ଗୋଷ୍ଠୀ ଏହି ସଂଘର୍ଷକୁ ଆହୁରି ଜଟିଳ କରିଛନ୍ତି। ଏହି ସଂକଟ କେବଳ ମଣିପୁରର ନୁହେଁ, ସମଗ୍ର ଜାତିର। ଶାନ୍ତି ପାଇଁ ଉଭୟ ସମ୍ପ୍ରଦାୟ ମଧ୍ୟରେ ସଂଳାପ, ନ୍ୟାୟସଙ୍ଗତ ଭୂମି ନୀତି ଓ ସମାନ ବିକାଶ ଆବଶ୍ୟକ। ଇତିହାସର ଘା' ସୁଧାରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତି ଓ ସାମାଜିକ ଏକତା ଜରୁରୀ। ମଣିପୁରର ସୁନ୍ଦରତା ଏହି ରକ୍ତପାତରେ ନଷ୍ଟ ହେବା ଉଚିତ ନୁହେଁ। ଶାନ୍ତି ଓ ସଦଭାବ ହିଁ ଏହି ସୁନ୍ଦର ରାଜ୍ୟର ଭବିଷ୍ୟତ ସୁରକ୍ଷିତ କରିପାରିବ।

# ଶ୍ରୀମନ୍ଦିରରେ ଶ୍ରୀରାଧାଷ୍ଟମୀ


ସନ୍ତୋଷ କୁମାର ଦାଶ




ପୁରୀ ଶ୍ରୀମନ୍ଦିରରେ ବର୍ଷ ସାରା ବିଭିନ୍ନ ଉତ୍ସବ ପାଳିତ ହୋଇଥାଏ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥି ରେ ପାଳିତ ହୋଇଥାଏ ଶ୍ରୀ ରାଧାଷ୍ଟମୀ ଉତ୍ସବ। ରାଧାରାଣୀ ଏହି ଦିନ ଜନ୍ମ ଗ୍ରହଣ କରିଥିବାରୁ କୃଷ୍ଣ ଭକ୍ତ ଓ ବୈଷ୍ଣବ ମାନେ ଏହି ଦିନ ଟିକୁ ବଡ଼ ଧୁମ୍ ଧାମରେ ପାଳନ କରିଥାନ୍ତି।ଭକ୍ତ ମାନଙ୍କର ବିଶ୍ୱାସ ରହିଛି ଯେ,ରାଧାରାଣୀ ଙ୍କୁ ପୂଜା କଲେ ପ୍ରଭୁ ଶ୍ରୀ କୃଷ୍ଣ ସନ୍ତୁଷ୍ଟ ହୋଇଥାନ୍ତି।ପୁରାଣ କୁହେ ରାଧାରାଣୀ ଏହି ଦିନ ରାଣୀ କିର୍ତ୍ତିଦା ଙ୍କ ଠାରୁ ଜନ୍ମ ଗ୍ରହଣ କରି ଥିଲେ ଆଉ ତାଙ୍କ ପିତା ଥିଲେ ରାଜା ବୃଷଭାନୁ। ଆଉ କିଛି ବୈଷ୍ଣବ ଭକ୍ତ ଙ୍କ ମତରେ ରାଧାରାଣୀ ଆୟୋନି ସମ୍ଭୂତା। ରାଣୀ କିର୍ତ୍ତିଦା ଦିନେ ରାଜ ଉଦ୍ୟାନ ପୁଷ୍କରିଣୀ ରେ ସ୍ନାନ କରୁ ଥିବାବେଳେ ଦେଖିଲେ ଏକ ନୀଳ ପଦ୍ମ ଉପରେ କୁନି ସୁନ୍ଦରୀ ଝିଅ ଟିଏ ହାତ ଗୋଡ଼ ହଲାଇ ଖେଳୁଛି। ତାକୁ ରାଣୀ କିର୍ତ୍ତିଦା ସାଙ୍ଗରେ ଆଣି ନିଜ ଝିଅ ଭାବେ ପାଳିଥିଲେ। ଆଉ କିଛି ଭକ୍ତ କୁହନ୍ତି ପ୍ରଭୁ ଶ୍ରୀ କୃଷ୍ଣ ଙ୍କ ଦକ୍ଷିଣ ଅଙ୍ଗ ରୁ ଶ୍ରୀ ରାଧାରାଣୀ ଙ୍କ ସୃଷ୍ଟି ହୋଇଥିଲା। ପ୍ରଭୁ ଶ୍ରୀ କୃଷ୍ଣ ଙ୍କ ଜନ୍ମ ଦିନ କୁ ବୈଷ୍ଣବ ଭକ୍ତ ଓ କୃଷ୍ଣ ପ୍ରେମୀ ମାନେ ଜନ୍ମାଷ୍ଟମୀ ଉତ୍ସବ ଭାବେ ପାଳନ କରୁଥିବା ବେଳେ ଶ୍ରୀ ରାଧାରାଣୀ ଙ୍କ ଜନ୍ମ ଦିନ କୁ ରାଧାଷ୍ଟମୀ ଉତ୍ସବ ଭାବେ ପାଳନ କରିଥାନ୍ତି। ବୈଷ୍ଣବ ମାନଙ୍କ ମତରେ କୃଷ୍ଣ ଭକ୍ତି ପ୍ରାପ୍ତି ର ମାଧ୍ୟମ ହେଉଛି ଶ୍ରୀ ରାଧା ଙ୍କ ସ୍ତୁତି ଓ ପୂଜନ। ପୁରାଣ ରେ ଉଲ୍ଲେଖ ରହିଛି ରାଧାରାଣୀ ଙ୍କୁ ସମସ୍ତ ଦେବାଦେବୀ ମାନେ ମହାଭିଷେକ କରାଇଥିଲେ। ଅଭିଷେକ ଉତ୍ସବ ପରେ ଦେବୀ ସାବିତ୍ରୀ ଶ୍ରୀ ରାଧା ଙ୍କୁ ସ୍ୱର୍ଣ୍ଣ ପଦ୍ମ ମାଳ,ଶଚି ଦେବୀ ସ୍ୱର୍ଣ୍ଣ ସିଂହାସନ,

ଦେବୀ ମନୋରମା ରତ୍ନ ଖଚିତ ଅଳଙ୍କାର, ଦେବୀ ଗୌରୀ ଛତ୍ର, ଦେବୀ ନବା ନୁପୁର ଉପହାର ଭାବେ ପ୍ରଦାନ କରିଥିଲେ।ଶ୍ରୀ ରାଧାରାଣୀ ଙ୍କ ର ଲଳିତା, ବିଶାଖା, ଚିତ୍ରା, ସୁଲେଖା,ରଙ୍ଗ ଦେବୀ,ତୁଙ୍ଗ ବିଦ୍ୟା, ଚମ୍ପକ ଲତା, ଇନ୍ଦୁଲେଖା ନାମରେ ଅଷ୍ଟ ସଖୀ ଥିଲେ। ରାଧାଷ୍ଟମୀ ତିଥି ରେ ଶ୍ରୀ ରାଧାରାଣୀ ଙ୍କୁ ଭକ୍ତି ଓ ନିଷ୍ଠାର ସହିତ ପୂଜାର୍ଚ୍ଚନା କଲେ ପ୍ରଭୁ ଶ୍ରୀ କୃଷ୍ଣ ଙ୍କ ଆଶିର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ବିଭିନ୍ନ ପୁରାଣ ରେ ଉଲ୍ଲେଖ ରହିଛି। ରାଧାଷ୍ଟମୀ ଦିନ ଶ୍ରୀ ରାଧା ଙ୍କ ଜନ୍ମୋତ୍ସବ ଅବସରରେ ପୁରୀ ଶ୍ରୀ ମନ୍ଦିର ରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ। ସକାଳ ଧୂପ ଶେଷ ହେବା ପରେ ମହାଲକ୍ଷ୍ମୀ ଙ୍କୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଆଜ୍ଞାମାଳ ଲାଗି ହୋଇ ଥାଏ। ସାତ ପାହାଚ ନିକଟରେ ଥିବା ସୁସଜ୍ଜିତ ପାଲିଙ୍କି ରେ ଲକ୍ଷ୍ମୀ ଠାକୁରାଣୀ ଙ୍କୁ ବିଜେ କରାଯିବା ପରେ ଜଗମୋହନ ରେ ମା ଙ୍କ ମାଜଣା, ଶୀତଳ ଭୋଗ, ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥାଏ। ମଧ୍ୟାହ୍ନ ଧୂପ ପରେ ମା ମହାଲକ୍ଷ୍ମୀ ଙ୍କୁ ସିଂହାସନ ଉପରେ ବିଜେ କରାଯାଏ। ପରେ ସେବାୟତ ମାନେ ମା ଲକ୍ଷ୍ମୀ ଓ ମା ସରସ୍ୱତୀ ଙ୍କୁ ଆଣି ଖଟ ଶେଯ ଘରେ ବିଜେ କରାଇ ଥାନ୍ତି। ମହାପ୍ରଭୁ ଙ୍କ ଆଜ୍ଞାମାଳ ପାଇ ଶ୍ରୀ ସୁଦର୍ଶନ ଘଣ୍ଟା ଧ୍ୱନୀ, ତୁହୁଡ଼ି , ଛତ୍ର ସହ ପଟୁଆର ରେ ଶ୍ରୀ କ୍ଷେତ୍ର ପରିଭ୍ରମଣ କରିଥାନ୍ତି।ଚାରି ଆଶ୍ରମ,ବିଭିନ୍ନ ମଠ,ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ମାନଙ୍କ ପକ୍ଷରୁ ଶ୍ରୀ ସୁଦର୍ଶନ ପ୍ରଭୁ ଙ୍କୁ ପଂକ୍ତି ଭୋଗ ଅର୍ପଣ କରା ଯାଇଥାଏ। ଶ୍ରୀ ସୁଦର୍ଶନ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ପ୍ରତିନିଧି ଭାବେ ଯାଇ ଶ୍ରୀ ମନ୍ଦିର ଭଣ୍ଡାର ର ହିସାବ ରକ୍ଷକ ଦାୟୀତ୍ୱ ରେ ଥିବା ପ୍ରଭୁ ଜମ୍ବେଶ୍ୱର ଙ୍କ ମନ୍ଦିର କୁ ଯାଇ ତାଙ୍କ ଠାରୁ ହିସାବ ପତ୍ର ବୁଝି ଶ୍ରୀ ମନ୍ଦିର କୁ ଫେରିଥାନ୍ତି। ତା ପରେ ଚାରିବାଡ ରେ ମହାସ୍ନାନ ବିଧି ସହ ଶ୍ରୀ ବିଗ୍ରହ ମାନଙ୍କ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀ ମନ୍ଦିର ରେ ଶେଷ ହୋଇଥାଏ ରାଧାଷ୍ଟମୀ ଉତ୍ସବ। ଜୟ ଶ୍ରୀ ରାଧାରାଣୀ।


ତୁଳସୀପୁରା, ପୁରୀ
ମୋବାଇଲ୍:୯୪୩୯୩୬୧୮୮




# ଭାଗବତଙ୍କ ବସୁଧୈବ କୁଟୁମ୍ବକମ୍


ଗୋପାଳ ମହାପାତ୍ର




ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ଥାପନାର ୧୦୦ ବର୍ଷ ପୂର୍ତ୍ତୀ ଅବସରରେ ସଂଘ ମୁଖ୍ୟ ମୋହନ ଭାଗବତ କିଛି ଦିନ ତଳେ ଆମେରିକା, କାନାଡା ଏବଂ ବ୍ରିଟେନ ଗସ୍ତ କରିଥିଲେ। ଭାଗବତଙ୍କୁ ଏହି ଯାତ୍ରା ଅବସରରେ ଏହି ତିନି ଦେଶରେ ରହୁଥିବା ହିନ୍ଦୁ ଏବଂ ପ୍ରବାସୀ ଭାରତୀୟ ସଂଗଠନ ମାନେ ଭବ୍ୟ ସ୍ୱାଗତ କରିଥିଲେ। ଅନ୍ୟ ପକ୍ଷରେ ଏହି ତିନି ଦେଶରେ ଥିବା ଅନେକ ସଂଗଠନ କଡ଼ା ବିରୋଧ ମଧ୍ୟ କରିଥିଲେ। ବିରୋଧ କରିଥିବା ସଂଗଠନ ମାନଙ୍କ ଅଭିଯୋଗ ଥିଲା ଯେ ସଂଘ ଏକ ଅତି ଦକ୍ଷିଣପନ୍ଥୀ ଏବଂ ବହୁସଂଖ୍ୟକ ବାଦ ବିଚାରଧାରାକୁ ଗୁରୁତ୍ୱ ଦେଉଥିବା ଏକ ସଂଗଠନ ଯିଏ ଭାରତର ଧର୍ମନିରପେକ୍ଷ ଗଣତାନ୍ତ୍ରିକ ମୂଲ୍ୟର ବିପରୀତ ଅଟେ। ମୋହନ ଭାଗବତଙ୍କୁ ମୁଖ୍ୟ ଭାବେ ମାନବାଧିକାର ସଂଗଠନ, ପ୍ରବାସୀ ଭାରତୀୟ ସଂଖ୍ୟାଲଘୁ ଗୋଷ୍ଠୀ ଏବଂ କିଛି ବିଦେଶୀ ରାଜନେତା ବିରୋଧ କରିଥିଲେ। ହିନ୍ଦଜ ଫର ହ୍ୟୁମାନ ରାଇଟସ୍, ଇଣ୍ଡିଆନ- ଆମେରିକାନ ମୁସଲିମ କାଉନସିଲ, ସାଉଥ ଏସିଆ ସଲିଡ଼ାରିଟି ଗ୍ରୁପ ସମେତ ଅନେକ ମାନବାଧିକାର ସଂଗଠନ ଭାଗବତ ବିରୋଧି ପ୍ରଦର୍ଶନର ନେତୃତ୍ୱ ନେଇଥିଲେ। ଭଗବତଙ୍କ ଆମେରିକା ଗସ୍ତ ପୁର୍ବରୁ ନ୍ୟୁୟର୍କର ମେୟର ଜୋହରାନ ମମଦାନୀ, ଆମେରିକାର ସାଂସଦ ରସିଦ ତାଲେବ ଏବଂ ଜିମ୍ ମେକଗବର୍ଣ୍ଣ ଭାଗବତଙ୍କ ଗସ୍ତଙ୍କୁ ବିରୋଧ କରିଥିଲେ। ସେହିପରି ବ୍ରିଟେନର ବ୍ରିଟିଶ ଲେବର ପାର୍ଟିର ସାଂସଦ ନାଦିଆହ୍ୱିଟୋମ ମଧ୍ୟ ଭାଗବତଙ୍କ ଯାତ୍ରାକୁ ବିରୋଧ କରିଥିଲେ। ଏହି ବିରୋଧହେବା ପରେ ସଂଘ ସମର୍ଥକ ମାନଙ୍କ ପକ୍ଷରୁ କୁହାଯାଇଥିଲା ଯେ ମୋହନ ଭାଗବତଙ୍କ ଏହି ବିଦେଶ ଗସ୍ତର ଉଦେଶ୍ୟ ବିଶ୍ୱକଲ୍ୟାଣ, ସାମାଜିକ ସଦ୍ଭାବ ଏବଂ ବସୁଧୈବ କୁଟୁମ୍ବକମ୍‌ର ସନ୍ଦେଶ ପ୍ରସାର କରିବା।

ନ୍ୟୁୟର୍କଠାରେ ଆୟୋଜିତ "ଫେଥଲଭରସ୍ କନଫରେନ୍ସ"ରେ ଯୋଗଦେଇ ଭାଗବତ କହିଥିଲେ ଯେ "ଯେଉଁ ହିନ୍ଦୁମାନେ ଏକଥା ଭାବୁଛନ୍ତି ଯେ ମୁସଲମାନ ମାନଙ୍କୁ ଭାରତରୁ ନିକାଲି ଦିଆଯିବା ଉଚିତ ସେମାନେ ହିନ୍ଦୁ ନୁହଁନ୍ତି।" ଭାଗବତ ଏକଥା ମଧ୍ୟ କହିଥିଲେ ଯେ ମୁସଲମାନ ମାନଙ୍କୁ ଦେଶରୁ ବାହାର କରିବାର ମାନସିକତା ପୁରାପୁରି ହିନ୍ଦୁତ୍ୱ ବିରୋଧି ଅଟେ। ହିନ୍ଦୁ ହେବାରେ ଅର୍ଥ ହେଉଛି ସବୁ ଧାର୍ମିକ ରାସ୍ତାକୁ ଗୋଟିଏ ଲକ୍ଷଆଡ଼କୁ ନେଇଯିବା କଥା ଭାବିବା ଓ ସବୁ ମଣିଷର ମର୍ଯ୍ୟଦାକୁ ସ୍ୱୀକାର କରିବା। ଭାଗବତ ବସୁଧୈବ କୁଟୁମ୍ବକମ୍ ଏବଂ ଓ୍ୟାନ ଓ୍ୟାଲଡ଼ଓ୍ୟାନ ହ୍ୟୁମାନିଟିର କଥା କହିବା ସହ ବିବିଧତାରେ ଥିବା ଆମ ପରିଚୟ ପାଇଁ କୌଣସି ସଙ୍କଟ ଆସିବା ଅନୁଚିତ ବୋଲି କହିଥିଲେ। ବିଦେଶରେ ମୋହନ ଭାଗବତ ସିନା ଏକଥା କହିଦେଲେ ହେଲେ ଭାରତରେ ଭାଗବତଙ୍କ ଏହି ବୟାନକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ବିଜେପି ନେତାମାନେ ଭାଗବତଙ୍କ ବୟାନ ପ୍ରସଙ୍ଗରେ କହିଛନ୍ତି ଯେ ଏହା ହିନ୍ଦୁ ଧର୍ମର ସହିଷ୍ଣୁତା ଏବଂ ବାସ୍ତବୀକ୍ ସ୍ୱରପ ଅଟେ। କିନ୍ତୁ ବିରୋଧି ମାନେ କହିଛନ୍ତି ଯେ ଭାରତରେ ଥିବା ସଂଘର କାର୍ଯ୍ୟକର୍ତ୍ତା ମାନଙ୍କୁ ଭାଗବତ ଏଭଳି କଡ଼ା ସନ୍ଦେଶ ହେଉନାହାଁନ୍ତି କାହିଁକି? ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଆମେରିକା ଯାଇ ଭାଗବତ ହିନ୍ଦୁ ପ୍ରସଙ୍ଗରେ ଏଭଳି ମନ୍ତବ୍ୟ ଦେଲେ କାହିଁକି?



ଏଥି ପୁର୍ବରୁ ମୋହନ ଭାଗବତ ଏଭଳି କଥା ଅନେକବାର କହିଛନ୍ତି। ସେ କହିଥିଲେ ଯେ "ହିନ୍ଦୁ-ମୁସଲମାନଙ୍କ ଡିଏନ୍‌ଏ ଏକ୍ ଅଟେ। ସେ କ୍ରମାଗତ ଭାବେ ମୁସଲିମ ନେତାଙ୍କ ସହ ଆଲୋଚନା କରୁଛନ୍ତି। ଭାଗବତ ଏକଥା ମଧ୍ୟେର କହିଥିଲେ ଯେ "ସବୁ ମସଜିଦ ତଳେ ଶିବଲିଙ୍ଗ ଖୋଜିବା ଉଚିତ୍ ନୁହେଁ"। ଏପରିକି ସଂଘ ଆଉ ଅଯୋଧ୍ୟା ଭଳି କୌଣସି ଆନ୍ଦୋଳନର ନେତୃତ୍ୱ ନେବେ ନାହିଁ ବୋଲି ସେ କହିଛନ୍ତି। ଭାଗବତଙ୍କ ଏଭଳି ବୟାନରୁ ସୂଚନା ମିଳୁଛି ଯେ ସେ ସଂଗଠନର ଦିଗ ବଦଳାଇବାକୁ ଚାହାଁନ୍ତି। ସଂଘର ପୂର୍ବତନ ମୁଖ୍ୟ ବାଲାସାହେବ ଦେଓରସ ମଧ୍ୟ କହିଥିଲେ ଯେ "ସଂଘର ହିନ୍ଦୁତ୍ୱ ରାଷ୍ଟ୍ରବାଦୀ ଏବଂ ସମସ୍ତଙ୍କୁ ସାଥିରେ ନେଇ ଚାଲିବାର କଥା କହେ"। ଏହା ଭାରତୀୟ ଚିନ୍ତନର ପ୍ରକୃତ ବ୍ୟାଖ୍ୟା। କିନ୍ତୁ ପ୍ରଶ୍ନ ଉଠୁଛି ଯେ ଏମାନଙ୍କ କଥା ତଳ ସ୍ତରରେ କାର୍ଯ୍ୟକାରୀ ହେଉଛି କି? ମୋହନ ଭାଗବତ ସଂଘକୁ ଆଧୁନିକ କରିବା ପାଇଁ ପ୍ରୟାସ କରୁଛନ୍ତି। ଗୋଲବାଲକରଙ୍କ ବିଚାରଠାରୁ ନିଜକୁ ଅଲଗା ରଖିଛନ୍ତି। ମନୁସ୍ମୃତିର କିଛି ବିବାଦୀୟ ଅଂଶକୁ ଭାଗବତ ମଧ୍ୟ ସମର୍ଥନ କରୁନାହାଁନ୍ତି। କକରୋଚ ଜନତା ପାର୍ଟିର ଜନ୍ତର ମନ୍ତର ପ୍ରଦର୍ଶନ ବେଳେ ସଂଘର ଜଣେ ବରିଷ୍ଠ କର୍ମକର୍ତ୍ତା ଅତୁଲ ଲିମୟେ ପ୍ରଦର୍ଶନକୁ ଅରାଜକ କହିଥିଲେ କିନ୍ତୁ ମୋହନ ଭାଗବତ ଏହାର ପ୍ରତିବାଦ କରିବା ସହ ପ୍ରଦର୍ଶନ ରାଷ୍ଟ୍ରବିରୋଧି ନୁହେଁ ବୋଲି କହିଥିଲେ।

ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ମୋହନ ଭାଗବତଙ୍କ ସନ୍ଦେଶ ତଳ ସ୍ତରରେ କାର୍ଯ୍ୟ କାରୀ ହେଉନାହିଁ କାହିଁକି? ବିଗତ କିଛି ବର୍ଷ ହେବ ଦେଶ ପୂର୍ବାପେକ୍ଷା ଅଧିକ ଅସହିଷ୍ଣୁ ଏବଂ ବିଭାଜିତ ହେବାରେ ଲାଗିଛି କାହିଁକି? ମୋହନ ଭାଗବତଙ୍କ ନେତୃତ୍ୱାଧିନ ବିଶାଳ ସଂଗଠନର ସହଯୋଗ ଏବଂ ସମର୍ଥନରେ ବର୍ତ୍ତମାନ ଦେଶରେ ଶାସନ ଚାଲିଛି। ଏଣୁ ସେ ତାଙ୍କ ଉତ୍ତରଦାୟିତ୍ୱକୁ ଏଡାଇ ଦେଇ ପାରିବେ ନାହିଁ। ତାଙ୍କ ସଂଗଠନ ହିନ୍ଦୁଧର୍ମର ସହିଷ୍ଣୁତା, ଭାଇଚାରା ଏବଂ ବିବେକର ସିଦ୍ଧାନ୍ତ ଠାରୁ ଦୁରେଇ ଯାଉଛି କାହିଁକି? ମୋହନ ଭାଗବତ ତାଙ୍କ ସଂଗଠନର କାର୍ଯ୍ୟକର୍ତ୍ତା ମାନଙ୍କୁ "ବିବିଧତାରେ ଏକତା"ର ପାଠ ପଢ଼ାଉ ନାହାଁନ୍ତି କାହିଁକି? ମୋହନ ଭାଗବତ ମୁସଲମାନ ନେତାଙ୍କ ସହ ଆଲୋଚନା କରୁଛନ୍ତି ହେଲେ ଫଳ ଶୁନ୍। ସଂଘ ଦେଶ ଏବଂ ବିଦେଶରେ ଭିନ୍ନ ଭିନ୍ନ ଶବ୍ଦାବଳୀ ପ୍ରୟୋଗ କରୁଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ବିଦେଶରେ ଯେଉଁ ଶୁଦ୍ଧ ପ୍ରେମ ସାତ୍ୱିକ ପ୍ରେମ"ର ଚାରା ମୋହନ ଭାଗବତ ବୁଣିବାକୁ ଚାହୁଁଚନ୍ତି ସେଇ ଚାରା ଏଠି ସାମ୍ପ୍ରଦାୟିକତା, ଘୃଣା ଏବଂ କଠୋରବାଦରେ ଫସି ଯାଇଛି। ଦେଶରେ ଦେଖାଦେଇଥିବା ସାମ୍ପ୍ରଦାୟିକତାର ପରିବର୍ତ୍ତନ ଆବଶ୍ୟକ। ସଂଘ ତାର ଅନୁଶାସନକୁ ନେଇ ଗର୍ବ କରୁଛି ବୋଲି କହୁଥିବା ମୋହନ ଭାଗବତ କେବେ ଚିନ୍ତା କରିଛନ୍ତିକି ତାଙ୍କ ସନ୍ଦେଶ କାର୍ଯ୍ୟକାରୀ ହୋଉନାହିଁ କାହିଁକି?

ମୋହନ ଭାଗବତଙ୍କ ବୟାନକୁ ଦୁଇଟି ସନ୍ଦର୍ଭରେ ଆଲୋଚକମାନେ ଦେଖୁଛନ୍ତି, ପ୍ରଥମତଃ ସଂଘର ପୂର୍ବତନ ମୁଖ୍ୟ ଏମ୍‌ଏସ୍ ଗୋଲବଲକରଙ୍କ ଲିଖିତ ପୁସ୍ତକ "ବଞ୍ଚ ଅଫ ଥଟସ୍"ରେ ଲେଖାଯାଇଥିବା ମୁସଲିମ ବିରୋଧି ସିଦ୍ଧାନ୍ତ। ଗୋଲବଲକର ତାଙ୍କ ପୁସ୍ତକରେ ମୁସଲମାନ, ଖ୍ରୀଷ୍ଟିଆନ୍ ଏବଂ କମ୍ୟୁନିଷ୍ଟଙ୍କ ବିରୁଦ୍ଧରେ ଅନେକ କଥା ଲେଖିଛନ୍ତି। ବଞ୍ଚ ଅଫ ଥଟସ୍ ପୁସ୍ତକର ଏକ ଅଧ୍ୟାୟ ଯାହାର ଶୀର୍ଷକ "ଆଭ୍ୟନ୍ତରୀଣ ବିପଦ"ରେ ସେ ମୁସଲମାନ ମାନଙ୍କର ଭାରତ ପ୍ରତି ନିଷ୍ଠା କୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗୋଲବଲକର ଏହି ଅଧ୍ୟାୟରେ ଇତିହାସର ଉଦାହରଣ ଦେଇ ମୁସଲମାନ ଆକ୍ରମଣକାରୀ ମାନେ ଭାରତର ସଂସ୍କୃତି ଏବଂ ମନ୍ଦିର ନଷ୍ଟ କରିଥିବା କଥା ଉଲ୍ଲେଖ କରିଛନ୍ତି। ଗୋଲବଲକରଙ୍କ ଏହି ବିଚାର କାରଣରୁ "ବଞ୍ଚଅଫଥଟସ୍"କୁ ନେଇ ଅନେକ ଆଲୋଚନା ସମାଲୋଚନା ହୋଇଥିଲା ଓ ହେଉଛି ମଧ୍ୟ। ପ୍ରଶ୍ନ ଉଠୁଛି ଯେ ଏହି ସାହିତ୍ୟ (ପୁସ୍ତକ) ଓ ସଂସ୍କାର ବିଚାର ଅନୁସାରେ ବଢ଼ିଥିବା କୌଣସି ବି ସ୍ୱୟଂ ସେବକ ଏବଂ ଗୋଲବାଲକରଙ୍କ ବିଚାରଧାରାକୁ ଅନୁସରଣ କରୁଥିବା ଲୋକେ ଗୋଲବାଲକରଙ୍କ ସାମ୍ପ୍ରାଦାୟୀକତାବାଦୀ ବିଚାରରୁ ନିଜକୁ ଦୁରେଇ ରଖି ପାରିବେ କି? ମୋହନ ଭାଗବତ ଚାହିଁଲେ ଦେଶର ଅବସ୍ଥାକୁ ସୁଧାରି ପାରନ୍ତେ କାରଣ ସେ ହେଉଛନ୍ତି ଏକ ବିଶାଳ ସଂଗଠନର ମୁଖ୍ୟ। ତାଙ୍କ ବିଚାରଧାରା ଠିକ୍ କିନ୍ତୁ କାର୍ଯ୍ୟକାରୀ ହେଉନାହିଁ କାହିଁକି? କ'ଣ ଯେଉଁ ପ୍ରସଙ୍ଗକୁ ରାଜନୈତିକ ଲାଭ ପାଇଁ ବାହାରକୁ ବାହାର କରାଯାଇଥିଲା ସେଇ ପ୍ରସଙ୍ଗକୁ ଏବେ ସଂଘ ବନ୍ଦ କରିବାରେ ଅକ୍ଷମ?


ରାମଚନ୍ଦ୍ର ପୁର, ରଣପୁର
ମୋବାଇଲ୍:୯୪୩୮୪୮୫୦୯୪


# ଗ୍ରାମୀଣ ମହିଳାଙ୍କ ହାତରେ ଓଡ଼ିଶାର ଶିଳ୍ପ ବିପ୍ଳବ


କାଳୀପ୍ରସାଦ ସ୍ୱାଇଁ




ଯେଉଁ ହାତ ସକାଳୁ ଅଗଣାରେ ଝୋଟି ପକାଏ ଦାଣ୍ଡ ଓଳାଏ ଆଜି ସେହି ହାତ ରାଜ୍ୟ ଅର୍ଥନୀତିର ଭାଗ୍ୟ ବଦଳାଇବାରେ ଲାଗିଛି। ଚୁଲିମୁଣ୍ଡରୁ ବାହାରି ଓଡ଼ିଶାର ଗ୍ରାମୀଣ ମହିଳାମାନେ ଆଜି ଏକ ନୀରବ ଅର୍ଥନୈତିକ ବିପ୍ଳବର ମୂଳଦୁଆ ସାଜିଛନ୍ତି। ଦିନ ଥିଲା, ଯେତେବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) କହିଲେ କେବଳ କିଛି ଟଙ୍କା ସଞ୍ଚୟ ଓ କିଛି ଋଣ ନେନଦେଣ ପରି କ୍ଷୁଦ୍ର ବ୍ୟବସ୍ଥାକୁ ବୁଝାଉଥିଲା। କିନ୍ତୁ ଆଜି ପ୍ରାୟ ୬୦ ଲକ୍ଷ ମହିଳାଙ୍କ ଏହି ବିଶାଳ ସଙ୍ଗଠନ ଆମ ରାଜ୍ୟର ସବୁଠାରୁ ଶୃଙ୍ଖଳିତ ଓ କର୍ମଠ ମାନବସମ୍ବଳ ଭାବେ ଉଭା ହୋଇଛି। ବର୍ତ୍ତମାନ ରାଜ୍ୟରେ ଏହି ଗୋଷ୍ଠୀଗୁଡ଼ିକ ସରକାରୀ ପ୍ରକଳ୍ପ ଓ କ୍ଷୁଦ୍ର ବ୍ୟବସାୟ ମାଧ୍ୟମରେ ବାର୍ଷିକ ପ୍ରାୟ ୩,୦୦୦ କୋଟି ଟଙ୍କା ର କାରବାର କରୁଛନ୍ତି। ବ୍ୟାଙ୍କ ଋଣ ପରିଶୋଧ କ୍ଷେତ୍ରରେ ଏମାନଙ୍କ ସଫଳତା ହାର ୯୬% ରୁ ୯୮% ମଧ୍ୟରେ ରହିଛି, ଯାହା ବଡ଼ ବଡ଼ କୋର୍ପୋରେଟ୍ ସଂସ୍ଥା ତୁଳନାରେ ଯଥେଷ୍ଟ ଭଲ। ପ୍ରଶ୍ନ ଉଠୁଛି, ଅସୀମ ସମ୍ଭାବନାର ଏହି ସଂଗଠିତ ଶକ୍ତିକୁ ଆମେ କେବଳ ମଧ୍ୟାହ୍ନ ଭୋଜନ ରାନ୍ଧିବା, ଛତୁ ଚାଷ କରିବା କିମ୍ବା ବିଦ୍ୟୁତ୍ ବିଲ୍ ଆଦାୟ କରିବାରେ ସୀମିତ ରଖିବା କି? ସମୟ ଆସିଛି ଏହି ମାତୃଶକ୍ତିକୁ ଏକ ବିଶାଳ ଶିଳ୍ପ ସାମ୍ରାଜ୍ୟରେ ପରିଣତ କରିବାର, ଯେଉଁଠି ମହିଳାମାନେ କେବଳ ଯୋଜନାର ହିତାଧିକାରୀ ନ ହୋଇ ବିକଶିତ ଓଡିଶାର ନୂତନ ଅର୍ଥନୀତିରେ ଉଦ୍ୟୋଗପତି ସାଜିପାରିବେ। ଏହି ଆକାଂକ୍ଷାକୁ ବାସ୍ତବ ରୂପ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କ ସଂକଳ୍ପ 'ବିକଶିତ ଓଡ଼ିଶା ୨୦୩୬' ଅଧୀନରେ ଏକ ତ୍ରିସ୍ତରୀୟ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇପାରିଲେ ତାହା ରାଜ୍ୟର ବିକାଶ ଦିଗରେ ଏକ ବିଶେଷ ମାଇଲଷ୍ଟମ୍ଭ ସାବ୍ୟସ୍ତ ହୋଇପାରିବ।



ଏହି ଯୋଜନା ଅନୁସାରେ ପ୍ରଥମ ପର୍ଯ୍ୟାୟରେ (୨୦୨୬-୨୦୨୯) ରାଜ୍ୟର ସମସ୍ତ ୩୧୪ଟି ବ୍ଲକ୍‌ରେ 'ସୁଭଦ୍ରା ଶକ୍ତି ଇଣ୍ଡଷ୍ଟ୍ରିଆଲ୍ ପାର୍କ' ନିର୍ମାଣ ସହ ମହିଳାମାନଙ୍କୁ କୃଷିଜାତ ଦ୍ରବ୍ୟ , ବସ୍ତ୍ର, ସେବା ଓ ହସ୍ତଶିଳ୍ପ ଭଳି ୪ଟି କ୍ଲଷ୍ଟରରେ ବିଭାଜିତ କରାଯାଇ ସେମାନଙ୍କ ମୂଳଦୁଆ ସୁଦୃଢ଼ କରାଯିବ।

ଦ୍ୱିତୀୟ ପର୍ଯ୍ୟାୟରେ (୨୦୩୦-୨୦୩୩) ସେମି ଅଟୋମେଟିକ୍ ସ୍ମାର୍ଟ ଫ୍ୟାକ୍ଟ୍ରି ସ୍ଥାପନ, ଜାତୀୟ ଏଫଏମସିଜି ବ୍ରାଣ୍ଡ୍ ସହ ବି୨ବି ଚୁକ୍ତି, ଏବଂ 'ବ୍ରାଣ୍ଡ ଓଡ଼ିଶା' ଅଧୀନରେ ଏକକ ପ୍ୟାକେଜିଂ ପ୍ରଚଳନ କରାଯିବ। ଅନ୍ତିମ ପର୍ଯ୍ୟାୟରେ (୨୦୩୪-୨୦୩୬) ୟୁଏସଏ, ୟୁଏଇ ଓ ୟୁରୋପ ସହ ପୃଥିବୀର ବିଭିନ୍ନ ଦେଶକୁ ରପ୍ତାନି ବୃଦ୍ଧି ସହ ଶ୍ରେଷ୍ଠ ୧୦-୨୦ଟି ଏସଏଚଜି ପ୍ରଡ୍ୟୁସର କମ୍ପାନୀ କୁ ସେୟାର ବଜାର (ବିଏସଇ/ ଏନଏସଇ) ରେ ସୂଚୀବଦ୍ଧ (ଆଇପିଓ) କରି ବାର୍ଷିକ କାରବାରକୁ ୨ ଲକ୍ଷ କୋଟିରୁ ୪ ଲକ୍ଷ କୋଟି ରେ ପହଞ୍ଚାଇବା ଏହାର ମୁଖ୍ୟ ଲକ୍ଷ୍ୟ ରହିବ।

ଏହି ବୃହତ୍ ଲକ୍ଷ୍ୟ ହାସଲ ପାଇଁ ଓଡ଼ିଶା ସରକାରଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଓ ଆର୍ଥିକ ନୀତିଗତ ସୁପାରିଶ ଆପଣାଇବାକୁ ହେବ।

ଏକ ନୂତନ 'ମହିଳା ଶିଳ୍ପ ନୀତି ୨୦୩୬' ଅଧୀନରେ ଏସଏଚଜି କମ୍ପାନୀଗୁଡ଼ିକୁ ୧୦ ବର୍ଷ ପାଇଁ ୧୦୦% ରାଜ୍ୟ ଜିଏସଟି (ଏସଜିଏସଟି) ଫେରସ୍ତ, ମାଗଣା ବିଜୁଳି ଓ ଜମି ପଞ୍ଜୀକରଣ ଫି' ଛାଡ଼ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିସହିତ, ସରକାରୀ ଆଇନ ଦ୍ୱାରା ସମସ୍ତ ବିଭାଗୀୟ ଆବଶ୍ୟକତାର ଅତି କମରେ ୫୦ ପ୍ରତିଶତ ସାମଗ୍ରୀ ସିଧାସଳଖ ଏସଏଚଜି କ୍ଲଷ୍ଟରରୁ କିଣିବା ବାଧ୍ୟତାମୂଳକ କରାଯିବା ସହ ବିନା ବନ୍ଧକରେ ୫୦ ଲକ୍ଷ ପର୍ଯ୍ୟନ୍ତ କ୍ୟାପିଟାଲ୍ ଲୋନ୍ ଯୋଗାଇବା ପାଇଁ ରାଜ୍ୟ ସରକାର ୨,୦୦୦ କୋଟିର 'କ୍ରେଡିଟ୍ ଗ୍ୟାରେଣ୍ଟି ଫଣ୍ଡ୍' ଗଠନ କରିବା ଉଚିତ୍।

ଭିତ୍ତିଭୂମି ଓ ବଜାର ସଂଯୋଗ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ଶିଳ୍ପ ତାଲିମ କେନ୍ଦ୍ର ଓ ପଲିଟେକ୍ନିକ୍ ଅନୁଷ୍ଠାନ ଗୁଡିକ ମାଧ୍ୟମରେ ମହିଳାମାନଙ୍କୁ ବିଭିନ୍ନ ଉତ୍ପାଦ ପ୍ରକ୍ରିୟାକରଣ, ସରକାରୀ ଯୋଜନା ପରିଚାଳନା,ମେସିନ୍ ମେଣ୍ଟେନାନ୍ସ, କ୍ୱାଲିଟି କଣ୍ଟ୍ରୋଲ୍ ଓ ଡିଜିଟାଲ୍ ମାର୍କେଟିଂରେ ତାଲିମ ଦିଆଯିବ। ଗ୍ରାମାଞ୍ଚଳରୁ ସହରକୁ ସାମଗ୍ରୀ ପରିବହନ ପାଇଁ ଉକ୍ତ ଗୋଷ୍ଠୀ ଗୁଡିକୁ ଇଲେକ୍ଟ୍ରିକ୍ ମାଲବାହୀ ଗାଡ଼ି ଉପରେ ୫୦% ସବସିଡି ପ୍ରଦାନ କରାଯାଇ ପାରିବ। SHG ନିର୍ମିତ ଉତ୍ପାଦ ମାନଙ୍କର ଗୁଣବତ୍ତା ନିୟନ୍ତ୍ରଣ ପାଇଁ 'ସାର୍ଟିଫାଏଡ୍ ବାଏ ଓଡ଼ିଶା' ସିଲ୍, ମାତ୍ର ୭ ଦିନ ମଧ୍ୟରେ ଏଫଏସଏସଏଆଇ ଓ ଟ୍ରେଡ୍ ଲାଇସେନ୍ସ  ତଥା କମ୍ପାନୀ ରେଜିଷ୍ଟ୍ରେସନ ଆଦି ପାଇଁ ଡିଜିଟାଲ୍ ସିଙ୍ଗଲ୍ ୱିଣ୍ଡୋ ପୋର୍ଟାଲ୍, ଏବଂ ପ୍ରତ୍ୟେକ ଉତ୍ପାଦର ପ୍ୟାକେଜିଂରେ ଗ୍ରାମୀଣ ମହିଳାଙ୍କ ସଂଘର୍ଷର କାହାଣୀ ଦର୍ଶାଉଥିବା କ୍ୟୁଆର କୋଡ୍ ଆଦି ଆଧୁନିକ ଓ ବୈଜ୍ଞାନିକ ବ୍ୟବସ୍ଥା ଯୋଡ଼ାଯାଇପାରିବ।

୨୦୩୬ ସୁଦ୍ଧା ଏହି ମାଷ୍ଟରପ୍ଲାନ୍ କାର୍ଯ୍ୟକାରୀ ହେଲେ ଏସଏଚଜି ସଦସ୍ୟାମାନଙ୍କ ହାରାହାରି ମାସିକ ଆୟ ୩,୦୦୦ ରୁ ବୃଦ୍ଧି ପାଇ ୩୦,୦୦୦ ରୁ ୪୦,୦୦୦ ରେ ପହଞ୍ଚିବ, ଯାହା ଓଡିଶା ର ଗ୍ରାମୀଣ କ୍ଷେତ୍ର ରୁ ଦାରିଦ୍ର୍ୟକୁ ସମ୍ପୂର୍ଣ୍ଣ ଦୂର କରିପାରିବ। ଫଳରେ, ଓଡ଼ିଶାର ୩୧୪ଟି ବ୍ଲକ୍‌ରେ ସ୍ମାର୍ଟ ଫ୍ୟାକ୍ଟ୍ରି ପ୍ରତିଷ୍ଠା ହେବା ସହ ଗ୍ରାମୀଣ ମହିଳାମାନେ ଆଞ୍ଚଳିକ ବ୍ୟବସାୟ ମେଳାରେ ସୀମିତ ନରହି ରାଜ୍ୟ ବାହାରେ ଜାତୀୟ ଏଫଏମସିଜି ଓ ବିଶ୍ୱ ରପ୍ତାନି ବଜାରରେ ପ୍ରବେଶ କରିପାରିବେ। ଏହି ଯୋଜନା ବାସ୍ତବରେ ରୂପାନ୍ତରିତ ହେଲେ ୨୦୩୬ ସୁଦ୍ଧା ଓଡ଼ିଶା କେବଳ ଭାରତର ଶିଳ୍ପ ମାନଚିତ୍ରରେ ଅଗ୍ରଣୀ ହେବ ନାହିଁ, ବରଂ ସମଗ୍ର ବିଶ୍ୱ ପାଇଁ 'ମହିଳା ମାନଙ୍କ ଦ୍ୱାରା ପରିଚାଳିତ ଗ୍ରାମୀଣ ଶିଳ୍ପ ବିପ୍ଳବ' ନିମିତ୍ତ ସବୁଠାରୁ ବଡ଼ ପ୍ରେରଣା ସାଜିପାରିବ। ରାଜ୍ୟର ନୂଆ ଡବଲ ଇଞ୍ଜିନ ସରକାରର ମାନନୀୟ ମୁଖ୍ୟମନ୍ତ୍ରୀ ତଥା ବିଶେଷ ଭାବେ ମହିଳା ମାନଙ୍କ ବିକାଶ ପାଇଁ ପ୍ରତିଶୃତିବଦ୍ଧ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏସବୁ ଦିଗରେ ମାନସ ମନ୍ଥନ କରିବା ପୂର୍ବକ ଓଡିଶା ର ସ୍ୱାର୍ଥ ଦୃଷ୍ଟିରୁ ଦୃଢ଼ ନିଷ୍ପତି ନେବା ବିଧେୟ।


ସାମାଜିକ କର୍ମୀ, କାକଟପୁର,ପୁରୀ
ମୋବାଇଲ୍:୮୧୧୪୮୧୦୩୧୩

### ଇରାନ ପାଇଁ ଜୀବନ ବଳିଦାନ ଶୋଭାଯାତ୍ରା

# ଛଅ ଲକ୍ଷରୁ ଅଧିକ ଯୁବକଙ୍କୁ ସୀମିତ ସାମରିକ ପ୍ରଶିକ୍ଷଣ



- ପୋଡ଼ାଗଲା ଆମେରିକା ଓ ଇସ୍ରାଏଲର ପତାକା
- ରାସ୍ତାରେ ମାର୍ଚ୍ଚ କଲେ ତିନି ଲକ୍ଷରୁ ଅଧିକ ଲୋକ

**ତେହେରାନ,୧୮।୯:** ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ଇରାନ ରାଜଧାନୀ ତେହେରାନରେ ଶହ ଶହ ହଜାର ସଂଖ୍ୟାରେ ଲୋକେ ଏକତ୍ରିତ ହୋଇ ଏକ ବିଶାଳ ସରକାରୀ ସମର୍ଥିତ ରାଲିରେ ଯୋଗ ଦେଇଛନ୍ତି। ଏହି ଅଭିଯାନକୁ 'ଜାନ୍‌ଫଦା-ଏ-ଇରାନ' ବା 'ଇରାନ ପାଇଁ ଜୀବନ ବଳିଦାନ ଦେବା' ନାମକରଣ କରାଯାଇଛି।

ଆମେରିକାର ନୌସେନା ବ୍ଲକଡ୍ ତଥା କଠିନ କଟକଣା ଯୋଗୁଁ ଦେଶର ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହେଉଥିବା ସତ୍ତ୍ୱେ ସରକାର ଜାତୀୟ ଏକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ରାଲିରେ ତିନି ଲକ୍ଷରୁ ଅଧିକ ଲୋକ ରାସ୍ତାରେ ମାର୍ଚ୍ଚ କରିଥିବା ବେଳେ ତେହେରାନର ଗାର୍ଡ ପ୍ରମୁଖ ଜେନେରାଲ ହାସନ ହାସନଜାଦେ ଜଣାଇଛନ୍ତି ଯେ ଛଅ ଲକ୍ଷରୁ ଅଧିକ ଲୋକ ସୀମିତ ସାମରିକ ପ୍ରଶିକ୍ଷଣ ପାଇଁ ପଞ୍ଜୀକୃତ ହୋଇଛନ୍ତି ଏବଂ ଏକ ନିୟୁତରୁ ଅଧିକ ଲୋକ ପ୍ରଶିକ୍ଷଣରେ ଭାଗ ନେବେ ବୋଲି ଆଶା କରାଯାଉଛି। ଏହାଦ୍ୱାରା ସ୍ୱେଚ୍ଛାସେବକମାନେ ଆସଲ୍ଟ ରାଇଫଲ୍ ଚାଳନା ଶିଖି ବିପ୍ଳବୀ ଗାର୍ଡ ଓ ବସିଜ୍ ସୁରକ୍ଷା ବାହିନୀକୁ ଅଧିକ ମଜବୁତ କରିବେ।

ବସିଜ୍‌ର ନୂତନ ମୁଖ୍ୟ ହୋଇସେନ୍ ତାଏବ୍ ଘୋଷଣା କରିଛନ୍ତି ଯେ ଏହି ପ୍ରଶିକ୍ଷଣ ଶତ୍ରୁମାନଙ୍କ ପାଇଁ ଏକ ଦୁଃସ୍ୱପ୍ନ ସାଜିବ। ରାଷ୍ଟ୍ରପତି ମାସୌଦ ପେଜେସ୍କିଆନ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଏହି ପରେଡ୍‌ରେ ଆଣ୍ଟି-ଏୟାରକ୍ରାଫ୍ଟ ବ୍ୟାଟେରୀ ଓ ହରମୁଜ୍ ପ୍ରଣାଳୀରେ ବ୍ୟବହୃତ ଡ୍ରୋନ୍ ଭଳି ସାମରିକ ହାର୍ଡୱେର ପ୍ରଦର୍ଶନ ଦେଖିଛନ୍ତି। ଅଂଶଗ୍ରହଣକାରୀମାନେ ଆମେରିକା ଓ ଇସ୍ରାଏଲର ପତାକା ପୋଡ଼ିବା ସହ ଆମେରିକା ଓ ଇସ୍ରାଏଲ ବିରୋଧରେ କ୍ଷୋଭ ପ୍ରକାଶ କରିଛନ୍ତି।

ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକକୁ କୌଣସି ଭୟ ନକରି ଇରାନବାସୀ ଦେଶର ସୁରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଜାନୁଆରୀ ମାସରେ ଦେଶର ଅର୍ଥନୀତିକୁ ନେଇ ସୃଷ୍ଟି ହୋଇଥିବା ବିରାଟ ପ୍ରତିବାଦ ଓ ସରକାରଙ୍କ ଦ୍ୱାରା ହୋଇଥିବା କଠୋର କାର୍ଯ୍ୟାନୁଷ୍ଠାନ ପରେ ମଧ୍ୟ ସରକାରୀ ସ୍ତରରେ ଏଭଳି ବିଶାଳ ଜନସମାଗମ ଏବଂ ଅନଲାଇନ୍ ଫର୍ମ ଜରିଆରେ କୋଟି କୋଟି ଲୋକ ଦେଶ ପାଇଁ ଜୀବନ ଦେବାକୁ ଆଗେଇ ଆସିଛନ୍ତି ବୋଲି ଦାବି କରାଯାଇଛି। ଆଗାମୀ ଦିନରେ ଏଭଳି ଅଭିଯାନ ଦେଶର ଅନ୍ୟାନ୍ୟ ସହରରେ ମଧ୍ୟ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ କଲା ଇରାନ



**ତେହରାନ:** ଟୋଗୋର ତୈଳ ବୋଝେଇ ଜାହାଜ ଉପରେ ଏହି ଆକ୍ରମଣ କରିଛି ଇରାନ। ତେବେ ଜାହାଜଟି ଅବୈଧ ପଥ ଦେଇ ପାର ହେବାକୁ ଚେଷ୍ଟା କରିବା ବେଳେ ଇରାନ ଆକ୍ରମଣ କରିଛି। ଆମେରିକୀୟ ସେନାର ପ୍ରରୋଚନାରେ ଜାହାଜଟି ଗତିପଥ ବଦଳାଉଥିବାରୁ ଏପରି ଆକ୍ରମଣ କରାଯାଇଥିବା ଇରାନ କହିଛି। ଇରାନର ସାମରିକ ପ୍ରବକ୍ତା କହିଛନ୍ତି, ଏହି ଜାହାଜଟି ସ୍ୱାଧୀନ ଭାବେ ଗତି କରୁ ନ ଥିଲା। ବରଂ ଆମେରିକୀୟ ସେନାର ପ୍ରରୋଚନା ଓ ପ୍ରତ୍ୟକ୍ଷ ଇସାରାରେ ନିଜର ଗତିପଥ ବଦଳାଉଥିଲା। ଆମେରିକା ଏହି ପ୍ରଦେଶରେ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ଏଭଳି ବେଆଇନ କାର୍ଯ୍ୟକଳାପକୁ ଉତ୍ସାହିତ କରୁଛି ବୋଲି ଇରାନ ଆରୋପ ଲଗାଇଛି। ଅବୈଧ ଯାତ୍ରାର ପରିଣାମ କେବଳ ଜାହାଜର ଧ୍ୱଂସ ବୋଲି କହିଛି ଇରାନ। ଇରାନର ଏହି ଚେତାବନୀ ସମୁଦ୍ର ପଥରେ ଯାତାୟାତ କରୁଥିବା ଅନ୍ୟାନ୍ୟ ଅନ୍ତର୍ଜାତୀୟ ଜାହାଜଗୁଡ଼ିକ ପାଇଁ ସତର୍କ ଘଣ୍ଟି ପାଲଟିଛି।



## ୟୁରୋପରୁ ୪୦ ହଜାର ସୈନ୍ୟ ହଟାଇବ ଆମେରିକା

**ୱାଶିଂଟନ୍,୧୮।୯:** ୟୁରୋପରେ ନିଜର ସାମରିକ ଉପସ୍ଥିତିକୁ ବ୍ୟାପକ ଭାବେ ହ୍ରାସ କରିବା ପାଇଁ ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ଏକ ଗୁରୁତ୍ୱପୂର୍ଣ୍ଣ ବିଚାର କରୁଛି। ପ୍ରସ୍ତାବିତ ନୀତି ଅନୁସାରେ, ୟୁରୋପରେ ମୁତୟନ ଥିବା ମୋଟ ୮୦, ୦୦୦ ଆମେରିକୀୟ ସୈନ୍ୟଙ୍କ ମଧ୍ୟରୁ ପ୍ରାୟ ୨୫, ୦୦୦ରୁ ୪୦, ୦୦୦ ସୈନ୍ୟଙ୍କୁ (ପ୍ରାୟ ୫୦ ପ୍ରତିଶତ) ପ୍ରତ୍ୟାହାର କରାଯାଇପାରେ। ଏହାସହ ସେଠାରେ ମୁତୟନ ଥିବା ଯୁଦ୍ଧବିମାନ, ନୌସେନା ସମ୍ପଦ ଏବଂ ଅନ୍ୟାନ୍ୟ ସାମରିକ ସରଞ୍ଜାମ ମଧ୍ୟ ହ୍ରାସ କରାଯିବାର ସମ୍ଭାବନା ରହିଛି। ୧୯୯୦ ଦଶକର ଶୀତଳ ଯୁଦ୍ଧ ପରଠାରୁ ୟୁରୋପୀୟ ମହାଦେଶରେ ଆମେରିକାର ଏହା ସବୁଠାରୁ ବଡ଼ ସାମରିକ ପ୍ରତ୍ୟାହାର ହେବ।

## ଶିଖ ଟ୍ରକ୍ ଚାଳକଙ୍କୁ ୧୭ ଥର ଛୁରାମାଡ଼



**ୱାଶିଂଟନ୍,୧୮।୯:** ଆମେରିକାର ୱାୟୋମିଂରେ ଜଣେ ୨୮ ବର୍ଷୀୟ ପଞ୍ଜାବୀ ଶିଖ ଟ୍ରକ୍ ଚାଳକଙ୍କୁ ୧୭ ଥର ଛୁରାମାଡ଼ କରାଯାଇଛି। ସାକ୍ରାମେଣ୍ଟୋର ବାସିନ୍ଦା ଏହି ଚାଳକଙ୍କ ଗଳା, ଛାତି, ହାତ ଓ ପଞ୍ଜରାରେ ଆଘାତ ଲାଗିଛି। ସେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଇଣ୍ଟରଷ୍ଟେଟ୍-୮୦ ନିକଟ ବିଟର କ୍ରିକ୍ ରେଷ୍ଟ ଏରିଆରେ ଘଟଣାଟି ଘଟିଥିଲା। ପେନ୍‌ସିଲଭାନିଆ ଯାଉଥିବା ବେଳେ ସେ ଶୌଚାଳୟକୁ ଯାଇଥିଲେ। ସେଠାରେ ଜଣେ ବ୍ୟକ୍ତି ତାଙ୍କୁ ପିଛା କରି ହଠାତ୍ ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ଅବସ୍ଥାରେ ବାହାରକୁ ଆସି ସେ ସହାୟତା ପାଇଁ ଡାକିଥିଲେ।

## ସୁନା ବିକି ସ୍ତ୍ରୀକୁ ଆଇଫୋନ୍ ଉପହାର

**ନୂଆଦିଲ୍ଲୀ,୧୮।୯:** ଆଇଫୋନ୍-୧୮ ପ୍ରୋ ଭାରତରେ ବିକ୍ରି ପାଇଁ ଉପଲବ୍ଧ ହୋଇଥିବାବେଳେ ଆପଲ୍ ଷ୍ଟୋର୍‌ଗୁଡ଼ିକରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଜଣେ ଦିଲ୍ଲୀ ବାସିନ୍ଦା ନିଜ ସ୍ତ୍ରୀଙ୍କୁ ଏହି ଫୋନ୍ ଉପହାର ଦେବା ପାଇଁ



ସୁନା ବିକ୍ରି କରିଥିବା ଦାବିକରି ଚର୍ଚ୍ଚାକୁ ଆସିଛନ୍ତି। ବ୍ୟକ୍ତି ଜଣକ କହିଥିଲେ, ତାଙ୍କ ସ୍ତ୍ରୀ ଆଇଫୋନ୍ ବ୍ୟବହାର କରନ୍ତି ନାହିଁ। କିନ୍ତୁ ସେ ତାଙ୍କୁ ଏହି ଅପଗ୍ରେଡ୍ ଦେବାକୁ ଚାହୁଁଥିଲେ ଓ ତାଙ୍କ ସ୍ତ୍ରୀ 'ବର୍ଗଣ୍ଡି' ରଙ୍ଗର ଆଇଫୋନ୍-୧୮ ପ୍ରୋ ଚାହୁଁଥିଲେ। ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ ବିଶେଷ ଭାବେ ଏହି ଫୋନ୍ ପାଇଁ କାହିଁକି ଏତେ ଅପେକ୍ଷା କରିଥିଲେ, ସେ କହିଥିଲେ ଯେ ଆଜି ତାଙ୍କ ପାଖରେ ଟଙ୍କା ଅଛି, ପୂର୍ବରୁ ନଥିଲା ଏବଂ ଆଗକୁ ରହିବ କି ନାହିଁ ସେ ଜାଣି ନାହାନ୍ତି। ତେଣୁ ସେ କେବଳ ଆଜିର ଦିନରେ ଜୀବନ ଜିଉଛନ୍ତି। ଏହି କ୍ରୟକୁ ସମ୍ଭବ କରିବା ପାଇଁ ସେ ବାଧ୍ୟ ହୋଇ ସୁନା ବିକ୍ରି କରିଥିବା ମଧ୍ୟ ସ୍ୱୀକାର କରିଥିଲେ।

### ଝିଅକୁ ବେଆଇନ ନିଯୁକ୍ତି ମାମଲା

## ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିଲମ୍ବିତ



**ବେଙ୍ଗାଲୁରୁ,୧୮।୯:** ନିଜ ଝିଅକୁ ନିୟମ ବହିର୍ଭୂତ ଭାବେ ସରକାରୀ 'ନମ୍ମା କ୍ଲିନିକ୍'ରେ ଚିକିତ୍ସା ଅଧିକାରୀ ଭାବେ ନିଯୁକ୍ତି ଦେବା ଏବଂ କ୍ଷମତାର ଅପବ୍ୟବହାର ଅଭିଯୋଗରେ କର୍ଣ୍ଣାଟକର ବାଗଲକୋଟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜକୁମାର ୟାରଗାଲଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ତାଙ୍କ ଝିଅ ଡାକ୍ତର ଅର୍ଙ୍କିତା ୟାରଗାଲ, ଯିଏ କି ବାଗଲକୋଟର କଂଗ୍ରେସ ବିଧାୟକ ଉମେଶ ମେଟିଙ୍କ ଝିଆରୀ, ପୋଷ୍ଟ ଗ୍ରାଜୁଏଟ୍ (ଏମଡି) ପାଠପଢ଼ିବା ସହ ବେଆଇନ ଭାବେ ସରକାରୀ ଚାକିରି କରି ପ୍ରତିମାସରେ ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦରମା ଉଠାଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଉରି ଆକ୍ରମଣକୁ ପୂରିଲା ୧୦ ବର୍ଷ

**ନୂଆଦିଲ୍ଲୀ,୧୮।୯:** ୨୦୧୬ ମସିହା ସେପ୍ଟେମ୍ବର ୧୮। ସକାଳ ହେବା ପୂର୍ବରୁ ଜମ୍ମୁ-କଶ୍ମୀରର ଉରିରେ ଥିବା ଭାରତୀୟ ସେନା ଶିବିରରେ ହଠାତ୍ ଶୁଭିଥିଲା ଗୁଳି ଓ ବିସ୍ଫୋରଣର ଶବ୍ଦ। ସେହି ସକାଳର ଦୃଶ୍ୟ ଥିଲା ଅତ୍ୟନ୍ତ ହୃଦୟବିଦାରକ। ଆକ୍ରମଣକାରୀମାନେ ଗ୍ରେନେଡ୍ ମାଡ଼ କରିବା ସହ ଗୁଳି ଚଳାଇଥିଲେ।



ଶିବିରରେ ନିଆଁ ଲାଗିଯିବାରୁ ଅନେକ ଯବାନ ଗୁରୁତର ଭାବେ ଆହତ ହୋଇଥିଲେ। ସେନାର ପ୍ରତିଆକ୍ରମଣରେ ଚାରିଜଣ ଆତଙ୍କବାଦୀ ନିହତ ହୋଇଥିଲେ, କିନ୍ତୁ ତା' ପୂର୍ବରୁ ଦେଶ ହରାଇଥିଲା ତା'ର ବୀର ସନ୍ତାନମାନଙ୍କୁ। ଉରି ଆକ୍ରମଣ କେବଳ ଏକ ସେନା ଶିବିର ଉପରେ ହୋଇଥିବା ଆକ୍ରମଣ ନଥିଲା; ଏହା ଅନେକ ପରିବାରର ଜୀବନକୁ ଚିରଦିନ ପାଇଁ ବଦଳାଇ ଦେଇଥିଲା।ଚାରିଜଣ ଆତଙ୍କବାଦୀ ସେନା ଶିବିର ଉପରେ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରଥମେ ୧୭ ଜଣ ଯବାନ ସହିଦ ହୋଇଥିବାବେଳେ ପରବର୍ତ୍ତୀ ଦିନଗୁଡ଼ିକରେ ଆହତ ଯବାନଙ୍କ ମଧ୍ୟରୁ ଆଉ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ଫଳରେ ସହିଦଙ୍କ ସଂଖ୍ୟା ୧୯ରେ ପହଞ୍ଚିଥିଲା। ଯେଉଁ ଘରଗୁଡ଼ିକରେ ସେଦିନ ପର୍ଯ୍ୟନ୍ତ ଫେରିବା ବାଟକୁ ଚାହିଁ ବସିଥିଲେ ପରିବାର, ସେଠାକୁ ଫେରିଥିଲା ଦୁଃଖଦ ଖବର।

## ଆତ୍ମଘାତୀ କାର୍ ବୋମା ବିସ୍ଫୋରଣ

### ୫ ପୁଲିସ କର୍ମୀଙ୍କ ସମେତ ୧୬ ନିହତ

**ପେଶୱର,୧୮।୯:** ପାକିସ୍ତାନର ଖୈବର ପାଖତୁନଖ୍ୱା ପ୍ରଦେଶର କୋହାଟ ସହରରେ ଏକ ବଡ଼ଧରଣର ଆତ୍ମଘାତୀ କାର୍ ବୋମା ବିସ୍ଫୋରଣ ଘଟିଛି। ଜଣେ ଆତ୍ମଘାତୀ ଆକ୍ରମଣକାରୀ ବିସ୍ଫୋରକ ଭର୍ତ୍ତି କାର୍‌କୁ ଏକ ପୁଲିସ ପ୍ରତିଷ୍ଠାନ ସହ ସଂଲଗ୍ନ ପୁରୁଣା ପୁଲିସ ଲାଇନ୍ସ ପରିସରରେ ଥିବା ଏକ ମସଜିଦର ବାହାର ପ୍ରାଚୀରରେ ପିଟିଦେବା ଫଳରେ ଏହି ଭୟଙ୍କର ବିସ୍ଫୋରଣ ଘଟିଛି।



ଶୁକ୍ରବାର ଦିନ ମଧ୍ୟାହ୍ନ ନମାଜ (ଜୁମ୍ମା ନମାଜ) ସମୟରେ ଏହି ଆକ୍ରମଣ ହୋଇଥିବାବେଳେ ଏଥିରେ ପାଞ୍ଚ ଜଣ ପୁଲିସ କର୍ମଚାରୀଙ୍କ ସମେତ ମୋଟ ୧୬ ଜଣ ପ୍ରାଣ ହରାଇଛନ୍ତି ଏବଂ ଅନେକ ଲୋକ ଆହତ ହୋଇଛନ୍ତି। ଏହି ଶକ୍ତିଶାଳୀ ବିସ୍ଫୋରଣ ଯୋଗୁଁ ମସଜିଦ ଓ ଆଖପାଖର କୋଠାବାଡ଼ିଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏକ ବିରାଟ କାନ୍ଥ ଭୁଶୁଡ଼ି ପଡ଼ିଛି। ଘଟଣାସ୍ଥଳରେ ଏକ ବଡ଼ଗର୍ତ୍ତ ସୃଷ୍ଟି ହୋଇଛି। ଖବର ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି। ଖୈବର ପାଖତୁନଖ୍ୱା ପୁଲିସ ମୁଖ୍ୟ ଜୁଲଫିକର ହାମିଦ ଏହା ଏକ ଆତ୍ମଘାତୀ ଆକ୍ରମଣ ବୋଲି ସ୍ପଷ୍ଟ କରିଛନ୍ତି।

## ଗୀତା-ରାମାୟଣ କେବଳ ଅବସରର ପୁସ୍ତକ ନୁହେଁ: ଆରଏସଏସ ମୁଖ୍ୟ



**ନୂଆଦିଲ୍ଲୀ,୧୮।୯:** ଆଜିକାଲିର ଯୁବପିଢ଼ି ବା ଜେନ୍ ଜି ପିଢ଼ିଙ୍କୁ ଧର୍ମ ଓ ଜୀବନର ମୂଲ୍ୟବୋଧ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ପ୍ରମୁଖ ମୋହନ ଭାଗବତ। ଶୁକ୍ରବାର ଉଜ୍ଜୟିନୀରେ ଆୟୋଜିତ 'ଯୁବ ଧର୍ମ ସଂସଦ'ରେ ଯୋଗଦେଇ ସେ ଖୁସି ପ୍ରକାଶ କରିବା ସହ ଯୁବପିଢ଼ି ଖୋଲାଖୋଲି ଭାବେ ଧର୍ମ ବିଷୟରେ ଆଲୋଚନା କରିବା ଆବଶ୍ୟକ ବୋଲି ମତ ଦେଇଛନ୍ତି।

ମୋହନ ଭାଗବତ କହିଛନ୍ତି ଯେ, ଆଜିକାଲି ସମାଜରେ ଏକ ଭୁଲ୍ ଧାରଣା ରହିଛି ଯେ ଧର୍ମ କେବଳ ବୃଦ୍ଧାବସ୍ଥାର ବିଷୟ ଏବଂ ଗୀତା କିମ୍ବା ରାମାୟଣ ପରି ପବିତ୍ର ଗ୍ରନ୍ଥଗୁଡ଼ିକୁ କେବଳ ଅବସର ନେବା ପରେ ପଢ଼ିବା ଉଚିତ୍। କିନ୍ତୁ ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ତାଙ୍କ ମତରେ ଧର୍ମ ମଣିଷର ଅସ୍ତିତ୍ୱର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ଜଡ଼ିତ ରହିଥାଏ। ମଣିଷ ଏହାକୁ ବିଶ୍ୱାସ କରୁ କିମ୍ବା ନ କରୁ, ପ୍ରକୃତି ଓ ପୃଥିବୀର ପ୍ରତିଟି ଘଟଣା ଏକ ନିର୍ଦ୍ଦିଷ୍ଟ ଶାଶ୍ୱତ ନିୟମ ଅନୁସାରେ ପରିଚାଳିତ ହୋଇଥାଏ। ଏହାର ଉଦାହରଣ ଦେଇ ସେ କହିଛନ୍ତି ଯେ ସୂର୍ଯ୍ୟର ଅସ୍ତିତ୍ୱ ରହିଛି ଏବଂ ଏହାର ଉଦୟ ଓ ଅସ୍ତ ସର୍ବଦା ଏକ ନିର୍ଦ୍ଦିଷ୍ଟ ପ୍ରାକୃତିକ ନିୟମ ଅନୁସାରେ ହିଁ ହୋଇଥାଏ।

ମଣିଷର ଅହଂକାର ଓ ଭୁଲ୍ ବୁଝାମଣା ଉପରେ ଆଲୋକପାତ କରି ଆରଏସଏସ ପ୍ରମୁଖ କହିଛନ୍ତି ଯେ, ଯେତେବେଳେ ମଣିଷ ଅହଂକାର ବଶତଃ ଏହା ଭାବିଥାଏ ଯେ ସବୁକିଛି କେବଳ ତା'ର ନିୟନ୍ତ୍ରଣରେ ରହିବା ଦରକାର ଏବଂ ସବୁକିଛି ତା'ର ଇଚ୍ଛା ଅନୁସାରେ ହେବା କଥା, ସେତେବେଳେ ସମସ୍ୟା ଓ ଭୁଲ୍ ବୁଝାମଣା ସୃଷ୍ଟି ହୁଏ। ଧର୍ମକୁ ପ୍ରକୃତ ଅର୍ଥରେ ବୁଝିବା ପୂର୍ବରୁ ମନକୁ ସମ୍ପୂର୍ଣ୍ଣ ସଫା କରିବା ଏବଂ ପୂର୍ବରୁ ମନରେ ଥିବା ସଂକୀର୍ଣ୍ଣ ଧାରଣାଗୁଡ଼ିକୁ ପାଖରେ ରଖି ନୂତନ ଦୃଷ୍ଟିକୋଣରୁ ଧର୍ମକୁ ଅନୁଧ୍ୟାନ କରିବାର ଚେତନା ଯୁବପିଢ଼ିଙ୍କ ମଧ୍ୟରେ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ନିଠାରି ମାମଲାର ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର କୋଲିଙ୍କ ଆତ୍ମହତ୍ୟା

**ହରିଦ୍ୱାର,୧୮।୯:** ନିଠାରି ମାମଲାର ଅଭିଯୁକ୍ତ ସୁରେନ୍ଦ୍ର କୋଲି (ମୂଳତଃ ଉତ୍ତର ପ୍ରଦେଶର ଗୌତମ ବୁଦ୍ଧ ନଗର/ନୋଏଡା ନିବାସୀ) ହରିଦ୍ୱାରରେ ଝୁଲନ୍ତା ଅବସ୍ଥାରେ ମିଳିଛନ୍ତି। ଖବର ଅନୁଯାୟୀ, ଏହି ଘଟଣା ଉତ୍ତର ହରିଦ୍ୱାରର ଭୂପତୱାଲା ଅଞ୍ଚଳସ୍ଥିତ ସପ୍ତ ସରୋବର ରୋଡରେ ଥିବା ଲାଲମାତା ମନ୍ଦିର ସମ୍ମୁଖରେ ଘଟିଛି।

ରିପୋର୍ଟ ଅନୁସାରେ, କୋଲି ଗତ କିଛି ଦିନ ଧରି ସେହି ସ୍ଥାନରେ ଏକ ଚା' ଦୋକାନ ଚଳାଉଥିଲେ; ଦୋକାନ ଭିତରେ ଏକ ଦଉଡ଼ି ସାହାଯ୍ୟରେ ତାଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ମିଳିଥିଲା। ଖବର ପାଇ ସପ୍ତର୍ଷି ପୁଲିସ ଆଉଟପୋଷ୍ଟର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ନିଜ ଅଧୀନକୁ ନେଇଥିଲେ ଏବଂ ତଦନ୍ତ ଆରମ୍ଭ କରିଥିଲେ।

ପୁଲିସ ମୃତ ବ୍ୟକ୍ତିଙ୍କ ପରିଚୟ ସୁରେନ୍ଦ୍ର କୋଲି ଭାବେ ସ୍ପଷ୍ଟ କରିଛି, ଯିଏକି ଆଲମୋରା ଜିଲାର



ଭିକିଆସାଇନ ଅଞ୍ଚଳ ଅନ୍ତର୍ଗତ ମଙ୍ଗରୁଖାଲ ଗ୍ରାମର ବାସିନ୍ଦା ଥିଲେ। ତାଙ୍କ ପରିବାରକୁ ଏହି ଘଟଣା ସମ୍ପର୍କରେ ସୂଚନା ଦିଆଯାଇଛି ଏବଂ ମାମଲାର ସମସ୍ତ ଦିଗ ଉପରେ ତଦନ୍ତ କରାଯାଉଛି।

### ବଦଳିଲା ନାମ ଓ ନିର୍ବାଚନ ପ୍ରତୀକ

## ମମତା ଗୋଷ୍ଠୀକୁ 'ଫୁଟବଲ୍', ବିଦ୍ରୋହୀଙ୍କୁ 'ଲଫାପା' ଚିହ୍ନ



**ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତିକୁ ମମତାଙ୍କ କଡ଼ା ସମାଲୋଚନା**

**କୋଲକାତା,୧୮।୯:** ଭାରତୀୟ ନିର୍ବାଚନ ଆୟୋଗଙ୍କ ଏକ ବଡ଼ ଓ କଠୋର ପଦକ୍ଷେପ କ୍ରମେ ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ (ଟିଏମସି)ର ନାମ ଏବଂ ଏହାର ପାରମ୍ପରିକ 'ଫୁଲ ଓ ଘାସ' ପ୍ରତୀକକୁ ସାମୟିକ ଭାବେ ଫ୍ରିଜ୍ କରାଯିବା ପରେ, ଦଳର ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ ଅସ୍ଥାୟୀ ଭାବେ ଅଲଗା ଅଲଗା ନାମ ଏବଂ ନିର୍ବାଚନ ଚିହ୍ନ ଆବଣ୍ଟିତ କରାଯାଇଛି। ଆଗାମୀ ଅକ୍ଟୋବର ୬ ତାରିଖରେ ହେବାକୁ ଥିବା ପଶ୍ଚିମବଙ୍ଗ ଉପନିର୍ବାଚନକୁ ଦୃଷ୍ଟିରେ ରଖି ଏହି ନୂତନ ପରିଚୟ ପ୍ରଦାନ କରାଯାଇଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ 'ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ' ନାମ ଓ 'ଫୁଟବଲ୍ ଖେଳାଳି' ପ୍ରତୀକ ମିଳିଥିବାବେଳେ, ବିଦ୍ରୋହୀ ଗୋଷ୍ଠୀକୁ 'ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ' ନାମ ଏବଂ 'ଲଫାପା' ପ୍ରତୀକ ଆବଣ୍ଟନ କରାଯାଇଛି। ତେବେ ଏହି ନିଷ୍ପତ୍ତିକୁ ବିରୋଧ କରି ମମତା ବାନାର୍ଜୀ ଏହାକୁ ଭାରତୀୟ ଗଣତନ୍ତ୍ର ଇତିହାସର ଏକ "କଳା ଦିବସ" ବୋଲି ଅଭିହିତ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ଏକ ରାଜନୈତିକ ପକ୍ଷପାତିତା ବୋଲି ଦର୍ଶାଇ ପ୍ରାୟ ତିନି ଦଶନ୍ଧି ଧରି ଚାଲି ଆସିଥିବା ଏକ ପାର୍ଟିର ନାମ ଓ ଚିହ୍ନକୁ କିପରି ଏପରି ହଠାତ୍ ରଦ୍ଦ କରାଯାଇପାରିବ ବୋଲି ମମତା ପ୍ରଶ୍ନ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, କେବଳ ଦଳୀୟ ପରିଚୟ ଏଡ଼ାଇ ଦିଆଯାଇ ନାହିଁ। ବରଂ ଦଳର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ମଧ୍ୟ ଫ୍ରିଜ୍ କରାଯାଇଛି ଓ ସାଧାରଣ କର୍ମୀମାନଙ୍କୁ ବିଭିନ୍ନ ପ୍ରକାରର ଭୟଭୀତ କରାଯାଉଛି।

### ଦିଶା ସାଲିଆନ୍ ମୃତ୍ୟୁ ମାମଲା

## ଆଦିତ୍ୟଙ୍କ ସପକ୍ଷରେ ଏମଏନ୍‌ଏସ୍ ନେତା ଅମିତ ଠାକରେ



**ମୁମ୍ବାଇ,୧୮।୯:** ଦିଶା ସାଲିଆନ୍ ମୃତ୍ୟୁ ମାମଲାରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ନାମ ଯୋଡ଼ାଯିବା ନେଇ ରାଜନୈତିକ ବାତାବରଣ ସରଗରମ ହୋଇଥିବାବେଳେ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମଏନ୍‌ଏସ୍) ନେତା ଅମିତ ଠାକରେ ତାଙ୍କ ସମ୍ପର୍କୀୟ ଭାଇ ଆଦିତ୍ୟଙ୍କ ସପକ୍ଷରେ ବାହାରିଛନ୍ତି। ଅମିତ ସ୍ପଷ୍ଟ ଭାବେ କହିଛନ୍ତି ଯେ ଆଦିତ୍ୟ କେବେ ବି ଏପରି ଏକ ଘଟଣାରେ ସମ୍ପୃକ୍ତ ରହିପାରିବେ ନାହିଁ।

ବମ୍ବେ ହାଇକୋର୍ଟ ପୂର୍ବରୁ ମୁମ୍ବାଇ ପୋଲିସକୁ କଡ଼ା ସମାଲୋଚନା କରି କହିଥିଲେ ଯେ ଛଅବର୍ଷ ଧରି କାହିଁକି ଏଫ୍‌ଆଇଆର୍ ରୁଜୁ କରାଯାଇ ନଥିଲା। ସାଲିଆନ୍‌ଙ୍କ ପିତାଙ୍କ ଆବେଦନ କ୍ରମେ କୋର୍ଟ ଏହି ମାମଲାରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଏମଏନ୍‌ଏସ୍ ମୁଖ୍ୟ ରାଜ ଠାକରେଙ୍କ ପୁତ୍ର ଅମିତ ଠାକରେ କହିଛନ୍ତି, ମୁଁ ଜାଣିନି ଏହାକୁ କିପରି ଦେଖିବି, କିନ୍ତୁ ଜଣେ ଭାଇ ଭାବରେ ମୁଁ ଆପଣଙ୍କୁ କହିପାରିବି ଯେ ଆଦିତ୍ୟ ଏଭଳି କୌଣସି କାମରେ କେବେବି ସମ୍ପୃକ୍ତ ଥାଇ ପାରିବେ ନାହିଁ।

ଏଠାରେ ସୂଚନାଯୋଗ୍ୟ ଯେ ସ୍ୱର୍ଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ୨୮ ବର୍ଷୀୟା ପୂର୍ବତନ ମ୍ୟାନେଜର ଦିଶା ସାଲିଆନ୍ ୨୦୨୦ ଜୁନ୍ ୮ ତାରିଖରେ ମୁମ୍ବାଇର ମାଲାଡ଼ ଅଞ୍ଚଳରେ ଏକ ଆବାସିକ କୋଠାର ୧୨ ମହଲାରୁ ପଡ଼ି ଜୀବନ ହରାଇଥିଲେ। ମୁମ୍ବାଇ ପୁଲିସ ଏହାକୁ ଏକ ଦୁର୍ଘଟନାରୁ ହୋଇଥିବା ମୃତ୍ୟୁ ବୋଲି ଦର୍ଶାଇ ପରେ ଏହାକୁ ଆତ୍ମହତ୍ୟା ବୋଲି କହିଥିଲା। ଏହାର ମାତ୍ର ଏକ ସପ୍ତାହ ପରେ ଜୁନ୍ ୧୪ରେ ସୁଶାନ୍ତ ସିଂହ ରାଜପୁତ ମଧ୍ୟ ବାନ୍ଦ୍ରାସ୍ଥିତ ନିଜ ବାସଭବନରେ ମୃତ ଅବସ୍ଥାରେ ମିଳିଥିଲେ, ଯାହାଫଳରେ ଉଭୟ ମୃତ୍ୟୁ ମଧ୍ୟରେ କୌଣସି ଲିଙ୍କ୍ ଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା।

## ବର୍ଷ ଶେଷ ସୁଦ୍ଧା ବାୟୁସେନାକୁ ମିଳିବ ଏଲସିଏ ମାର୍କ-୧-ଏ



**ନୂଆଦିଲ୍ଲୀ,୧୮।୯:** ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲୁକା ଯୁଦ୍ଧବିମାନ ଏଲସିଏ ମାର୍କ-୧-ଏ'ର ହସ୍ତାନ୍ତର ପ୍ରକ୍ରିୟା ଚଳିତ ବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବ। ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ୍ (ହାଲ୍)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ରବି କେ. ସୂଚନା ଦେଇଛନ୍ତି ଯେ, ବିମାନର ରାଡାର୍ ଏବଂ ଅସ୍ତ୍ରଶସ୍ତ୍ର ସଂଯୋଗ ସମ୍ପର୍କିତ ଶେଷ ପର୍ଯ୍ୟାୟ ପରୀକ୍ଷଣ ଚାଲିଛି, ଯାହା ମାସକ ମଧ୍ୟରେ ଶେଷ ହେବ। ଭାରତୀୟ ବାୟୁସେନାର ଯୁଦ୍ଧବିମାନ ସ୍କ୍ୱାଡ୍ରନ୍ ସଂଖ୍ୟା ହ୍ରାସ ପାଉଥିବା ବେଳେ ହାଲ୍ କୁ ମୋଟ ୧.୧ ଲକ୍ଷ କୋଟି ଟଙ୍କାର ୧୮୦ଟି 'ମାର୍କ-୧ଏ' ଯୁଦ୍ଧବିମାନ ପାଇଁ ଦୁଇଟି ଅର୍ଡର ମିଳିଛି। ୨୦୨୬-୨୭ ଆର୍ଥିକ ବର୍ଷରେ ବାୟୁସେନାକୁ ୧୦ଟି ଯୁଦ୍ଧବିମାନ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି, ଯେଉଁଥିପାଇଁ ଆମେରିକାର 'ଜିଇ ଏରୋସ୍ପେସ୍'ରୁ ୧୦ଟି ଇଞ୍ଜିନ୍ ମିଳିସାରିଛି।

# ୧୧.୭ କୋଟି ଭାରତୀୟ ସାଂଘାତିକ ଗ୍ରୀଷ୍ମପ୍ରବାହର ଶିକାର



- କ୍ଲାଇମେଟ୍ ସେଣ୍ଟ୍ରାଲ୍ ରିପୋର୍ଟ
- ବିଶ୍ୱରେ ଚୀନ୍ ଦ୍ୱିତୀୟ, ଇଣ୍ଡୋନେସିଆ ତୃତୀୟ

**ନୂଆଦିଲ୍ଲୀ,୧୮।୯:** ମାନବସୃଷ୍ଟ ଜଳବାୟୁ ପରିବର୍ତ୍ତନ ଯୋଗୁଁ ୨୦୨୬ ମସିହା ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଭାରତରେ ବିଶ୍ୱର ସର୍ବାଧିକ ୧୧.୭ କୋଟି ଲୋକ ୩୦ ଦିନରୁ ଅଧିକ ସମୟ ଧରି ବିପଜ୍ଜନକ ଗ୍ରୀଷ୍ମପ୍ରବାହର ସମ୍ମୁଖୀନ ହୋଇଛନ୍ତି। ଆମେରିକାଭିତ୍ତିକ ପ୍ରମୁଖ ଗବେଷଣା ସଂସ୍ଥା 'କ୍ଲାଇମେଟ୍ ସେଣ୍ଟ୍ରାଲ୍'ର ଏକ ନୂତନ ବିଶ୍ଳେଷଣରୁ ଏହି ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଛି। ଦେଶର ୫୯ଟି ସହରକୁ ନେଇ କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ, ଶ୍ରୀନଗରରେ ସର୍ବାଧିକ ୫୩ ଦିନ ଅତିରିକ୍ତ ଉତ୍ତାପ ବୃଦ୍ଧି ପାଇଥିବା ବେଳେ ଚେନ୍ନାଇରେ ୪୦ ଦିନ, ରାଜକୋଟ ଓ ଅମୃତସରରେ ୨୯ ଦିନ ଲେଖାଏଁ ଏବଂ ଲକ୍ଷ୍ନୌରେ ୨୭ ଦିନ ବିପଦପୂର୍ଣ୍ଣ ଗ୍ରୀଷ୍ମ ଅନୁଭୂତ ହୋଇଛି। ଜଳବାୟୁ ପରିବର୍ତ୍ତନ କାରଣରୁ କେବଳ ଚେନ୍ନାଇରେ ୩୦ ଦିନ, ଶ୍ରୀନଗରରେ ୨୯ ଦିନ, ତିରୁଚିରାପଲ୍ଲୀରେ ୨୯ ଦିନ ଏବଂ ମଦୁରାଇରେ ୨୩ ଦିନ ଅତିରିକ୍ତ ସାଂଘାତିକ ଖରା ରେକର୍ଡ କରାଯାଇଛି। ସେହିପରି ମୁମ୍ବାଇରେ ସର୍ବାଧିକ ୮୬ ଦିନ ତାପମାତ୍ରା ଉପରେ ଜଳବାୟୁ ପରିବର୍ତ୍ତନର ସିଧାସଳଖ ପ୍ରଭାବ ପଡ଼ିଥିଲା। ୧୯୯୧-୨୦୨୦ ସମୟସୀମା ତୁଳନାରେ ୯୦ ପ୍ରତିଶତରୁ ଅଧିକ ଗରମ ଦିନଗୁଡ଼ିକୁ ଏହି ବିପଜ୍ଜନକ ତାଲିକାରେ ରଖାଯାଇଛି, ଯାହା ମାନବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହି ତିନି ମାସ ମଧ୍ୟରେ ଜଣେ ଭାରତୀୟ ନାଗରିକ ହାରାହାରି ୩୯ ଦିନ ପ୍ରଚଣ୍ଡ ଉତ୍ତାପ ଅନୁଭବ କରିଛନ୍ତି, ଯାହା 'କ୍ଲାଇମେଟ୍ ସିଫ୍ଟ ଇଣ୍ଡେକ୍ସ' (ସିଏସ୍‌ଆଇ) ସ୍ତର ୨ କିମ୍ବା ତା'ଠାରୁ ଅଧିକ ରହିଥିଲା। ଏହି ସମୟ ମଧ୍ୟରେ ଭାରତର ହାରାହାରି ତାପମାତ୍ରା ୧୯୯୧-୨୦୨୦ ବାର୍ଷିକ ହାରାହାରି ତୁଳନାରେ ୦.୭ ଡିଗ୍ରି ସେଲ୍‌ସିୟସ୍ ଅଧିକ ଥିଲା। ବିଶ୍ୱସ୍ତରରେ ୧୫୦ କୋଟିରୁ ଅଧିକ ଲୋକ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଅତି କମ୍‌ରେ ଗୋଟିଏ ମାସ ବିପଜ୍ଜନକ ଗ୍ରୀଷ୍ମପ୍ରବାହର ସମ୍ମୁଖୀନ ହୋଇଛନ୍ତି।

### ୨୦ତମ ଜାତୀୟ ରୋଜଗାର ମେଳା ଆଜି

# ଭର୍ଚୁଆଲ ଭାବେ ନିଯୁକ୍ତିପତ୍ର ବାଣ୍ଟିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮।୯ଃ ଦେଶର ଯୁବପିଢ଼ିଙ୍କୁ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ ଏବଂ ସରକାରୀ ସେବାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଆସନ୍ତାକାଲି (ସେପ୍ଟେମ୍ବର ୧୯) ୨୦ତମ ଜାତୀୟ ରୋଜଗାର ମେଳା ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ସରକାରୀ ବିଭାଗ ଓ ସଂସ୍ଥାରେ ନୂତନ ଭାବେ ନିଯୁକ୍ତି ପାଇଥିବା ୫୧, ୦୦୦ରୁ ଅଧିକ ଯୁବକଯୁବତୀଙ୍କୁ ଆନୁଷ୍ଠାନିକ ଭାବେ ନିଯୁକ୍ତି ପତ୍ର ବଣ୍ଟନ କରିବେ ଏବଂ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଉଦବୋଧନ ଦେବେ।



ଦେଶବ୍ୟାପୀ ମୋଟ ୪୫ଟି ସ୍ଥାନରେ ଏହି ରୋଜଗାର ମେଳା ଅନୁଷ୍ଠିତ ହେଉଥିବାବେଳେ ଓଡ଼ିଶାରେ ମଧ୍ୟ ଦୁଇଟି ପ୍ରମୁଖ ସ୍ଥାନ ଅର୍ଥାତ୍ କଟକ ଏବଂ ଭୁବନେଶ୍ୱରଠାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ନବନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ପ୍ରମୁଖ ମନ୍ତ୍ରଣାଳୟ ଓ ବିଭାଗ ଯଥା ରାଜସ୍ୱ ବିଭାଗ, ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଯୋଗଦେବେ।

**ଯୋଗଦେବେ କେନ୍ଦ୍ରୀୟ ମନ୍ତ୍ରୀ ଜୁଏଲ ଓରାମ ଓ କମଲେଶ ପାଶୱାନ**

କଟକର ରେଭେନ୍ସା ବିଶ୍ୱ ବିଦ୍ୟାଳୟ ପରିସରରେ ଥିବା ରେଭେନ୍ସା କନଭେନ୍ସନ୍ ସେଣ୍ଟରରେ ଆୟୋଜିତ ହେବାକୁଥିବା କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେହିପରି ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ସ୍ଥିତ ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହେବାକୁଥିବା କାର୍ଯ୍ୟକ୍ରମରେ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ।

ଭୁବନେଶ୍ୱର କାର୍ଯ୍ୟକ୍ରମରେ ବିଭିନ୍ନ କେନ୍ଦ୍ରୀୟ ସରକାରୀ ବିଭାଗରୁ ପ୍ରାୟ ୧୬୧ ଜଣ ନବନିଯୁକ୍ତ ପ୍ରାର୍ଥୀ ଅଂଶଗ୍ରହଣ କରିବେ। ଏଥିରେ ରେଳବାଇ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ/ଏମ୍ସ, ଡାକ ବିଭାଗ, ସିଜିଏସ୍ଟି, ଆୟକର/ସିବିଡିଟି, ଇଏସ୍ଆଇସି ଓଡ଼ିଶା, ଜଳ ଶକ୍ତି ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ସିଆଇଏସ୍ଏଫ୍ ଓ ଶିକ୍ଷା ମନ୍ତ୍ରଣାଳୟ ଆଦି ବିଭିନ୍ନ ବିଭାଗର ପ୍ରାର୍ଥୀମାନେ ସାମିଲ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ରୋଜଗାର ମେଳାର ଉଦ୍ଦେଶ୍ୟ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବା ସହ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଏବଂ ନବନିଯୁକ୍ତ କର୍ମଚାରୀମାନଙ୍କର ନିଜର କାର୍ଯ୍ୟ ଅଭିଜ୍ଞତା ବାଣ୍ଟିବାର କାର୍ଯ୍ୟକ୍ରମ ରହିଛି।

## ସ୍ୱାମୀକୁ ଭୁଲି ମହିଳା ସାଥୀଙ୍କ ହାତ ଧରିଲେ ୩ ସନ୍ତାନର ମାଆ

କାନପୁର,୧୮।୯ଃ ଉତ୍ତରପ୍ରଦେଶର କାନପୁର ଜିଲ୍ଲାରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ମହାରାଜପୁର ଅଞ୍ଚଳର ଜଣେ ୩୦ ବର୍ଷୀୟା ତିନି ସନ୍ତାନର ମାଆ ନିଜ ପରିବାରକୁ ଛାଡ଼ି ପର୍ଙ୍କି ଅଞ୍ଚଳରେ ଜଣେ ୨୫ ବର୍ଷୀୟା ମହିଳା ସାଥୀଙ୍କ ସହ ରହୁଥିବା ପୁଲିସ ପକ୍ଷରୁ ଜଣାପଡ଼ିଛି। ପୁଲିସ ସୂଚନା ଅନୁଯାୟୀ, ପ୍ରାୟ ଏକ ବର୍ଷ ପୂର୍ବେ ଇନଷ୍ଟାଗ୍ରାମ ଜରିଆରେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା ଓ ପରେ ଏହା ଏକ ନିବିଡ଼ ସମ୍ପର୍କରେ ପରିଣତ ହୋଇଥିଲା। ଗତ ସେପ୍ଟେମ୍ବର ୬ ତାରିଖରେ ମହିଳା ଜଣକ ନିଜ ବାପଘରୁ ନିଖୋଜ ହୋଇଯିବା ପରେ ପରିବାର ପକ୍ଷରୁ ମହାରାଜପୁର ଥାନାରେ ଏକ ନିଖୋଜ ମାମଲା ରୁଜୁ କରାଯାଇଥିଲା। ପୁଲିସ ତଦନ୍ତ କରି କାନପୁରର ପର୍ଙ୍କି ଅଞ୍ଚଳରେ ଏକ ଭଡ଼ା ଘରୁ ମହିଳାଙ୍କୁ ଠାବ କରିଥିଲା, ଯେଉଁଠାରେ ସେ ୨୫ ବର୍ଷୀୟା ମହିଳାଙ୍କ ସହ ରହୁଥିଲେ। ଉଭୟ ମହିଳା ପୁଲିସକୁ ଜଣାଇଛନ୍ତି ଯେ ସେମାନେ ସ୍ୱେଚ୍ଛାକୃତ ନିଷ୍ପତ୍ତି କ୍ରମେ ଏକାଠି ରହିବାକୁ ଚାହୁଁଛନ୍ତି। ବୁଧବାର ରାତିରେ ପୁଲିସ ଷ୍ଟେସନରେ ପରିବାରବର୍ଗ ବୁଝାସୁଝା କରିବା ସତ୍ତ୍ୱେ ମହିଳା ଜଣକ ନିଜ ସ୍ୱାମୀ ଓ ସନ୍ତାନମାନଙ୍କ ପାଖକୁ ଫେରିବାକୁ ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି।

### ଏମ୍‌ଏମ୍‌ଡିଆର ପ୍ରତ୍ୟାହାର ଦାବିରେ ପ୍ରତିବାଦ ସମାବେଶ

## ବିଧାନସଭା ଘେରାଉ ପାଇଁ ପିସିସି ସଭାପତିଙ୍କ ଚେତାବନୀ



ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ)ଃ ଏମ୍‌ଏମ୍‌ଡିଆର ଆଇନ ବିରୋଧରେ କଂଗ୍ରେସର ରାଜ୍ୟବ୍ୟାପୀ ବିରୋଧ ପ୍ରଦର୍ଶନ ପରିପେକ୍ଷୀରେ ସୁନ୍ଦରଗଡ଼ଠାରେ ଏକ ବିଶାଳ ପ୍ରତିବାଦ ସମାବେଶକୁ ସମ୍ବୋଧନ କରି କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଆକ୍ଷେପ କରିଥିଲେ ଯେ ପୂର୍ବରୁ ବିଜେଡି ଲୁଟୁଥିଲା, ଏବେ ବିଜେପି ଲୁଟୁଛି। ସବୁବେଳେ ସାଧାରଣ ଜନତା ଲୁଟର ଶିକାର ହେଉଛନ୍ତି। କେବଳ କଂଗ୍ରେସ ହିଁ ଜନସାଧାରଣଙ୍କ ସେବା କରିପାରିବ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ଯିଏ ରକ୍ତରେ କୁକୁରୁଡୁ ହୋଇ ଜନତାଙ୍କ ପାଇଁ ସଂଗ୍ରାମ କରନ୍ତି, ଯିଏ ନିୟମଗିରି ପାହାଡ଼କୁ ବଞ୍ଚାଇଥିଲେ, ତାଙ୍କ ନେତୃତ୍ୱରେ ହିଁ ଲୋକଙ୍କ ସରକାର ଗଠନ ହୋଇପାରିବ। ଜନସାଧାରଣଙ୍କ ପ୍ରତି କେବଳ କଂଗ୍ରେସର ସମର୍ପଣ ଭାବ ରହିଛି। ସେ କହିଥିଲେ ଯେ ଶିକ୍ଷା ବ୍ୟବସ୍ଥା ଧ୍ୱଂସ କରିସାରିଲେଣି, ଆମ ପିଲାମାନଙ୍କୁ ଗୋଲାମ ଓ ନିରକ୍ଷର କରିବାକୁ ଚାହୁଁଛି ବିଜେପି ସରକାର। ଏମାନେ ଆମର ସମସ୍ତ ଜମି ନିଜ ପାଖକୁ ନେଇଗଲେଣି। ଜମି ଓ ଜଙ୍ଗଲକୁ ବଞ୍ଚାଇବାକୁ ହେଲେ ଆମକୁ ସଂଗ୍ରାମ କରିବାକୁ ପଡ଼ିବ, ନଚେତ୍ ଦିନ ଆସିବ ରାଜ୍ୟବାସୀ ନିଜର ଅଧିକାର ସବୁ ହରାଇବସିବେ। ଆମ ଟଙ୍କାରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ପାଇଁ ମାସେ କାଳ ଯାକଜମକରେ ଦୀପ ଜଳାଇବା ପାଇଁ ସରକାର କହୁଛନ୍ତି। ଏଠାରେ ଲୋକ ଜଳ, ଜଙ୍ଗଲ, ଜମି ହରାଇ ବିସ୍ଥାପିତ ହେଉଥିବା ବେଳେ ଜନ୍ମଦିନ ପାଳନ କରିବା ଅତ୍ୟନ୍ତ ଦୁଃଖଦ। ଆଗାମୀ ଦିନରେ ୫୦ ହଜାର ଲୋକଙ୍କ ସହ ବିଧାନସଭା ଘେରାଉ କରାଯିବ। ସେଦିନ ରାଜ୍ୟର କୌଣସି ଖଣି ଚାଲିବ ନାହିଁ ବୋଲି ଘୋଷଣା କରିବୁ। ସବୁ ବନ୍ଦ ରହିବ। ଜନବିରୋଧୀ ସରକାର ବିରୋଧରେ ସଂଗ୍ରାମ ହେବ। ଏମ୍‌ଏମ୍‌ଡିଆର ବିଲ୍ ପ୍ରତ୍ୟାହାର ନ ହେଲେ ସାଧାରଣ ଜନତା ଉଠାଇଦେବେ ବୋଲି ସେ ଚେତାବନୀ ଦେଇଛନ୍ତି।

### କଟକରେ ଗଣେଶ ପୂଜା ଭସାଣି ପ୍ରସ୍ତୁତି

## ଦେବୀଗଡ଼ା ଅସ୍ଥାୟୀ ପୋଖରୀ ସମୀକ୍ଷା କଲେ ମେୟର

କଟକ,୧୮।୯(ସଂଚାର ବ୍ୟୁରୋ)ଃ ଆସନ୍ତା ରବିବାର କଟକ ସହରରେ ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟ ଗଣେଶ ପୂଜା ଭସାଣି ଅନୁଷ୍ଠିତ ହେବାକୁ ଥିବାବେଳେ ଏହାକୁ ଶାନ୍ତିଶୃଙ୍ଖଳା ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନିମନ୍ତେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସକାଳେ କଟକ ମେୟର ସୁବାସ ସିଂହ, କଟକ ମହାନଗର ନିଗମ କମିଶନର କିରଣଦୀପ କୌର ସହୋତା, ସ୍ଥାନୀୟ କର୍ପୋରେଟର ଓ ଶାନ୍ତି କମିଟିର ସଦସ୍ୟମାନେ ଦେବୀଗଡ଼ାସ୍ଥିତ ଭସାଣି ସ୍ଥଳ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଗଣେଶ ମୂର୍ତ୍ତି ବିସର୍ଜନ ନିମନ୍ତେ ଦେବୀଗଡ଼ାଠାରେ ନିର୍ମିତ ଅସ୍ଥାୟୀ ପୋଖରୀ, ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା, ଆଲୋକୀକରଣ ଏବଂ ଯାତାୟାତ ପାଇଁ ନିର୍ମିତ ଅସ୍ଥାୟୀ ରାସ୍ତାର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଅସ୍ଥାୟୀ ପୋଖରୀରେ ପର୍ଯ୍ୟାପ୍ତ ଜଳ ମହଜୁଦ ରଖିବା ସହ ଭସାଣି ସମୟରେ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ମେୟର ସମ୍ପୃକ୍ତ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଭସାଣି ସ୍ଥଳରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ଅଗ୍ନିଶମ ସେବା, ଆପତ୍କାଳୀନ ସେବା ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ ଯେ, କଟକ ସହରର ବିଭିନ୍ନ ଅଞ୍ଚଳରେ ଚଳିତ ବର୍ଷ ପ୍ରାୟ ୨, ୦୦୦ଟି ଗଣେଶ ମୂର୍ତ୍ତି ପୂଜା ପାଉଥିବାବେଳେ, ପ୍ରଶାସନ ପକ୍ଷରୁ ସମସ୍ତ ମୂର୍ତ୍ତିକୁ ତିନୋଟି ପର୍ଯ୍ୟାୟରେ ବିସର୍ଜନ କରିବାକୁ ଅନୁରୋଧ କରାଯାଇଛି।



### ଓଡ଼ିଶା ଟି-ଟ୍ୱେଣ୍ଟି ଲିଗ୍‌—ସିଏମ ଟ୍ରଫି

## ରାଉରକେଲା ସୁପରଷ୍ଟାର୍ସର ଅଫିସିଆଲ୍ ଜର୍ସି ଉନ୍ମୋଚିତ



ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ)ଃ ଆଗାମୀ ଭାରତ ମସଲା ଓଡ଼ିଶା ଟି-ଟ୍ୱେଣ୍ଟି ଲିଗ୍- ସିଏମ ଟ୍ରଫି ପାଇଁ ରାଉରକେଲା ସୁପରଷ୍ଟାର୍ସ ଶୁକ୍ରବାର ଭୁବନେଶ୍ୱରସ୍ଥିତ ପ୍ରାଚୀ ସରୋବରରେ ନିଜର ଅଫିସିଆଲ୍ ଜର୍ସି ଉନ୍ମୋଚନ କରିଛି। ଆସନ୍ତା ୨୦ରୁ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ ୬ଟି ଦଳ ଚାମ୍ପିୟନ୍ ଟାଇଟଲ୍ ପାଇଁ ପ୍ରତିଯୋଗିତା କରିବେ। ପ୍ରତିଯୋଗିତା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ଟି-ଟ୍ୱେଣ୍ଟି ଲିଗ୍‌ର ନୂଆ ସିଜନରେ ସମସ୍ତ ଫ୍ରାଞ୍ଚାଇଜି ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହେଉଛନ୍ତି। ଜର୍ସି ଉନ୍ମୋଚନ ରାଉରକେଲା ସୁପରଷ୍ଟାର୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ୍। ଟିମ୍‌ରେ ଯୁବ ପ୍ରତିଭାଙ୍କ ସହ ଅଭିଜ୍ଞ ଖେଳାଳିଙ୍କ ସମନ୍ୱୟ ରହିଛି। ଜର୍ସି ଉନ୍ମୋଚନ ଅବସରରେ ରାଉରକେଲା ସୁପରଷ୍ଟାର୍ସର ସହ-ମାଲିକ ସମ୍ଭୃତ୍ ଭାଟିଆ ଓଡ଼ିଶାର ଯୁବ କ୍ରିକେଟରଙ୍କୁ ପ୍ରୋତ୍ସାହନ ଦେବା ସହ ସେମାନଙ୍କୁ ଉଚ୍ଚସ୍ତରୀୟ କ୍ରିକେଟ୍ ପାଇଁ ଏକ ସୁଯୋଗ ଦେବା ଉପରେ ଫ୍ରାଞ୍ଚାଇଜି ଗୁରୁତ୍ୱାରୋପ କରିଥିଲେ।

ସେ କହିଥିଲେ ଯେ ଓଡ଼ିଶାର ଯୁବ କ୍ରିକେଟ୍ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଓ ପ୍ରତିଭାବାନ ଖେଳାଳିଙ୍କୁ ବଡ଼ ମଞ୍ଚରେ ପ୍ରଦର୍ଶନ କରିବାର ସୁଯୋଗ ଦେବା ଆମର ଲକ୍ଷ୍ୟ। ଆମେ ଏଭଳି ଏକ ଶକ୍ତିଶାଳୀ ପଥ ସୃଷ୍ଟି କରିବାକୁ ଚାହୁଁଛୁ, ଯାହା ମାଧ୍ୟମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଖେଳାଳିମାନେ ମୂଲ୍ୟବାନ ଅଭିଜ୍ଞତା ହାସଲ କରିପାରିବେ, ନିଜ ଦକ୍ଷତା ବିକଶିତ କରିପାରିବେ ଓ ଅଭିଜ୍ଞ କ୍ରିକେଟରଙ୍କଠାରୁ ଶିଖିପାରିବେ। ଆମର ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ କ୍ରିକେଟ୍‌ର ଉଚ୍ଚ ସ୍ତରକୁ ଯିବାରେ ସହାୟତା କରିବା ଓ ଭବିଷ୍ୟତରେ ଓଡ଼ିଶା ଓ ଦେଶ ପାଇଁ ଖେଳିବାର ସୁଯୋଗ ସୃଷ୍ଟି କରିବା।

ଅନ୍ୟତମ ସହ-ମାଲିକ ପାର୍ଥ ଲୁଥ୍ରା ଟୁର୍ଣ୍ଣାମେଣ୍ଟ ପାଇଁ ଗଠିତ ଦଳକୁ ନେଇ ଆତ୍ମବିଶ୍ୱାସ ପ୍ରକାଶ କରିଥିଲେ। ଅଭିଜ୍ଞତା ଓ ଯୁବ ପ୍ରତିଭାର ସମନ୍ୱୟ ଦଳକୁ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବାରେ ସହାୟକ ହେବ ବୋଲି ସେ କହିଥିଲେ। ସେ କହିଥିଲେ ଯେ ପ୍ରତିଯୋଗିତା ପାଇଁ ଆମେ ଗଠନ କରିଥିବା ଦଳକୁ ନେଇ ମୁଁ ବହୁତ ଉତ୍ସାହିତ। ଆମ ପାଖରେ ଏକ ସନ୍ତୁଳିତ ଓ ପ୍ରତିଯୋଗିତାମୂଳକ ଦଳ ରହିଛି। ଦଳରେ ଅନେକ ଖେଳାଳିଙ୍କ ପାଖରେ ରଣଜୀ ଟ୍ରଫିର ଅଭିଜ୍ଞତା ରହିଛି। ଅଭିଜ୍ଞ ଖେଳାଳି ଏବଂ ଯୁବ ପ୍ରତିଭାଙ୍କ ମିଶ୍ରଣ ଆମ ଦଳକୁ ଶକ୍ତିଶାଳୀ କରିଛି। ଆମେ ଭଲ ପ୍ରଦର୍ଶନ କରିବା ସହ ଟୁର୍ଣ୍ଣାମେଣ୍ଟରେ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆତ୍ମବିଶ୍ୱାସୀ।



ସାଧାରଣ ଲୋକଙ୍କ ନେତାଃ ଜଣେ ମା'ର କଥାକୁ ମନଦେଇ ଶୁଣୁଛନ୍ତି ଦରଦୀ ବିଧାୟକ ଅରୁଣ ସାହୁ।

## କୃଷ୍ଣନଗରରେ ଭୁଶୁଡିଲା ପୁରୁଣା ଘର

କୋଲକାତା,୧୮।୯ (ସଂଚାର ବ୍ୟୁରୋ)ଃ ନଦିଆ ଜିଲ୍ଲାର କୃଷ୍ଣନଗରସ୍ଥିତ କଦମତଳା ଶିବ ମନ୍ଦିର ନିକଟରେ ଗୁରୁବାର ରାତିରେ ହଠାତ୍ ଏକ ପୁରୁଣା ଘର ଭୁଶୁଡ଼ି ପଡ଼ିଛି। ସ୍ଥାନୀୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଏହି ଘରଟି ବାବଲୁ ସିଂହ ରାୟଙ୍କର। ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ବର୍ଷା ପରେ ଏହି ଜରାଜୀର୍ଣ୍ଣ ଘରଟି ଭୁଶୁଡ଼ି ପଡ଼ିଥିଲା। ଘଟଣା ସମୟରେ ବାବଲୁ ସିଂହ ରାୟଙ୍କ ବୃଦ୍ଧା ଶାଶୁ ଘର ଭିତରେ ଥିଲେ। ତେବେ ତାଙ୍କ ଝିଅ ଅଜନ୍ତା ସିଂହ ରାୟ ଏବଂ ମଝିଆ ଝିଅ, ଜ୍ୱାଇଁ ଓ ନାତି ଘର ବାହାରେ ଥିବାରୁ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ।

## ଗଳା କାଟି ମହିଳାଙ୍କୁ ହତ୍ୟା

କୋଲକାତା,୧୮।୯(ସଂଚାର ବ୍ୟୁରୋ)ଃ ଶୁକ୍ରବାର ସକାଳେ କାଟୱା ଅଞ୍ଚଳର ବାନ୍ଦ୍ରା ଗ୍ରାମରେ ଜଣେ ମହିଳାଙ୍କୁ ଗଳା କାଟି ହତ୍ୟା କରାଯାଇଛି। ମୃତ ମହିଳାଙ୍କୁ ଚିନ୍ତା ମଣ୍ଡଳ (୪୮) ଭାବେ ଚିହ୍ନଟ କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ ଘରର ଚଟାଣରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବାର ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ କାଟୱା ଏସ୍‌ଡିପିଓ କାଶୀନାଥ ମିସ୍ତ୍ରୀ ଓ ସ୍ଥାନୀୟ ଥାନାର ଇନ୍ସପେକ୍ଟର-ଇନ୍-ଚାର୍ଜଙ୍କ ନେତୃତ୍ୱରେ ପୁଲିସର ଏକ ବଡ଼ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କାଟୱା ଉପ-ଖଣ୍ଡ ହସ୍ପିଟାଲକୁ ପଠାଇଛି।

## ପରିବହନ ବିଭାଗର ଅତିରିକ୍ତ ସଚିବ ଗିରଫ

● ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ)ଃ ପରିବହନ ବିଭାଗର ଅତିରିକ୍ତ ସଚିବଙ୍କ ସାଙ୍ଘାତିକ କାରନାମା। ତାଙ୍କ ନାଁରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଜଣେ ମହିଳା ସହଯୋଗୀ। ପରିବହନ ବିଭାଗରେ ଷ୍ଟେନୋ ଭାବେ କାମ କରୁଥିବା ମହିଳା କର୍ମଚାରୀ ଥାନାରେ ଦେଇଥିବା ଲିଖିତ ଅଭିଯୋଗ ଅନୁସାରେ, ଦୀର୍ଘ ଦିନ ହେବ ପଦର ଅପବ୍ୟବହାର କରି ଅତିରିକ୍ତ ସଚିବ ଜଣଙ୍କ ତାଙ୍କୁ ଯୌନ ଶୋଷଣ କରିଛନ୍ତି। ଏମିତିକି ଗତକାଲି ବିଳମ୍ବିତ ରାତିରେ ଘରର କବାଟ ବାଡ଼େଇବା ସହ ଜୋରଜବରଦସ୍ତି ଭିତରକୁ ଧସେଇ ପଶି ମାଡ଼ ମାରି ତାଙ୍କ ତଣ୍ଟି ଚିପି ଦେଇଥିଲେ ବୋଲି ଅଭିଯୋଗ ଆଣିଥିଲେ ପୀଡ଼ିତା। ପୀଡିତାଙ୍କ ବୟାନ ଓ ମାମଲାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା ଖାରବେଳ ନଗର ଥାନା ପୁଲିସ। ଆଉ ତଦନ୍ତ ପରେ ଅତିରିକ୍ତ ସଚିବଙ୍କ ବିରୋଧରେ ପୁଲିସ ଲଗାଇଛି ସଙ୍ଗୀନ ଦଫା। ଦୁଷ୍କର୍ମ, କ୍ଷମତା ତଥା ପଦବୀର ଦୁରୁପଯୋଗ କରି ସହକର୍ମୀଙ୍କୁ ଦୁଷ୍କର୍ମ, ହତ୍ୟା ଉଦ୍ୟମ, ଅଶ୍ଳୀଳ କାର୍ଯ୍ୟ, ଧମକ ଆଦି ଅଭିଯୋଗରେ ମାମଲା ରୁଜୁ କରି ଗିରଫ କରିଛି। ପରିବହନ ବିଭାଗ ଅତିରିକ୍ତ ସଚିବ ଗିରଫଦାରୀ ପରେ ସରକାରୀ ଦପ୍ତରରେ କାର୍ଯ୍ୟରତ ଯୁବତୀ ଓ ମହିଳାଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ।



### ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ୀକରଣ ନେଇ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

## ମିଛ ଚର୍ଚ୍ଚାରେ ଭୟଭୀତ ନ ହେବାକୁ ପରାମର୍ଶ



ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ)ଃ ସମ୍ଭାବ୍ୟ ଲଘୁଚାପ ଓ ଏହାର ପ୍ରଭାବ ସମ୍ପର୍କରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସେ ବିପର୍ଯ୍ୟୟ ସମ୍ପର୍କିତ କୌଣସି ବି ଚର୍ଚ୍ଚାରେ ଭୟଭୀତ ନ ହେବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ଆଗାମୀ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ସମ୍ପର୍କରେ ସୁବିସ୍ତୃତ ସମୀକ୍ଷା କରି ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଆଜି ପ୍ରାତଃ ସାଢ଼େ ୮ଟାରେ ଉତ୍ତର ଥାଇଲ୍ୟାଣ୍ଡ ଉପରେ ଏକ ଉପରିଭାଗୀୟ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି ଏବଂ ଏହା ସମୁଦ୍ର ପତ୍ତନଠାରୁ ୯.୪ କିମି ଉଚ୍ଚତା ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି। ଏହା ଆଜି ସନ୍ଧ୍ୟା ସୁଦ୍ଧା ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳକୁ ଆସିବାର ସମ୍ଭାବନା ରହିଛି ଓ ଏହାର ପ୍ରଭାବରେ ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସେହି ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ଘନୀଭୂତ ହୋଇ ଆଗାମୀ ୩-୪ ଦିନ ମଧ୍ୟରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଆଡ଼କୁ ଅଗ୍ରସର ହେବାର ସମ୍ଭାବନା ରହିଛି। ତେବେ ଏହାର ସଠିକ୍ ରୂପରେଖ ସମ୍ପର୍କରେ ଆଗାମୀ ଦୁଇ ଦିନ ଭିତରେ ଜଣାପଡ଼ିବ। ଏ ସଂକ୍ରାନ୍ତରେ ଭାରତ ପାଣିପାଗ ବିଭାଗ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ପୂର୍ଣ୍ଣ ସମ୍ପର୍କରେ ରହିଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣ ଅନ୍ୟାନ୍ୟ ମିଥ୍ୟା ଖବର ମାଧ୍ୟମରେ ଭୟଭୀତ ନ ହୋଇ କେବଳ ଭାରତର ପାଣିପାଗ ବିଭାଗ ତଥା ସରକାରୀ ସ୍ୱୀକୃତିପ୍ରାପ୍ତ ଉତ୍ସରୁ ପ୍ରଦତ୍ତ ସୂଚନାକୁ ବିଶ୍ୱାସ କରିବା ନିମନ୍ତେ ରାଜସ୍ୱ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ନାବାଳିକାଙ୍କୁ ଗଣଦୁଷ୍କର୍ମ ପରେ ହତ୍ୟା

● ୪ ଜଣ ଅଭିଯୁକ୍ତ ଅଟକ

ନୂଆଦିଲ୍ଲୀ,୧୮।୯ଃ ଦିଲ୍ଲୀର ସ୍ୱରୂପ ନଗର ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଗଣଦୁଷ୍କର୍ମ ପରେ ନିର୍ମମ ଭାବେ ହତ୍ୟା କରାଯାଇଥିବା ଘଟଣାରେ ଗୁରୁବାର ପୁଲିସ ୪ ଜଣଙ୍କୁ ଅଟକ ରଖିଛି। ଅଟକମାନଙ୍କ ମଧ୍ୟରେ ୧୯ ବର୍ଷୀୟ ଶିବମ୍ ଗଣେଶଙ୍କ ସମେତ ୩ ଜଣ ନାବାଳକ ଅଛନ୍ତି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ଶୁକ୍ରବାର ରାତିରେ ନାବାଳିକା ଜଣକ ତାଙ୍କର ଜଣେ ୧୭ ବର୍ଷୀୟ ପରିଚିତ ନାବାଳକଙ୍କୁ ଭେଟିବାକୁ ଯାଇଥିଲେ। ସେଠାରେ ଦୁଷ୍କର୍ମର ଶିକାର ହେବା ପରେ ନାବାଳିକା ଜଣକ ପୁଲିସରେ ଅଭିଯୋଗ କରିବାକୁ ଚେତାବନୀ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଅଭିଯୁକ୍ତ ଜଣକ ନିଜର ଅନ୍ୟ ତିନି ସହଯୋଗୀଙ୍କୁ ଡାକିଥିଲେ ଓ ସମସ୍ତେ ମିଶି ସାମୂହିକ ଦୁଷ୍କର୍ମ କରିବା ପରେ ଛୁରୀ ଭୁସି ହତ୍ୟା କରିଥିଲେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନରାଜରେ ପ୍ରତିଷ୍ଠା...

ଆଲୋଚନା ଏହି ଗତିକୁ ଆହୁରି ଆଗକୁ ବଢ଼ାଇବା ଓ ଓଡ଼ିଶାକୁ ପରବର୍ତ୍ତୀ ପର୍ଯ୍ୟାୟର ସେମିକଣ୍ଡକ୍ଟର ନିବେଶ ଆଣିବା ଉପରେ କେନ୍ଦ୍ରୀଭୂତ ରହିଛି। ଆମେ ଏଭଳି ଏକ ଇକୋସିଷ୍ଟମ ଗଠନ କରିବାକୁ ଚାହୁଁଛୁ, ଯେଉଁଠାରେ ବିଶ୍ୱସ୍ତରୀୟ ଓ ଭାରତୀୟ ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକ ଉତ୍ପାଦନ, ନବସୃଜନ ଓ ବିକାଶ କରିପାରିବେ। ଓଡ଼ିଶା ପାଭିଲିୟନରେ ପ୍ରଦର୍ଶିତ ହୋଇଥିବା ସ୍ୟାଣ୍ଡ ଟୁ ସିଲିକନ୍ (ବାଲିରୁ ସିଲିକନ୍) ପ୍ରଦର୍ଶନୀ ରାଜ୍ୟର ଏହି ନୂତନ ଯାତ୍ରାକୁ ବେଶ୍ ଆକର୍ଷଣୀୟ ଭାବେ ଉପସ୍ଥାପନ କରୁଛି। ଏହି ପ୍ରଦର୍ଶନୀ ରାଜ୍ୟର ପରିଚୟକୁ ସିଲିକନ୍ ଓ ଉନ୍ନତ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏହାର ବର୍ଦ୍ଧିତ ମହତ୍ତ୍ୱାକାଂକ୍ଷା ସହ ସଂଯୋଗ କରି ରାଜ୍ୟର ସେମିକଣ୍ଡକ୍ଟର ଯାତ୍ରାକୁ ଏକ ସ୍ୱତନ୍ତ୍ର ଓଡ଼ିଆ ଅଭିବ୍ୟକ୍ତି ପ୍ରଦାନ କରୁଛି। ଏହା ଓଡ଼ିଶାର 'ମାଇନ୍ ଇକୋନୋମି' (ଖଣି ଅର୍ଥନୀତି)ରୁ 'ମାଇଣ୍ଡ ଇକୋନୋମି' (ଜ୍ଞାନ ଅର୍ଥନୀତି) ଆଡ଼କୁ ଅଗ୍ରସର ହେବାର ବୃହତ୍ତର ଦୂରଦୃଷ୍ଟି ସହ ମଧ୍ୟ ଓତଃପ୍ରୋତ ଭାବେ ଜଡ଼ିତ। କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ବ୍ୟତୀତ ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ଉଭା ହେବା ପାଇଁ ଆବଶ୍ୟକ ହେଉଥିବା ବ୍ୟାପକ ଇକୋସିଷ୍ଟମ୍ ଗଠନ ନିମନ୍ତେ ଓଡ଼ିଶା କ୍ରମାଗତ ଭାବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ରାଜ୍ୟ ସରକାର ସେମିକଣ୍ଡକ୍ଟର ନୀତିକୁ ବିକଶିତ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦ ସହ ସମନ୍ୱୟ ରକ୍ଷା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଏହାର ସେମିକଣ୍ଡକ୍ଟର ନୀତିର ସଦ୍ୟତମ ତୃତୀୟ ସଂଶୋଧନ ମାଧ୍ୟମରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ସହାୟତାକୁ ଆହୁରି ବ୍ୟାପକ କରାଯାଇଛି। ଏହି ସଂଶୋଧନ ଜରିଆରେ ଓଡ଼ିଶା ପକ୍ଷରୁ ସେମିକଣ୍ଡକ୍ଟର ଉପକରଣ ତିଆରି, ସେମିକଣ୍ଡକ୍ଟର-ଗ୍ରେଡ୍ ଗ୍ୟାସ୍, କଞ୍ଚାମାଲ ଓ ଯୋଗାଣ ଶୃଙ୍ଖଳା ବିଭାଗରେ ଆଇଏସଏମ-ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ୨୫ ପ୍ରତିଶତ ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ବର୍ତ୍ତମାନର ନୀତିଗତ ବ୍ୟବସ୍ଥା ଅଧୀନରେ ୱାର୍କଫୋର୍ସର ଦକ୍ଷତା ବୃଦ୍ଧି, ଇଣ୍ଟର୍ନସିପ୍, ଆନ୍ତର୍ଜାତୀୟ ପେଟେଣ୍ଟ୍ ଓ ଗବେଷଣା ତଥା ବିକାଶ ପାଇଁ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି। ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗରେ ମତ ପ୍ରକାଶ କରି କହିଛନ୍ତି ଯେ ଆମର ଲକ୍ଷ୍ୟ କେବଳ ଗୋଟିଏ କ୍ଷେତ୍ରକୁ ଅଲଗା ଭାବରେ ନ ଦେଖି ବରଂ ସେମିକଣ୍ଡକ୍ଟର ପୁଞ୍ଜିନିବେଶ ଚାରି ପାଖରେ ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ ବା ପରିବେଶ ସୃଷ୍ଟି କରିବା। ଓଡ଼ିଶା ଏହାର ନୀତିଗତ ଢାଞ୍ଚା ସହ ସମନ୍ୱୟ କରିବାରେ ଜଣେ ଅଗ୍ରଣୀ ରାଜ୍ୟ ହୋଇଥିବା ବେଳେ ଉପକରଣ, ସାମଗ୍ରୀ, ଗ୍ୟାସ୍ ଓ ଯୋଗାଣ ଶୃଙ୍ଖଳା ଭଳି କ୍ଷେତ୍ରଗୁଡ଼ିକୁ ମଧ୍ୟ ବ୍ୟାପକ ସହାୟତା ଯୋଗାଉଛି। ଏହା ସହ ଆମେ ବିଶେଷଜ୍ଞ ପ୍ରତିଭା ନିର୍ମାଣ ଏବଂ କମ୍ପାନୀଗୁଡ଼ିକୁ ରାଜ୍ୟରେ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିବା ଓ ସେଗୁଡ଼ିକୁ ଆହୁରି ବଢ଼ାଇବା ପାଇଁ ଆବଶ୍ୟକ ସମସ୍ତ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାରେ ନିବେଶ କରୁଛୁ।

### କୁଆଖାଇ ନଦୀପଠା...

ଦାବି କରାଯାଇଥିଲା। ଏହାର ଆଧାର ଭାବେ ୧୯୪୪ର ଏକ ଲିଜ୍ ଦଲିଲ ଏବଂ ପରବର୍ତ୍ତୀ ବିକ୍ରୟ ଦଲିଲ ଦର୍ଶାଯାଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ ନିକଟରେ ଜମି ନିହିତ ହେବା ପରେ ମଧ୍ୟ ବ୍ୟକ୍ତିଗତ ଅଧିକାର ଜାରି ରହିଥିବା ପ୍ରମାଣ କରିବା ପାଇଁ କୌଣସି ସନ୍ତୋଷଜନକ ସରକାରୀ ଆଦେଶ କିମ୍ବା ବୈଧ ଅନୁମୋଦନ ଦାଖଲ ହୋଇ ନ ଥିଲା। ପୂର୍ବରୁ ସେଟଲମେଣ୍ଟ ପ୍ରକ୍ରିୟାରେ ଦିଆଯାଇଥିବା ଆଦେଶକୁ ମଧ୍ୟ ବିପକ୍ଷ ପକ୍ଷ ନିଜ ଅଧିକାରର ଆଧାର କରିଥିଲେ। ତେବେ ରାଜସ୍ୱ ପରିଷଦ ସ୍ପଷ୍ଟ କରିଥିଲେ ଯେ କେବଳ ସେଟଲମେଣ୍ଟ ରେକର୍ଡରେ ନାମ ଥିବା, ମ୍ୟୁଟେସନ୍ ହେବା କିମ୍ବା ବିକ୍ରୟ ଦଲିଲ ପଞ୍ଜୀକୃତ ହେବା ଦ୍ୱାରା ନୂଆ ମାଲିକାନା ଅଧିକାର ସୃଷ୍ଟି ହୁଏ ନାହିଁ। ବିକ୍ରେତାଙ୍କ ପାଖରେ ଯେତିକି ଅଧିକାର ଥିଲା, କ୍ରେତା ତାହାଠାରୁ ଅଧିକ ଅଧିକାର ପାଇପାରିବେ ନାହିଁ। ତହସିଲଦାରଙ୍କ କ୍ଷେତ୍ର ପରିଦର୍ଶନ ରିପୋର୍ଟରେ ମଧ୍ୟ ଜମିଟି କୁଆଖାଇ ନଦୀ ଦ୍ୱାରା ପ୍ରଭାବିତ ହେଉଥିବା ଦର୍ଶାଯାଇଥିଲା। ଏହା ପୁରୁଣା ରେକର୍ଡରେ ଥିବା 'ନଦୀ' କିସମକୁ ଆହୁରି ଗୁରୁତ୍ୱ ଦେଇଥିଲା। ସମସ୍ତ ରେକର୍ଡ ଓ ପ୍ରମାଣ ବିଚାର କରି ରାଜସ୍ୱ ପରିଷଦ ବିବାଦୀୟ ୫ ଏକର ନଦୀ ପଠା ଜମିର ବ୍ୟକ୍ତିଗତ ରେକର୍ଡକୁ ବାତିଲ କରିଛନ୍ତି। ଭୁବନେଶ୍ୱର ତହସିଲଦାରଙ୍କୁ ସାବିକ ଓ ହାଲ୍ ରେକର୍ଡ, ମାନଚିତ୍ର ଏବଂ ବର୍ତ୍ତମାନର ସ୍ଥିତି ଯାଞ୍ଚ କରି ଆଇନ ଅନୁଯାୟୀ ସାଧାରଣ ପ୍ରଶାସନ ବିଭାଗ ନାମରେ ଆବଶ୍ୟକ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ମଞ୍ଚ ତ୍ୟାଗ କରି...

ପ୍ରକାଶ କରିବା ସହ କାହା ଇଙ୍ଗିତରେ ପ୍ରଶାସନ ଏଭଳି ନିଷ୍ପତ୍ତି ନେଲେ? ପ୍ରଥମେ ନିମନ୍ତ୍ରଣ କରି ଡାକିଲେ ଓ ପରେ ରାତିରେ ଫୋନ କରି ମନା କଲେ, ଏହାକୁ ବିଧାୟକଙ୍କ ସମର୍ଥକମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ଏହି ପ୍ରସଙ୍ଗରେ ବିଧାୟକ ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି ଯେ ଯଦି ତାଙ୍କ କହିବାନୁସାରେ କିଛି ବି ଆଇନ୍‌ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସୂଚନା ଥିଲା, ତା'ହେଲେ ଜିଲ୍ଲାରେ ଥିବା ପୁଲିସ ବାହିନୀ କ'ଣ ସୁରକ୍ଷା ଦେଇ ପାରିନଥାନ୍ତେ? କାହା ଇଙ୍ଗିତରେ କାହାକୁ ଭୟ କରି ତାଙ୍କୁ ଅଧୀକ୍ଷଣ ଯନ୍ତ୍ରୀ ବାରଣ କଲେ? ସେ ଅଞ୍ଚଳର ବିଧାୟକ ହୋଇଥିବା ବେଳେ ଅଧୀକ୍ଷଣ ଯନ୍ତ୍ରୀଙ୍କ ଆଚରଣ ଯୋଗୁଁ ତାଙ୍କର ମର୍ଯ୍ୟାଦା ହାନି ହୋଇଛି। ଏଥିପାଇଁ କିଏ ଦାୟୀ ହେବ ବୋଲି କହିବା ସହ ଶ୍ରୀ ସାହୁ ଚଟାଣ ଉପରେ ବସି ରହିଥିଲେ। ଶେଷରେ ଜିଲ୍ଲାପାଳଙ୍କ ସମେତ ମଞ୍ଚସ୍ଥ ସମସ୍ତ ବିଧାୟକ ଓ ଅଧିକାରୀମାନେ ବିଧାୟକଙ୍କୁ ହାତ ଧରି ଉଠାଇଥିଲେ। ସୂଚନାଯୋଗ୍ୟ ଯେ ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ପଡ଼ା ପଞ୍ଚାୟତର ମିଜାଉଣୀ ଗାଁ ନିକଟରେ ଗତ ୧୦ ତାରିଖରେ ବ୍ଲକ୍‌ସ୍ତରୀୟ ଇନଡୋର୍ ଷ୍ଟାଡିୟମ୍‌ର ଶିଳାନ୍ୟାସ କରିଥିଲେ। ଏଥିପାଇଁ ୧୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଷ୍ଟାଡିୟମ୍ ନିର୍ମାଣ ହେଲେ ଗ୍ରାମାଞ୍ଚଳର କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ ହେବା ସହ ବହୁ କ୍ରୀଡ଼ା ପ୍ରତିଭା ସୃଷ୍ଟି ହୋଇପାରିବେ ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଯୋଗ ଦେବାର ଥିଲା। କାର୍ଯ୍ୟକ୍ରମ ବାତିଲ ହେବାରୁ ସେ ଅନୁପସ୍ଥିତ ଥିଲେ। ମାତ୍ର ଶିଳାନ୍ୟାସ ଉତ୍ସବ ଆୟୋଜନ ଯୋଗୁଁ ବିଜେପି କର୍ମୀମାନେ ଏହାକୁ ବିରୋଧ କରିଥିଲେ। ଏନେଇ ବିଧାୟକ ଶ୍ରୀ ସାହୁ କହିଛନ୍ତି ଯେ ସରକାରୀ ପ୍ରକଳ୍ପକୁ ସରକାରୀ ଦଳର କର୍ମୀ ବିରୋଧ କରିବା ପ୍ରଥମ ଘଟଣା। ଅଞ୍ଚଳର ବିକାଶ ପାଇଁ ସେ ସବୁ ପ୍ରକାର ଉଦ୍ୟମ କରିବେ। ଆଗକୁ ଏଭଳି ପରିସ୍ଥିତି ଆଉ ଘଟିବ ନାହିଁ ବୋଲି ବିଧାୟକଙ୍କୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

### ବିଶିଷ୍ଟ ରସାବଳି...

ନିର୍ମାତା ସଂଘର ସଭାପତି ଦାୟିତ୍ୱରେ ରହି ରସାବଳି ନିର୍ମାତା ଓ ବ୍ୟବସାୟୀଙ୍କ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉଠାଇ ଆସିଥିଲେ। ବିଶେଷକରି ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ପ୍ରିୟ ଭୋଗ ରସାବଳିକୁ ଜିଆଇ ମାନ୍ୟତା ପ୍ରଦାନ ପାଇଁ ଚାଲିଥିବା ଅଭିଯାନରେ ତାଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ରସାବଳିର ପାରମ୍ପରିକ ପରିଚୟ ଓ ନିର୍ମାଣ ପ୍ରଣାଳୀକୁ ସୁରକ୍ଷିତ ରଖି ଏହାକୁ ସ୍ୱତନ୍ତ୍ର ପରିଚୟ ଦେବା ନେଇ ସେ ସଂଗଠନ ସ୍ତରରେ ସକ୍ରିୟ ରହିଥିଲେ। କେନ୍ଦ୍ରାପଡ଼ା ସହରରେ ତାଙ୍କ ରସାବଳିର ମଧ୍ୟ ବେଶ୍ ଚାହିଦା ରହିଥିଲା। ବ୍ୟବସାୟ ସହ ପୌରାଞ୍ଚଳର ଜନପ୍ରତିନିଧି ଭାବେ ମଧ୍ୟ ସେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ରସାବଳି ନିର୍ମାତା, ବ୍ୟବସାୟୀ, ସହକର୍ମୀ ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ରସାବଳି ବ୍ୟବସାୟ ଓ ଏହାର ପାରମ୍ପରିକ ପରିଚୟ ପାଇଁ ତାଙ୍କର ଦୀର୍ଘଦିନର ଉଦ୍ୟମକୁ ସ୍ଥାନୀୟ ମହଲରେ ସ୍ମରଣ କରାଯାଉଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ବାପି, ପପି ଓ କାଳିଆ, ଝିଅ, ଜ୍ୱାଇଁ,ନାତି, ନାତୁଣୀଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ପୌରାଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ଯୁବନେତା ରାଜେଶ ପଣ୍ଡା, ସମାଜସେବୀ ରଞ୍ଜିତ ସାହୁ, କାଉନସିଲର ନିରାକାର ସ୍ୱାଇଁ, ପୂର୍ବତନ କାଉନସିଲର ସୌମେନ୍ଦ୍ର ପୃଷ୍ଟି, ହିରଣ୍ୟ ପଣ୍ଡା, ପ୍ରକାଶ ପରିଡ଼ା, ଦେବେନ୍ଦ୍ର ରାଉତ, ଶରତ ବେହୁରା, ହିବଜୁର ରହେମାନ, ଧୀରେନ ସାହୁ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ହିମାଂଶୁ ପଣ୍ଡା, ସଞ୍ଜୟ ରାଉତ, ମୀର ମୁର୍ଶିଦ ପ୍ରମୁଖ ତାଙ୍କ ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ମହେଶ୍ୱର ପଣ୍ଡା ମୁଖାଗ୍ନି ଦେଇଥିଲେ।

### ୨୯ରେ ପରବର୍ତ୍ତୀ...

ସିଧାସଳଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ମାମଲା ଦାୟର କରିଛନ୍ତି। ରମାକାନ୍ତ ଭୋଇ, ସୁବାସିନୀ ଜେନା, ନବକିଶୋର ମଲ୍ଲିକ, ଚକ୍ରମଣି କହଁର, ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ, ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କ ସମେତ ବିଧାନସଭା ବାଚସ୍ପତିଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଏହି ହାଇ-ପ୍ରୋଫାଇଲ୍ ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଜେ ଆଡଭୋକେଟ୍ ଜେନେରାଲ କୋର୍ଟରେ ହାଜର ହୋଇ ସରକାରୀ ଓ ଆଇନଗତ ସ୍ଥିତି ସ୍ପଷ୍ଟ କରିଛନ୍ତି। ବିଜେଡି ଓ ବିଧାୟକଙ୍କ ମଧ୍ୟରେ ଚାଲିଥିବା ଏହି ଆଇନଗତ ଓ ରାଜନୈତିକ ଲଢ଼େଇରେ କୋର୍ଟ ଏହାର ଗମ୍ଭୀରତାକୁ ବିଚାରକୁ ନେଇ ଯଥାଶୀଘ୍ର ସଠିକ ପ୍ରତିଜବାବ ଦାଖଲ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

### ଆଇଏଏସ ସ୍ତରରେ...

ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ସୁମିତା ସରକାର, ବାଳମୁକୁନ୍ଦ ଭୂୟାଁ, ମଧୁମିତା ନାୟକ (କେନ୍ଦୁଝରସ୍ଥିତ ଅତିରିକ୍ତ କମିଶନର ପଦବୀ) ଓ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ସେମାନଙ୍କ ବର୍ତ୍ତମାନ ପଦବୀରେ ହିଁ ଜାରି ରହିବାକୁ ଅନୁମତି ମିଳିଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ସ୍ୱତନ୍ତ୍ର ଆଦେଶ ଜାରି କରାଯାଇଛି।

# କଲରାପତରିଆ ବାଘ ଛାଲ ବିକ୍ରି ଯୋଜନା ପଣ୍ଡ, ଜଣେ ଗିରଫ



ଫୁଲବାଣୀ,୧୮।୯ (ସଂଚାର ବ୍ୟୁରୋ): କଲରାପତରିଆ ବାଘର ଛାଲ ବିକ୍ରି ପାଇଁ ନେଉଥିବା ବେଳେ ବନ ବିଭାଗ ଓ ପୋଲିସର ମିଳିତ ଚଢ଼ାଉରେ ଜଣେ ବ୍ୟକ୍ତି ଧରାପଡ଼ିଛନ୍ତି। ତାଙ୍କ ନିକଟରୁ ଦୁଇଟି କଲରାପତରିଆ ବାଘର ଛାଲ ଜବତ କରାଯାଇଛି। ଏହି ଘଟଣାକୁ ନେଇ ବନ୍ୟଜନ୍ତୁ ଚମଡ଼ାର ବେଆଇନ କାରବାର ଉପରେ ପୁଣିଥରେ ପ୍ରଶ୍ନ ଉଠିଥିବା ବେଳେ, ଏହା ପଛରେ ଥିବା ଚେର ଖୋଜିବାକୁ ବନ ବିଭାଗ ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ବନ୍ୟଜନ୍ତୁ ସାମଗ୍ରୀ ବେଆଇନ ଭାବେ ରଖିବା ଓ ବିକ୍ରି ସମ୍ପର୍କରେ ବନ ବିଭାଗକୁ ଖବର ମିଳିଥିଲା। ଏହାପରେ ଶୁକ୍ରବାର ବାଲିଗୁଡ଼ା ବସ୍‌ଷ୍ଟାଣ୍ଡ ନିକଟରେ ବନ ବିଭାଗ ଓ ପୋଲିସ ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ କରାଯାଇଥିଲା। ଏହି ସମୟରେ ଫିରିଙ୍ଗିଆ ଥାନା ଅନ୍ତର୍ଗତ ରତଙ୍ଗ ଗାଁର ଉତ୍ତମ ମାଝୀଙ୍କୁ ସନ୍ଦେହରେ ଯାଞ୍ଚ କରାଯିବା ପରେ ତାଙ୍କ ନିକଟରୁ ଦୁଇଟି କଲରାପତରିଆ ଛାଲ ମିଳିବା ପରେ ତାଙ୍କୁ ଗିରଫ କରାଯାଇଛି। ବନ ବିଭାଗର ସୂଚନା ଅନୁସାରେ, ଜବତ ଛାଲଗୁଡ଼ିକୁ ରାଜ୍ୟ ଭିତରେ ଚାଲାଣ କରି ବିକ୍ରି କରିବା ଉଦ୍ଦେଶ୍ୟରେ ଅଭିଯୁକ୍ତ ନେଇ ଯାଉଥିବା ଜଣାପଡ଼ିଛି। ତେବେ ଉତ୍ତମ ମାଝୀ ନିଜେ କଲରାପତରିଆ ବାଘକୁ ଶିକାର କରିନଥିବା ଏବଂ ଶିକାରୀଙ୍କଠାରୁ ଛାଲ ଆଣି ବିକ୍ରି ପାଇଁ ନେଉଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଥିବା ବିଷୟ ଡିଏଫ୍‌ଓ କହିଛନ୍ତି। ବାଲିଗୁଡ଼ା ACF ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ବାଲିଗୁଡ଼ା ରେଞ୍ଜ ଅଧିକାରୀଙ୍କ ସମେତ କେ.ନୂଆଗାଁ, କୋଟଗଡ଼, ତୁମୁଡ଼ିବନ୍ଧ ଓ ବ୍ରାହ୍ମଣୀଗାଁ ରେଞ୍ଜର କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏନେଇ ବାଲିଗୁଡ଼ା ରେଞ୍ଜରେ କେସ୍ ନଂ. ୪୩/୨୦୨୬-୨୭ ରୁଜୁ ହୋଇଛି। ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ର ଧାରା ୩୯(ବି), ୪୮(ଏ) ଓ ୪୯(ବି) ଅନୁଯାୟୀ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ଗୋପରେ ରନ୍ଧନ ଗ୍ୟାସ ସଙ୍କଟ

## ଚୋରା ଚାଲାଣକୁ ନେଇ ବଢୁଛି ଚିନ୍ତା



ଗୋପ,୧୮।୯ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଗୋପ ବ୍ଲକରେ ଦେଖାଦେଇଛି ଗମ୍ଭୀର ରନ୍ଧନ ଗ୍ୟାସ ସଙ୍କଟ। ଗୋଟିଏ ପଟେ ସାଧାରଣ ଗ୍ରାହକଙ୍କୁ ନୂତନ ଗ୍ୟାସ କନେକ୍ସନ ମିଳୁନଥିବା ବେଳେ, ଅନ୍ୟପଟେ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ବ୍ୟାପକ କଳାବଜାରୀ ଚାଲିଥିବା ଅଭିଯୋଗ ହୋଇଛି।

ଗୋପ ବ୍ଲକର ତରକୋର, ସୁତନ, କୋଣାର୍କ ଏବଂ ଗୋପ ସହିତ ବିଭିନ୍ନ ଅଞ୍ଚଳରେ ଅସାଧୁ ବ୍ୟବସାୟୀମାନେ ବେଆଇନ ଭାବେ ଶହ ଶହ ଘରୋଇ ଗ୍ୟାସ ସିଲିଣ୍ଡର ନିଜ ଘରେ ଷ୍ଟକ୍ ରଖୁଛନ୍ତି। ସିଲିଣ୍ଡରଗୁଡ଼ିକୁ କଳାବଜାରୀ କରି ସାଧାରଣ ଗ୍ରାହକଙ୍କୁ ଗୋଟା ପିଛା ୨,୦୦୦ ରୁ ୩,୦୦୦ ଟଙ୍କାରେ ବିକ୍ରି କରାଯାଉଛି। କେବଳ ସେତିକି ନୁହେଁ, ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ବଣ ଭୋଜି କରିବାକୁ ଆସୁଥିବା ପର୍ଯ୍ୟଟକ ଏବଂ ହୋଟେଲ ମାଲିକଙ୍କୁ ଚଢ଼ା ଦରରେ ଗ୍ୟାସ ଯୋଗାଇ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଗ୍ରାମାଞ୍ଚଳର ବାସଗୃହଗୁଡ଼ିକରେ ଅସୁରକ୍ଷିତ ଭାବେ ଶହ ଶହ ଚୋରା ଗ୍ୟାସ ସିଲିଣ୍ଡର ଜମା କରି ରଖାଯାଉଥିବାରୁ ଏକ ବଡ଼ ଧରଣର ବିପଦ ସୃଷ୍ଟି ହୋଇଛି। ଯଦି କୌଣସି କାରଣରୁ ଗ୍ୟାସ ଲିକ୍ ହୋଇ କିମ୍ବା ନିଆଁ ଲାଗି ଅଘଟଣ ଘଟେ, ତେବେ ଗ୍ରାମର ଅନେକ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ରନ୍ଧନ ଗ୍ୟାସର ଅଭାବ ଏବଂ କଳାବଜାରୀ ଯୋଗୁଁ ଆଜି ସାଧାରଣ ଖାଉଟି ଅତିଷ୍ଠ ହୋଇପଡ଼ିଛନ୍ତି।

ଏହି ଅସାଧୁ ବ୍ୟବସାୟୀଙ୍କ ଉପରେ ତୁରନ୍ତ ଚଢ଼ାଉ କରି ଗ୍ୟାସ ସିଲିଣ୍ଡର ଜବତ କରିବା ସହ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁରୀ ଜିଲ୍ଲାପାଳ ଏବଂ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କ ନିକଟରେ ଗୋପ ବ୍ଲକବାସୀ ଦାବି କରିଛନ୍ତି।

## କେନ୍ଦୁଘାଟରେ ଝାଡ଼ାବାନ୍ତି ଆତଙ୍କ

# ୮ ବର୍ଷର ବାଳକ ମୃତ, ୧୬ ଆକ୍ରାନ୍ତ

ନବରଙ୍ଗପୁର, ଉମରକୋଟ,୧୮।୯ (ସଂଚାର ବ୍ୟୁରୋ): ଉମରକୋଟ ବ୍ଲକ୍ ଅନ୍ତର୍ଗତ ଡୋହରା ପଞ୍ଚାୟତର କେନ୍ଦୁଘାଟ ଗ୍ରାମରେ ଜ୍ୱର ଓ ଝାଡ଼ାବାନ୍ତି ବ୍ୟାପିବା ଘଟଣାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଜଣେ ୮ ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୬ ଜଣ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ମୃତ ନାବାଳକ ଜଣକ କେନ୍ଦୁଘାଟ ଗଉଡପଡ଼ାର ଟଙ୍କଧର ଗଉଡଙ୍କ ପୁଅ ଉଦୟନାଥ ଗଉଡ (୮) ବୋଲି ଜଣାଯାଇଛି। ଉଦୟନାଥ ଝରିଗାଁ ବ୍ଲକ୍‌ର କଲେଗାଁରେ ତୃତୀୟ ଶ୍ରେଣୀରେ ପଢୁଥିଲେ। ନୂଆଖାଇ ଛୁଟି ଅବସରରେ ସେ ଘରକୁ ଆସିଥିବାବେଳେ ହଠାତ୍ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଛି।

ଅନ୍ୟପକ୍ଷରେ, ଗ୍ରାମରେ ଏକାଧିକ ଲୋକ ଜ୍ୱର ଓ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬ରେ ପହଞ୍ଚିଛି। ଅସୁସ୍ଥମାନଙ୍କୁ ପୁଝାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି।

ଘଟଣାର ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଭ୍ରାମ୍ୟମାଣ ମେଡିକାଲ ଟିମ୍ କେନ୍ଦୁଘାଟରେ ପହଞ୍ଚି ଅସୁସ୍ଥଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଆରମ୍ଭ କରିଛି। ଗ୍ରାମରେ ରୋଗ ବ୍ୟାପିବାର ପ୍ରକୃତ କାରଣ ଜଣାପଡ଼ିନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ରୋଗର କାରଣ ଚିହ୍ନଟ ସହ ଆବଶ୍ୟକ ପରୀକ୍ଷା ଓ ଚିକିତ୍ସା ବ୍ୟବସ୍ଥାକୁ ଜୋରଦାର କରିବାକୁ ଦାବି ହୋଇଛି।

# ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଆୟୋଜିତ




ଭୁବନେଶ୍ୱର,୧୮।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଅଫ୍ ମେଡିକାଲ୍ ସାଇନ୍‌ସେସ୍, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ରୁ ଶିକ୍ଷା ସମାପ୍ତ କରିଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଗ୍ରାଜୁଏସନ୍ ଉତ୍ସବ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ରୁ ଶିକ୍ଷା ସମାପ୍ତ କରିଥିବା ୨୦୨୦-୨୦୨୧ ବ୍ୟାଚ୍‌ର ଏମ୍‌ବିବିଏସ୍, ୨୦୨୨-୨୩ ବ୍ୟାଚ୍‌ର ଏମ୍‌ଡି/ଏମ୍‌ଏସ୍ ଓ ୨୦୨୩-୨୪ ବ୍ୟାଚ୍‌ର ଏମ୍‌ଡି/ଏମ୍‌ଏସ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି।

ସେହିପରି ୨୦୨୨-୨୩ ଡିଏମ୍/ଏମ୍‌ସିଏଚ୍ ଶିକ୍ଷା ବର୍ଷରେ ବିଭିନ୍ନ ସୁପର ସ୍ପେଶିଆଲିଟି ଓ ୨୦୨୧-୨୨ ଓ ୨୦୨୨-୨୩ ବ୍ୟାଚର ମେଡିକାଲ୍ ଟେକ୍‌ନୋଲୋଜି ପ୍ରୋଗ୍ରାମ୍ (ଏମ୍‌ଟିପି)ରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ସୋଆର ଉପ କୁଳପତି ପ୍ରଫେସର ପ୍ରସେନ୍‌ଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ଶପଥ ପାଠ କରାଇଥିଲେ। ଏହି ଅବସରରେ ଉପକୁଳପତି ପ୍ରଫେସର ମହାନ୍ତି ଡାକ୍ତରୀ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ "ଜଣେ ଭଲ ଡାକ୍ତର ରୋଗର ଚିକିତ୍ସା କରନ୍ତି, କିନ୍ତୁ ଜଣେ ମହାନ୍ ଡାକ୍ତର ରୋଗୀର ଚିକିତ୍ସା କରନ୍ତି।" ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍ନାଲ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍‌ୟାଙ୍କିଙ୍ଗସ୍ ୨୦୨୫ରେ ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟ ଗୁଡ଼ିକ ମଧ୍ୟରେ ସୋଆ ୧୫ ତମ ସ୍ଥାନ ହାସଲ କରିଥିବା ବେଳେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ ମଧ୍ୟ ୧୫ତମ ସ୍ଥାନ ହାସଲ କରିଛି। ତେଣୁ ଏଭଳି ଶିକ୍ଷାନୁଷ୍ଠାନରୁ ଶିକ୍ଷା ଲାଭ କରିଥିବାରୁ ନିଜକୁ ସର୍ବଦା ଗର୍ବ ଅନୁଭବ କରିବା ସହିତ ଏହାର ନାମକୁ ବଜାୟ ରଖିବା ନିମେନ୍ତ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ପ୍ରଫେସର (ଡାକ୍ତର) ମହାନ୍ତି ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ।

# ଚୋରି ଅଭିଯୋଗରେ ୨ ଗିରଫ

- ବାଇକ୍, ସ୍କୁଟି, ନଗଦ ଓ ଚୋରି ସାମଗ୍ରୀ ଜବତ



ସତ୍ୟବାଦୀ,୧୮।୯ (ସଂଚାର ବ୍ୟୁରୋ): ପଟ୍ଟନାୟିକିଆ ଛକ ନିକଟ ଏକ ଦୋକାନରୁ ଚୋରି ଅଭିଯୋଗରେ ସତ୍ୟବାଦୀ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପ ଶୋଭନପୁରର ରଜତ ବେହେରା ଓ ପିପିଲି ରୂପଦେଇପୁରର ମନୋଜ କୁମାର ସାହୁ। ପୁଲିସ ସୂଚନା ଅନୁଯାୟୀ, ୧୬ ତାରିଖ ରାତିରେ କ୍ୟାବିନ୍‌ର ତାଲା ଭାଙ୍ଗି ପ୍ରାୟ ୨୦ ହଜାର ଟଙ୍କାର ସାମଗ୍ରୀ ଓ ୨ ହଜାର ଟଙ୍କା ଚୋରି ହୋଇଥିଲା। ସିସିଟିଭି ଆଧାରରେ ତଦନ୍ତ କରି ପୁଲିସ ଦୁଇଜଣଙ୍କୁ ଧରିଛି। ସେମାନଙ୍କଠାରୁ ବାଇକ୍, ସ୍କୁଟି, ନଗଦ ଟଙ୍କା, ସିଗାରେଟ୍, ଅନ୍ୟାନ୍ୟ ସାମଗ୍ରୀ ଓ ମୋବାଇଲ ଜବତ ହୋଇଛି। ଉଭୟଙ୍କୁ ୧୮ ତାରିଖରେ କୋର୍ଟଚାଲାଣ କରାଯାଇଛି ବୋଲି ତଦନ୍ତ ଅଧିକାରୀ ମହେଶ୍ୱର ଦାସ ସୂଚନା ଦେଇଛନ୍ତି।

# ସୁନ୍ଦରଗଡ଼ରେ ସ୍କ୍ରପ ଟାଏଫସ୍ ନିୟନ୍ତ୍ରଣରେ




ସୁନ୍ଦରଗଡ଼,୧୮।୯ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲାରେ ବର୍ତ୍ତମାନ ସ୍କ୍ରପଟାଏଫସ୍ ସ୍ଥିତି ନିୟନ୍ତ୍ରଣରେ ରହିଛି। ତେବେ କେତେକ ଅଞ୍ଚଳରେ ମାମଲା ସାମାନ୍ୟ ବୃଦ୍ଧି ପାଇଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମିତ ନଜର ରଖାଯାଉଛି। ଏଥିପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ସ୍ଥିତି ମନିଟରିଂ କରାଯାଉଛି।

ବିଶେଷକରି ସହରାଞ୍ଚଳରେ ସ୍କ୍ରପ୍ ଟାଏଫସ୍‌ର କିଛି ମାମଲା ଚିହ୍ନଟ ହେଉଥିବାରୁ ଅଧିକ ନଜର ରଖାଯାଇଛି। ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟକର୍ମୀମାନେ ପହଞ୍ଚି ସଚେତନତା ସୃଷ୍ଟି କରିବା ସହ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଉଛନ୍ତି। ପ୍ରତି ୨ରୁ ୩ ଦିନ ବ୍ୟବଧାନରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମେଡିକାଲ ଅଫିସରମାନଙ୍କୁ ମଧ୍ୟ ସଚେତନ କରାଯାଉଛି।

ଜିଲ୍ଲାରେ ଏପର୍ଯ୍ୟନ୍ତ ପାଖାପାଖି ପାଞ୍ଚ ହଜାର ଛଅ ସହ ଛ ଜଣଙ୍କର ପରୀକ୍ଷା କରାଯାଇଥିବା ବେଳେ, ଆଠ ଶହ ଏକସ୍ତରି ଜଣଙ୍କର ରିପୋର୍ଟ ପଜିଟିଭ୍ ଆସିଛି। ସେମାନଙ୍କୁ ଚିକିତ୍ସା ଦିଆଯାଇଛି ଏବଂ ବର୍ତ୍ତମାନ ସୁଦ୍ଧା ସ୍କ୍ରପ ଟାଏପସ ରେ କାହାରି ମୃତ୍ୟୁ ହୋଇନଥିବା ସୂଚନା ଦେଇଛନ୍ତି ଡିପିଏଚ୍‌ଓ ଶିବାଶିଷ ମହାରଣା।

ସ୍କ୍ରପ ଟାଏଫସ୍ ପରୀକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଦୁଇଟି ସ୍ଥାନରେ ପରୀକ୍ଷା ବ୍ୟବସ୍ଥା ରହିଛି। ଦୀର୍ଘଦିନ ଧରି ଜ୍ୱର ଲାଗି ରହୁଥିବା ରୋଗୀଙ୍କ କ୍ଷେତ୍ରରେ ସ୍କ୍ରପ ଟାଇଫସ୍ ପରୀକ୍ଷା କରାଯାଉଛି।

# ବୃଦ୍ଧା ଦୈମତି ଉପଯୁକ୍ତ ପେନସନ୍ ଓ ରାସନ୍ ପାଇବାରୁ ବଞ୍ଚିତ



ତେନ୍ତୁଳିଖୁଣ୍ଟି,୧୮।୯ (ସଂଚାର ବ୍ୟୁରୋ): ତେନ୍ତୁଳିଖୁଣ୍ଟି ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗାସିଲ ଗ୍ରାମର ବୃଦ୍ଧା ଦୈମତି ମୁଦୁଲି ପେନସନ୍ ଓ ରାସନ୍ କାର୍ଡ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି।

ବୟସ୍କ ହୋଇଥିବା ସତ୍ତ୍ୱେ ତାଙ୍କୁ ନିୟମିତ ବୃଦ୍ଧାବସ୍ଥା ଉପଯୁକ୍ତ ପେନସନ୍ ଏବଂ ରାସନ୍ କାର୍ଡ ସୁବିଧା ମିଳୁନଥିବା ନେଇ ଦାବି ଉଠିଛି। ଏହା ଫଳରେ ଦୈମତି ମୁଦୁଲିଙ୍କ ଦୈନନ୍ଦିନ ଜୀବନ ଅସୁବିଧାରେ ପଡୁଥିବା କୁହାଯାଇଛି। ସମ୍ପୃକ୍ତ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି, ଯୋଗ୍ୟତା ଅନୁଯାୟୀ ତାଙ୍କୁ ପେନସନ୍ ଓ ରାସନ୍ କାର୍ଡ ସୁବିଧା ପ୍ରଦାନ କରିବାକୁ ଦାବି ହୋଇଛି।

## ନିର୍ମାଣ ଶ୍ରମିକ ସହାୟତା ପ୍ରଦାନରେ ବ୍ୟାପକ ଜାଲିଆତି

# ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



ଯାଜପୁର ରୋଡ୍,୧୮।୯ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଂଚଳ ସ୍ଥିତ ଯାଜପୁର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ଓ ସହାୟତା ରାଶି ପ୍ରଦାନରେ ଅନିୟମିତତାକୁ ନେଇ ପ୍ରତିବାଦ କରି ଶତାଧିକ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ତୁରନ୍ତ ଅର୍ଥପ୍ରଦାନ କରିବା ଦାବିରେ ଆଜି ଗଣଧାରଣା ଦେଇଥିଲେ। ଏହାକୁ ସମର୍ଥନ କରି ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘ ସଭାପତି ତଥା ଓଜେସି ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି ଧାରଣା ସ୍ଥଳରେ ପହଂଚିଥିଲେ । ଆୟୋଜିତ ପ୍ରତିବାଦ ସଭାରେ ଭାଷଣ ଦେଇ ଏହି ଶ୍ରମକାର୍ଯ୍ୟାଳୟ ଦଲାଲ ଓ ମାଲିକ ମାନଙ୍କ ହାତରେ ପରିଚାଳିତ ହେବାଦ୍ୱାରା ବହୁ ଶ୍ରମିକ ସାମାଜିକ ସୁରକ୍ଷାରୁ ବଂଚିତ ହେଉଛନ୍ତି, ଅନେକ ଅଣଶ୍ରମିକ ଅଧିକାରୀମାନଙ୍କୁ ଲାଞ୍ଚ ଦେଇ ନିଜର ନାମ ପଞ୍ଜିକୃତ କରିବା ଘଟଣାକୁ ଶ୍ରୀ ମହାନ୍ତି ଦୃଢ଼ ନିନ୍ଦା କରିଥିଲେ। ପରିସ୍ଥିତି ଉତ୍ତଜନାପୂର୍ଣ୍ଣ ହେବାରୁ ଜିଲ୍ଲାଶ୍ରମଅଧିକାରୀ ସୁଧୀର ସାହୁ ଓ ଅହକାରୀ ଶ୍ରମଅଧିକାରୀ ଅଭିଜିତ ପ୍ରଧାନ ଧାରଣାକାରୀଙ୍କ ସହି ଆଲୋଚନା କରି ଆସନ୍ତା ମାସରେ ଦରଖାସ୍ତକାରୀଙ୍କୁ ସହାୟତାପ୍ରଦାନ କରାଯିବ ସହ, କୋରାଇ ଓ ବ୍ୟାସନଗର ପାଇଁ ଶ୍ରୀ ପ୍ରଧାନ ନିଯୁକ୍ତ ଅଛନ୍ତି ବୋଲି ଘୋଷଣା କରିଥିଲେ।

# ଅନ୍ୟଦଳ ଛାଡ଼ି ବିଜେଡିରେ ମିଶିଲେ ୨୫ରୁ ଊର୍ଦ୍ଧ୍ୱ କର୍ମୀ



ନୀଳଗିରି,୧୮।୯ (ସଂଚାର ବ୍ୟୁରୋ): ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ରିଂଗପୁର ଗ୍ରାମର ୨୫ରୁ ଉର୍ଦ୍ଧ ଗ୍ରାମବାସୀ ଅନ୍ୟଦଳ ଛାଡ଼ି ବିଜେଡ଼ିରେ ମିଶିଛନ୍ତି। ଏନେଇ ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ନୀଳଗିରି ବିଜେଡ଼ି କାର୍ଯ୍ୟାଳୟରେ ପୂର୍ବତନ

**ବିଜେଡି ମିଶ୍ରଣ ପର୍ବ**

ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱ ଏବଂ ଉକ୍ତ ପଞ୍ଚାୟତର ବିଜେଡ଼ି ଯୁବନେତା ରାମକୃଷ୍ଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା ।

ଆଜି ବିଦ୍ଧିବଦ୍ଧ ଭାବେ ଅନ୍ୟ ଦଳ ଛାଡ଼ି ବିଜେଡ଼ି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡ଼ି ଦଳରେ ମିଶିଥିଲେ। ଦଳ ତରଫରୁ ଦଳୀୟ ଉତ୍ତରୀୟ. ଓ. ଟୋପି ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଆଗାମୀ ତ୍ରିସ୍ତରୀୟ ସାଧାରଣ ନିର୍ବାଚନ ରେ ଉକ୍ତ ପଞ୍ଚାୟତ ରେ ବିଜେଡ଼ି ଦଳ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିବା ସହିତ ଦଳ ମଜବୁତ ହେବ ବୋଲି ଶ୍ରୀଯୁକ୍ତ ମହାପାତ୍ର ସୂଚନା ଦେଇଛନ୍ତି।

ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଓ ରାମକୃଷ୍ଣ ମହାପାତ୍ରଙ୍କ ସମେତ ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ଛତ୍ରପୁର ଗ୍ରାଃ ପ ସରପଞ୍ଚ ମାଳତୀ ମାରାଣ୍ଡି, ନାଏବ ସରପଞ୍ଚ ହରେକୃଷ୍ଣ ମାଝୀ, ଆରବନ୍ଧ ଗ୍ରାଃ ପ ସରପଞ୍ଚ କୁଳମଣି ନାୟକ, ଜାମୁଡିହା ଗ୍ରାଃ ପ ସରପଞ୍ଚ ଚାନ୍ଦମଣୀ ମୁର୍ମୁ, ପିଠାହତା ସମିତି ସଭ୍ୟ ପ୍ରଭାକର ବାଗୁଡାଇ, ସିଆଡ଼ିମାଳ ଗ୍ରାଃ ପ ସମିତିସଭ୍ୟ ତଥା ନୀଳଗିରି ବ୍ଲକ ବିଜେଡି ସଭାପତି ରାଜୀବ ଦାସବାବୁ, ତେଲିପାଳ ବିଜେଡ଼ି ନେତା ଉପେନ୍ଦ୍ର ଦାସ, ବିଜୟ ରାଉତ, ଶ୍ରୀନିବାସ ବାଗ, ତପୁ ବିଶ୍ୱାଳ, ବାବୁଲା ମହାନ୍ତି, ତପନ ସାହୁ ପ୍ରମୁଖ ବିଜେଡ଼ି ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଏମଏମଡିଆରକୁ ବିରୋଧ କରି ରାଜରାସ୍ତାରେ ଗର୍ଜିଲା ଇଣ୍ଡିଆ ବ୍ଲକ



**୨୯ରେ ବିଧାନସଭା ଘେରାଓ**

ସୁନ୍ଦରଗଡ଼,୧୮।୯ (ସଂଚାର ବ୍ୟୁରୋ): ସଂଶୋଧିତ ଏମଏମଡିଆର ଆଇନ ୨୦୨୬କୁ ବିରୋଧ କରି ଶୁକ୍ରବାର ଇଣ୍ଡିଆ ବ୍ଲକର ସହଯୋଗୀ ଦଳ ଗୁଡ଼ିକ ପକ୍ଷରୁ ସୁନ୍ଦରଗଡ଼ ଠାରେ ରାଲି ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଜାର ହଜାର ଲୋକ ରାଜରାସ୍ତା ଓହ୍ଲାଇ ଏହି ବିଲ୍ କୁ ବିରୋଧ କରିବା ସହ ପ୍ରତ୍ୟାହାର ଦାବି କରିଛନ୍ତି । ଅଟଳ ଛକରୁ ଏକ ବିଶାଳ ରାଲି ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ, ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି କଳା ଆଇନକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ନଚେତ୍ ଆସନ୍ତା ୨୯ରେ ବିଧାନସଭା ଘେରାଓ କରାଯିବା ସହିତ ଆଗାମୀ ଦିନରେ ରାଜ୍ୟର ସମସ୍ତ ଖଣି ଗୁଡିକ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଥିଲେ । ରାଜ୍ୟ ସରକାର ତୁରନ୍ତ ସର୍ବଦଳୀୟ ବୈଠକ ଡାକନ୍ତୁ,ଓଡିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକନ୍ତୁ ଓ କେନ୍ଦ୍ରସରକାର ତୁରନ୍ତ ସମ୍ପୃକ୍ତ ରାଜ୍ୟ ଗୁଡିକର ମୁଖ୍ୟମନ୍ତ୍ରୀ ମାନଙ୍କ ସହ ଆଲୋଚନା କରନ୍ତୁ, ନଚେତ ଆନ୍ଦୋଳନ ତୀବ୍ରତର ହେବ ।

ଏହି ବିଶାଳ ବିକ୍ଷୋଭ ପ୍ରଦର୍ଶନରେ ପିସିସି ସଭାପତି ଭକ୍ତଚରଣ ଦାଶଙ୍କ ସହ ପ୍ରଭାରୀ ଲାଲଜୀ ଭାଇ ଦେଶାଇ, ସନ୍ତୋଷ ସିଂ ସାଲୁଜା, ରାଜଗାଙ୍ଗପୁର ବିଧାୟକ ଡ଼ା ସି ଏସ ରାଜନ ଏକ୍କାଙ୍କ ସହ ଇଣ୍ଡିଆ ବ୍ଲକର ବହୁ ନେତା ଯୋଗ ଦେଇଥିଲେ । ଏହି ଆଇନକୁ ପ୍ରତ୍ୟାହାର ନକଲେ ରାଜ ରାସ୍ତାରେ ଲଢ଼େଇ ହେବା ସହ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଡ଼ା ସି ଏସ ରାଜନ ଏକ୍କା।

ରାଜ୍ୟର ଖଣିଜ ସମ୍ପଦ ଉପରେ ଆର୍ଥିକ ଓ ନୀତିଗତ ଅଧିକାର କେନ୍ଦ୍ର ସରକାର ଛଡେଇ ନେଇଥିବା ଅଭିଯୋଗ କରିଥିଲେ। ଏହା ଫଳରେ ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟ ସିଧାସଳଖ ୧ ଲକ୍ଷ ୨୦ ହଜାର ରାଜସ୍ୱ ହରାଇବ ଓ ଆର୍ଥିକ ସ୍ୱାୟତ୍ତତା ପ୍ରଭାବିତ ହେବ ବୋଲି କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ ଅଭିଯୋଗ କରିଛି ।

# ଇନ୍ଦ୍ରମଣୀଙ୍କ ନେତୃତ୍ୱରେ ବିଜେପିରେ ମିଶିଲେ ୫୦ ପରିବାର



କାକଟପୁର/ଅସ୍ତରଙ୍ଗ, ୧୮।୯ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଏବେ ପୁରା ଗେରୁଆମୟ। ଜୋନ-୧ ମଣ୍ଡଳ ସଭାପତି ଯୁବ ନେତା ଇନ୍ଦ୍ରମଣୀ ଜେନାଙ୍କ ଦମଦାର ଓ ସଶକ୍ତ ନେତୃତ୍ୱରେ ତୃଣମୂଳ ସ୍ତରରେ ଦିନକୁ ଦିନ ସଶକ୍ତ ହେଉଛି ଭାରତୀୟ ଜନତା ପାର୍ଟି।

ଘରେ ଘରେ ଜନସମ୍ପର୍କ ଓ ସଂଗଠନକୁ ମଜବୁତ କରିବାରେ ଇନ୍ଦ୍ରମଣୀଙ୍କ ରଣନୀତି ଏବେ ଚର୍ଚ୍ଚାର ବିଷୟ। ଶୁକ୍ରବାର ଅସ୍ତରଙ୍ଗ ବ୍ଲକ ସବୁଜ ଶାଖାରେ ହୋଇଥିବା ବିଶାଳ ମିଶ୍ରଣ ପର୍ବ ଏହାର ଜ୍ୱଳନ୍ତ ପ୍ରମାଣ।

ମାଣ୍ଡୁକି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟଙ୍କ ପ୍ରତିନିଧି ଅଲେଖ ମହାରଣାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ପରିବାର ବିଭିନ୍ନ ଦଳ ଛାଡି ପଦ୍ମ ଧରିଛନ୍ତି। ମାଣ୍ଡୁକି ସରପଞ୍ଚ ରୋଜିନା ଜେନାଙ୍କ ସ୍ୱଚ୍ଛ ଓ ଉନ୍ନତି ମୂଳକ କାର୍ଯ୍ୟ ଏବଂ ମଣ୍ଡଳ ସଭାପତି ଇନ୍ଦ୍ରମଣୀ ଜେନାଙ୍କ ଲୋକାଭିମୁଖୀ କାର୍ଯ୍ୟ ଆମକୁ ଆକୃଷ୍ଟ କରିଛି ବୋଲି ସେମାନେ କହିଛନ୍ତି। ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଯୋଗ ଦେଇ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ମଣ୍ଡଳ ସଭାପତି ଇନ୍ଦ୍ରମଣୀ ଜେନା ନିଜେ ସମସ୍ତଙ୍କୁ ଉତ୍ତରୀୟ ପିନ୍ଧାଇ ଦଳରେ ସାମିଲ କରିଥିଲେ।

# ଶିଆରମାଲ ଗାଁର ୨୯ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ

ସୁନ୍ଦରଗଡ଼,୧୮।୯ (ସଂଚାର ବ୍ୟୁରୋ): ଶୁକ୍ରବାର ହେମଗିରି ତହସିଲ ଅନ୍ତର୍ଗତ ଶିଆରମାଲ ଗାଁର ୨୯ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ କନଫରେନ୍ସ ହଲ୍‌ରେ ଆୟୋଜିତ ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା, ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର କୁମାର ସେଠୀ ଉପସ୍ଥିତ ରହି ହିତାଧିକାରୀ ମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ।



## ନାମ ସାମଞ୍ଜସ୍ୟରୁ ଦ୍ୱନ୍ଦ୍ୱ

# ପରିବହନ ବାବୁ ନୁହଁନ୍ତି ଶିଳ୍ପପତି ଅରୁଣ ବିଶ୍ୱାଳ



କାକଟପୁର/ଅସ୍ତରଙ୍ଗ,୧୮।୯ (ସଂଚାର ବ୍ୟୁରୋ): ରାଜ୍ୟରେ ଆଜି ପରିବହନ ବିଭାଗର ଜଣେ ଅଧିକାରୀଙ୍କ ନାମକୁ ନେଇ ଯେଉଁ ଚର୍ଚ୍ଚା ଚାଲିଛି, ସେଥିରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମାଟିର ଜଣେ ପ୍ରତିଷ୍ଠିତ ପୁଅଙ୍କ ନାମ ଭୁଲରେ ଯୋଡ଼ା ଯାଉଥିବାରୁ ଗଭୀର ଉଦବେଗ ପ୍ରକାଶ ପାଇଛି। ଏହାକୁ ନେଇ ଶିଳ୍ପପତି, ଶିକ୍ଷାବିତ୍ ତଥା ମୋ ଗାଁ ମୋ ଗର୍ବ ସଂଗଠନର ଆବାହକ ଇଞ୍ଜିନିୟର ଅରୁଣ କୁମାର ବିଶ୍ୱାଳଙ୍କ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି।

ବିଜ୍ଞପ୍ତିରେ କୁହାଯାଇଛି, ଇଞ୍ଜିନିୟର ଅରୁଣ ବିଶ୍ୱାଳ ହେଉଛନ୍ତି ଅସ୍ତରଙ୍ଗ ମାଟିର ପୁଅ, ଦୁଃଖ ସୁଖର ସାଥୀ। ଅସ୍ତରଙ୍ଗର ପ୍ରତ୍ୟେକ ପରିବାର ସହ ତାଙ୍କର ଆତ୍ମୀୟ ସମ୍ପର୍କ। ଗାଁର ଉନ୍ନତି ହିଁ ତାଙ୍କର ଲକ୍ଷ୍ୟ। ସେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଅଭିଷେକ କନଟେକ୍ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡର ଅଧ୍ୟକ୍ଷ। ଏହି ସଂସ୍ଥା ଅତି ଉଚ୍ଚ ଭୋଲଟେଜ ବିଦ୍ୟୁତ ପରିବହନ ଲାଇନ ଓ ସବଷ୍ଟେସନ ନିର୍ମାଣ କ୍ଷେତ୍ରରେ ରାଜ୍ୟ ଓ ରାଜ୍ୟ ବାହାରେ ସୁନାମ ଅର୍ଜନ କରିଛି। ସେ ଅନୁଗୋଳର ଅଗ୍ରଣୀ ଆବାସିକ ଅନୁଷ୍ଠାନ ସିଦ୍ଧିବିନାୟକ ସାଇନ୍ସ କଲେଜର ଅଧ୍ୟକ୍ଷ ମଧ୍ୟ। ହଜାର ହଜାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ଏହି କଲେଜର ବଡ ଭୂମିକା ରହିଛି। ଏହା ବ୍ୟତୀତ ସେ ମୋ ଗାଁ ମୋ ଗର୍ବ ସାମାଜିକ ସଂଗଠନର ଆବାହକ । ଏହି ସଂଗଠନ ମାଧ୍ୟମରେ ସେ ଅସ୍ତରଙ୍ଗ ବ୍ଲକର ପ୍ରତ୍ୟେକ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୁବ ସଶକ୍ତିକରଣ ପାଇଁ ନିରନ୍ତର କାମ କରୁଛନ୍ତି। ସେ ପେଶାରେ ଜଣେ ସିଭିଲ ଇଞ୍ଜିନିୟର। ଘରୋଇ କ୍ଷେତ୍ରରେ ନିଜ ପରିଶ୍ରମରେ ପ୍ରତିଷ୍ଠା ଲାଭ କରିଛନ୍ତି। ସେ କୌଣସି ସରକାରୀ ଚାକିରିରେ ନାହାନ୍ତି।

ପରିବହନ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଥିବା ଅରୁଣ କୁମାର ବିଶ୍ୱାଳ ଅଲଗା ବ୍ୟକ୍ତି। କେବଳ ନାମ ସମାନ ଥିବାରୁ ଏପରି ଦ୍ୱନ୍ଦ୍ୱ ହୋଇଛି ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ତେଣୁ ସମସ୍ତ ଗଣମାଧ୍ୟମ ଓ ସୋସିଆଲ ମିଡିଆକୁ ଅନୁରୋଧ ଯେ ଅସ୍ତରଙ୍ଗ ମାଟିର ପୁଅ, ମୋ ଗାଁ ମୋ ଗର୍ବର ଆବାହକଙ୍କୁ ପରିବହନ ମାମଲା ସହ ନ ଯୋଡିବାକୁ।

# ହିଞ୍ଜିଳି ନେତାଜୀ ବନ୍ଧରେ ବୁଡ଼ି ଜଣେ ମୃତ୍ୟୁ

ହିଞ୍ଜିଳିକାଟୁ,୧୮।୯ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ନେତାଜୀ ବନ୍ଧରେ ଜଣେ ବୟସ୍କ ବ୍ୟକ୍ତି ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଉଛନ୍ତି ହିଞ୍ଜିଳି ଦାସ ସାହିର କାମ୍ପ ନାୟକ (୬୫)। ବ୍ୟକ୍ତି ଜଣକ ବନ୍ଧକୁ ଗାଧୋଇବାକୁ ଯାଇଥିବା ବେଳେ କୌଣସି କାରଣବଶତଃ ବୁଡ଼ିଯାଇଥିବା ଅନୁମାନ କରାଯାଉଛି। ପରେ ତାଙ୍କର ମୃତଦେହ ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସଙ୍ଗେ ସଙ୍ଗେ ପହଁଚି ବ୍ୟକ୍ତି ଜଣକୁ ଉଦ୍ଧାର କରି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ-ଏସବିଆଇ ଇପେ ଏମଓୟୁ**

# 'ସୁଯୋଗ' ଜରିଆରେ ମିଳିବ ସୁରକ୍ଷିତ ଡିଜିଟାଲ୍ ପେମେଣ୍ଟ ସୁବିଧା

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ରାଜ୍ୟର ସହରାଞ୍ଚଳରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଓ 'ସୁଯୋଗ' ପ୍ଲାଟଫର୍ମ ଜରିଆରେ ନାଗରିକଙ୍କୁ ସୁଗମ, ସୁରକ୍ଷିତ ଓ ନାଗରିକକେନ୍ଦ୍ରିକ ପେମେଣ୍ଟ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପେମେଣ୍ଟ ଆଗ୍ରିଗେଟର୍ ସେବା ଏସବିଆଇ ଇପେ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭାଗର ଅତିରିକ୍ତ ସଚିବ ଶୁଭେନ୍ଦୁ ସାହୁ ଓ ଏସବିଆଇ ପକ୍ଷରୁ ସୁଶାନ୍ତ କୁମାର ଦାଶ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏସବିଆଇ ଓଡ଼ିଶା ସର୍କଲ୍‌ର ମୁଖ୍ୟ ମହାପ୍ରବନ୍ଧକ ରାକେଶ ଯାଦବ ମଧ୍ୟ



ଉପସ୍ଥିତ ଥିଲେ।

ଏହି ସହଭାଗିତା ଫଳରେ ନାଗରିକମାନେ 'ସୁଯୋଗ' ପ୍ଲାଟଫର୍ମ ଜରିଆରେ ବିଭିନ୍ନ ପୌର ସେବା, ଟିକସ, ଫି' ଓ ୟୁଟିଲିଟି ଚାର୍ଜ ପାଇଁ ଅନଲାଇନରେ ପେମେଣ୍ଟ କରିପାରିବେ। ଏଥିପାଇଁ ଇଣ୍ଟରନେଟ୍ ବ୍ୟାଙ୍କିଂ, ମୋବାଇଲ୍ ବ୍ୟାଙ୍କିଂ ଓ ଡିଜିଟାଲ ୱାଲେଟ ଭଳି ବିଭିନ୍ନ ଡିଜିଟାଲ୍ ପେମେଣ୍ଟ ବିକଳ୍ପ ଉପଲବ୍ଧ ହେବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ନାଗରିକଙ୍କ ପାଇଁ ସରକାରୀ ପେମେଣ୍ଟ ବ୍ୟବସ୍ଥାକୁ ଅଧିକ ସୁବିଧାଜନକ ଓ ସହଜଲଭ୍ୟ କରିବା ସହ ନିୟମିତ ପୌର କାରବାର ପାଇଁ କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତାକୁ କମାଇବା। ଏହା ସହରାଞ୍ଚଳ ଶାସନରେ ସ୍ୱଚ୍ଛତା, ଦକ୍ଷତା ଓ ପେମେଣ୍ଟ ପ୍ରକ୍ରିୟାର ସୁଗମତାକୁ ଆହୁରି ବଢ଼ାଇବ। ଏହି ପେମେଣ୍ଟ ବ୍ୟବସ୍ଥାର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ସଂଗୃହୀତ ଅର୍ଥର ସୁଗମ ସେଟଲମେଣ୍ଟ ବ୍ୟବସ୍ଥା। ପେମେଣ୍ଟ ଗେଟୱେ ଜରିଆରେ ପ୍ରାପ୍ତ ଅର୍ଥ ସମ୍ପୃକ୍ତ ପୌର ସଂସ୍ଥାଗୁଡ଼ିକର ନିର୍ଦ୍ଦିଷ୍ଟ ବ୍ୟାଙ୍କ ଖାତାକୁ ବ୍ୟାବସାୟିକ ଦିବସ ଆଧାରରେ ସିଧାସଳଖ ସେଟଲମେଣ୍ଟ କରାଯିବ। ଫଳରେ ସଂଗ୍ରହର ସ୍ୱଚ୍ଛ ହିସାବ, ମେଳକରଣ ଓ ଟ୍ରାକିଂ ସମ୍ଭବ ହେବ। ଏହା ଡିଜିଟାଲ୍ ପେମେଣ୍ଟ ସେବାରେ ଅଧିକ ସ୍ୱଚ୍ଛତା ଆଣିବା ସହ ନାଗରିକଙ୍କ ଆସ୍ଥାକୁ ଆହୁରି ସୁଦୃଢ଼ କରିବ । ଏହି ସହଭାଗିତା ଡିଜିଟାଲ୍ ମାଧ୍ୟମରେ ନାଗରିକ ସେବାର ଦକ୍ଷତା, ସୁବିଧା ଓ ସହଜଲଭ୍ୟତାକୁ ଆହୁରି ବଢ଼ାଇବାରେ ସହାୟକ ହେବ ବୋଲି ଏସିଏସ ଶ୍ରୀମତୀ ପାଢ଼ୀ କହିଥିଲେ।

**● ଏକାମ୍ର ରେସିଡେନ୍ସି ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ**

# ୟୁଏଏନ୍ ଆଧାରରେ ଲଟେରିରେ ମିଳିବ ଘର

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ଏକାମ୍ର ରେସିଡେନ୍ସି ପାଇଁ ଆରମ୍ଭ ହେଲା ଆବେଦନ ପ୍ରକ୍ରିୟା। ଆସନ୍ତା ଅକ୍ଟୋବର ୩୧ ତାରିଖ ଯାଏଁ ଆବେଦନ କରିବାର ରହିଛି ସୁଯୋଗ। ପ୍ରକ୍ରିୟାକୁ ସ୍ୱଚ୍ଛ କରିବାକୁ ୟୁନିକ ଆକାଉଣ୍ଟ ନମ୍ବର (ୟୁଏଏନ) ବ୍ୟବସ୍ଥା କରାଯାଇଛି। ପ୍ରଥମେ ବିଡିଏ ୱେବସାଇଟ୍‌ରେ ୟୁନିକ ଆକାଉଣ୍ଟ ନମ୍ବର ପାଇଁ ଆବେଦନ କରିବେ। ୟୁନିକ ଆକାଉଣ୍ଟ ନମ୍ବର ମିଳିବା ପରେ ବୁକିଂ ପାଇଁ ଆବେଦନ କରିବେ। ଗୋଟିଏ ପରିବାରର ଜଣେ ହିଁ ସଦସ୍ୟ ଆବେଦନ କରିପାରିବେ। ଆପାର୍ଟମେଣ୍ଟଗୁଡ଼ିକ ସ୍ୱଚ୍ଛ ଓ ପାରଦର୍ଶୀ ପ୍ରକ୍ରିୟାରେ ଲଟେରି ଦ୍ୱାରା ଆବଣ୍ଟନ କରାଯିବ।

ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଜାରି ରହିବ। ଏନେଇ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା



ଦେଇଛନ୍ତି। ଆବେଦନକାରୀମାନେ ପ୍ରଥମେ ବିଡିଏର ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ପଞ୍ଜୀକରଣ କରି ୟୁନିକ ଆକାଉଣ୍ଟ ନମ୍ବର ଆବେଦନ କରିବେ। ସେଠି ତାଙ୍କର ଆଧାର କାର୍ଡ, ଜନ୍ମ ପ୍ରମାଣପତ୍ର ଓ ଆବାସିକ ପ୍ରମାଣପତ୍ର ବା ରେସିଡେଣ୍ଟ ସାର୍ଟିଫିକେଟ ଏବଂ ଅନ୍ୟାନ୍ୟ ପ୍ରମାଣପତ୍ର ଦେବାକୁ ପଡ଼ିବ। ୟୁନିକ ଆକାଉଣ୍ଟ ନମ୍ବର ମିଳିବା ପରେ ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ହେବ। ଗୋଟିଏ ପରିବାରର ଜଣେ ହିଁ ସଦସ୍ୟ ଆବେଦନ କରିପାରିବେ। ୟୁନିକ ଆକାଉଣ୍ଟ ନମ୍ବର ଦ୍ୱାରା ଅଧିକ ଲୋକ ଆବେଦନ କଲେ ଜଣାପଡ଼ିଯିବ।

ଆପାର୍ଟମେଣ୍ଟଗୁଡ଼ିକ ସ୍ୱଚ୍ଛ ଓ ପାରଦର୍ଶୀ ପ୍ରକ୍ରିୟାରେ ଲଟେରି ମାଧ୍ୟମରେ ଆବଣ୍ଟନ କରାଯିବ। ଆବେଦନ ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ନିୟମାବଳୀ ରହିଛି। ଗୋଟିଏ ପରିବାରରୁ ଜଣେ ବ୍ୟକ୍ତି ଆବେଦନ କରିପାରିବେ। ଏହାଦ୍ୱାରା ଅଧିକରୁ ଅଧିକ ଆବଶ୍ୟକୀୟ ଲୋକଙ୍କୁ ଘର ପାଇବାର ସୁଯୋଗ ମିଳିବା ସହ ଲଟେରି ପ୍ରକ୍ରିୟାକୁ ସ୍ୱଚ୍ଛ ରଖାଯାଇପାରିବ।ସରକାରଙ୍କ ଉଦ୍ଦେଶ୍ୟ ହେଉଛି, ଆବଶ୍ୟକତା ଥିବା ସର୍ବାଧିକ ଲୋକଙ୍କୁ ଏହି ଯୋଜନାର ସୁଯୋଗ ଦେବା। ତେଣୁ ସମସ୍ତ ଆବେଦନକାରୀ ନିର୍ଦ୍ଧାରିତ ନିୟମ ଅନୁସରଣ କରି ସଠିକ୍ ତଥ୍ୟ ଓ ଦସ୍ତାବିଜ ସହ ଆବେଦନ କରିବାକୁ କୁହାଯାଇଛି।

**● ଉତ୍ତର ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ**

# ୧୯ ବେଳକୁ ଲଘୁଚାପ, ବାତ୍ୟା ସମ୍ଭାବନା



ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ଓଡ଼ିଶା ଉପକୂଳରେ ମାଡ଼ ହୋଇପାରେ ବାତ୍ୟା। ଅବଶ୍ୟ ଏନେଇ ସମ୍ପୂର୍ଣ୍ଣ ଚିତ୍ର ଏଯାଏଁ ଅସ୍ପଷ୍ଟ ରହିଛି ବୋଲି କହିଛନ୍ତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ। ସେ ଦର୍ଶାଇଛନ୍ତି ଯେ ସଦ୍ୟ ସାଟେଲାଇଟ୍ ଚିତ୍ରରେ ଉତ୍ତର ଆଣ୍ଡାମାନ ସାଗର ଓ ନିକଟବର୍ତ୍ତୀ ଅଞ୍ଚଳରେ ବାଦଲ ଅଧିକ ଘନୀଭୂତ ହେଉଥିବା ଦେଖାଯାଉଛି। ଏହା ଉପର ବାୟୁମଣ୍ଡଳର ଘୂର୍ଣ୍ଣିବଳୟ ଏହି ଅଞ୍ଚଳକୁ ଆସୁଥିବାର ସଙ୍କେତ ଦେଉଛି। ଆସନ୍ତା ୧୯ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହୋଇ ପରେ ଆହୁରି ଘନୀଭୂତ ହୋଇପାରେ। ବିଶ୍ୱ ଓ ଭାରତୀୟ ପାଣିପାଗ ମଡେଲ୍‌ର ଆକଳନ ଅନୁସାରେ, ଲଘୁଚାପ ସୃଷ୍ଟି ହେବା ପରେ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇପାରେ। ଅବପାତ ହେବାର ସମ୍ଭାବନା ବଢ଼ୁଛି ଓ ପରେ ଗଭୀର ଅବପାତ ହେବାର ମଧ୍ୟ ସମ୍ଭାବନା ରହିଛି। ଆହୁରି ଶକ୍ତିଶାଳୀ ହୋଇ ବାତ୍ୟା ହେବାର ସମ୍ଭାବନାକୁ ଏବେ ବାଦ୍ ଦିଆଯାଇପାରୁନାହିଁ। କିନ୍ତୁ ଏଥିରେ ସମସ୍ତ ମଡେଲ୍ ଏପର୍ଯ୍ୟନ୍ତ ଏକମତ ହୋଇନାହାନ୍ତି। ପ୍ରଫେସର ପଶୁପାଳକଙ୍କ ଅନୁଧ୍ୟାନ କହୁଛି, ସଦ୍ୟ ଇସିଏମ୍‌ଡବ୍ଲ୍ୟୁଏଫ୍/ଇପିଏସ୍ ଓ ଜିଏଫ୍‌ଏସ୍/ଜିଇଏଫ୍‌ଏସ୍ ଆକଳନରେ ପୂର୍ବ ତୁଳନାରେ ଗତିପଥ କିଛି ଅଧିକ ଉତ୍ତର ଆଡ଼କୁ ଯାଉଥିବା ସଙ୍କେତ ମିଳୁଛି। ଫଳରେ ଓଡ଼ିଶା- ପଶ୍ଚିମବଙ୍ଗ ଉପକୂଳ ଉପରେ ନଜର ବଢ଼ିଛି। ବିଭିନ୍ନ ମଡେଲ୍‌ର ଆକଳନ ମଧ୍ୟରେ ପାର୍ଥକ୍ୟ କମୁଛି, କିନ୍ତୁ କେଉଁ ସ୍ଥାନରେ ଉପକୂଳ ଅତିକ୍ରମ କରିବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ।

# ଅଧିକ ରିଟର୍ଣ୍ଣର ଲୋଭ ଦେଖାଇ ୨୫ ଲକ୍ଷ ଠକେଇ: ୩ ଗିରଫ



ସମ୍ବଲପୁର,୧୮।୯(ସଂଚାର ବ୍ୟୁରୋ): ମନି ଫ୍ରଡ୍ ଅଧିକ ରିଟର୍ଣ୍ଣର ଲୋଭ ଦେଖାଇ ୨୫ ଲକ୍ଷ ଠକେଇ ହୋଇଥିବା ବେଳେ ଏହି ମାମଲାରେ ୩ ଜଣ ଗିରଫ ହୋଇଛନ୍ତି। ସମ୍ବଲପୁର ସାଇବର କ୍ରାଇମ୍ ଓ ଇକୋନୋମିକ୍ ଅଫେନ୍ସ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝରଣା ବାଡ଼ି, ରାକେଶ ବାଡ଼ି ଓ ରାଜକୁମାରୀ ବାଡ଼ି। ଏମାନେ ସମସ୍ତେ ସମ୍ପର୍କରେ ଭାଇ ଭଉଣୀ। ଘର ଝାରସୁଗୁଡ଼ା ଜିଲ୍ଲାର ବାଘୁପଡ଼ା ଅଞ୍ଚଳରେ ବୋଲି ପୁଲିସ ସୂଚନା ଦେଇଛି। ଉକ୍ତ ଅଭିଯୁକ୍ତ ଫେରାର ହୋଇଯାଇଥିଲେ ପରେ ସେମାନଙ୍କ ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ଟଙ୍କା ବଦଳରେ କାଗଜ ନୋଟ୍‌ର ବଣ୍ଡଲ ଦିଆ ଯାଉଥିବାର ଜଣାପଡ଼ିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଟେକ୍ନିକାଲ୍ ଆନାଲିସିସ୍ ଓ ବିଶ୍ୱସନୀୟ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ସମ୍ବଲପୁର ଅନ୍ତର୍ଗତ ସିଂପାଲି, କାଇନସିର, ଅଇଁଠାପାଲି ଅଞ୍ଚଳର ଏକ ଭଡ଼ା ଘରେ ପୁଲିସ ଚଢ଼ାଉ କରି ଉକ୍ତ ୩ ଅଭିଯୁକ୍ତଙ୍କୁ ଧରିଥିଲା। ଚଢ଼ାଉ ବେଳେ ପୁଲିସ ୧୫ ଲକ୍ଷ ୫୦ ହଜାର ଟଙ୍କା ନଗଦ, ପ୍ରାୟ ୧୨ ଲକ୍ଷ ଟଙ୍କାର ସୁନା, ୨୦ଟି ମୋବାଇଲ୍, ଗୋଟିଏ ଲ୍ୟାପଟପ୍, ଗୋଟିଏ ଟ୍ୟାବ୍, ଆକ୍ସିଭା, ନକଲି ଆଧାର କାର୍ଡ, ନୋଟ୍ ଛାପିବା ପାଇଁ ବ୍ୟବହୃତ କୁ-ରେ ମେସିନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି।

# ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

**ପରିବାରକୁ ଭେଟି ସମବେଦନା ଜଣାଇଲେ ମହାକାଳପଡ଼ା ବିଧାୟକ**



ମହାକାଳପଡ଼ା,୧୮।୯(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରିଆ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନରେ ବଜ୍ରପାତ ଘଟି ଜଣେ ୬୨ ବର୍ଷୀୟ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଗ୍ରାମର ପ୍ରାଣମୂର ରାଉତ। ମିଳିଥିବା ସୂଚନାନୁଯାୟୀ, ପ୍ରାଣମୂର ନିଜ ବାଡ଼ି ପଛପଟେ ଗାଈଗୁଡ଼ିକୁ ଆଣିବା ପାଇଁ ଯାଇଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଗୁରୁତର ଆହତ ହୋଇ ସେ ଘର ପଛପଟେ ଟଳିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ କର୍ତ୍ତବ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଘଟଣାକୁ ନେଇ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଏହି ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମୃତକଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଗଭୀର ଦୁଃଖ ପ୍ରକାଶ କରି ପରିବାରକୁ ସାନ୍ତ୍ୱନା ଦେଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଦୁଇ ବର୍ଷରେ ଶିଳ୍ପାୟନର ନୂଆ ଧାରା ସୃଷ୍ଟି ହୋଇଛି: ଶିଳ୍ପ ମନ୍ତ୍ରୀ

**● ପ୍ରକଳ୍ପ ଆସୁଛି, ନିବେଶ ହେଉଛି ଓ ନିଯୁକ୍ତି ସୃଷ୍ଟି ହୋଇଛି**

**● ରାଜନୈତିକ ଚଷମାରେ ନୁହେଁ, ପ୍ରକୃତ ତଥ୍ୟରେ ମାପନ୍ତୁ ବିରୋଧୀ ଦଳ**

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ଓଡ଼ିଶାର ଶିଳ୍ପ ବିକାଶ, ରାଜ୍ୟକୁ ବୈଦେଶିକ ପୁଞ୍ଜିନିବେଶ ଆକୃଷ୍ଟ କରିବା ତଥା ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ 'ଓଡ଼ିଶା ଇନଭେଷ୍ଟର୍ସ ମିଟ୍- ୟୁଏଇ ୨୦୨୬' ପାଇଁ ତିନିଦିନିଆ ୟୁଏଇ ଗସ୍ତରେ ଯାଇଥିଲେ। ଏହି ୟୁଏଇ ଗସ୍ତ ଓଡ଼ିଶା ପାଇଁ ଅଭୂତପୂର୍ବ ସଫଳତା ଆଣିଛି। ୟୁଏଇ ତଥା ବିଶ୍ୱର ୧୬୦ ଜଣ ପ୍ରମୁଖ ନିବେଶକ, ଶିଳ୍ପ ନେତୃବୃନ୍ଦ ଓ ପ୍ରତିଷ୍ଠିତ ବାଣିଜ୍ୟିକ ସଂସ୍ଥାଗୁଡ଼ିକ ସହ ପାଖାପାଖି ୫୨ଟି ବୈଠକରେ ଯୋଗ ଦେଇ ଏହି ନିବେଶକ ସମ୍ମିଳନୀରେ ମୋଟ ୨୪ଟି ପୁଞ୍ଜିନିବେଶ ପ୍ରସ୍ତାବ ରାଜ୍ୟକୁ ଆସିପାରିଛି। ଏହି ପ୍ରସ୍ତାବଗୁଡିକ ମାଧ୍ୟମରେ ରାଜ୍ୟକୁ ପ୍ରାୟ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିବ ଓ ଏହାଦ୍ୱାରା ୮ ଲକ୍ଷ ୯୫ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏହା ଆଲୁମିନିୟମ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, କ୍ରିଟିକାଲ ମିନେରାଲ୍ସ, ଗ୍ରୀନ ଏନର୍ଜି, ଲଜିଷ୍ଟିକ, ଫୁଡ୍ ପ୍ରୋସେସିଂ, ଟେକ୍ସଟାଇଲ୍ସ କେମିକାଲ୍ସ ଓ ଅନ୍ୟାନ୍ୟ ବିକଶିତ କ୍ଷେତ୍ରରେ ନୂତନ ସୁଯୋଗର ବାଟ ଫିଟାଇଛି। ୟୁଏଇ ଗସ୍ତ ଓଡ଼ିଶାର ଶିଳ୍ପ ଜଗତ ପାଇଁ ଏକ ଐତିହାସିକ ଓ ଅତ୍ୟନ୍ତ ସଫଳ ଅଧ୍ୟାୟ ହୋଇ ରହିବ ବୋଲି ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ନିବେଶ ପ୍ରସ୍ତାବଗୁଡ଼ିକୁ ପ୍ରକଳ୍ପରେ ପରିଣତ କରିବା, ଶିଳ୍ପ ପ୍ରତିଷ୍ଠାକୁ ସହଜ କରିବା ଓ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ। ଏବେ ଓଡ଼ିଶାର ଶିଳ୍ପ ଅଗ୍ରଗତି ବେଶ୍ ଉଲ୍ଲେଖନୀୟ ହୋଇପାରିଛି। ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ପାଖାପାଖି ୧୦ ଲକ୍ଷ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଓ ୬ ଲକ୍ଷ ୩୦ ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ଥିବା ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ୨୫ ବର୍ଷର ଓଡ଼ିଶା ଶିଳ୍ପ ଇତିହାସରେ ଏହି ରେକର୍ଡ କେବେ ଦେଖିବାକୁ ମିଳି ନ ଥିଲା। ୧୦ଟି ପ୍ରମୁଖ ସେକ୍ଟରାଲ୍ ଗ୍ରୁପରେ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛୁ। ସରକାରଙ୍କ ଲକ୍ଷ୍ୟ ସାମଗ୍ରିକ ବିକାଶ। ମାଲକାନଗିରିରୁ ମୟୂରଭଞ୍ଜ ଓ ସୁନ୍ଦରଗଡ଼ରୁ ଜଗତସିଂହପୁର ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଶିଳ୍ପାୟନକୁ ପ୍ରୋତ୍ସାହନ ଦେଉଛୁ। କେବଳ ଶିଳ୍ପ ପ୍ରକଳ୍ପ ଅନୁମୋଦନ ନୁହେଁ, ପ୍ରକଳ୍ପଗୁଡିକୁ ବାସ୍ତବରେ ରୂପ ଦେବା ଉପରେ ଆମ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ଅଦ୍ୟାବଧି ପାଖାପାଖି ୩ ଲକ୍ଷ ୧୨ ହଜାର କୋଟି ଟଙ୍କାର ୧୫୧ଟି ଶିଳ୍ପ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇସାରିଛି, ଯେଉଁଥିରେ ୨ ଲକ୍ଷ ୪୦ ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ରହିଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

ଶିଳ୍ପ ବିକାଶର ପ୍ରସଙ୍ଗରେ ପୂର୍ବ ସରକାର ଦିନରେ ଲଣ୍ଡନ ଦେଖାଇ ମନଗଢ଼ା କାହାଣୀ କହୁଥିଲେ। ଆମ ସରକାରଙ୍କ ପ୍ରତ୍ୟେକ ପଦକ୍ଷେପକୁ ଫଟୋ-ଅପ୍ ବୋଲି କହିବା ବିଜେଡିର ରାଜନୈତିକ ହତାଶାକୁ ପ୍ରତିଫଳିତ କରୁଛି। ପ୍ରଶ୍ନ କରିବା ଗଣତନ୍ତ୍ରର ଅଧିକାର, କିନ୍ତୁ ଉତ୍ତର ଶୁଣିବା ମଧ୍ୟ ଗଣତନ୍ତ୍ରର ଦାୟିତ୍ୱ। ବିଜେଡି ପାଖରେ ପର୍ଯ୍ୟାପ୍ତ ସୁଯୋଗ ଥିଲା, କିନ୍ତୁ କାମ କଲେ ନାହିଁ। କିନ୍ତୁ ଆମ ସରକାର କଥାରେ ନୁହେଁ ବରଂ କାମରେ ବିଶ୍ୱାସ କରୁ। ଆମର ଉତ୍ତର ସ୍ପଷ୍ଟ-ପ୍ରକଳ୍ପ ଆସୁଛି, ନିବେଶ ହେଉଛି ଓ ନିଯୁକ୍ତି ସୃଷ୍ଟି ହେଉଛି। ସଦ୍ୟ ପ୍ରକାଶିତ ସିଏମଆଇ ରିପୋର୍ଟ ତଥ୍ୟାନୁଯାୟୀ, ନିବେଶକଙ୍କୁ ଆକୃଷ୍ଟ କରିବାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ଥିବାବେଳେ ନୀତି ଆୟୋଗ ରିପୋର୍ଟ ଅନୁଯାୟୀ ଓଡ଼ିଶା ହେଉଛି ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ। ବର୍ତ୍ତମାନ ଦ୍ରୁତ ଶିଳ୍ପାୟନ ମାଧ୍ୟମରେ ଆମେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ସ୍ୱପ୍ନ ସାକାର କରିବୁ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ରାଜ୍ୟ ମୁଖପାତ୍ର ତପନ ଚାନ୍ଦ, ଅନିଲ ବିଶ୍ୱାଳ ଓ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ଉପସ୍ଥିତ ଥିଲେ।

**'ନଶାମୁକ୍ତ ଭାରତ ଅଭିଯାନ' ଅଗ୍ରଗତି ନେଇ ମୁଖ୍ୟ ସଚିବଙ୍କ ସମୀକ୍ଷା**

# ନିଶାବିରୋଧୀ ଅଭିଯାନକୁ ଜୋରଦାର କରିବାକୁ ଗୁରୁତ୍ୱ



**■ ପୁନର୍ବାସ ଓ ବିକଳ୍ପ ଜୀବିକା ଉପରେ ପରାମର୍ଶ**

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ଓଡ଼ିଶାରେ 'ନଶାମୁକ୍ତ ଭାରତ ଅଭିଯାନ' (ଏନ୍‌ଏମ୍‌ବିଏ), ନିଶାଦ୍ରବ୍ୟର ଚାହିଦା ହ୍ରାସ, ନିଶାଦ୍ରବ୍ୟର ଅବୈଧ କାରବାର ବିରୋଧରେ ପ୍ରବର୍ତ୍ତନ, ପୁନର୍ବାସ ଏବଂ ଜନସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ନିଶା ନିବାରଣ, ସଚେତନତା, ଆଇନଗତ ପ୍ରବର୍ତ୍ତନ, ଚିକିତ୍ସା, ପୁନର୍ବାସ ଓ ସାମାଜିକ ପୁନଃସଂଯୋଜନ କ୍ଷେତ୍ରରେ ବିଭିନ୍ନ ବିଭାଗ, ଓଡ଼ିଶା ପୁଲିସ, ଜିଲ୍ଲା ପ୍ରଶାସନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଛି। ଗତକାଲି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ- ସିଆଇଡି-କ୍ରାଇମ୍ ବ୍ରାଞ୍ଚ ପକ୍ଷରୁ ଆହୂତ ବୈଠକରେ ଗୃହ, ଶିଳ୍ପ ଓ ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ବୃନ୍ଦା ଡି, ଏସଟିଏଫ୍ ଆଇଜି ହିମାଂଶୁ ଲାଲ, ଡିଆଇଜି କେଭି ସିଂଙ୍କ ସମେତ ବିଭାଗୀୟ ଶାଖାର ଅନ୍ୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ବୈଠକରେ ଗତ ଜୁନ୍‌ରେ ଅନୁଷ୍ଠିତ ସପ୍ତମ ରାଜ୍ୟ ନାର୍କୋ-କୋର୍ଡିନେସନ ବୈଠକ ପରଠାରୁ ନିଶା ଦ୍ରବ୍ୟ କାରବାର ପ୍ରତି ଚଢ଼ାଉକୁ ଜୋରଦାର କରାଯାଇ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଥିବା ସମ୍ପର୍କରେ ଏସଟିଏଫ୍ ଆଇଜି ତଥ୍ୟ ପ୍ରଦାନ କରିବା ସହ ଏହି କାର୍ଯ୍ୟ ଜାରି ରହିଥିବା ସମ୍ପର୍କରେ ସୂଚନା ଦେଇଥିଲେ।

ନିଶାଦ୍ରବ୍ୟର ଅବୈଧ କାରବାର ରୋକିବା ପାଇଁ ଓଡ଼ିଶା ପୁଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ ଓ ଅପରାଧ ଶାଖା ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ନିଶା କାରବାର ସହ ଜଡ଼ିତ ଆନ୍ତଃରାଜ୍ୟ ଗୋଷ୍ଠୀଗୁଡ଼ିକ ବିରୋଧରେ ଚଢ଼ାଉ ଓ ଆଇନଗତ ପଦକ୍ଷେପ ନିଆଯାଉଛି। ନିଶାଦ୍ରବ୍ୟ ସମ୍ପର୍କିତ ମାମଲାର ତଦନ୍ତ, ନିରୀକ୍ଷଣ ଓ ଆଇନଗତ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରାଯାଉଛି। ମାମଲାଗୁଡ଼ିକର ତଦନ୍ତର ଗୁଣବତ୍ତା ବୃଦ୍ଧି ପାଇଁ ନୂତନ ଯାଞ୍ଚ ତାଲିକା ଓ ରେଞ୍ଜସ୍ତରୀୟ କାର୍ଯ୍ୟଦଳ ଗଠନ କରାଯାଇଛି। ନିଶା ଅବୈଧ କାରବାର ରୋକିବା ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ସହ ତଥ୍ୟ ଆଦାନପ୍ରଦାନ ଓ ସମନ୍ୱୟକୁ ସୁଦୃଢ଼ କରାଯାଉଛି। ଗତ ୧୦ରେ ପଶ୍ଚିମବଙ୍ଗ, ତାମିଲନାଡୁ, ଆନ୍ଧ୍ର ପ୍ରଦେଶ ଓ ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ ସହ ଆନ୍ତଃରାଜ୍ୟ ଭିଡିଓ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସ୍ତରରେ ମଧ୍ୟ ନାର୍କୋଟିକ୍ସ କୋର୍ଡିନେସନ୍ କମିଟି ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ସେହିପରି ଦିଶା ପୁନର୍ବାସ କେନ୍ଦ୍ରଗୁଡ଼ିକରେ ନିଶାସକ୍ତରୁ ମୁକ୍ତି ପାଉଥିବା ବ୍ୟକ୍ତିଙ୍କର ଦକ୍ଷତା ବିକାଶ, ବୃତ୍ତିଗତ ପ୍ରଶିକ୍ଷଣ, ପୁନର୍ବାସ ଓ ସାମାଜିକ ପୁନଃସଂଯୋଜନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କେନ୍ଦ୍ରଗୁଡ଼ିକରେ ସିଲେଇ ଓ ଟେଲରିଂ, ହସ୍ତଶିଳ୍ପ ଓ ଟୋକେଇ ପ୍ରସ୍ତୁତି, ଧୂପକାଠି ଉତ୍ପାଦନ ଓ ଡିଜିଟାଲ୍ ସାକ୍ଷରତା ଓ କମ୍ପ୍ୟୁଟର ଦକ୍ଷତା ଭଳି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଗଞ୍ଜେଇ ଚାଷ ବା ନିଶା କାରବାରରେ ଲିପ୍ତ ରହୁଥିବା ଲୋକଙ୍କ ପାଇଁ କୃଷି, ଉଦ୍ୟାନ କୃଷି, ଛେଳି ପାଳନ, କୁକୁଡ଼ା ପାଳନ, ମାଛ ଚାଷ, ଚାରା ରୋପଣ ଓ ବିଭିନ୍ନ ଦକ୍ଷତା ବିକାଶ ମାଧ୍ୟମରେ ବିକଳ୍ପ ଜୀବିକାର ସୁଯୋଗ ସୃଷ୍ଟି ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ।

**● ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୪୩ତମ ପ୍ରତିଷ୍ଠା ଦିବସ**

# ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ ଆପଣାଇବାକୁ ଗୁରୁତ୍ୱ

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ୪୩ତମ ପ୍ରତିଷ୍ଠା ଦିବସ ସମାରୋହ ଆଜି ଓୟୁଏଟିର କୃଷି ଶିକ୍ଷା ସଦନଠାରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମନ୍ତ୍ରୀ କହିଥିଲେ ଯେ ବିଗତ ୪୩ ବର୍ଷ ଧରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପରିବେଶ ସୁରକ୍ଷା ପ୍ରତି ନିଜର ଦାୟିତ୍ୱ ନିଷ୍ଠା ଓ ସ୍ୱଚ୍ଛତାର ସହ ନିର୍ବାହ କରିଆସିଛି। ପ୍ରମୁଖ ସହର ଓ ଶିଳ୍ପାଞ୍ଚଳରେ ବାୟୁ ଗୁଣବତ୍ତା ନିରୀକ୍ଷଣ, ନଦୀ ଓ ଜଳାଶୟର ଜଳ ପରୀକ୍ଷା, ଶିଳ୍ପ ବର୍ଜ୍ୟଜଳ ଉପରେ ନଜର ରଖିବା ଓ ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁର ସୁପରିଚାଳନା ଦିଗରେ ବୋର୍ଡ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛି। ଡିଜିଟାଲ୍ ବ୍ୟବସ୍ଥା ଦ୍ୱାରା ଅନୁମତି ପ୍ରକ୍ରିୟା ଅଧିକ ସହଜ, ଦ୍ରୁତ ଓ ସ୍ୱଚ୍ଛ ହୋଇଛି। ଏହି ସବୁ ସଫଳତା ପଛରେ ବୋର୍ଡର ଇଞ୍ଜିନିୟର, ବୈଜ୍ଞାନିକ, ପ୍ରଶାସନିକ ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ରହିଛି। ସେ ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣକୁ ଗୁରୁତ୍ୱ ଦେଇଆସିଛନ୍ତି। ତାଙ୍କଠାରୁ ପ୍ରେରଣା ନେଇ ବୁଦ୍ଧିଜୀବୀ ଓ ଯୁବପିଢ଼ି, ବିଶେଷକରି ଜେନ୍-ଜି, ପ୍ରଦୂଷଣ ରୋକିବା ପାଇଁ ସଚେତନତା ସୃଷ୍ଟି କରିବା ସହ ନିଜ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ ଆପଣାଇବା ଆବଶ୍ୟକ। ସମସ୍ତଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ହିଁ ଆମେ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଢ଼ିପାରିବା। ଶିଳ୍ପାନୁଷ୍ଠାନ, ଖଣି ଓ ସ୍ୱାସ୍ଥ୍ୟସେବା ବର୍ଗରେ 'ପରିବେଶ ପ୍ରଶଂସା ପତ୍ର' ପ୍ରଦାନ କରାଯାଇଥିବା ବେଳେ ଶିଳ୍ପ ଜନବସତି ବର୍ଗରେ 'ପରିବେଶ ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଥିଲା।

# ସ୍ୱାଭାବିକ ହେଲା ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ୨୦ ଘଣ୍ଟା ପରେ ସ୍ୱାଭାବିକ ହେଲା ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି। ମନ୍ଦିର ପ୍ରଶାସନର ବୁଝାସୁଝା ପରେ ଆରମ୍ଭ ହୋଇଛି ଲିଙ୍ଗରାଜଙ୍କ ନୀତିକାନ୍ତି। ନୀତିକାନ୍ତି ସ୍ୱାଭାବିକ ନେଇ ବ୍ରାହ୍ମଣ ନିଯୋଗ ସଭାପତି ସୂଚନା ଦେଇଛନ୍ତି। ଗତକାଲି ପଞ୍ଚବକ୍ତ୍ରଙ୍କ ନୀତିକାନ୍ତିକୁ ନେଇ ବିବାଦ ଦେଖାଦେଇଥିଲା। ବ୍ରାହ୍ମଣ ନିଯୋଗ-ପୂଜାପଣ୍ଡା ନିଯୋଗ ବିବାଦରୁ ବନ୍ଦ ଥିଲା ନୀତିକାନ୍ତି। ଗତକାଲି ରାତିରୁ ଉପାସରେ ଥିଲେ ପ୍ରଭୁ ଲିଙ୍ଗରାଜ। ଖୋର୍ଦ୍ଧା ଜିଲ୍ଲା ଏଡିଏମ୍ ତଥା ଲିଙ୍ଗରାଜ ମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ମନ୍ଦିର ପରିଚାଳନା ବୋର୍ଡ, ବ୍ରାହ୍ମଣ ନିଯୋଗ ଓ ପୂଜା ପଣ୍ଡା ନିଯୋଗ ମଧ୍ୟରେ ୩ ଘଣ୍ଟାର ଆଲୋଚନା ହୋଇଥିଲା।







# ଓଇଆରସି ତଥ୍ୟ ଓ ଟାଟା ନିବେଶ ତଥ୍ୟରେ ତାଳମେଳ ନାହିଁ

ଭୁବନେଶ୍ୱର,୧୮।୯(ସଂଚାର ବ୍ୟୁରୋ): ଓଡ଼ିଶା ବିଦ୍ୟୁତ ସେବାକୁ ନିର୍ଭରଯୋଗ୍ୟ କରିବା ପାଇଁ ଟାଟା ପାୱାର ବିତରଣ କମ୍ପାନୀଗୁଡ଼ିକ ୨୦୨୬-୨୭ରୁ ୨୦୩୦-୩୧ ମଧ୍ୟରେ ୯୧୯୩ କୋଟି ଟଙ୍କାର ଏକ ବହୁବର୍ଷୀୟ ପୁଞ୍ଜିନିବେଶ ଯୋଜନା ଦରଖାସ୍ତ ଓଇଆରସିରେ ଦାଖଲ କରିଛନ୍ତି। ୨୦୨୬-୨୭ ପାଇଁ ୧୫୦୨ କୋଟି ଟଙ୍କା ୧୫.୦୫.୨୦୨୬ରେ ଓଇଆରସି ଅନୁମୋଦନ କରିଥିବା ବେଳେ ଅବଶିଷ୍ଟ ପୁଞ୍ଜିନିବେଶ ଯୋଜନାକୁ ଅନୁମୋଦନ କରିବା ପାଇଁ ଆୟୋଗ ଏକ ସାର୍ବଜନୀନ ସୂଚନା ଜାରି କରି ୧୭.୦୯.୨୦୨୬ ମଧ୍ୟରେ ଜନସାଧାରଣଙ୍କ ମତାମତ ଆହ୍ୱାନ କରିଥିଲେ। ଆସନ୍ତା ୨୨ରେ ଓଇଆରସି କାର୍ଯ୍ୟାଳୟରେ ଜନଶୁଣାଣି ଅନୁଷ୍ଠିତ ହେବ। ଟାଟା ଦରଖାସ୍ତରୁ ସ୍ପଷ୍ଟ ହୋଇଛି ଯେ ଓଡ଼ିଶା ବିଦ୍ୟୁତ ସେବା ଦାୟିତ୍ୱ ଗ୍ରହଣ କରିବା ପରେ ୨୦୨୦-୨୧ରୁ ୨୦୨୫-୨୬ ମଧ୍ୟରେ







ଟାଟା ପାୱାର ଓଡ଼ିଶାରେ ୬୫୪୮ କୋଟି ଟଙ୍କା ପୁଞ୍ଜିନିବେଶ କରିଛି। ସେଥିରୁ ୫୬୯୮ କୋଟି ଟଙ୍କାର କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବାକି ୮୫୦ କୋଟି ଟଙ୍କା କାମ ନିର୍ମାଣାଧୀନ ରହିଛି। ତେବେ ଓଡ଼ିଶା ବିଦ୍ୟୁତ ସେବା ଭାର ଟାଟା ଗ୍ରହଣ କଲା ପରେ ପୁଞ୍ଜିନିବେଶ ବାବଦକୁ କେତେ ପରିମାଣର ସରକାରୀ ଅନୁଦାନ ପାଇଛନ୍ତି ଓ ସେଥିରୁ କେତେ ନିବେଶ କରିଛନ୍ତି, ତାହାର ତଥ୍ୟ ଦରଖାସ୍ତରେ ନାହିଁ। ଚଳିତ ବର୍ଷ ପାଇଁ ୨୪.୦୩.୨୦୨୬ରେ ଓଇଆରସି ଜାରି କରିଥିବା ଟାରିଫ ଆଦେଶରୁ ଜଣାପଡ଼ିଛି ଯେ ସରକାରୀ ନିବେଶ ପରିମାଣକୁ ୧୫୨୮୯ କୋଟି ଟଙ୍କାରେ ଅନୁମୋଦନ କରିବା ପାଇଁ ଟାଟା ପ୍ରସ୍ତାବ ଦେଇଥିଲା। ସେଥିରୁ ଆୟୋଗ ୧୧୭୮୩ କୋଟି ଟଙ୍କା ଅନୁମୋଦନ କରି ଚଳିତ ବର୍ଷର ଟାରିଫ ନିର୍ଣ୍ଣୟ କରିଥିଲେ। ଆଶ୍ଚର୍ଯ୍ୟଜନକ କଥାଟି ହେଉଛି ୨୦୨୦-୨୧ରୁ ୨୦୨୫-୨୬ ମଧ୍ୟରେ ଟାଟାର ପୁଞ୍ଜିନିବେଶ ପରିମାଣକୁ ଓଇଆରସି ୧୨୭୮୬ କୋଟି ଟଙ୍କା ଅନୁମୋଦନ କରି ଟାରିଫ ନିର୍ଣ୍ଣୟ କରିଥିବା ବେଳେ ଟାଟା ଦରଖାସ୍ତରେ ମାତ୍ର ୫୬୯୮ କୋଟି ଟଙ୍କା ଦର୍ଶାଯାଇଛି। ଟାଟାର ପୁଞ୍ଜିନିବେଶ ଯୋଜନା ଦରଖାସ୍ତ ଉପରେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ସର୍ବସାଧାରଣ ମତାମତ ସତ୍ୟପାଠ ଜରିଆରେ ଓଇଆରସିରେ ଦାଖଲ କରି କହିଛନ୍ତି ଯେ ୪ଟି ଟାଟା ବିତରଣ କମ୍ପାନୀ ଦାଖଲ କରିଥିବା ପୁଞ୍ଜିନିବେଶ ଯୋଜନାରେ ତାଳମେଳ ନାହିଁ। ଏହା ଆଞ୍ଚଳିକ ଭେଦଭାବକୁ ପ୍ରୋତ୍ସାହିତ କରିବ। ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ୨୦୨୦-୨୧ରେ ଟାଟାକୁ ହସ୍ତାନ୍ତର ହେବା ପରେ ଉଭୟ ଘରୋଇ ଓ ସରକାରୀ ପୁଞ୍ଜିନିବେଶ ପ୍ରାୟ ୨୦ ହଜାର କୋଟି ଟଙ୍କା ହୋଇଥିବା ବେଳେ ବିଦ୍ୟୁତ ବିତରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ମିଟରିଂ ନହେବା, ବିଦ୍ୟୁତ ବିଭ୍ରାଟ ଓ ଦୁର୍ଘଟଣାରେ ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ନ ହେବା ଓ ଖୋଲା ତାର ଓ ଟ୍ରାନସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିବା ଆମର ପୁଞ୍ଜିନିବେଶ ଅନୁମୋଦନ ପ୍ରକ୍ରିୟାରେ ଥିବା ଗଳାବାଟକୁ ସ୍ପଷ୍ଟ ଇଙ୍ଗିତ କରୁଛି।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଗୁରୁବାର ୧୭ ସେପ୍ଟେମ୍ବର ୨୦୨୬
BUSINESS

## ଆଜିର ସୁନା ଦର



ହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୮୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୦,୦୯୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୮୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୦,୦୯୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୮୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୦,୦୯୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୨,୯୮୦ ଟଙ୍କା ଓ ୨୨ କ୍ୟାରଟେ ୧,୪୦,୨୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୨,୮୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୦,୦୯୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୮୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୦,୦୯୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୪,୯୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୮ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୭୧ ପଇସା ରହିଛି ।

## ଆସୁଛି ନୋ ଇନ୍ସୁରାନ୍ସ, ନୋ ଫ୍ୟୁଲ ନିୟମ

# ଇନ୍ସୁରାନ୍ସ ନଥିଲେ ପେଟ୍ରୋଲ-ଡିଜେଲ ମିଳିବନି!




ନୂଆଦିଲ୍ଲୀ,୧୮।୯ଃ ଗାଡ଼ି ଚଳାଉଥିଲେ ଏଣିକି ଇନ୍ସୁରାନ୍ସ ରିନ୍ୟୁ କରିବାରେ ଅବହେଳା କରନ୍ତୁ ନାହିଁ। ଖୁବଶୀଘ୍ର ଦେଶର କିଛି ସହରରେ 'ନୋ ଇନ୍ସୁରାନ୍ସ, ନୋ ଫ୍ୟୁଏଲ୍' ବ୍ୟବସ୍ଥାର ପାଇଲଟ୍ ପ୍ରକଳ୍ପ ଆରମ୍ଭ ହୋଇପାରେ। ଏହି ବ୍ୟବସ୍ଥା ଅନୁସାରେ ପେଟ୍ରୋଲ ପମ୍ପରେ ଲାଗିଥିବା କ୍ୟାମେରା ଗାଡ଼ିର ନମ୍ବର ପ୍ଲେଟ୍ ସ୍କାନ୍ କରି ଥାର୍ଡ-ପାର୍ଟି ଇନ୍ସୁରାନ୍ସ ବୈଧ ଅଛି କି ନାହିଁ, ତାହା ଯାଞ୍ଚ କରିବ। ବୈଧ ଥାର୍ଡ-ପାର୍ଟି ଇନ୍ସୁରାନ୍ସ ନଥିଲେ ଗାଡ଼ିକୁ ପେଟ୍ରୋଲ କିମ୍ବା ଡିଜେଲ ଯେମିତି ଦିଆ ନଯିବ ସେହି ବ୍ୟବସ୍ଥା କରାଯିବ। ଦେଶରେ ବିନା ଇନ୍ସୁରାନ୍ସରେ ଚାଲୁଥିବା ଗାଡ଼ିଗୁଡ଼ିକ ଉପରେ ରୋକ ଲଗାଇବା ପାଇଁ ସରକାର ଏହି ନୀତି ଲାଗୁ କରିବାକୁ ଯାଉଛନ୍ତି। ଏନେଇ ବୀମା ନିୟାମକ IRDAI ପକ୍ଷରୁ କିଛି ସହରରେ ଟ୍ରାଏଲ୍ ଆରମ୍ଭ କରାଯିବା ନେଇ ପ୍ରସ୍ତୁତି ଚାଲିଛି।

ମୋଟର ଭେହିକିଲ୍ସ ଆକ୍ଟର ଧାରା ୧୪୬ ଅନୁସାରେ ପ୍ରତ୍ୟେକ ମୋଟର ଯାନର ଥାର୍ଡ-ପାର୍ଟି ଇନ୍ସୁରାନ୍ସ ଆଇନଗତ ଭାବେ ବାଧ୍ୟତାମୂଳକ। ଏହି ବୀମା ଦୁର୍ଘଟଣାରେ ଅନ୍ୟ ବ୍ୟକ୍ତି, ତାଙ୍କ ଗାଡ଼ି କିମ୍ବା ସମ୍ପତ୍ତିର କ୍ଷତି ପାଇଁ କ୍ଷତିପୂରଣ ଦେବାରେ ସହାୟକ ହୁଏ। ତେବେ ନିୟମ ଥିଲେ ମଧ୍ୟ ବହୁ ଗାଡ଼ି ମାଲିକ ଇନ୍ସୁରାନ୍ସ ରିନ୍ୟୁ କରୁନାହାନ୍ତି। ସୁପ୍ରିମକୋର୍ଟର ନିର୍ଦ୍ଦେଶ ପରେ ପେଟ୍ରୋଲ ପମ୍ପଗୁଡ଼ିକୁ ଗାଡ଼ିର ବୈଧ ଥାର୍ଡ-ପାର୍ଟି ଇନ୍ସୁରାନ୍ସ ଡାଟା ସହ ଯୋଡ଼ିବା ପାଇଁ ପଦକ୍ଷେପ ନିଆଯାଉଛି। ଅଗଷ୍ଟ ୪ରେ ଜଷ୍ଟିସ୍ ସଞ୍ଜୟ କରୋଲ ଓ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ ଦିଲ୍ଲୀରୁ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ଏହାରି ଉପରେ ଏବେ ପଦକ୍ଷେପ ନିଆଯାଇ ପାଇଲଟ ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା କରାଯାଉଛି। ନୂଆ କାର୍ ପାଇଁ ଥାର୍ଡ-ପାର୍ଟି ଇନ୍ସୁରାନ୍ସର ଅନିବାର୍ଯ୍ୟ ଅବଧି ୩ ବର୍ଷରୁ ୪ ବର୍ଷ ଏବଂ ନୂଆଁ ବାଇକ୍ କିମ୍ବା ସ୍କୁଟି ପାଇଁ ୫ ବର୍ଷରୁ ୬ ବର୍ଷ କରାଯାଇଛି। ଏହାସହ ପୋଲିସକୁ ହ୍ୟାଣ୍ଡହେଲ୍ଡ ଡିଭାଇସ୍ କିମ୍ବା ମୋବାଇଲ୍ ଆପ୍ ମାଧ୍ୟମରେ ବାହାନ ଓ ଇନ୍ସୁରାନ୍ସ ଇନଫରମେସନ ବ୍ୟୁରୋ ଡାଟାବେସ୍ରୁ ତୁରନ୍ତ ଇନ୍ସୁରାନ୍ସ ଷ୍ଟାଟସ୍ ଯାଞ୍ଚ କରିବାର ସୁବିଧା ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଏହି ବ୍ୟବସ୍ଥା ଲାଗୁ ହେଲେ ଇନ୍ସୁରାନ୍ସ କମ୍ପାନୀଗୁଡ଼ିକର ପ୍ରିମିୟମ୍ ସଂଗ୍ରହ ବଢ଼ିବାର ସମ୍ଭାବନା ରହିଛି। ୨୦୨୬ ଆର୍ଥିକ ବର୍ଷରେ ଶୀର୍ଷ ୫ଟି ମୋଟର ଇନ୍ସୁରାନ୍ସ କମ୍ପାନୀ ପ୍ରାୟ ୪୮,୪୦୦ କୋଟି ଟଙ୍କାର ମୋଟର ପ୍ରିମିୟମ୍ ସଂଗ୍ରହ କରିଥିବା ସୂଚନା ରହିଛି।

# ଶୁକ୍ରବାର ସୁନା ଓ ରୁପା ଦରରେ ବଡ଼ ବୃଦ୍ଧି

**ରୁପା ୬,୪୭୪ ଟଙ୍କା ବଢ଼ିଲା**



ନୂଆଦିଲ୍ଲୀ,୧୮।୯ଃ ଶୁକ୍ରବାର ସୁନା ଓ ରୁପା ଦରରେ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (IBJA) ଅନୁଯାୟୀ, ଏକ କିଲୋଗ୍ରାମ ରୁପା ମୂଲ୍ୟରେ ଆଜି ୬,୪୭୪ ଟଙ୍କା ବୃଦ୍ଧି ପାଇ କିଲୋଗ୍ରାମ ମୂଲ୍ୟ ୨.୩୬ ଲକ୍ଷ ଟଙ୍କାରେ ପହଞ୍ଚିଛି। ସେହିପରି ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟ ୧,୮୦୯ ଟଙ୍କା ବୃଦ୍ଧି ପାଇ ୧.୫୪ ଲକ୍ଷ ଟଙ୍କା ହୋଇଛି। ଏହାର ଗୋଟିଏ ଦିନ ପୂର୍ବରୁ ସୁନା ମୂଲ୍ୟ ▯୧.୫୨ ଲକ୍ଷ ଏବଂ ରୁପାର ମୂଲ୍ୟ ▯୨.୩୦ ଲକ୍ଷ ଟଙ୍କା ଥିଲା। ଏହି ଦର ବୃଦ୍ଧି ମଧ୍ୟରେ ଆଉ ସୁନା ଓ ରୁପା ଦରକୁ ନେଇ ବଡ଼ ଆକଳନ ସାମ୍ନାକୁ ଆସିଛି। ଚଳିତ ବର୍ଷ ଶେଷ ସୁଦ୍ଧା ଦେଶରେ ସୁନା ଦର ୧୦ ଗ୍ରାମ୍ ପିଛା ▯୧.୭୦ ଲକ୍ଷ ଏବଂ ରୁପା ଦର କିଲୋ ପିଛା ▯୩ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିପାରେ ବୋଲି କୋଟାକ ସିକ୍ୟୁରିଟିଜର ସିନିୟର ଭାଇସ୍ ପ୍ରେସିଡେଣ୍ଟ ତଥା କମୋଡିଟି ରିସର୍ଚ୍ଚ ହେଡ୍ ଅନିନ୍ଦ୍ୟ ବାନାର୍ଜୀ ଆକଳନ କରିଛନ୍ତି। ବାନାର୍ଜୀଙ୍କ କହିବା ଅନୁସାରେ, ସୁନାକୁ କେବଳ ସାଧାରଣ ନିବେଶକଙ୍କ ସମର୍ଥନ ମିଳୁନାହିଁ, ବରଂ ବିଶ୍ୱର ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟ ସୁନା କିଣୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ) ମଧ୍ୟ ନିଜ ସୁନା ଭଣ୍ଡାର ବଢ଼ାଇବା ଜାରି ରଖିଛି। ଏହା ସୁନା ଦରକୁ ସମର୍ଥନ ଦେଉଥିବା ପ୍ରମୁଖ କାରଣ ମଧ୍ୟରୁ ଗୋଟିଏ। ବିଶ୍ୱ ଅର୍ଥନୀତି ଓ ଭୂ-ରାଜନୈତିକ ପରିସ୍ଥିତିରେ ଅନିଶ୍ଚିତତା ଜାରି ରହିଲେ ସୁନାରେ ଦର ବୃଦ୍ଧିର ଧାରା ଜାରି ରହିପାରେ। ଅନ୍ୟପକ୍ଷରେ, ପରିସ୍ଥିତିରେ ସୁଧାର ଆସିଲେ ରୁପା ଦରରେ ମଧ୍ୟ ଜୋରଦାର ବୃଦ୍ଧି ଦେଖିବାକୁ ମିଳିପାରେ। ବର୍ତ୍ତମାନର ବଜାର ପରିସ୍ଥିତି ଆଧାରରେ ଡିସେମ୍ବର ସୁଦ୍ଧା ସୁନା ▯୧.୭୦ ଲକ୍ଷ ଏବଂ ରୁପା ▯୩ ଲକ୍ଷ ସ୍ତର ଛୁଇଁବାର ସମ୍ଭାବନା ଥିବା ଆକଳନ କରାଯାଇଛି। ୨୦୨୬ରେ ଏପର୍ଯ୍ୟନ୍ତ ସୁନା ଓ ରୁପା ଦରରେ ବଡ଼ ଉତ୍ଥାନ-ପତନ ଦେଖାଯାଇଛି। ଡିସେମ୍ବର ୩୧, ୨୦୨୫ରେ ୧୦ ଗ୍ରାମ୍ ସୁନାର ଦର ପ୍ରାୟ ▯୧.୩୩ ଲକ୍ଷ ଥିଲା। ଏବେ ଏହା ପ୍ରାୟ ▯୧.୫୪ ଲକ୍ଷକୁ ବୃଦ୍ଧି ପାଇଛି। ଅର୍ଥାତ୍ ଚଳିତ ବର୍ଷରେ ସୁନା ପ୍ରାୟ ▯୨୧ ହଜାର ମହଙ୍ଗା ହୋଇଛି। ସେହିପରି ଡିସେମ୍ବର ୩୧, ୨୦୨୫ରେ ରୁପା ଦର କିଲୋ ପିଛା ▯୨.୩୦ ଲକ୍ଷ ଥିବାବେଳେ ଏବେ ଏହା ପ୍ରାୟ ▯୨.୩୬ ଲକ୍ଷରେ ପହଞ୍ଚିଛି।

ଚଳିତ ବର୍ଷ ଜାନୁଆରୀ ୨୯ ତାରିଖରେ ସୁନା ଓ ରୁପା ଦର ନୂଆ ରେକର୍ଡ ସ୍ତରରେ ପହଞ୍ଚିଥିଲା। ଏହି ଦିନ ସୁନା ୧୦ ଗ୍ରାମ୍ ପିଛା ▯୧.୭୬ ଲକ୍ଷ ଏବଂ ରୁପା କିଲୋ ପିଛା ▯୩.୮୬ ଲକ୍ଷର ଅଲ୍ଟାଇମ୍ ହାଇ ଛୁଇଁଥିଲା। ଏହାପରେ ଦରରେ କିଛି ସଂଶୋଧନ ଦେଖାଯାଇଥିଲେ ମଧ୍ୟ ଆଗାମୀ ମାସଗୁଡ଼ିକରେ ପୁଣି ଉପରମୁହାଁ ହେବାର ଆକଳନ କରାଯାଉଛି। ତେବେ ଏହା ବଜାର ବିଶ୍ଳେଷଣ ଆଧାରିତ ଆକଳନ ଏବଂ ସୁନା-ରୁପାର ବାସ୍ତବ ଦର ବିଶ୍ୱ ବଜାର, ଡଲାର ମୂଲ୍ୟ, କେନ୍ଦ୍ରୀୟ ବ୍ୟାଙ୍କର ନୀତି, ଭୂ-ରାଜନୈତିକ ପରିସ୍ଥିତି ଓ ନିବେଶକଙ୍କ ଚାହିଦା ଭଳି ବିଭିନ୍ନ କାରଣ ଉପରେ ନିର୍ଭର କରିବ।

# ଇଣ୍ଡିଗୋ ବଢ଼ାଇଲା ଯାତ୍ରା ଶୁଳ୍କ

ନୂଆଦିଲ୍ଲୀ,୧୮।୯ଃ ଇଣ୍ଡିଗୋ ଏୟାରଲାଇନ୍ସ ଯାତ୍ରା କାଳରେ କିଛି ସେବା ଉପରେ ଶୁଳ୍କ ବୃଦ୍ଧି କରିଛି। ଏହି ଶୁଳ୍କ ବୃଦ୍ଧି ନିଷ୍ପତ୍ତି ଗୁରୁବାର ନିଆଯାଇଛି। ଏଥିରେ ଅତିରିକ୍ତ ଲଗେଜ, ଛୋଟ ପିଲାଙ୍କ ସହ ଯାତ୍ରା, ଏକାକୀ ଯାତ୍ରା କରୁଥିବା ନାବାଳକ ଓ ପ୍ରୋୟୋରିଟି ଚେକ୍ ଇନ ଏବଂ ବୋର୍ଡିଂ ଲାଗି ଶୁଳ୍କବୃଦ୍ଧି ଆଦି ରହିଛି। ଏହି ପରିବର୍ତ୍ତନ ଏୟାରଲାଇନ୍ସର ନିୟମିତ ପ୍ରକ୍ରିୟାର ଅଂଶବିଶେଷ, ଯେଉଁଥିରେ ଅତିରିକ୍ତ ସେବା ପାଇଁ ଶୁଳ୍କ ସମୀକ୍ଷା କରାଯାଏ। ଇଣ୍ଡିଗୋ ଅତିରିକ୍ତ ସାମଗ୍ରୀ ଲାଗି ଏପର୍ଯ୍ୟନ୍ତ ଆଦାୟ କରୁଥିବା ୭୦୦ ଟଙ୍କାକୁ ବଢ଼ାଇ ୮୦୦ ଟଙ୍କା କରିଦେଇଛି। ଏହାର ଅର୍ଥ ହେଉଛି ଅତିରିକ୍ତ କିଲୋଗ୍ରାମ ଲାଗି ଯାତ୍ରୀଙ୍କୁ ୧୦୦ ଟଙ୍କା ଅଧିକ ପୈଠ କରିବାକୁ ପଡିବ। ଏୟାରଲାଇନ ୨ ବର୍ଷରୁ କମ୍ ବୟସ୍କ ପିଲାଙ୍କ ଲାଗି ଯାତ୍ରା ଶୁଳ୍କ ୨୦୦୦ ଟଙ୍କାରୁ ବଢ଼ାଇ ୩ ହଜାର ଟଙ୍କା କରିଦେଇଛି। ଏହି ନିୟମ ଅନୁସାରେ ପିଲାଙ୍କୁ ଅଲଗା ସିଟ୍ ଦିଆଯାଏନି, ହେଲେ ତାଙ୍କ ଲାଗି ଟିକେଟ୍ ବୁକ୍ କରିବାକୁ ପଡିଥାଏ। ବିନା ବୟସ୍କଙ୍କ ସହ ଯାତ୍ରା କରୁଥିବା ୫ରୁ ୧୨ ବର୍ଷ ବୟସର ପିଲାଙ୍କ ଲାଗି ଘରୋଇ ଉଡାଣରେ ଶୁଳ୍କ ୫ ହଜାର ଟଙ୍କାରୁ ବଢ଼ାଇ ୫,୯୯୯ ଟଙ୍କା କରାଯାଇଛି। ସେହିପରି ଅନ୍ତର୍ଜାତୀୟ ଉଡାଣରେ ଏହି ଶୁଳ୍କ ୧୨,୯୯୯ ଟଙ୍କା ପଡିବ। ଇଣ୍ଡିଗୋ ତାଙ୍କର 'ଫାଷ୍ଟ ଫରୱାର୍ଡ' ସର୍ଭିସ୍ ମୂଲ୍ୟ ମଧ୍ୟ ବଢ଼ାଇଛନ୍ତି। ଏହା ଯାତ୍ରୀଙ୍କୁ ପ୍ରାୟୋରିଟି ଚେକ୍-ଇନ୍ ଓ ବୋର୍ଡିଂ କରାଇଥାଏ। ଏବେ ଏହି ଶୁଳ୍କକୁ ୫୦୦ ଟଙ୍କାରୁ ବଢେଇ ୬୫୦ ଟଙ୍କା କରାଯାଇଛି। ତେବେ ଅନ୍ତର୍ଜାତୀୟଉଡାଣରେପ୍ରତିସେକ୍ଟରଏହା୮୫୦ଟଙ୍କାରହିବ।ଏହିବର୍ଦ୍ଧିତଶୁଳ୍କଇଣ୍ଡିଗୋଯାତ୍ରୀଙ୍କପାଇଁଲାଗୁ କରିଦେଇଛନ୍ତି। ଏଣୁ ଏବେ ଇଣ୍ଡିଗୋରେ ଯାତ୍ରା କରୁଥିଲେ ଯାତ୍ରୀଙ୍କୁ ଏହି ସବୁ ବର୍ଦ୍ଧିତ ସୁଳ୍କ ଦେବାକୁ ପଡିବ।




# ପିଏମ୍ କିଷାନରେ କୃଷକ ମାସକୁ ପାଇବେ ୩,୦୦୦ ଟଙ୍କା ପେନସନ

ନୂଆଦିଲ୍ଲୀ,୧୮।୯ଃ ବାର୍ଦ୍ଧକ୍ୟରେ ନିୟମିତ ଆୟକୁ ନେଇ ସମସ୍ତଙ୍କ ମନରେ ଚିନ୍ତା ଥାଏ, ବିଶେଷକରି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କ ପାଇଁ ଏହି ଚିନ୍ତା ଆହୁରି ବଢ଼ିଯାଏ। ଏହାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର 'ପ୍ରଧାନମନ୍ତ୍ରୀ କିଷାନ ମାନଧନ ଯୋଜନା' ଚଳାଉଛନ୍ତି। ଏହି ଯୋଜନା ଅଧୀନରେ ୬୦ ବର୍ଷ ବୟସ ପୂରଣ ହେବା ପରେ କୃଷକମାନଙ୍କୁ ପ୍ରତି ମାସରେ ୩,୦୦୦ ଟଙ୍କା ଅର୍ଥାତ ବାର୍ଷିକ ୩୬,୦୦୦ ଟଙ୍କାର ସ୍ଥିର ପେନସନ ପ୍ରଦାନ କରାଯାଏ, ଯାହାଫଳରେ ସେମାନଙ୍କ ବାର୍ଦ୍ଧକ୍ୟ କୌଣସି ଆର୍ଥିକ ସଙ୍କଟ ବିନା କଟିପାରିବ। ବୟସ ସୀମାଃ ୧୮ ବର୍ଷରୁ ୪୦ ବର୍ଷ ବୟସ ମଧ୍ୟରେ ଥିବା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ଏହି ଯୋଜନାରେ ଯୋଡ଼ି ହୋଇପାରିବେ। ଏହି ପେନସନ ଯୋଜନାରେ ଚାଷୀଙ୍କୁ ନିଜ ବୟସ ଅନୁସାରେ ପ୍ରତି ମାସରେ ୫୫ ଟଙ୍କାରୁ ନେଇ ୨୦୦ ଟଙ୍କା ପର୍ଯ୍ୟନ୍ତ ଏକ ସାମାନ୍ୟ କିସ୍ତି ଜମା କରିବାକୁ ହୋଇଥାଏ। ଯଦି କୌଣସି ଚାଷୀ ୧୮ ବର୍ଷ ବୟସରେ ଯୋଡ଼ି ହୁଅନ୍ତି, ତେବେ ତାଙ୍କୁ ମାସକୁ ମାତ୍ର ୫୫ ଟଙ୍କା ଦେବାକୁ ପଡ଼ିବ। ସେହିପରି ୪୦ ବର୍ଷ ବୟସରେ ଯୋଜନାରେ ସାମିଲ ହେଉଥିବା ଚାଷୀଙ୍କୁ ମାସିକ ୨୦୦ ଟଙ୍କା ଜମା କରିବାକୁ ହେବ। ସବୁଠାରୁ ବଡ଼ କଥା ହେଉଛି, ଚାଷୀ ଯେତିକି ଟଙ୍କା ଅଂଶଦାନ ଜମା କରିବେ, ଠିକ ସେତିକି ଟଙ୍କା (୫୦%) କେନ୍ଦ୍ର ସରକାର ମଧ୍ୟ ତାଙ୍କ ଖାତାରେ ନିଜ ତରଫରୁ ଯୋଗ କରିବେ। ୬୦ ବର୍ଷ ବୟସ ପୂରଣ ହେବା ମାତ୍ରେ କୃଷକଙ୍କ ବ୍ୟାଙ୍କ ଖାତାକୁ ପ୍ରତି ମାସରେ ସିଧାସଳଖ ୩,୦୦୦ ଟଙ୍କା ପେନସନ ଆସିବା ଆରମ୍ଭ ହୋଇଥାଏ। ଯଦି ପେନସନ ପାଉଥିବା ସମୟରେ କୃଷକଙ୍କ ମୃତ୍ୟୁ ହୁଏ, ତେବେ ତାଙ୍କ ପତ୍ନୀଙ୍କୁ ପାରିବାରିକ ପେନସନ ଭାବେ ୫୦% ଅର୍ଥା ମାସିକ ୧,୫୦୦ ଟଙ୍କା ପ୍ରଦାନ କରାଯାଏ। ଯୋଗ୍ୟ ଚାଷୀମାନେ ନିକଟସ୍ଥ ଜନସେବା କେନ୍ଦ୍ର (CSC) କୁ ଯାଇ ଆଧାର କାର୍ଡ, ଜମିର ପଟ୍ଟା/ ଦସ୍ତାବିଜ ଏବଂ ବ୍ୟାଙ୍କ ପାସବୁକ ଜରିଆରେ ପଞ୍ଜୀକରଣ କରିପାରିବେ। ଏହା ବ୍ୟତୀତ କିଷାନ ମାନଧନ ପୋର୍ଟାଲକୁ ଯାଇ ନିଜେ ମଧ୍ୟ ଅନଲାଇନ ଆବେଦନ କରିହେବ। ପିଏମ କିଷାନ ସମ୍ମାନ ନିଧିର ହିତାଧିକାରୀ କୃଷକମାନଙ୍କୁ ଏହି ଯୋଜନାରେ ଯୋଡ଼ି ହେବା ପାଇଁ ସିଧାସଳଖ ସମ୍ମାନ ନିଧି ରାଶିରୁ ହିଁ ମାସିକ ଅଂଶଦାନ କଟାଇବାର ଏକ ସହଜ ବିକଳ୍ପ ମଧ୍ୟ ମିଳିଥାଏ।



# ଆଇଫୋନ୍ ୧୮ ପ୍ରୋ ପାଇଁ ଭୋର ୫ଟାରୁ ଲମ୍ବା ଧାଡ଼ି




ନୂଆଦିଲ୍ଲୀ,୧୮।୯ଃ ଭାରତରେ ଆପଲ୍‌ର ନୂଆ ଆଇଫୋନ୍ ୧୮ ପ୍ରୋ ଓ ଆଇଫୋନ୍ ୧୮ ପ୍ରୋ ମ୍ୟାକ୍ସ ବିକ୍ରି ଆରମ୍ଭ ହୋଇଛି। ନୂଆ ଆଇଫୋନ୍ କିଣିବା ପାଇଁ ଦିଲ୍ଲୀ, ନୋଏଡା, ବେଙ୍ଗାଲୁରୁ ଓ ମହାରାଷ୍ଟ୍ରର ଆପଲ୍ ଷ୍ଟୋର୍‌ଗୁଡ଼ିକ ଆଗରେ ଗ୍ରାହକଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। କେତେକ ଗ୍ରାହକ ଭୋର ୫ଟାରୁ ଷ୍ଟୋର୍ ଆଗରେ ପହଞ୍ଚି ଲାଇନ୍‌ରେ ଠିଆ ହୋଇଥିଲେ। ବେଙ୍ଗାଲୁରୁର ରାହୁଲ ନାମକ ଜଣେ ଗ୍ରାହକ କହିଛନ୍ତି, ସେ ଭୋର ୫ଟାରୁ ଲାଇନ୍‌ରେ ଥିଲେ। ତାଙ୍କ ପାଇଁ ପ୍ରତିବର୍ଷ ଆଇଫୋନ୍ ଶୁଭାରମ୍ଭ ଏକ ପର୍ବ ଭଳି। ନୋଏଡାରେ ମଧ୍ୟ ଆଇଫୋନ୍ ପାଇଁ ବହୁ ଗ୍ରାହକ ଲାଇନ୍‌ରେ ରହିଥିଲେ। ପଞ୍ଜାବରୁ ଆସିଥିବା ଜଣେ ଗ୍ରାହକ ସକାଳ ୬ଟାରୁ ଲାଇନ୍‌ରେ ରହି ଦୁଇଟି ଆଇଫୋନ୍ ୧୮ ପ୍ରୋ ମ୍ୟାକ୍ସ କିଣିଥିବା କହିଛନ୍ତି। ମହାରାଷ୍ଟ୍ରରେ ଜଣେ ଗ୍ରାହକ ପ୍ରାୟ ୧୦ରୁ ୧୨ ଘଣ୍ଟା ଅପେକ୍ଷା କରି ଷ୍ଟୋର୍‌ର ପ୍ରଥମ ଫୋନ୍ ପାଇଥିବା କହିଛନ୍ତି। ଭାରତରେ ଆଇଫୋନ୍ ୧୮ ପ୍ରୋର ୨୫୬ ଜିବି ମଡେଲ୍ ଦାମ ୧,୬୪,୯୦୦ ଟଙ୍କାରୁ ଆରମ୍ଭ ହୋଇଛି। ଆଇଫୋନ୍ ୧୮ ପ୍ରୋ ମ୍ୟାକ୍ସର ୨୫୬ ଜିବି ମଡେଲ୍‌ର ଦାମ ୧,୭୯,୯୦୦ ଟଙ୍କା ଓ ଟପ୍ ମଡେଲ୍‌ର ଦାମ ୩,୨୯,୯୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ନୂଆ ଆଇଫୋନ୍ ୧୮ ପ୍ରୋ ସିରିଜ୍‌ରେ ଏ୨୦ Pro ଚିପ୍ ରହିଛି। ଏଥିରେ ୪୮ ମେଗାପିକ୍ସେଲ୍ ଫ୍ୟୁଜନ୍ ମୁଖ୍ୟ କ୍ୟାମେରା ଓ ଭାରିଏବଲ୍ ଆପର୍ଚର୍ ଦିଆଯାଇଛି। ଫୋନ୍‌ଟି କଳା, ସିଲଭର, ଗ୍ଲେସିୟର ଓ ନୂଆ ବର୍ଗଣ୍ଡି ରଙ୍ଗରେ ମିଳୁଛି।

# ଏଆଇ+ ସ୍ମାର୍ଟଫୋନ୍‌ର ସେବା କେନ୍ଦ୍ର ୧୦୦୦ ଟପିବ

ଭୁବନେଶ୍ୱର,୧୮।୯ଃ ଏଆଇ+ ସ୍ମାର୍ଟଫୋନ୍ ଦେଶବ୍ୟାପୀ ଏହାର ସେବା ନେଟୱର୍କକୁ ୧,୦୦୦ରୁ ଅଧିକ କେନ୍ଦ୍ରକୁ ବୃଦ୍ଧି କରିବାକୁ ଯୋଜନା କରିଛି। ଆସନ୍ତା ଦୀପାବଳିରେ ଦିଲ୍ଲୀରେ କମ୍ପାନି ପ୍ରଥମ ସ୍ୱତନ୍ତ୍ର ଏଆଇ + ସେବା କେନ୍ଦ୍ର ସ୍ଥାପନ କରାଯିବ। କମ୍ପାନି 'ଏଆଇ+ ସହାୟତା ଆପ୍' ମଧ୍ୟ ଆଣିବାକୁ ଯାଉଛି। ଏଥିରେ ଡିଭାଇସ୍ ସହାୟତା, ସେବା ବୁକିଂ, ଅଭିଯୋଗ ଟିକେଟ୍‌ର ସ୍ଥିତି ଜାଣିବା ଓ ସମସ୍ୟା ସମାଧାନ ସହାୟତା ଭଳି ସୁବିଧା ଗୋଟିଏ ସ୍ଥାନରେ ଉପଲବ୍ଧ ହେବ। କମ୍ପାନିର ବର୍ତ୍ତମାନ ୮୦୦ ସେବା କେନ୍ଦ୍ର ରହିଛି। ଏହି ଅବସରରେ ନେକ୍ସଟ କ୍ୱାଣ୍ଟମ ସିଫ୍ଟ ଟେକ୍ନୋଲୋଜିର ସିଇଓ ମାଧବ ସେଠ କହିଛନ୍ତି ଯେ ୧,୦୦୦ରୁ ଅଧିକ ସେବା କେନ୍ଦ୍ରରେ ପହଂଚିବା, ଆମର ପ୍ରଥମ ସ୍ୱତନ୍ତ୍ର ସେବା କେନ୍ଦ୍ର ସ୍ଥାପନ କରିବା ଓ ଏଆଇ + ସହାୟତା ଆପ୍ ଆରମ୍ଭ କରିବା ହେଉଛି ଗ୍ରାହକଙ୍କ ପାଇଁ ସହାୟତାକୁ ଅଧିକ ସୁଗମ, ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେବା କେନ୍ଦ୍ରରେ ପ୍ରଶିକ୍ଷିତ ବୈଷୟିକ କର୍ମଚାରୀଙ୍କ ସହାୟତା, ଅସଲି ଅତିରିକ୍ତ ଯନ୍ତ୍ରାଂଶ, ମାନକ ମରାମତି ସେବା, ସଫ୍ଟୱେର ସହାୟତା, ୱାରେଂଟି ସେବା ଓ ଏଆଇ+ର ବିଭିନ୍ନ ସ୍ମାର୍ଟଫୋନ୍‌ର ସେଟ୍‌ଅପ୍ ସୁବିଧା ଉପଲବ୍ଧ ହେବ। ସର୍ବାଧିକ ୭ ଦିନ ମଧ୍ୟରେ ସେବା ପ୍ରଦାନ କରିବାକୁ ଏଆଇ + ଲକ୍ଷ୍ୟ ରଖିଛି।

## ପଟ୍ଟାମୁଣ୍ଡାଇରେ ବିଶ୍ୱକର୍ମା ପୂଜା ପାଳିତ



ପଟ୍ଟାମୁଣ୍ଡାଇ,୧୮।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଂଚଳରେ ନିଆରା ଢଙ୍ଗରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଯାଗଯଜ୍ଞରେ ପାଳିତ ହୋଇଯାଇଛି ବିଶ୍ୱକର୍ମା ପୂଜା । ବିଶ୍ୱ ସର୍ଜନାର ନିର୍ମାଣୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ପାଇଁ ସମଗ୍ର ପଟ୍ଟାମୁଣ୍ଡାଇ ଅଂଚଳ ଉତ୍ସବ ମୁଖର ହୋଇପଡ଼ିଥିଲା। ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଭୁ ବିଶ୍ୱକର୍ମାଙ୍କ ସକୃଶ୍ୟ ମୃଣ୍ମୟ ମୂର୍ତ୍ତି ଶୋଭାପାଉଥିବା ବେଳେ ଆକର୍ଷଣୀୟ ସାଜସଜ୍ଜା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମନଲୋଭା ହୋଇଥିଲା । ଏହି ପୂଜାରେ ବିଭିନ୍ନବର୍ଗର ଲୋକମାନେ ସାମିଲ ହେବା ସହିତ ଭାଇଚାରାର ଭିନ୍ନ ମାହୋଲ ଦେଖିବାକୁ ମିଳିଥିଲା। ରାଜନୀତିର ବିଧାୟକ ଧ୍ରୁବ ସାହୁ ବରିଷ୍ଠ ରାଜନେତା ବିଜୟ କେତନ ସ୍ୱାଇଁ ପଟ୍ଟାମୁଣ୍ଡାଇ ପୌରି ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପୂର୍ବତନ ପ୍ରଶାସକ ଶରତ ପଣ୍ଡା ନଗର ବିଜେଡି ସଭାପତି ବୁଦ୍ଧ ଲେଙ୍କା, ବିଜେଡି ବରିଷ୍ଠ ନେତା ଶ୍ରୀକାନ୍ତ ରାଉତ କଂଗ୍ରେସ ବରିଷ୍ଠ ନେତା ରମାକାନ୍ତ ପଣ୍ଡା ସମାଜସେବୀ ସୁଶାନ୍ତ ପଣ୍ଡା ଜିଲ୍ଲା କଂଗ୍ରେସ ଉପସଭାପତି ସତ୍ୟପ୍ରିୟ ସାମଲ ନଗର କଂଗ୍ରେସ ସଭାପତି ତପନ ପାତ୍ର ନଗର ବିଜେପି ପ୍ରାକ୍ତନ ସଭାପତି ବିଶ୍ୱ ରଞ୍ଜନ ପାତ୍ର ପ୍ରମୁଖ ବିଭିନ୍ନ ବିଶ୍ୱକର୍ମା ମେଢ଼ ପରିଦର୍ଶନ କରି ପ୍ରଭୁ ବିଶ୍ୱକର୍ମାଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ଜନସାଧାରଣଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ ।

# ପାହାଡ଼ ଉପରେ ବସି ନିଟ୍ ପ୍ରସ୍ତୁତି

## ଏବେ ଡାକ୍ତର ହେବେ ରାଜଶ୍ରୀ

ଫୁଲବାଣୀ,୧୮।୯ (ସଂଚାର ବ୍ୟୁରୋ): ସ୍ୱପ୍ନ ଥିଲା ଡାକ୍ତର ହେବେ। ହେଲେ ସ୍ୱପ୍ନ ପୂରଣର ରାସ୍ତାରେ ଥିଲା ଅଭାବର ପାହାଡ଼। ଘରେ ନା ଥିଲା ମୋବାଇଲ, ନା ଥିଲା ଆବଶ୍ୟକ ବହି। ଗାଁରେ ମୋବାଇଲ ନେଟ୍‌ୱର୍କ ମଧ୍ୟ ନଥିଲା। ତଥାପି ହାର ମାନିନଥିଲେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଦସିଙ୍ଗବାଡ଼ି ପଞ୍ଚାୟତର ଦୁର୍ଗମ ଡଙ୍ଗାମାଲା ଗାଁର ରାଜଶ୍ରୀ ପ୍ରଧାନ। ଗାଁଠାରୁ ଦୂର ପାହାଡ଼ ଉପରେ ବସି ଅନ୍‌ଲାଇନ୍‌ରେ ନିଟ୍ ପ୍ରସ୍ତୁତି କରି ଶେଷରେ ନିଜ ସ୍ୱପ୍ନକୁ ସାକାର କରିଛନ୍ତି। କିନ୍ତୁ ଅର୍ଥ ଅଭାବ ଯୋଗୁଁ ଆଗକୁ ବଢ଼ିବା ବାଧକ ସାଜିଛି।

ରାଜଶ୍ରୀଙ୍କ ବାପା ନୁରୁଙ୍ଗା ପ୍ରଧାନ ଓ ମାଆ ପ୍ରେମଶୀଳା ପ୍ରଧାନ ମଜୁରି କରି ପରିବାର ଚଳାନ୍ତି। ଯାହା କିଛି ରୋଜଗାର ହୁଏ, ସେଥିରେ ପରିବାରର ସାତ କୁଟୁମ୍ବଙ୍କ ଜୀବନଯାପନ ହୁଏ। ଏଭଳି ଆର୍ଥିକ ସଙ୍କଟ ମଧ୍ୟରେ ରାଜଶ୍ରୀ ନିଜ ପାଠପଢ଼ା ଜାରି ରଖିଥିଲେ। ପ୍ରାଥମିକ ଶିକ୍ଷା ନିଜ ପଞ୍ଚାୟତର ଛଡ଼ାଙ୍କିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରିଥିଲେ ରାଜଶ୍ରୀ। ପରେ ସିମନବାଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ ହଷ୍ଟେଲରେ ରହି ନବମ ଓ ଦଶମ ଶ୍ରେଣୀ ପଢ଼ିଥିଲେ। ଏହାପରେ ବ୍ରହ୍ମପୁରର ଶଶି ଭୂଷଣ ରଥ ମହିଳା କଲେଜରୁ ଯୁକ୍ତ ଦୁଇ ଶିକ୍ଷା ଶେଷ କରିଥିଲେ।

ପିଲାଦିନରୁ ହିଁ ରାଜଶ୍ରୀଙ୍କ ମନରେ ଡାକ୍ତର ହେବାର ସ୍ୱପ୍ନ ଥିଲା। ନିଜ ଅଞ୍ଚଳର ଦୁର୍ଗମ ଓ ଉପାନ୍ତ ଗାଁଗୁଡ଼ିକରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ତାଙ୍କର ଲକ୍ଷ୍ୟ ଥିଲା। କିନ୍ତୁ ଯୁକ୍ତ ଦୁଇ ପରେ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ଅର୍ଥ ଯୋଗାଇବା ବାପାଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ନିଟ୍ କୋଚିଂ ନେବା ତ ରାଜଶ୍ରୀଙ୍କ ପାଇଁ ଥିଲା ସାତ ସପନ। ତେବେ ଅଭାବ ତାଙ୍କ ଦୃଢ଼ ଇଚ୍ଛାଶକ୍ତିକୁ ହରାଇ ପାରିନଥିଲା। ସାଙ୍ଗସାଥୀଙ୍କଠାରୁ ବହି ଓ ମୋବାଇଲ ମାଗି ଆଣି ୟୁଟ୍ୟୁବ୍ ଓ ବିଭିନ୍ନ ଅନ୍‌ଲାଇନ୍ ସାଇଟ୍‌ରୁ ନିଟ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ଗାଁରେ ନେଟ୍‌ୱର୍କ ନଥିବାରୁ ରାଜଶ୍ରୀଙ୍କୁ ଗାଁଠାରୁ କିଛି ଦୂରରେ ଥିବା ପାହାଡ଼ ପାଖକୁ ଯିବାକୁ ପଡୁଥିଲା। ସେଠାରେ ନେଟ୍‌ୱର୍କ ମିଳୁଥିଲା। ପାହାଡ଼ ଉପରେ ବସି ଘଣ୍ଟା ଘଣ୍ଟା ଧରି ଅନ୍‌ଲାଇନ୍ କ୍ଲାସ୍ ଓ ପାଠପଢ଼ା କରୁଥିଲେ। ଘରର କାମ ସହିତ ମଧ୍ୟ ପାଠପଢ଼ା ପାଇଁ ସମୟ ବାହାର କରୁଥିଲେ।



ବାପା-ମାଆଙ୍କୁ ମଧ୍ୟ କାମରେ ସହଯୋଗ କରୁଥିଲେ ରାଜଶ୍ରୀ। ହଳଦୀ କ୍ଷେତରେ ବାପା-ମାଆଙ୍କ ସହ ମିଶି କାମ କରିବା ସହ ଗାଈ ଚରାଇବାରେ ମଧ୍ୟ ସହଯୋଗ କରୁଥିଲେ।

ଶେଷରେ ରାଜଶ୍ରୀଙ୍କ କଠିନ ପରିଶ୍ରମର ଫଳ ମିଳିଛି। ଚଳିତ ନିଟ୍ ପରୀକ୍ଷାରେ ସଫଳତା ହାସଲ କରି ଗୋଟିଏ ପ୍ରୟାସରେ ମେଡିକାଲ ପଢ଼ିବାର ସୁଯୋଗ ପାଇଛନ୍ତି ରାଜଶ୍ରୀ। ସେ ବାର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ଓ ହସ୍ପିଟାଲ, ବୁର୍ଲାରେ ନାମ ଲେଖାଇଛନ୍ତି। ରାଜଶ୍ରୀଙ୍କ ସଫଳତା ଏବେ ତାଙ୍କ ପରିବାର ସହ ସମଗ୍ର ଅଞ୍ଚଳ ପାଇଁ ଗର୍ବର ବିଷୟ।

କିନ୍ତୁ ମେଡିକାଲ ପାଠପଢ଼ା ପାଇଁ ଆଗକୁ ରହିଛି ଅନେକ ଖର୍ଚ୍ଚ। ରାଜଶ୍ରୀଙ୍କ ବାପା ନୁରୁଙ୍ଗା ପ୍ରଧାନ କହିଛନ୍ତି, ତିନିଜଣ ସନ୍ତାନଙ୍କୁ ପାଠ ପଢ଼ାଇବା ତାଙ୍କ ପାଇଁ ବହୁତ କଷ୍ଟକର। ଝିଅର ମେଡିକାଲ ଶିକ୍ଷା ଜାରି ରଖିବା ପାଇଁ ରାଜ୍ୟ ସରକାର କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ସହାୟତାର ହାତ ବଢ଼ାଇଲେ ଏହି ଗରିବ ପରିବାରର ଚିନ୍ତା କିଛିଟା ଲାଘବ ହୋଇପାରିବ।

## ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହେଲା ବିଶ୍ୱକର୍ମା ପୂଜା



ନବରଙ୍ଗପୁର,ତେନ୍ତୁଳିଖୁଣ୍ଟି,୧୮।୯ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ପାଳିତ ହେଲା ବିଶ୍ୱକର୍ମା ପୂଜା। ତେନ୍ତୁଳିଖୁଣ୍ଟି ବ୍ଲକର ବିଦ୍ୟୁତ ବିତରଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା। ଏହି ପୂଜାର୍ଚ୍ଚନାରେ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଭରତ ତନ୍ତ୍ରୀ କର୍ତ୍ତା ହୋଇ ପୂଜାର୍ଚ୍ଚନା କରିଥିବା ବେଳେ ସମସ୍ତ ବିଦ୍ୟୁତ କର୍ମଚାରୀ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ସମୟରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିଭଳି ଖାତିଗୁଡ଼ା କୁମ୍ଭାର ସାଲରେ ମଧ୍ୟ ଆୟୋଜିତ ହୋଇଥିଲା ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ଏଠାରେ କୃଷ୍ଣ କୁମ୍ଭାର କର୍ତ୍ତା ହୋଇ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜା ମଣ୍ଡପ ସନ୍ଧ୍ୟା ଆଲୋକି ସମୟରେ ସୋପାଧିକ ଭକ୍ତ ଭଗବାନଙ୍କୁ ଦର୍ଶନ କରିବା ସହ କମିଟି ତରଫ ହୋଇଥିବା ଅର୍ଣ୍ଣ ପ୍ରସାଦ ସେବନରେ ଶତାଧିକ ଭକ୍ତ ପ୍ରସାଦ ସେବନ କରିଥିବା ଦେଖିବାକୁ ମିଳିଥିଲା।

## ଲୁହୁରା ସମାଜ ପକ୍ଷରୁ ପ୍ରଥମ ଥର ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ



ଫୁଲବାଣୀ, ୧୮।୯ (ସଂଚାର ବ୍ୟୁରୋ): ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ସର୍ବତ୍ର ପାଳିତ ହେଉଥିବା ବେଳେ ଫିରିଙ୍ଗିଆ ବ୍ଲକର ବିଭିନ୍ନ ଅନୁଷ୍ଠାନ, ରାଜ ମିସ୍ତ୍ରୀ, ବଢ଼େଇ, ତଥା ବିଭିନ୍ନ ଜାଗାରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ପ୍ରଥମ ଥର ପାଇଁ ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ ଲୁଇସିଂ ପଞ୍ଚାୟତର କଦମ ପାଙ୍ଗା ଗାଁରେ ଲୁହୁରା ସମାଜ କଦମ ପଙ୍ଗା ସାଖା ତରଫରୁ ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳିତ ହୋଇଛି । ଶାଖା ସଭାପତି କୁନ୍ଦୁ ବିନ୍ଧାଣି ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ଏହି ପୂଜା ରେ ଲୁହୁରା ସମାଜ ଜିଲ୍ଲା ସଭାପତି ରୁଷି ବିନ୍ଧାଣି,ଜିଲ୍ଲା ସମ୍ପାଦକ ରବୀନ୍ଦ୍ର କୁମାର ବିନ୍ଧାଣି, ପୂର୍ବତନ ସଭାପତି ଗୁପ୍ତେଶ୍ୱର ବିନ୍ଧାଣି ଯୋଗ ଦେଇଥିବା ବେଳେ ଅତିଥି ଭାବରେ ଫିରିଙ୍ଗିଆ ବ୍ଲକ ବିଜେପି ମଣ୍ଡଳ ସଭାପତି ଶ୍ରୀବଚ୍ଛ କହଁର, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ବାବୁଲା କହଁର, ପୂର୍ବତନ ବିଧାୟକ ଅଙ୍ଗଦ କହଁରଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଯୋଗ ଦେଇଥିଲେ । ଫିରିଙ୍ଗିଆ ବ୍ଲକ ସମେତ ଫୁଲବାଣୀ ବ୍ଲକ, ଖଜୁରୀପଡା ବ୍ଲକର ଲୁହୁରା ସମାଜର ଶାଖା ସଭାପତି, କର୍ମକର୍ତ୍ତା ଏବଂ ଲୁହୁରା କୁଳର ଶହ ଶହ ଜନସାଧାରଣ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ ।

# ନିଆରାଢଙ୍ଗରେ ଜନ୍ମଦିନ ପାଳିଲେ ଆକାଶ



କୋରେଇ, ୧୮।୯ (ସଂଚାର ବ୍ୟୁରୋ): ଓଡିଆ ସିନେ ଜଗତର ଲୋକପ୍ରିୟ ଅଭିନେତା, କୋରେଇ ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ, ଉତ୍ର ଚାରିଟେବୁଲ୍ ଟ୍ରଷ୍ଟର ଉପଦେଷ୍ଟା ଆକାଶ ଦାସନାୟକ ପ୍ରତିବର୍ଷ ତାଙ୍କର ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରିଆସୁଛନ୍ତି। ସେ ପ୍ରତିବର୍ଷ ତାଙ୍କ ଜନ୍ମଦିନ ଅନାଥ ଆଶ୍ରମର କୁନିକୁନି ପିଲା, ସେବାଶ୍ରମ, ମୁକବଧୀର ବିଦ୍ୟାଳୟ, ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ସହିତ ପାଳନ କରିଆସୁଛନ୍ତି ।

ଏହି ବର୍ଷ ତାଙ୍କର ଜନ୍ମଦିନରେ ସକାଳ ୯ଟା ସମୟରେ ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଂଟନ କରିଥିଲେ । ସକାଳ ୯.୩୦ ମିନିଟ୍ ସମୟରେ ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଗୋଶାଳାରେ ଗୋମାତାଙ୍କୁ ପୂଜାର୍ଚ୍ଚନା କରି ଖାଦ୍ୟ ଖୁଆଇଥିଲେ। ତା'ପରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ସେବା ସଂକଳ୍ପ ଅଭିଯାନରେ ଆଶୀର୍ବାଦ ଦୀପ ବ୍ୟାସସରୋବର ରାଘୁଜୀ ମନ୍ଦିରରେ ସମୂହ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସକାଳ ୧୧ ଘଟିକା ଠାରୁ ୨ ଘଟିକା ପର୍ଯ୍ୟନ୍ତ ତାଙ୍କ ବ୍ୟାସନଗର ସ୍ଥିତ ବାସଭବନରେ ଦଳୀୟ କର୍ମୀ ଓ ଶୁଭେଚ୍ଛୁମାନେ ଜନ୍ମଦିନ ପାଳନ କରିଥିଲେ । ତା'ପରେ ପାଣିକୋଇଲି ଜାଗୁଳାଇ ମନ୍ଦିରରେ ଜନ୍ମଦିନ ପାଳନ କରିଥିଲେ। ସେଠାରେ ସମୂହ ଆଶୀର୍ବାଦ ଦୀପ ପ୍ରଜ୍ୱଳନ କରିଥିଲେ। ତା'ପରେ କୁଆଖିଆ ଠାରେ କର୍ମୀମାନେ ଓ ଶୁଭେଚ୍ଛୁମାନେ ଜନ୍ମଦିନ ପାଳନ କରିଥିଲେ । ତା'ପରେ ଏହି ବର୍ଷ ପ୍ରତିବର୍ଷ ପରି ଭୁବନେଶ୍ୱର ସ୍ଥିତ ପଳାସପଲ୍ଲୀ ମୁକବଧୀର ବିଦ୍ୟାଳୟର ପିଲାମାନଙ୍କ ଗହଣରେ ତାଙ୍କ ଜନ୍ମଦିନ ପାଳନ କରିଛନ୍ତି ।

ଆକାଶ ତାଙ୍କ ଜନ୍ମଦିନ ଉପଲକ୍ଷେ 'ଉତ୍ର' ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ମୁକବଧୀର ବିଦ୍ୟାଳୟର ପିଲାମାନଙ୍କ ପାଇଁ ଆଖି ପରୀକ୍ଷା ଶିବିର ଆୟୋଜନ କରିଥିଲେ । ପିଲାମାନଙ୍କର ଆଖି ପରୀକ୍ଷା କରାଯାଇ ଆବଶ୍ୟକୀୟ ଔଷଧ ବିନା ଦେୟରେ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ 'ଗୁଡ୍ ଟଚ୍ ବ୍ୟାଡ୍ ଟଚ୍' ବିଷୟରେ ଡାକ୍ତର ଗାର୍ଗୀ ସୁମନ ତ୍ରିପାଠୀ ସଚେତନ କରାଇଥିଲେ । ଜନ୍ମଦିନରେ ଏହି ମୁକବଧୀର ବିଦ୍ୟାଳୟର ପିଲାମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ଆକାଶଙ୍କର ଏହା ଥିଲା ଏକ ନିଆରା ପ୍ରୟାସ । ମୁକବଧୀର ବିଦ୍ୟାଳୟର କର୍ମକର୍ତ୍ତା ଓ ପିଲାମାନେ ଆକାଶଙ୍କ ଜନ୍ମଦିନ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଆକାଶଙ୍କର ସିନେ ପ୍ରଶଂସକ, ରାଜନୈତିକ ପ୍ରଶଂସକ, ବୁଦ୍ଧଜୀବୀ ମହଲରୁ ଜନ୍ମଦିନର ଶୁଭେଚ୍ଛା ଓ ଶୁଭକାମନାର ସୁଅ ଛୁଟିବାରେ ଲାଗିଛି ।

## ସେବା ସଂକଳ୍ପ ଅଭିଯାନରେ ରକ୍ତଦାନ ଶିବିର




ନବରଙ୍ଗପୁର,ଉମରକୋଟ, ୧୮।୯ (ସଂଚାର ବ୍ୟୁରୋ): ଆଜି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଅବସରରେ ବିଜେପି ପକ୍ଷରୁ ପାଳନ କରାଯାଉଥିବା ସେବା ସଂଳପ ଅଭିଯାନରେ ଏକ ରକ୍ତ ଦାନ ଶିବିର ସହରାଞ୍ଚଳ ଆଶ୍ରୟ ସ୍ଥଳୀ ଠାରେ ଅନୁଷ୍ଠିତ ହେଇ ଥିଲା। ଏହାକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦଘାଟନ କରିଥିଲେ। ଏହି ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମନ୍ତ୍ରୀ ଙ୍କ ବ୍ୟତୀତ ରାଜ୍ୟ ବିଜେପି ଉପ ସଭାପତି ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ି, ଜିଲ୍ଲା ବିଜେପି ସମ୍ପାଦକ ସୁରେଶ କୁମାର ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ରାମ ନାୟକ ଓ ଭୋଜନାଥ ଗଣ୍ଡ ଓ ଅଶୋକ କୁମାର ସାହୁ, ଯୁବ ନେତା ବାଦଲ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପେଟ୍ରୋଲ ପମ୍ପ ନିକଟରୁ ୮ ଫୁଟିଆ ଅଜଗର ଉଦ୍ଧାର



ମାଲକାନଗିରି, ୧୮।୯ (ସଂଚାର ବ୍ୟୁରୋ): ମାଲକାନଗିରି ସଦର ମାଡଭି ପେଟ୍ରୋଲ ପମ୍ପ ନିକଟରୁ ଏକ ବିଶାଳ ଅଜଗର ସାପ ଉଦ୍ଧାର ହୋଇଛି। ଉଦ୍ଧାର ହୋଇଥିବା ଅଜଗରଟିର ଲମ୍ବ ପ୍ରାୟ ୮ ଫୁଟ ଏବଂ ଓଜନ ୧୫ କିଲୋଗ୍ରାମରୁ ଅଧିକ ଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ବୁଲା କୁକୁର ତା'ର ନବଜାତ ଛୁଆମାନଙ୍କ ସହ ରହୁଥିଲା। ପେଟ୍ରୋଲ ପମ୍ପ କର୍ମଚାରୀ କୁକୁର ଓ ଛୁଆମାନଙ୍କୁ ଖାଦ୍ୟ ଦେବା ସମୟରେ ହଠାତ୍ ଏକ ଅଜଗର ସାପ ନଜରକୁ ଆସିଥିଲା। ଏହା ଦେଖି ପମ୍ପ କର୍ମଚାରୀ ସାପ ଉଦ୍ଧାର ହେଲ୍ପଲାଇନକୁ ଫୋନ୍ କରିଥିଲେ। ଖବର ପାଇ ସ୍ନେକ୍ ହେଲ୍ପଲାଇନ୍‌ର କାର୍ଯ୍ୟକର୍ତ୍ତା ନାନୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ସମୟର ଚେଷ୍ଟା ପରେ ସୁରକ୍ଷିତ ଭାବେ ଅଜଗରଟିକୁ ଉଦ୍ଧାର କରାଯାଇଥିଲା। ପରେ ସାପଟିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବନ ବିଭାଗର ସୂଚନା ଅନୁସାରେ ନିରାପଦ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

## ଏକ୍ସକାଡର ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାସ୍ତରୀୟ ଜରୁରୀକାଳୀନ ବୈଠକ

କେନ୍ଦ୍ରାପଡ଼ା, ୧୮।୯ (ସଂଚାର ବ୍ୟୁରୋ): ଗରାପୁର ସ୍ଥିତ ରାଜୀବଗାନ୍ଧୀ ସେବାଗୃହଠାରେ ବୁଧବାର ଜିଲ୍ଲା ପ୍ରାଥମିକ ଶିକ୍ଷକ (ଏକ୍ସକାଡର) ସଂଘର ଏକ ଜରୁରୀକାଳୀନ ବୈଠକ ଜିଲ୍ଲାସଭାପତି ଆଲୋକ ସତ୍ୟବ୍ରତ ଦେବଦତ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଗରଦପୁର ବ୍ଲକର ସଂଗଠକ ତଥା ନେତୃତ୍ୱ ସ୍ଥାନୀୟ ଦିବଙ୍ଗତ ଶିକ୍ଷକ ପ୍ରମୋଦ କୁମାର ଲେଙ୍କାଙ୍କ ସ୍ମୃତିରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଏହି ଅବସରରେ ରାଜ୍ୟସଂଘର ଡାକରାରେ ଆସନ୍ତା ୨୧ ସେପ୍ଟେମ୍ବରରେ ଆୟୋଜିତ ହେବାକୁ ଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଏକ୍ସ କାଡର ଶିକ୍ଷକ ଏକଜୁଟ ହୋଇ ସାମିଲହେବାକୁ ଜିଲ୍ଲା ସଂଘ କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ । ବୈଠକରେ ଏକ୍ସକାଡର ଶିକ୍ଷକଙ୍କ ଦୀର୍ଘଦିନର ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଏକ୍ସକାଡର ବ୍ୟବସ୍ଥାର ଉଚ୍ଛେଦ, ଟ୍ରେଜେରୀ ମାଧ୍ୟମରେ ଦରମା ପ୍ରଦାନ, ଓଟିଇଟି ଉତ୍ତୀର୍ଣ୍ଣ/ଉନ୍ନୀତ ଶିକ୍ଷକଙ୍କ ଇନ୍‌କ୍ରିମେଣ୍ଟଏବଂ ଅନ୍ୟାନ୍ୟ ସେବା ସମ୍ପର୍କିତ ସମସ୍ୟା ଉପରେ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ ।

ବୈଠକରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଅମରେନ୍ଦ୍ର ମହାନ୍ତି, ମହେନ୍ଦ୍ର ସ୍ୱାଇଁ, ସନ୍ତୋଷ କୁମାର ବାରିକ, ବିରଞ୍ଚିନାରାୟଣ ଦାସ, ପ୍ରଭାକର ରାଉତ, ନିର୍ମଳ ବାରିକ, ମାନସ ରଞ୍ଜନ ରାଉତ, ଦୁଃଶାସନ ରାଉତ, ଶ୍ରୀଚନ୍ଦନ ଓଝା, ଧନେଶ୍ୱର ନାଥ ଶର୍ମା, ଚିତ୍ତରଞ୍ଜନ ଲାହା, ଏସ୍.କେ. ମହମ୍ମଦ ଅଲ୍ଲୀ, ଉମାକାନ୍ତ ଲେଙ୍କା, ଐଶ୍ୱର୍ଯ୍ୟା ବେଉରା, ମମତା ବିଶ୍ୱାଳ, ବିରଞ୍ଚି ନାରାୟଣ ତ୍ରିପାଠୀ, ଅଭିମନ୍ୟୁ ଲେଙ୍କା, ଝରଣାଶ୍ରୀ ଲେଙ୍କା, ବିଦ୍ୟୁତ ପ୍ରଭା ମୁଦୁଲି, କବିତା ପରିଡା, ନିରାକାର ପଣ୍ଡା, ଭବରଞ୍ଜନ ସାହୁ, ନିର୍ମଳା ସାହୁ, ଦିଲୀପ ଦାସ ଓ ସୁଶାନ୍ତ ଦାସଙ୍କ ସମେତ ନଅଟିବ୍ଲକର କର୍ମକର୍ତ୍ତା ଓ ଶିକ୍ଷକମାନେ ଉପସ୍ଥିତ ଥିଲେ ।

ସଭା ଶେଷରେ ଅବସର ପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ରାଉତ ଓ ନିରୋଦ କୁମାର ଲେଙ୍କାଙ୍କୁ ଜିଲ୍ଲା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ହିଞ୍ଜିଳିରେ ପଞ୍ଚାୟତ ସମିତି ସାଧାରଣ ବୈଠକ




ହିଞ୍ଜିଳିକାଟୁ, ୧୮।୯ (ସଂଚାର ବ୍ୟୁରୋ): ହିଂଜିଳିକାଟୁ ପଂଚାୟତ ସମିତିର ସାଧାରଣ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ସରସ୍ୱତୀ ସେଠୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ ବୈଠକ ପରିଚାଳନା କରୁଥିବା ବେଳେ ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ତହସିଲଦାର ତପନ କୁମାର ମହାପାତ୍ର,ବ୍ଲକ ଉପାଧକ୍ଷ ସୁନୀଲ କୁମାର ଗନ୍ତାୟତ, ଜିଲ୍ଲା ପରିଷଦ ସଭ୍ୟ ତଥା ବିଧାୟକଙ୍କ ପ୍ରତିନିଧି ଏ .ସୁଦର୍ଶନ, ବ୍ଲକର ଆସିଷ୍ଟାଣ୍ଟ ଇଞ୍ଜିନିଅର ଦୀପକ କୁମାର ପଣ୍ଡିତ ଉପସ୍ଥିତ ଥିଲେ |

ବୈଠକରେ ବ୍ଲକ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଜନସାଧାରଣଙ୍କ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ପରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ, ପରିମଳ, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, ଶିକ୍ଷା, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସାମାଜିକ ସୁରକ୍ଷା ଆଦି ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଅଗ୍ରଗତି ଉପରେ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ।

ବୈଠକରେ ପଞ୍ଚାୟତ ସମିତି ଅଧୀନ ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। ଜନସାଧାରଣଙ୍କ ମୌଳିକ ସୁବିଧା, ଚାଲୁଥିବା ଉନ୍ନୟନ କାର୍ଯ୍ୟର ଗୁଣାତ୍ମକ ଅଗ୍ରଗତି ଏବଂ ସରକାରୀ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

## ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ



ଖୋରଧା, ୧୮।୯ (ସଂଚାର ବ୍ୟୁରୋ): ଆଜି ସନ୍ଧ୍ୟାରେ ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ସଦର ମହକୁମା ଗଡ ଖୋରଧା ରାଧାକୃଷ୍ଣ ମନ୍ଦିର ପରିସରରେ ଶକ୍ତି ଧାରା ଓ ଜିଲ୍ଲା ମିଶନ ଶକ୍ତି ମହାସଂଘ ଏବଂ ରାମ ରହିମ ମିଶନ ଶକ୍ତି ମହାସଂଘ ଆନୁକୂଲ୍ୟରେ ଏକମାସ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା ସେବା ସଂକଳ୍ପ ଅଭିଯାନ ୨୦୨୬ ଉପଲକ୍ଷେ ଆଜି ପ୍ରଥମ ଦିବସରେ ଆଶୀର୍ବାଦ ର ଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।

ଜିଲ୍ଲା ମିଶନ ଶକ୍ତି ମହାସଂଘ ସଭାପତି ପଦ୍ମିନୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଆଶୀର୍ବାଦ ର ଦୀପ ଦାନ କରି ଜିଲ୍ଲାବାସୀ ଓ ସମଗ୍ର ଦେଶବାସୀଙ୍କ ମଙ୍ଗଳ କାମନା କରିଥିଲେ । ସେ କହିଥିଲେ ଆଜି ଆଶୀର୍ବାଦ ର ଦୀପ ସିଖାରେ ସମସ୍ତଙ୍କ ମନରେ ଥିବା ଈର୍ଷା, ଗର୍ବ, ଅହଙ୍କାର ସହ ସମସ୍ତ ଅହଂଭାବ ଏବଂ ବିଯୁକ୍ତାତ୍ମକ ଭାବନା ଦୂର ହୋଇ ସମସ୍ତେ ଭଲ ମଣିଷ ହୋଇ ଜିଲ୍ଲା, ରାଜ୍ୟ ଓ ରାଷ୍ଟ୍ରର ନାମ ଟେକ ରଖନ୍ତୁ । ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ, ଖୋରଧା, ଶ୍ରୀମତୀ ସୁମତି ତ୍ରିପାଠୀ ଯୋଗଦେଇ ସମସ୍ତଙ୍କ ଜୀବନ ରୁ ଅନ୍ଧକାର ଦୂର ହୋଇ ଆଲୋକିତ ହେଉ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋରଧା, ସିଦ୍ଧାର୍ଥ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ପୌର ପରିଷଦ, ଖୋରଧା, କାବେରୀ ମୁଦୁଲି,ଡି ପି ସି, ମିଶନ ଶକ୍ତି, ପ୍ରେମଶ୍ରୀ ନାୟକ ଯୋଗ ଦେଇ ସେବା ସଂକଳ୍ପ ଅଭିଯାନ ଆଶୀର୍ବାଦ ର ଦୀପ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ମିଶନ ଶକ୍ତି ମହାସଂଘ ସାଧାରଣ ସମ୍ପାଦକ ଅଞ୍ଜୁମାନ ଆରା ଧନ୍ୟବାଦ ପ୍ରଦାନ କରିଥିଲେ।

ମନ୍ଦିର ପ୍ରାଙ୍ଗଣରେ ସହସ୍ରାଧିକ ମହିଳା ଆଶୀର୍ବାଦ ର ଦୀପ ଦାନ କରିଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ବେଉରା ରାଧା କୃଷ୍ଣ ଙ୍କୁ ଦର୍ଶନ କରିବା ସହ ନିକଟରେ ଥିବା ଜଗନ୍ନାଥ ମନ୍ଦିର କୁ ଯାଇ ବିଗ୍ରହ ମାନଙ୍କୁ ଦର୍ଶନ କରିଥିଲେ ।

## କୃଷିଋଣ ଖାତାରୁ ୧୩,୧୯୯ ଟଙ୍କା ଡେବିଟ୍, ଏସବିଆଇ ଶାଖା ବିରୋଧରେ ଥାନାରେ ଅଭିଯୋଗ

ଧାମନଗର, ୧୮।୯ (ସଂଚାର ବ୍ୟୁରୋ): କୃଷି ଋଣ ଖାତାରୁ ତାଙ୍କ ସମ୍ମତି ବିନା ୧୩,୧୯୯ ଟଙ୍କା ଡେବିଟ୍ ହୋଇଥିବା ଅଭିଯୋଗ କରିଛନ୍ତି ରାଧାବଲ୍ଲଭପୁର ଗ୍ରାମର ସଞ୍ଜୀବ କୁମାର ମହାନ୍ତି। ଏନେଇ ସେ ଧାମନଗର ଥାନାରେ ଲିଖିତ ଅଭିଯୋଗ କରି ଘଟଣାର ତଦନ୍ତ ସହ ଟଙ୍କା ଫେରସ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ, ସଞ୍ଜୀବ କୃଷି ଋଣ ପାଇଁ ଦୋବଲ ଏସବିଆଇ ଶାଖାରେ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ପରେ ତାଙ୍କ ନାମରେ କୃଷି ଋଣ ଖାତା ଖୋଲାଯାଇଥିଲା। ତେବେ ଗତ ଅଗଷ୍ଟ ୧୯ରେ ତାଙ୍କ ଅଜାଣତରେ ଉକ୍ତ ଖାତାରୁ ୧୩,୧୯୯ ଟଙ୍କା ଡେବିଟ୍ ହୋଇଥିବା ସେ ଜାଣିବାକୁ ପାଇଥିଲେ। ଏହି ଟଙ୍କା କେଉଁ କାରଣରେ କଟିଲା ଏବଂ କେଉଁ ଖାତାକୁ ଗଲା, ସେ ସମ୍ପର୍କରେ ତାଙ୍କୁ ସ୍ପଷ୍ଟ ସୂଚନା ମିଳିନଥିବା ସଞ୍ଜୀବ ଅଭିଯୋଗରେ ଦର୍ଶାଇଛନ୍ତି। ଟଙ୍କା ଫେରସ୍ତ ଓ ଡେବିଟ୍‌ର କାରଣ ଜାଣିବା ପାଇଁ ସେ ବ୍ୟାଙ୍କ ଶାଖାକୁ ଯାଇଥିଲେ ମଧ୍ୟ ସମାଧାନ ହୋଇ ନଥିବା ଅଭିଯୋଗ କରିଛନ୍ତି। ଏହି ଟଙ୍କା କିପରି ଡେବିଟ୍ ହେଲା, କାହା ନିର୍ଦ୍ଦେଶରେ ହେଲା ଏବଂ ଟଙ୍କା କେଉଁ ଖାତାକୁ ଯାଇଛି, ତାହାର ତଦନ୍ତ କରାଯାଇ ତାଙ୍କୁ ଟଙ୍କା ଫେରସ୍ତ କରାଯାଉ ବୋଲି ସଞ୍ଜୀବ ଦାବି କରିଛନ୍ତି।

# ପରମ୍ପରାଗତ ଜଡ଼ିବୁଟି ଚିକିତ୍ସାକୁ ନେଇ ଚର୍ଚ୍ଚାରେ ବୈଦରାଜ ଧର୍ମୁ ନାଏକ



କଳାହାଣ୍ଡି, ୧୮।୯ (ସଂଚାର ବ୍ୟୁରୋ): ପାରମ୍ପରିକ ଜଡ଼ିବୁଟି ଓ ବନୌଷଧି ଚିକିତ୍ସା ପ୍ରତି ଆଜି ମଧ୍ୟ ଗ୍ରାମାଞ୍ଚଳର ଅନେକ ଲୋକଙ୍କ ଆସ୍ଥା ରହିଛି। ପିଢ଼ି ପରେ ପିଢ଼ି ଧରି ଚାଲିଆସୁଥିବା ଏହି ପରମ୍ପରାକୁ ଆଧାର କରି ଦୀର୍ଘ ବର୍ଷ ଧରି ଲୋକଙ୍କୁ ଜଡ଼ିବୁଟି ଔଷଧ ଦେଇଆସୁଥିବା ଜଣେ ବୈଦରାଜ ହେଉଛନ୍ତି ଧର୍ମୁ ନାଏକ। କଳାହାଣ୍ଡି ଜିଲ୍ଲା ଚାହା ଗାଁ ଗ୍ରାମ ପଞ୍ଚାୟତ ଅଧୀନ ଘଣ୍ଟବାହାଲି ଗ୍ରାମରେ ନିଜ ଘରେ ପ୍ରାୟ ୨୯ ବର୍ଷ ଧରି ସେ ଏହି ପାରମ୍ପରିକ ଚିକିତ୍ସା କରୁଥିବା କୁହାଯାଉଛି। ତାଙ୍କ ପାଖକୁ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରୁ ଲୋକେ ଆସୁଥିବା ସ୍ଥାନୀୟ ଲୋକମାନେ କହୁଛନ୍ତି।

ଗ୍ରାମାଞ୍ଚଳରେ ପାରମ୍ପରିକ ଚିକିତ୍ସାର ନିଜସ୍ୱ ଏକ ଗୁରୁତ୍ୱ ରହିଆସିଛି। ବିଶେଷକରି ଜଙ୍ଗଲ ଓ ପାହାଡ଼ ଅଞ୍ଚଳରେ ମିଳୁଥିବା ବିଭିନ୍ନ ଔଷଧୀୟ ଗଛ, ମୂଳ, ଛେର, ପତ୍ର ଓ ଅନ୍ୟାନ୍ୟ ବନୌଷଧିକୁ ନେଇ ପାରମ୍ପରିକ ଜ୍ଞାନ ଅନେକ ପରିବାର ଓ ସମୁଦାୟ ମଧ୍ୟରେ ପ୍ରଚଳିତ ରହିଛି। ଏହି ପରମ୍ପରାକୁ ଆଧାର କରି ଘଣ୍ଟବାହାଲି ଗ୍ରାମର ଧର୍ମୁ ନାଏକ ଦୀର୍ଘ ବର୍ଷ ଧରି ଜଡ଼ିବୁଟି ଔଷଧ ଦେଉଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରାୟ ୨୯ ବର୍ଷ ଧରି ସେ ନିଜ ଘରେ ଲୋକଙ୍କୁ ପାରମ୍ପରିକ ପଦ୍ଧତିରେ ଔଷଧ ଯୋଗାଇ ଆସୁଛନ୍ତି। ଏହି ଦୀର୍ଘ ସମୟ ମଧ୍ୟରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳ ସହ ଓଡ଼ିଶାର ଅନ୍ୟ ଜିଲ୍ଲା ଏବଂ ପଡ଼ୋଶୀ ରାଜ୍ୟରୁ ମଧ୍ୟ ଲୋକେ ତାଙ୍କ ପାଖକୁ ଆସୁଥିବା ସେମାନେ କହିଛନ୍ତି।

ସ୍ଥାନୀୟ ଲୋକଙ୍କ ମତ ଅନୁସାରେ, ପାରାଲିସ, ଅଣ୍ଟୁଗଣ୍ଠି, ବାତ, ପିତ୍ତ, ମୁଣ୍ଡବ୍ୟଥା ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ନେଇ କେତେକ ରୋଗୀ ତାଙ୍କ ନିକଟକୁ ଆସୁଥିବା କୁହାଯାଉଛି। ଅନେକ ରୋଗୀ ଜଡ଼ିବୁଟି ଔଷଧ ନେବା ପରେ ଉପକାର ପାଇଥିବା ଦାବି କରୁଥିବା ମଧ୍ୟ ସ୍ଥାନୀୟ ଲୋକମାନେ କହୁଛନ୍ତି।

ତେବେ ଆଧୁନିକ ଚିକିତ୍ସା ବ୍ୟବସ୍ଥାର ଦୃଷ୍ଟିରୁ ପ୍ରତ୍ୟେକ ରୋଗର ନିରାକରଣ ପାଇଁ ବୈଜ୍ଞାନିକ ଭାବେ ପରୀକ୍ଷିତ ଓ ନିରାପଦ ଚିକିତ୍ସା ପଦ୍ଧତିର ଆବଶ୍ୟକତା ରହିଛି। ବିଶେଷକରି ପାରାଲିସ ଭଳି ଗୁରୁତର ରୋଗ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ଓ ଆବଶ୍ୟକ ଚିକିତ୍ସାକୁ ଅବହେଳା ନକରିବା ଜରୁରୀ। ପାରମ୍ପରିକ ଔଷଧ ବ୍ୟବହାର କରୁଥିବା ଲୋକେ ମଧ୍ୟ ଏହାର ଉପାଦାନ, ମାତ୍ରା, ପାର୍ଶ୍ୱପ୍ରତିକ୍ରିୟା ଓ ଅନ୍ୟ ଔଷଧ ସହ ସମ୍ଭାବ୍ୟ ପ୍ରତିକ୍ରିୟା ସମ୍ପର୍କରେ ସଚେତନ ରହିବା ଆବଶ୍ୟକ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ମା' ସମଲେଇଙ୍କ ନିକଟରେ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳନ



ସୁନ୍ଦରଗଡ଼, ୧୮।୯ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ସ୍ଥିତ ମାଁ ସମଲେଇ ମନ୍ଦିରରେ "ଆଶୀର୍ବାଦର ଦୀପ" ପ୍ରଜ୍ୱଳନ କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ଏହି ପବିତ୍ର କାର୍ଯ୍ୟକ୍ରମରେ ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ, ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତ, ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଜିଲ୍ଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆ, ସ୍ୱଚ୍ଛ ଭାରତ ଅଭିଯାନ ରାଜ୍ୟ ସହ-ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ସୁଭଦ୍ରା ସମେତ ବିଭିନ୍ନ ସରକାରୀ ଯୋଜନାର ଲାଭାର୍ଥୀ ଯୋଗଦେଇଥିଲେ। ଉପସ୍ଥିତ ସମସ୍ତେ ମାଁ ସମଲେଇଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘାୟୁ, ସୁସ୍ୱାସ୍ଥ୍ୟ ଓ ମଙ୍ଗଳମୟ ଜୀବନ କାମନା କରି ମାଁ ସମଲେଇଙ୍କ ନିକଟରେ ସମସ୍ତେ ଭକ୍ତିପୂର୍ବକ ପ୍ରାର୍ଥନା କରିଥିଲେ।

SANCHAR
ସଂଚାର
ଶନିବାର ୧୯ ସେପ୍ଟେମ୍ବର ୨୦୨୬
ସ୍ୱାସ୍ଥ୍ୟ




# ଗର୍ଭାବସ୍ଥାରେ ହିମୋଗ୍ଲୋବିନ୍ ଯାଞ୍ଚ ସ୍ୱାସ୍ଥ୍ୟ ପାଇଁ ଜରୁରୀ

ହିମୋଗ୍ଲୋବିନ ହେଉଛି ଆମ ଲୋହିତ ରକ୍ତ କଣିକା (ଆରବିସି)ରେ ମିଳୁଥିବା ଏକ ପ୍ରୋଟିନ୍। ଏହାର ପ୍ରାଥମିକ କାର୍ଯ୍ୟ ହେଉଛି ଫୁସ୍‌ଫୁସ୍‌ରୁ ଶରୀରର ପ୍ରତ୍ୟେକ ଅଂଶକୁ ଅମ୍ଳଜାନ ପରିବହନ କରିବା ଏବଂ କାର୍ବନ ଡାଇଅକ୍ସାଇଡ୍ ବାହାର କରିବା। ଶରୀରରେ ପର୍ଯ୍ୟାପ୍ତ ପରିମାଣର ହିମୋଗ୍ଲୋବିନ ରହିବା ଶକ୍ତିକୁ ବଜାୟ ରଖେ, ଥକ୍କାପଣ କମ୍ କରେ ଏବଂ ଅଙ୍ଗଗୁଡ଼ିକୁ ସଠିକ୍ ଭାବରେ କାର୍ଯ୍ୟକ୍ଷମ କରେ। ଏହା ବ୍ୟତୀତ ହିମୋଗ୍ଲୋବିନ ଶରୀରରେ ରକ୍ତର ସଠିକ୍ ପରିମାଣ ଏବଂ ଗୁଣବତ୍ତା ବଜାୟ ରଖିବାରେ ସାହାଯ୍ୟ କରେ। ଏହା ଗର୍ଭବତୀ ମହିଳାମାନଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। କାରଣ ଶିଶୁର ବିକାଶ ସମ୍ପୂର୍ଣ୍ଣ ଭାବରେ ମା'ଙ୍କ ରକ୍ତ ଏବଂ ପୁଷ୍ଟିସାର ଉପରେ ନିର୍ଭର କରେ। ତେଣୁ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ହିମୋଗ୍ଲୋବିନ ଲେବଲ୍ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହିମୋଗ୍ଲୋବିନ ଅଭାବ, କିମ୍ବା ରକ୍ତହୀନତା, ଶରୀରରେ ଅମ୍ଳଜାନ ଅନାହାର ସୃଷ୍ଟି କରେ, ଯାହା ଥକ୍କାପଣ, ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧା ଏବଂ ଦୁର୍ବଳତା ସୃଷ୍ଟି କରେ। ଗୁରୁତର ଅଭାବ ହାର୍ଟ ଏବଂ ଫୁସ୍‌ଫୁସ୍ ଉପରେ ଅତିରିକ୍ତ ଚାପ ପକାଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିପାରେ। ଏହା ଧ୍ୟାନ ଏବଂ କାର୍ଯ୍ୟଦକ୍ଷତାକୁ ମଧ୍ୟ ପ୍ରଭାବିତ କରେ। ଦୀର୍ଘକାଳୀନ ହିମୋଗ୍ଲୋବିନ ଅଭାବ ଶରୀରର ଅଙ୍ଗ ଏବଂ ମାଂସପେଶୀକୁ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ପାଇବାରୁ ବାଧା ଦେଇପାରେ, ଯାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ତେଣୁ ନିୟମିତ ଭାବରେ ହିମୋଗ୍ଲୋବିନ ଲେବଲ୍ ଯାଞ୍ଚ କରିବା ଏବଂ ଅଭାବ ଚିହ୍ନଟ ହେଲେ ସମୟୋଚିତ ଏବଂ ଉପଯୁକ୍ତ ପଦକ୍ଷେପ ନେବା ଗୁରୁତ୍ୱପୂର୍ଣ୍ଣ। ଜାଣନ୍ତୁ ପ୍ରେଗ୍‌ନାନ୍ସି ସମୟରେ ହିମୋଗ୍ଲୋବିନ ପରୀକ୍ଷା କାହିଁକି ଗୁରୁତ୍ୱପୂର୍ଣ୍ଣ...

ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି, ଗର୍ଭାବସ୍ଥାରେ, ମା' ଏବଂ ଶିଶୁ ଉଭୟଙ୍କ ପାଇଁ ପର୍ଯ୍ୟାପ୍ତ ପୁଷ୍ଟି ଏବଂ ଅମ୍ଳଜାନ ସୁନିଶ୍ଚିତ କରିବା ପାଇଁ ଜଣେ ମହିଳାଙ୍କ ରକ୍ତ ପରିମାଣ ବୃଦ୍ଧି ପାଏ। ତଥାପି ଏହି ସମୟରେ ହିମୋଗ୍ଲୋବିନ ଲେବଲ୍ ପ୍ରାୟତଃ ହ୍ରାସ ପାଏ କାରଣ ରକ୍ତରେ ଲୋହିତ ରକ୍ତ କଣିକା ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଏ ନାହିଁ। ଗର୍ଭାବସ୍ଥାରେ କମ୍ ହିମୋଗ୍ଲୋବିନ ଲେବଲ୍ ମା'ଙ୍କଠାରେ ଥକ୍କାପଣ, ଦୁର୍ବଳତା ଏବଂ ମୁଣ୍ଡବିନ୍ଧା ସୃଷ୍ଟି କରିପାରେ। ଯଦି ଅଭାବ ଗୁରୁତର ହୁଏ, ତେବେ ଏହା ହାର୍ଟ ଏବଂ ଫୁସଫୁସ ଉପରେ ଅଧିକ ଚାପ ପକାଇପାରେ ଏବଂ ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିପାରେ। ଏହା ବ୍ୟତୀତ, କମ ହିମୋଗ୍ଲୋବିନ ଶିଶୁର ବିକାଶକୁ ପ୍ରଭାବିତ କରିପାରେ ଏବଂ ପ୍ରସବ ଜଟିଳତା, ଯେପରିକି ଅତ୍ୟଧିକ ରକ୍ତସ୍ରାବ କିମ୍ବା ସମୟ ପୂର୍ବରୁ ପ୍ରସବ ହେବାର ବିପଦ ବଢ଼ାଇପାରେ। ନିୟମିତ ଯାଞ୍ଚ ଆପଣଙ୍କ ଡାକ୍ତରଙ୍କୁ ଉପଯୁକ୍ତ ଖାଦ୍ୟ, ପରିପୂରକ ଏବଂ ଚିକିତ୍ସା ସୁପାରିଶ କରିବାରେ ସାହାଯ୍ୟ କରିପାରିବ, ଯାହା ମା ଏବଂ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବ।

- ପାଳଙ୍ଗ, ସବୁଜ ପନିପରିବା, ଡାଲି ଏବଂ ବାଦାମ ଭଳି ଆଇରନ ଯୁକ୍ତ ଖାଦ୍ୟ ଖାଆନ୍ତୁ
- ଭିଟାମିନ 'ସି'ଯୁକ୍ତ ଫଳ ଖାଆନ୍ତୁ
- ଡାକ୍ତରଙ୍କ ପରାମର୍ଶ ବିନା ସପ୍ଲିମେଣ୍ଟ କିମ୍ବା ଔଷଧ ଖାଆନ୍ତୁ ନାହିଁ
- ଦୃଢ଼ ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ନିଦ ଏବଂ ବିଶ୍ରାମ ନିଅନ୍ତୁ
- ଯଦି ଆପଣ ଦୁର୍ବଳ, ମୁଣ୍ଡ ବୁଲାଉଥିବା କିମ୍ବା କ୍ଳାନ୍ତ ଅନୁଭବ କରୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



# ରସୁଣ ଅନେକ ରୋଗର ରାମବାଣ

ସୁସ୍ଥ ରହିବାକୁ କିଏ ବା ନ ଚାହେଁ। ବର୍ତ୍ତମାନ ସମୟରେ ସୁସ୍ଥ ରହିବାକୁ ମଣିଷ ବହୁତ ପ୍ରକାରର କାର୍ଯ୍ୟ କରୁଛି। ଏଥି ସହ ଏପରି କିଛି ଲୋକ ଅଛନ୍ତି, ଯେଉଁମାନେ ଜିମ୍ ଯାଇ ନିଜକୁ ସୁସ୍ଥ ରଖୁଛନ୍ତି ତ ଆଉ କିଏ ମର୍ଣ୍ଣିଂ ୱାକ୍, ସାଇକେଲ୍ ରେସ୍ ଏପରି ସବୁ କରି ନିଜକୁ ଫିଟ୍ ରଖୁଛନ୍ତି। ତେବେ ଆସନ୍ତୁ ଜାଣିବା ଏକ ମସଲା ଜାତୀୟ ଦ୍ରବ୍ୟ ବିଷୟରେ ଯାହାକୁ ଆପଣାଇଲେ ଆମେ ସମ୍ପୂର୍ଣ୍ଣ ସୁସ୍ଥ ରହିପାରିବା। ଏହି ମସଲା ଜାତୀୟ ଦ୍ରବ୍ୟର ନାମ ହେଉଛି ରସୁଣ। ରସୁଣ କେବଳ ଖାଦ୍ୟକୁ ସୁଆଦିଆ କରିଥାଏ ତାହା ନୁହେଁ ବରଂ ଶରୀରକୁ ସୁସ୍ଥ ମଧ୍ୟ ରଖିଥାଏ। ଏହା ଘରୋଇ ଔଷଧ ଭାବେ ବହୁ ଉପକାରୀ ସାବ୍ୟସ୍ତ ହୋଇଥାଏ। ରସୁଣରେ ଥଣ୍ଡା, କାଶ, ରକ୍ତଚାପ ସହିତ କ୍ୟାନ୍ସରରୁ ରକ୍ଷା ପାଇବା ପାଇଁ ଅନେକ ତତ୍ତ୍ୱ ଭରପୁର ରହିଛି। ତେବେ ଆସନ୍ତୁ ଜାଣିବା ରସୁଣର ବିଭିନ୍ନ ଉପକାରିତା ବିଷୟରେ। ବିଭିନ୍ନ ଔଷଧୀୟ ଗୁଣରେ ଭରା ରସୁଣ। ଏଥିରେ ପ୍ରୋଟିନ୍, ଭିଟାମିନ୍ ଏ, ବି, ସି , ଭରପୁର ମାତ୍ରାରେ ରହିଥାଏ। ରସୁଣ ଖାଇବା ଦ୍ୱାରା ଶରୀରରେ ରୋଗପ୍ରତିଶୋଧକ କ୍ଷମତା ବଢ଼ିଥାଏ। ଏଥି ସହ ରସୁଣରେ ଥିବା ଆଲିସିନ୍ ନାମକ ଅଣ୍ଟିବାୟୋଟିକ୍ ଶରୀରକୁ ବିଭିନ୍ନ ରୋଗରୁ ମୁକ୍ତ ରଖିଥାଏ। ଏଥି ସହ ଜାଣିରଖନ୍ତୁ ଯେ, ଆୟୁର୍ବେଦରେ ରସୁଣକୁ ବିଭିନ୍ନ ରୋଗର ଔଷଧ ଭାବରେ ବ୍ୟବହାର କରାଯାଏ। ରସୁଣରେ ଆଣ୍ଟିସେପ୍ଟିକ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ପ୍ରଚୁର ପରିମାଣରେ ରହିଥାଏ। ରସୁଣ ଆମକୁ ଅନେକ ରୋଗରୁ ରକ୍ଷା କରିବାରେ ସାହାଯ୍ୟ ମଧ୍ୟ କରିଥାଏ। ରସୁଣର ନିୟମିତ ସେବନ ଦ୍ୱାରା କ୍ୟାନ୍ସର ହେବାର ସମ୍ଭାବନା ବହୁ ମାତ୍ରାରେ କମ ହୋଇଥାଏ। ନିକଟରେ ହୋଇଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଏହା ଦ୍ୱାରା କ୍ୟାନ୍ସର ହେବାର ସମ୍ଭାବନା ୩୦-୪୦ ପ୍ରତିଶତ କମ ହୋଇଥାଏ। ଏଥିସହ ଉଚ୍ଚରକ୍ତଚାପକୁ ଦୂର କରିବାରେ ମଧ୍ୟ ରସୁଣ ବହୁ ଲାଭଦାୟକ ହୋଇଥାଏ। ଦୈନିକ ରସୁଣ ଖାଇବା ଦ୍ୱାରା କୋଲେଷ୍ଟ୍ରଲ କମ ହେବା ସହ ହୃଦଜନିତ ରୋଗର ସମ୍ଭାବନା ମଧ୍ୟ କମ ହୋଇଥାଏ। ଏଥି ସହ ଆପଣମାନେ ଜାଣିରଖନ୍ତୁ ଯେ, ରସୁଣ ଖାଇବା ଦ୍ୱାରା ଆମ ଶରୀର ସବୁବେଳେ ଗରମ ରହିଥାଏ, ଯାହା ଫଳରେ ଥଣ୍ଡା, କାଶ ଏବଂ ଛିଙ୍କ ଆଦିରୁ ରକ୍ଷା ପାଇବା ପାଇଁ ଏହା ବହୁ ଲାଭକାରୀ ପ୍ରମାଣିତ ହୋଇଥାଏ। ଏଥିରେ ଉପସ୍ଥିତ ଆଣ୍ଟିବ୍ୟାକ୍ଟେରିଆଲ ତତ୍ତ୍ୱ ଦାନ୍ତ ଏବଂ ମାଢ଼ି ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେଇଥାଏ।

ଦୈନିକ ରସୁଣ ଖାଉଥିବା ବ୍ୟକ୍ତିଙ୍କ ନିକଟରେ ରକ୍ତହିନତା ଦେଖାଯାଇ ନଥାଏ। ଏଥି ସହ ଏହା ବିଭିନ୍ନ ପ୍ରକାରର ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମଧ୍ୟ ରସୁଣ ଦ୍ୱାରା ଶୀଘ୍ର ଉପଶମ ମିଳିଥାଏ। ରସୁଣ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ଭଲ ହୋଇଥାଏ। ଏହା ଧମନୀରେ ଅବରୋଧକୁ ଦୂର କରିବାରେ ସାହାଯ୍ୟ କରିଥାଏ। ରସୁଣ ଖାଇବା ହାର୍ଟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏଥି ସହ ଜାଣିରଖନ୍ତୁ ଯେ, ଲିଭରକୁ ସୁସ୍ଥ ରଖିବା ପାଇଁ ରସୁଣ ଖାଇବା ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଆପଣ ଜାଣିଛନ୍ତି କି ରସୁଣ ହଜମ ଏବଂ ଗ୍ୟାସ୍ ସମସ୍ୟାକୁ ବହୁତ ମାତ୍ରାରେ କମ୍ କରିଥାଏ। ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ରସୁଣ ଖାଇବା ଲାଭଦାୟକ ବୋଲି ବିବେଚନା କରାଯାଏ। ମଧୁମେହ ରୋଗୀଙ୍କ ପାଇଁ କଞ୍ଚା ରସୁଣ ଖାଇବା ହିତକର ହୋଇପାରେ। କାରଣ ଏହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରେ। ଏଥି ସହ ଯଦି ଆପଣ ପ୍ରତ୍ୟେକ ଦିନ ଆପଣଙ୍କ ଖାଦ୍ୟରେ ରସୁଣକୁ ସାମିଲ୍ କରନ୍ତି, ତେବେ ଅନେକ ପ୍ରକାରର ସମସ୍ୟାରୁ ରିଲାକ୍ସ ପାଇପାରିବେ।



# ତକିଆ ବି ଡାକିଆଣେ ରୋଗ



ଅଧିକାଂଶ ଲୋକ ତକିଆ ବ୍ୟବହାର କରିଥାନ୍ତି। ଭଲ ନିଦ ଓ ବେକର ଆରାମ ପାଇଁ ଏହାର ବ୍ୟବହାର ହୋଇଥାଏ। କିଛିଲୋକ ବହୁ ଦିନ ଧରି ସମାନ ତକିଆକୁ ବ୍ୟବହାର କରିଥାନ୍ତି। ତେବେ ଆପଣ ଜାଣନ୍ତି କି, ଗୋଟିଏ ତକିଆକୁ ମୋଟାମୋଟି କେତେ ଦିନ ବ୍ୟବହାର କରିବା ଉଚିତ। କାରଣ ଉପରେ ସଫାସୁତରା ଲାଗୁଥିଲେ ବି ଏହା ଭିତରେ ଧୂଳି, ଝାଳ, ଆଲର୍ଜି ସୃଷ୍ଟିକାରୀ ଉପାଦାନ ଓ ବ୍ୟାକ୍ଟେରିଆ ଜମା ହୋଇଥାନ୍ତି, ଯାହା ଆପଣଙ୍କ ନିଦ ସହ ଦେହ ଖରାପର କାରଣ ହୋଇପାରେ। ରାତିରେ ଶୋଇବା ସମୟରେ ଦେହରୁ ନିର୍ଗତ ହେଉଥିବା ଝାଳ, ଆମେ ମୁଣ୍ଡରେ ବ୍ୟବହାର କରୁଥିବା ତେଲ ଓ ଚର୍ମର ମୃତ କୋଷିକା ତକିଆରେ ଜମା ହୋଇଯାଇଥାନ୍ତି। କିଛିଦିନ ପରେ ଏଥିରେ ଧୂଳିକଣା ଓ କୀଟାଣୁ ସୃଷ୍ଟି ହୋଇ ପାରନ୍ତି। ଏହାଯୋଗୁଁ ଆପଣଙ୍କ ତକିଆ ଆଲର୍ଜି, ବେକ ବଥା ଓ ବିଭିନ୍ନ ଚର୍ମ ସମସ୍ୟାର କାରଣ ହୋଇପାରେ। କେତେକ ବ୍ୟକ୍ତିଙ୍କ କ୍ଷେତ୍ରରେ ସକାଳୁ ଉଠୁ ଉଠୁ ଅତ୍ୟଧିକ ଛିଙ୍କ ସହ ମୁଣ୍ଡବଥା ହୋଇଥାଏ। ଏହାର କାରଣ ସେହି ତକିଆ ହିଁ ହୋଇପାରେ। ସମୟ ଗଡ଼ିବା ସହ ଆପଣଙ୍କ ତକିଆର ତୁଳା ବି ଖରାପ ହୋଇଯାଇଥାଏ।

ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ତକିଆକୁ ପ୍ରତି ବର୍ଷେ ବା ଦୁଇ ବର୍ଷ ଭିତରେ ବଦଳାଇବା ଦରକାର। ତକିଆ କେଉଁ ଉପାଦାନରେ ତିଆରି ଓ ଏହାର କେତେ ବ୍ୟବହାର ହେଉଛି, ତା' ଉପରେ ଏହା ନିର୍ଭର କରିଥାଏ। ତୁଳା ଓ ଫାଇବର୍ ତକିଆ ଶୀଘ୍ର ଖରାପ ହୋଇପାରେ। ତେବେ ଫୋମ୍ ବା ଲାଟେକ୍ସ ତକିଆ ଟିକେ ଅଧିକ ସମୟ କାମରେ ଆସିଥାଏ। ଏହାବାଦ୍ ତକିଆକୁ ଦବାଇଲେ ଯଦି ଏହା ତା'ର ପୁରୁଣା ଆକାରକୁ ଆସୁନାହିଁ, ତେବେ ତାକୁ ବଦଳାଇବା ଦରକାର। ସେହିପରି ତକିଆ ଭିତରେ ଗଣ୍ଠି ପଡ଼ିବା ଅନୁଭୂତ ହେଲେ, ଶୋଇଲା ବେଳେ ବେକ ଓ କାନ୍ଧରେ ଦରଜ ହେଲେ, ଏହାର ବ୍ୟବହାର ବେଳେ ଅତ୍ୟଧିକ ଛିଙ୍କ ହେଲେ ବା ଦୁର୍ଗନ୍ଧ ବାହାରିଲେ ତକିଆକୁ ତୁରନ୍ତ ବଦଳାଇବା ଭଲ। ତକିଆକୁ ନିୟମିତ ସଫା କରିବା ସହ ଏହାର ଖୋଳକୁ ଦୁଇରୁ ତିନି ଦିନ ଭିତରେ ବଦଳାନ୍ତୁ। ଏଥିସହିତ ତକିଆକୁ ସପ୍ତାହରେ ଥରେ ନିଶ୍ଚୟଖରାରେ ଦିଅନ୍ତୁ।

# ଖରାଦିନେ ଖାଆନ୍ତୁ ଜାମୁକୋଳି

ପ୍ରତ୍ୟେକ ଫଳରେ କିଛି ନା କିଛି ଔଷଧୀୟ ଗୁଣ ରହିଛି। ବର୍ତ୍ତମାନ ସମୟରେ ପିଜା, ବର୍ଗର ଏବଂ ଜଙ୍କ୍ ଫୁଡ୍ ଭଳି ଖାଦ୍ୟକୁ ସମସ୍ତେ ଖାଇବାକୁ ଖୁବ୍ ପସନ୍ଦ କରୁଛନ୍ତି। କିନ୍ତୁ ଦେହକୁ ହିତକାରୀ ଫଳ ଖାଇବାକୁ ଅଣଦେଖା କରୁଛନ୍ତି। ସେହିପରି ଜାମୁକୋଳି ଏଭଳି ଏକ ଫଳ। ଯାହା ଅନେକ ରୋଗରୁ ମୁକ୍ତି ଦେଇଥାଏ। ବିଶେଷ କରି ଏହି ଫଳ ଖରାଦିନ ପାଇଁ ଖୁବ୍ ଗୁଣକାରୀ ବୋଲି ସାବ୍ୟସ୍ତ ହୋଇଛି। ଏହା ଆଖିକୁ ଯେତିକି ସୁନ୍ଦର ଦିଶିଥାଏ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ଲାଭକାରୀ ହୋଇଥାଏ। ଆୟୁର୍ବେଦରେ ଏହାକୁ ଔଷଧ ଭାବେ ବିବେଚନା କରାଯାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଫସଫରସ୍, କ୍ୟାଲସିୟମରେ ଭରପୂର। ଏଥିରେ ଶରୀର ପାଇଁ ଆବଶ୍ୟକ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମଧ୍ୟ ରହିଛି। ଯାହା ଅନେକ ସମସ୍ୟାକୁ ରୋକିବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ଏହାକୁ ଖରାଦିନେ ଖାଇବା ଦ୍ୱାରା କେଉଁ ସବୁ ଲାଭ ମିଳିଥାଏ ସେ ସମ୍ପର୍କରେ ଜାଣିବା। ଡାଇବେଟିସ୍ ରୋଗୀଙ୍କ ପାଇଁ ଜାମୁକୋଳି ବରଦାନ ସଦୃଶ ହୋଇଥାଏ। ଏଥିରେ ଜାମ୍ବୋଲାଇନ୍ ନାମକ ଏକ ତତ୍ତ୍ୱ ଥାଏ। ଯାହା ଷ୍ଟାର୍ଚ୍ଚକୁ ସୁଗାରରେ ପରିଣତ କରିବାକୁ ରୋକିଥାଏ। କେବଳ ଫଳ ନୁହେଁ ବରଂ ଏହାର ମଞ୍ଜିର ପାଉଡର ମଧ୍ୟ ସୁଗାର ଲେବଲକୁ ନିୟନ୍ତ୍ରଣରେ ରଖିଥାଏ। ଖରାଦିନେ ସାଧାରଣତଃ ପାଚନ ପ୍ରକ୍ରିୟା କମ୍ ହୋଇଥାଏ। ଫଳରେ ଗ୍ୟାସ୍, ବଦହଜମୀ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟା ଦେଖାଦିଏ। ଜାମୁକୋଳିରେ ଫାଇବର ଏବଂ କପର ଥିବାରୁ ଏହା ପାଚନ କ୍ରିୟାକୁ ମଜବୁତ କରେ। ଡାଇରିଆ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ। ଜାମୁକୋଳିରେ ପ୍ରଚୁର ପରିମାଣର ଭିଟାମିନ୍ C ଏବଂ ଆଣ୍ଟି ଅକ୍ସିଡାଣ୍ଟ ଥାଏ। ଯାହା ଖରା ଗରମରୁ ସୂର୍ଯ୍ୟର କ୍ଷତିକାରକ ରଶ୍ମିରୁ ରକ୍ଷା କରି ନ୍ୟାଚୁରାଲ ଗ୍ଲୋ ଦେଇଥାଏ। ଏଥିସହ ଏହା ଖାଇବା ଦ୍ୱାରା ରକ୍ତକୁ ସଫା ରଖେ। ତେଣୁ ବ୍ରଣ, ଦାଗ ଦୂର କରି ମୁହଁରେ ନ୍ୟାଚୁରାଲ ଗ୍ଲୋ ଆଣିବାରେ ସାହାଯ୍ୟ କରେ। ଏଥିରେ ପୋଟାସିୟମ୍ ଭରପୂର ଥିବାରୁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରେ। ନିୟମିତ ଏହାକୁ ଖାଇବା ଦ୍ୱାରା ଧମନୀକୁ ସୁସ୍ଥ ରଖିବା ସହିତ ହାର୍ଟ ଷ୍ଟ୍ରୋକର ଆଶଙ୍କାକୁ କମ୍ କରିଥାଏ। ଗରମ ଯୋଗୁଁ ଆମେ ଶୀଘ୍ର ଦୁର୍ବଳତାର ଶିକାର ହୋଇଥାଏ। ତେଣୁ ଇମ୍ୟୁନିଟି ପାୱାରକୁ ବଢାଇବା ପାଇଁ ଜାମୁକୋଳି ଖୁବ୍ ଭଲ ବିକଳ୍ପ। ଏଥିରେ ଥିବା ଆଇରନ୍ ହିମୋଗ୍ଲୋବିନ୍ ସ୍ତରକୁ ବୃଦ୍ଧି କରେ। ଯାହା ରକ୍ତହୀନତା ଦୂର କରିବାରେ ସାହାଯ୍ୟ କରେ। ଏହା ସହିତ, ଏହାର ଭିଟାମିନ୍ ସି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ।



# ଡାଳିମ୍ବ ଖାଇଲେ ରକ୍ତହୀନତା ରୋଗ ଦୂରହୁଏ

ଆପଣ ମାନେ ତ ଜାଣିଥିବେ ଆଜିକାଲି ସମସ୍ତେ ନିଜକୁ ଫିଟ୍ ଓ ସୁସ୍ଥ ରଖିବା ପାଇଁ ବିଭିନ୍ନ ପ୍ରକାରର ସବୁଜ ପନିପରିବା ଓ ଫଳ ଖାଇଥାନ୍ତି। ସେଥିମଧ୍ୟରୁ ଡାଳିମ୍ବ ହେଉଛି ଅନ୍ୟତମ। ଲୋକଙ୍କ ଅନୁସାରେ ଡାଳିମ୍ବରେ ଆଇରନ୍ ରହିଥାଏ। ଯାହା ଶରୀରରେ ରକ୍ତର ମାତ୍ରାକୁ ବଢାଇଥାଏ। ଲୋକ କିଛି ବି ଖାଦ୍ୟ ପଦାର୍ଥକୁ ଅତି ସହଜରେ ମନେ ରଖିବା ପାଇଁ ଶରୀରର ବିଭିନ୍ନ ଅଙ୍ଗ ସହ ଜଡିତ କରିଦିଅନ୍ତି। ଯେମିତିକି କିଡନୀ ପାଇଁ ବିନ୍ସ, ମସ୍ତିଷ୍କ ପାଇଁ ଅଖରୋଟ ଓ ରକ୍ତ ପାଇଁ ଡାଳିମ୍ବର ଆବଶ୍ୟକତା ଥାଏ। ଗୁଡଗାଓଁର କ୍ଲିନିକାଲ୍ ନ୍ୟୁଟ୍ରିସନ୍ ମୁଖ୍ୟ ଡକ୍ଟର ଦୀପ୍ତି ଖାଟୁଜାଙ୍କ କହିବା ଅନୁସାରେ, ଡାଳିମ୍ବ ସ୍ୱାସ୍ଥ୍ୟ ପାଇଁ ଭଲ। ଏହା ଆଣ୍ଟିଅକ୍ସିଡେଣ୍ଟ ଇମ୍ୟୁନିଟି ବଢେଇବାରେ ସାହାଯ୍ୟ କରିଥାଏ। ବେଳେ ବେଳେ ଏମିତି ହୋଇଥାଏ କି ଡାଳିମ୍ବର ରଙ୍ଗ ସହ ମଧ୍ୟ ଯୋଡାଯାଇଥାଏ, ଯେମିତିକି ଡାଳିମ୍ବ ଲାଲ ହୋଇଥାଏ। ଏହାକୁ ଖାଇବା ଦ୍ୱାରା ଶରୀରରେ ରକ୍ତର ମାତ୍ରା ବଢିଥାଏ। କିନ୍ତୁ ବାସ୍ତବରେ ଏମିତି ହୋଇନଥାଏ। ଡାଳିମ୍ବରେ ଆଣ୍ଡିଓକ୍ସିଡାନ୍ସ, ପଲିଫେନୋଲିକ୍ ଯୌଗିକ ସହ ପୁନିକାଲାଜିନ୍ସ, ଆନ୍ଥୋସାୟାନିସ୍ ଓ ହାଇଡ୍ରୋଲାଇଜାବୁଲ ଟାନିସ୍ ଭରପୁର ପରିପାଣରେ ଥାଏ। ଯାହାକି ଆପଣଙ୍କର କୋଷଗୁଡିକୁ ମୁକ୍ତ କଣିକା ସଂକ୍ରମଣରୁ ରକ୍ଷା କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଡାଳିମ୍ବରେ ଥିବା ଯୌଗିକଗୁଡିକରେ କର୍କଟ ବିରୋଧୀ ଗୁଣ ଥାଏ। ଏହା ଦ୍ୱାରା ଯକୃତ କର୍କଟ ରୋଗର ପ୍ରାରମ୍ଭିକ ପର୍ଯ୍ୟାୟରେ ଟ୍ୟୁମର ବୃଦ୍ଧିକୁ ହ୍ରାସ କରିବା ସହ ରକ୍ତଚାପ, ପ୍ଲାଜମା, ଛାତିର ଯନ୍ତ୍ରଣାକୁ କମାଇଥାଏ।



# ୨ଟି ଡିଜେ ଗାଡ଼ି ଜବତ କଲା ପୁଲିସ



ବାଲିପାଟଣା, ୧୮।୯(ସଂଚାର ବ୍ୟୁରୋ)ଃ ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ଭସାଣି ଉତ୍ସବରେ ଡିଜେ ବ୍ୟବହାରକୁ ନେଇ କମିଶନରେଟ୍ ପୁଲିସ କଡ଼ା କଟକଣା ଜାରି କରିଛି। ବିନା ଅନୁମତିରେ ଡିଜେ ବଜାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ ପକ୍ଷରୁ ସତର୍କ କରାଯାଇଛି। ବାଲିପାଟଣା ଥାନା ଅଞ୍ଚଳରେ ୨୪ଟି ଗଣେଶ ପୂଜା କମିଟି ପୁଲିସର ଅନୁମତି ନେଇଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ହୋଇଥିଲା। ତେବେ କେତେକ ସ୍ଥାନରେ ନିୟମ ଉଲ୍ଲଂଘନ କରି ଡିଜେ ବଜାଇ ଭସାଣି କରାଯାଉଥିବା ଅଭିଯୋଗ ହୋଇଛି।ଏହି କ୍ରମରେ ବାଲିପାଟଣା ପୁଲିସ ଗତକାଲି ରାତିରେ ଅଳନାବାଦ ଓ ବଡାଲୋ ଗ୍ରାମର ଭସାଣୀ ଉତ୍ସବରୁ ଦୁଇଟି ଡିଜେ ଗାଡ଼ି ଜବତ କରିଛି। ଅଧଳାବାଦରୁ ଆଇଚର ଓଡି-୩୩-ଏଖ୍-୯୯୧୧ ନମ୍ବରର ଜେଏସ୍ଏସ୍ ଜୟ ଶ୍ରୀ ଶ୍ୟାମ ଅଡିଓ ଏବଂ ବଡାଲୋରୁ ଆରୁହା ଟାଟା ପିକପ ଓଡି-୦୨-ସିଉ-୨୨୮୫ ନମ୍ବରର ଆରଏସ୍ ଅଡିଓ ଗାଡ଼ିକୁ ଜବତ କରାଯାଇଛି।ଦୁଇ ଗାଡ଼ି ଥାନାରେ ଅଟକ ରହିଥିବା ବେଳେ ପୁଲିସ ମାମଲା ରୁଜୁ କରି ଏହାକୁ କୋର୍ଟକୁ ପଠାଉଛି। ଏନେଇ ଥାନା ଆଇଆଇସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କହିଛନ୍ତି, ବିନା ଅନୁମତିରେ କୌଣସି ଉତ୍ସବ କିମ୍ବା ପୂଜା ଭସାଣିରେ ଡିଜେ ବଜାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ।

ଫେୟାରୱେଲରେ ବ୍ୟସ୍ତ ଶିକ୍ଷକ

# ମଧ୍ୟାହ୍ନ ଭୋଜନ ନପାଇ ଘରମୁହାଁ ଛାତ୍ରଛାତ୍ରୀ



ଧାମନଗର,୧୮।୯(ସଂଚାର ବ୍ୟୁରୋ)ଃ ଶିକ୍ଷକଙ୍କ ବିଦାୟ ସମାରୋହ ଚାଲିଥିବା ବେଳେ ବିଦ୍ୟାଳୟକୁ ଆସିଥିବା ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ନପାଇ ଘରକୁ ଫେରିଯାଇଥିବା ଅଭିଯୋଗକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ପ୍ରାୟ ୬୦ରୁ ୭୦ ଜଣ ଛାତ୍ରଛାତ୍ରୀ ଖାଦ୍ୟ ନପାଇ ଘରକୁ ଯାଇଥିବା ଜଣାପଡ଼ିଛି। ଧାମନଗର ବ୍ଲକ ରାଧାବଲ୍ଲଭପୁର ଗ୍ରାମର ଜାଗୁଲାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଶିକ୍ଷକ ସୁକାନ୍ତ ନାୟକଙ୍କ ବିଦାୟକାଳୀନ ସଭା ଆୟୋଜିତ ହୋଇଥିଲା। ଦୀର୍ଘବର୍ଷ ଧରି ଏହି ବିଦ୍ୟାଳୟରେ କାର୍ଯ୍ୟ କରିବା ପରେ ପଦୋନ୍ନତି ପାଇ ଅନ୍ୟ ବିଦ୍ୟାଳୟକୁ ବଦଳି ହୋଇଥିବାରୁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଥିଲା। ତେବେ ଏହି ସମାରୋହ ଚାଲିଥିବା ସମୟରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉନଥିବା ଅଭିଯୋଗ ହୋଇଛି। ଖାଦ୍ୟ ନପାଇ କେତେକ ଛାତ୍ରଛାତ୍ରୀ ଘରକୁ ଯାଇ ଖାଇବା ପରେ ପୁଣି ବିଦ୍ୟାଳୟକୁ ଫେରିଥିବା ଜଣାପଡ଼ିଛି। ଫଳରେ ବିଦାୟ ସମାରୋହ ଆୟୋଜନ ସମୟରେ ପିଲାଙ୍କ ନିୟମିତ ପାଠପଢ଼ା ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କାହିଁକି ପ୍ରଭାବିତ ହେଲା, ତାହାକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଏନେଇ ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ପିଲାମାନଙ୍କୁ ଅଟକାଇବା ସତ୍ତ୍ୱେ ସେମାନେ ଘରକୁ ଚାଲିଯାଇଥିଲେ ଏବଂ ସ୍କୁଲରେ ଖାଉନାହାନ୍ତି। ତେବେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ନେଇ ଉଠିଥିବା ଅଭିଯୋଗର ତଦନ୍ତ ଓ ସ୍କୁଲରେ ଅନିୟମିତତା ଏବଂ ମଧ୍ୟାହ୍ନ ହେଲେ ଅର୍ଦ୍ଧାଧିକ ଶିକ୍ଷକ ଘରକୁ ପଳାଉଥିବା ନେଇ ଅଭିଭାବକମାନେ କହିଛନ୍ତି।

# ପାଣିରେ ବୁଡ଼ି ଯୁବତୀଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୧୮।୯(ସଂଚାର ବ୍ୟୁରୋ)ଃ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ ତୁମେରମୁଣ୍ଡା ଠାରେ ପାଣିରେ ବୁଡି ଜଣେ ଯୁବତୀର ମୃତ୍ୟୁ ଘଟିଛି।ଯୁବତୀ ଜଣକ ତୁମେରମୁଣ୍ଡା ନିକଟରେ ଗ୍ରାମ ଭଲୁରୁପାର ଶାନ୍ତି ମାଝୀ (୨୮) ଅଟେ। ପୁଲିସ ସୂଚନାନୁସାରେ ଯୁବତୀ ଜଣକ ଅପରାହ୍ନ ସାଢେ ୧୨ ଘଣ୍ଟା ସମୟରେ ଘର ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିଲେ।ଗାଧୋଇ ସାରିଲାପରେ ଘରକୁ ଫେରିବା ପାଇଁ ନାଳ ହୁଡ଼ା ଚଢୁଥିବା ବେଳେ ଗୋଡ ଖସିଯିବାରୁ ନାଳ ଭିତରେ ପଡ଼ିଯାଇଥିଲେ ଏବଂ ପାଣିରେ କିଛିବାଟ ଭାସିଯାଇଥିଲେ।ନୋଇଭାସି ଯିବା ଅବସ୍ଥାରେ ଗାଁର ଯୁବକ ମାନେ ଗାଧଉଥିବା ବେଳେ ଭାସି ଯାଉଥିବା ଦେଖି ଯୁବତୀ ଜଣକୁ ଉଦ୍ଧାର କରି ହୁଡ଼ା ଉପରକୁ ଆଣିଥିଲେ ଏବଂ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ପରିବାର ଲୋକେ ଆସି ପହଞ୍ଚିଥିଲେ ଏବଂ ଯୁବତୀଙ୍କର ଦେଖିଲାପରେ ମୃତ୍ୟୁ ଘଟିଥିବା ଜାଣିପାରିଥିଲେ।ଯୁବତୀର ଭାଇ ପୂର୍ଣ୍ଣ ଚନ୍ଦ୍ର ମାଝୀ ବିଶ୍ୱନାଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଓ ଲିଖିତ ଅଭିଯୋଗ ପାଇବାପରେ ବିଶ୍ୱନାଥପୁର ଏସଆଇ ପ୍ରବୀଣ ରଥ ପୁଲିସ ବଳ ସହିତ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ଲାଞ୍ଜିଗଡ଼ ଶବ ବ୍ୟବଚ୍ଛେଦ ପାଇଁ ପଠେଇଥିଲେ। ଏନେଇ ବିଶ୍ୱନାଥପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଧାନ କ୍ଷେତରେ ରୋଗପୋକ ପାଦୁର୍ଭାବ, ନିଘୋଡ଼ ନିଦରେ କୃଷି ବିଭାଗ



କଳାହାଣ୍ଡି/ମ.ରାମପୁର, ୧୮।୯ (ସଂଚାର ବ୍ୟୁରୋ)ଃ ଏ ବର୍ଷ ଚାଷୀଙ୍କ ମୁହଁରେ ଚଡ଼କ। ଧାନ କ୍ଷେତରେ ଦେଖାଦେଇଛି ବିଭିନ୍ନ ରୋଗପୋକର ପାଦୁର୍ଭାବ।ଜିଲ୍ଲାର ମଦନପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଧାନ ଗଛର ପତ୍ର ମୁଣ୍ଡିପିବା ସହ ପତ୍ର ଶୁଖିବା ଓ ଗଛର ବୃଦ୍ଧି ପ୍ରଭାବିତ ହେଉଥିବା ଦେଖାଦେଇଛି। ସବୁଜ କ୍ଷେତ କାଳକ୍ରମେ ହଳଦିଆ ରଙ୍ଗ ରେ ପରିଣତ ହେଉଥିବା ଦେଖାଯାଉଛି। ଫଳରେ ଚଳିତ ଖରିଫ ଋତୁରେ ଧାନ ଅମଳକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି।ଚାଷୀଙ୍କ କହିବାନୁଯାୟୀ, ଧାନ କ୍ଷେତରେ ସବୁଜ ପୋକ ସହ ପତ୍ର ମୁଡ଼ା ପୋକର ପ୍ରାଦୁର୍ଭାବ ଦେଖାଦେଇଛି। ସମୟ ଗଡ଼ିବା ସହ ଏହା ଅନ୍ୟ କ୍ଷେତକୁ ମଧ୍ୟ ବ୍ୟାପିବା ଆଶଙ୍କା ରହିଛି। ଏପଟେ ରୋଗପୋକ ନିୟନ୍ତ୍ରଣ ପାଇଁ କୃଷି ବିଭାଗ ପକ୍ଷରୁ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଓ ନିୟନ୍ତ୍ରଣ ବ୍ୟବସ୍ଥା ଯୋଗାଇଦେବା ଆବଶ୍ୟକ ହୋଇପଡ଼ିଛି। ମାତ୍ର ରୋଗପୋକର ପାଦୁର୍ଭାବ ନେଇ ବିଭାଗୀୟ ସ୍ତରରେ ଆବଶ୍ୟକ ତତ୍ପରତା ଦେଖାଯାଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।ଧାନ ଚାଷ ଉପରେ ନିର୍ଭରଶୀଳ ଚାଷୀଙ୍କ ଫସଲ ଯେପରି ନଷ୍ଟ ନହୁଏ, ସେଥିପାଇଁ କୃଷି ବିଭାଗ ତୁରନ୍ତ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ରୋଗପୋକ ଚିହ୍ନଟ କରିବା ସହ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା କରିବାକୁ ଚାଷୀ ମହଲରେ ଦାବି ହୋଇଛି।

# ବୁଦା ମୂଳରୁ ନବଜାତ ଶିଶୁକନ୍ୟା ଉଦ୍ଧାର



ସୁବର୍ଣ୍ଣପୁର, ୧୮।୯ (ସଂଚାର ବ୍ୟୁରୋ)ଃ ମାନବିକତାକୁ ଲଜ୍ଜିତ କଲାଭଳି ଏକ ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ କୌଡ଼ିଆମୁଣ୍ଡା ଅଞ୍ଚଳରେ। ଏକ ବୁଦା ମୂଳରୁ ନବଜାତ ଶିଶୁକନ୍ୟା ଉଦ୍ଧାର ହୋଇଛି। ଶିଶୁଟିର କାନ୍ଦ ଶୁଣି ଜଣେ ଚାଷୀ ଏହାକୁ ଉଦ୍ଧାର କରିଛନ୍ତି । ସୂଚନା ଅନୁଯାୟୀ କୌଡ଼ିଆମୁଣ୍ଡା ଗ୍ରାମର ରବି ନାରାୟଣ ସାହୁ ସକାଳୁ ନିଜ ବିଲକୁ ଯାଇଥିଲେ। ଦିନ ପ୍ରାୟ ୧୧ଟା ସମୟରେ ଘରକୁ ଫେରିବା ବେଳେ ବିଶ୍ୱକର୍ମା ପୂଜାଥିବାରୁ ତାଙ୍କ ମଟର ସାଇକେଲକୁ ଧୋଇବା ପାଇଁ କେନାଲ ନିକଟରେ ଅଟକିଥିଲେ। ହଠାତ ତାଙ୍କୁ ଏକ ନବଜାତ ଶିଶୁର କ୍ରନ୍ଦନ ଶବ୍ଦ ଶୁଣାଗଲା । ସେ ଏଣେତେଣେ ଖୋଜିବା ପରେ ନିକଟରେ ଥିବା ବୁଦା ମୂଳରୁ ଏକ କପଡ଼ାରେ ଗୁଡ଼ା ହୋଇଥିବା ନବଜାତ ଶିଶୁକନ୍ୟା ଚାଣ୍ଟି ଲାଗି ଆସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ଜଣେ ବାଟୋଇଙ୍କୁ ଅଟକାଇ ଶିଶୁକନ୍ୟାକୁ ଦେଖିବା ପାଇଁ କହି ଶ୍ରୀ ସାହୁ ତାଙ୍କ ପତ୍ନୀ ଗୀତାଞ୍ଜଳି ସାହୁଙ୍କୁ ସମସ୍ତ ଘଟଣା ସମ୍ପର୍କରେ କହି ଡାକି ଆଣି ଉଭୟେ ମିଶି ଶିଶୁ କନ୍ୟାଟିକୁ ଉଦ୍ଧାର କରି ନିଜ ଘରକୁ ଆଣିଥିଲେ ଏବଂ ତାଙ୍କ ପୁଅ ସୁମିତ କୁମାର ସାହୁ ସହିତ ମିଶି ଶିଶୁକନ୍ୟାର ଚିକିତ୍ସା ପାଇଁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଶିଶୁ ବିଭାଗ ଡାକ୍ତର ସତ୍ୟନାରାୟଣ ପାଣିଗ୍ରାହୀ ନବଜାତ ଶିଶୁର ଚିକିତ୍ସା କରିଥିବା ବେଳେ ଶିଶୁଟି ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି। ଖବର ପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ପରେ ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି) କୁ ଖବର ଦେଇଥିଲେ। ପରେ ଶିଶୁକନ୍ୟାଟିକୁ ସୋନପୁର ସିଡବ୍ଲୁସିକୁ ହସ୍ତାନ୍ତର କରାଯାଇଛି। ତେବେ କିଏ ଏବଂ କାହିଁକି ଏଭଳି ଅମାନବୀୟ କାର୍ଯ୍ୟକଲା ଓ କେଉଁ ପରିସ୍ଥିତିରେ ଶିଶୁକନ୍ୟାକୁ ଜନ୍ମ ଦେଇ ଫିଙ୍ଗି ଦେଇଛି ତାହା ସ୍ପଷ୍ଟ ହୋଇ ପାରିନାହିଁ । ଶିଶୁକୁ ଫିଙ୍ଗି ଦେବାକୁ ସାଧାରଣରେ ନିନ୍ଦା କରାଯାଇଥିବା ବେଳେ ନବଜାତ ଶିଶୁ କନ୍ୟାକୁ ତାଙ୍କୁ ହସ୍ତାନ୍ତର କରାଯାଉ ବୋଲି ଶ୍ରୀ ସାହୁ ସ୍ଥାନୀୟ ପ୍ରଶାସନକୁ ନିବେଦନ କରିଛନ୍ତି । ଶିଶୁ କନ୍ୟା କୁ ଉଦ୍ଧାର କରିଥିବା ନାରାୟଣ ଓ ତାଙ୍କ ପରିବାରଙ୍କୁ ଜନସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର



ସୁବର୍ଣ୍ଣପୁର,୧୮।୯ (ସଂଚାର ବ୍ୟୁରୋ)ଃ ସୋନପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟଙ୍କ ଆନୁକୂଲ୍ୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର ଶୁକ୍ରବାର ରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସୋନପୁର ଠାରେ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମ ର ଉଦ୍ଘାଟନ ଉତ୍ସବ ରେ ଚଢେଇପଂକ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁରଥ ବାରିକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ଳାନ ପାଣ୍ଡିଆ, ମହାରାଜା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅନୁଲିତା ମିଶ୍ର ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜୀ ବିଶ୍ୱନାଥ ଉପସ୍ଥିତ ଥିଲେ। ପ୍ରତ୍ୟେକ ବ୍ଲକ ରୁ ଆସିଥିବା ପ୍ରତିଯୋଗୀ ମାନେ ନିଜର ଗବେଷଣାଧର୍ମୀ ଉପସ୍ଥାପନା କରିଥିଲେ ଓ ବିଚାରକ ଭାବେ ସୁଜିତ ମିଶ୍ର, ପ୍ରଗତି ପୁରୋହିତ ଓ ସୁରଥ ବାରିକ ଥିଲେ ଓ ଛାତ୍ରୀଛାତ୍ରମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ମୂଲ୍ୟାଙ୍କନ କରିଥିଲେ। 'ଭାରତୀୟ ଶକ୍ତି ଭଣ୍ଡାର ୨୦୪୭ଃ ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ବିଷୟବସ୍ତୁକୁ ନେଇ ଉଦଯାପନୀ ଉତ୍ସବରେ ଏ.ଡି.ଏମ୍ ଏ ସୋନପୁର ଆଞ୍ଜେଲିନା ପଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ବିନିକା ବିଇଓ ଲକ୍ଷ୍ମଣ ମିଶ୍ର ଦୀପ ପ୍ରଜ୍ୱଳନ କରିଥିଲେ ଏବଂ ଉଦଯାପନୀ ଉତ୍ସବରେ ଏ.ଡି.ଏମ୍ ସୋନପୁର ଅଞ୍ଜଳୀନା ପଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ବିନିକା ବିଇଓ ଲକ୍ଷ୍ମଣ ମିଶ୍ର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ଳାନ ପାଣ୍ଡିଆ, ପ୍ରଜ୍ଞା ପରମିତା ଦାସ ଆଦି ମଞ୍ଚାସୀନ ଥିଲେ।

# ଭସାଣିରେ ଡିଜେକୁ ନେଇ ଗଣ୍ଡଗୋଳ

ବାଲିପାଟଣା,୧୮।୯(ସଂଚାର ବ୍ୟୁରୋ)ଃ ବାଲିପାଟଣା ଥାନା ଅଧୀନ ରାଜସ ପଞ୍ଚାୟତର ବାରହଳ ଗ୍ରାମରେ ଗଣେଶ ଭସାଣି ବେଳେ ଡିଜେ ବଜାଇବାକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ଆଶିଷ ଓରଫ କାଲୁ ନାମକ ଜଣେ ଯୁବକ ତୀକ୍ଷ୍ଣ ଅସ୍ତ୍ର ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ରାତିରେ ଗ୍ରାମରେ ଗଣେଶ ଭସାଣି ଚାଲିଥିବା ବେଳେ ଯୁବକମାନେ ଡିଜେ ବଜାଇ ନାଚଗୀତ କରୁଥିଲେ। ଏହାକୁ କିଛି ଗ୍ରାମବାସୀ ବିରୋଧ କରିବାରୁ ପ୍ରଥମେ କଥା କଟାକଟି ଓ ପରେ ହାତାହାତି ହୋଇଥିଲା।ଏହି ସମୟରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ଅକ୍ରୁର ପ୍ରଧାନଙ୍କ ଦୁଇ ପୁଅ ଦେବାଶିଷ ଓ ଆଶିଷ ଭସାଣି ଭିଡ଼ରେ ଅଟକି ଯାଇଥିଲେ। କୌଣସି କଥାକୁ ନେଇ ଆଶିଷଙ୍କୁ ତୀକ୍ଷ୍ଣ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ତାଙ୍କ ମୁଣ୍ଡ ପଛପଟେ ଗଭୀର କ୍ଷତ ହୋଇଥିବାରୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱରକୁ ନିଆଯାଇଛି। ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି।

# ଚାଷବାସ କୃଷକ ଉତ୍ପାଦନ କମ୍ପାନୀର ବାର୍ଷିକ ସାଧାରଣ ସଭା



ବାଲିପାଟଣା, ୧୮।୯ (ସଂଚାର ବ୍ୟୁରୋ)ଃ ବାଲିପାଟଣା ବ୍ଲକ ଅନ୍ତର୍ଗତ ରାଜସ ଠାରେ 'ଚାଷବାସ କୃଷକ ଉତ୍ପାଦନ କମ୍ପାନୀ ଲିମିଟେଡ'ର ବାର୍ଷିକ ସାଧାରଣ ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଞ୍ଚଳର ବହୁସଂଖ୍ୟାକ ଚାଷୀ ଯୋଗଦେଇ କମ୍ପାନୀର ଆଗାମୀ କାର୍ଯ୍ୟପନ୍ଥା ଓ କୃଷିର ବିକାଶ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି ସାଧାରଣ ସଭାରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ସାହୁ, ଇଫକୋର ଅତିରିକ୍ତ ପରିଚାଳକ ସୌମ୍ୟରଞ୍ଜନ ହାତୀ, ସଞ୍ଜୀବ କୁମାର ମହାନ୍ତି, ରଘୁନାଥ ସ୍ୱାଇଁ, ସୋମନାଥ ଦାଶ, ଭାରତୀବାଳା ନାୟକ, ସୁକାନ୍ତ ନାୟକ, ଦୀପକ ମଲ୍ଲିକ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ ଆଧୁନିକ କୃଷି ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଜଳବାୟୁ ସହନଶୀଳ ଉନ୍ନତ ବିହନ ପ୍ରସ୍ତୁତି ଏବଂ କୀଟନାଶକ ପରିଚାଳନା ସମ୍ପର୍କରେ ବ୍ୟାବହାରିକ ଜ୍ଞାନପ୍ରଦାନ, ସୁକ୍ଷମ ସାର ପ୍ରୟୋଗ, ନାନୋ ୟୁରିଆ ଓ ନାନୋ ଡିଏପିର ସଠିକ୍ ବ୍ୟବହାର ସହିତ କୃଷକ ଉତ୍ପାଦନ କମ୍ପାନୀ ମାଧ୍ୟମରେ କୃଷିଜାତ ଦ୍ରବ୍ୟର ସଠିକ୍ ବିପଣନ ଓ ବ୍ୟବସାୟିକ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ସୁକାନ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଅଞ୍ଚଳର ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଚାଷବାସର ଡାଇରେକ୍ଟର ପ୍ରତାପ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭୂତି ଭୂଷଣ ମହାନ୍ତି, ଭାରତୀବାଳା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସେବା ସଂକଳ୍ପ ଅଭିଯାନରେ ଆଶୀର୍ବାଦର ଦ୍ୱୀପ ପ୍ରଜ୍ୱଳନ



ସୁବର୍ଣ୍ଣପୁର,୧୮।୯(ସଂଚାର ବ୍ୟୁରୋ)ଃ ସେବା ସଂକଳ୍ପ ଅଭିଯାନ- ୨୦୨୬ ଅନ୍ତର୍ଗତ "ଆଶୀର୍ବାଦର ଦ୍ୱୀପ" କାର୍ଯ୍ୟକ୍ରମ ସୋନପୁର ବ୍ଲକରେ ଉତ୍ସାହ ଓ ଶ୍ରଦ୍ଧାର ସହିତ ପାଳିତ ହୋଇଛି। ରାମେଶ୍ୱର ମନ୍ଦିର, ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର, ସୋନପୁର ପରିସର ଏବଂ ବ୍ଲକର ବିଭିନ୍ନ ୧୪ ଗୋଟି ଗ୍ରାମ ପଞ୍ଚାୟତରେ ସାମୂହିକ ଭାବେ "ଆଶୀର୍ବାଦର ଦ୍ୱୀପ" ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ସାତ ହଜାର ଗୋଟି ଦ୍ୱୀପ ପ୍ରଜ୍ୱଳନ କରାଯାଇ ସେବା, ସମର୍ପଣ, ଏକତା ଓ ସାମୂହିକ ଦାୟିତ୍ୱର ବାର୍ତ୍ତା ପ୍ରସାର କରାଯାଇଥିଲା। କାର୍ଯ୍ୟକ୍ରମରେ ମବିକେ, ଅଙ୍ଗନବାଡ଼ି, ବ୍ଲକ ସ୍ତରୀୟ ମହାସଂଘ ଓ ସ୍ୱୟ ସହାୟକ ଗୋଷ୍ଠୀର ର ସଦସ୍ୟା, ଲେଡି ସୁପରଭାଇଜର ଏବଂ ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ, ଜିଲ୍ଲା ପ୍ରକଳ୍ପ ସଂଯୋଜକ - ମିଶନ ଶକ୍ତି ସହିତ ସଂପୃକ୍ତ ବିଭିନ୍ନ କର୍ମକର୍ତ୍ତା ଓ ସଦସ୍ୟଓମାନେ ଯୋଗଦେଇଥିଲେ। ସାମୂହିକ ଦୀପ ପ୍ରଜ୍ୱଳନ ମାଧ୍ୟମରେ ସମାଜରେ ଆଲୋକ, ଆଶା ଓ ସକାରାତ୍ମକତାର ପ୍ରସାର ସହିତ ଜନସେବା ଓ ସାମାଜିକ ଦାୟିତ୍ୱ ପ୍ରତି ସାମୂହିକ ସଂକଳ୍ପ ପ୍ରକାଶ ପାଇଥିଲା।

# ହୃଦଘାତ୍‌ରେ ପୁଲିସ ଏଏସଆଇଙ୍କ ପରଲୋକ



ସୁବର୍ଣ୍ଣପୁର,୧୮।୯(ସଂଚାର ବ୍ୟୁରୋ)ଃ ସୋନପୁର ମହାବୀର କଲୋନୀ ନିବାସୀ ପୁଲିସ ଏଏସଆଇ ସତ୍ୟନାରାୟଣ ଦେହୁରୀ(୫୭)ଙ୍କ ହୃଦଘାତରେ ଗତକାଲି ରାତି ୯ ଟା ବେଳେ ପରଲୋକ ହୋଇଯାଇଛି। ସେ ବର୍ତ୍ତମାନ ସମ୍ବଲପୁର ର ଧନୁପାଲି ଥାନାରେ ଏଏସଆଇ ଭାବରେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଉଭୟ ସମ୍ବଲପୁର ଓ ସୋନପୁର ପୁଲିସ ମହଲ ସମେତ ସାରା ସୋନପୁରରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ଦେହୁରୀ ଙ୍କ ପୈତୃକ ଗ୍ରାମ ବଲାଙ୍ଗୀର ଜିଲ୍ଲା ଚନ୍ଦନଭାଟି ଅନ୍ତର୍ଗତ କୁଶଙ୍ଗ ଗ୍ରାମ ରେ ହୋଇଥିବା ବେଳେ ସେ ସୋନପୁର ଘୋଡାଘାଟପଡା ରେ ବିବାହ କରିଥିଲେ। ତାଙ୍କ ବାପା (୮୫) ବର୍ଷ ଏବଂ ମା (୮୨) ବର୍ଷ ଓ ସ୍ତ୍ରୀ ସମେତ ସମଗ୍ର ପରିବାର ଏହି ଅକାଳ ବିୟୋଗରେ ଗଭୀର ଭାବରେ ମର୍ମାହତ ହେବା ସହ ଭାଙ୍ଗି ପଡ଼ିଛନ୍ତି। ତାଙ୍କ ସ୍ତ୍ରୀ ବର୍ତ୍ତମାନ ସୋନପୁର ଡିଆରଡିଏ କାର୍ଯ୍ୟାଳୟ ଠାରେ ଅବସ୍ଥାପିତ ଥିବା ବେଳେ ଦୁଇ ପୁଅ ତାଙ୍କ ପରିବାର ସ୍ଥାନୀୟ ପଟାଭାଡ଼ି ସ୍ଥିତ ମହାବୀର କଲୋନୀ ରେ ରହୁଥିଲେ। ନୂଆଁଖାଇ ପାଇଁ ସେ ଛୁଟିରେ ଆସି ଘରେ ଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଛି। ରାତ୍ର ପ୍ରାୟ ୯ ଟା ବେଳେ ସେ ହୃଦଘାତ ର ଶିକାର ହୋଇଥିବା ବେଳେ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ତାଙ୍କୁ ନିଆଯାଇଥିଲା। ସେ ଜଣେ ଅତ୍ୟନ୍ତ ସରଳ, ଭଦ୍ର, ମେଳାପୀ ଓ କର୍ତ୍ତବ୍ୟନିଷ୍ଠ ଅମାୟିକ ବ୍ୟକ୍ତି ଥିଲେ। ପୂର୍ବରୁ ସୋନପୁର ପୁଲିସ ବିଭାଗରେ ନିଜର କାର୍ଯ୍ୟ ଦକ୍ଷତା ଓ ନମ୍ର ବ୍ୟବହାର ପାଇଁ ସେ ସମସ୍ତଙ୍କର ପ୍ରିୟଭାଜନ ଥିଲେ। ଏସପି ଅଫିସରେ ଷ୍ଟେନୋ ଭାବେ କାର୍ଯ୍ୟ କରୁଥିବା ସମୟରେ ମଧ୍ୟ ତାଙ୍କର କାର୍ଯ୍ୟଶୈଳୀ ସମସ୍ତେ ପ୍ରଶଂସା କରୁଥିଲେ। ତାଙ୍କ ଅକାଳ ବିୟୋଗରେ ପୁଲିସ ବିଭାଗର ବରିଷ୍ଠ ଅଧିକାରୀ, ପୁଲିସ ସଂଘ ଓ ଜିଲ୍ଲାପାଳ କାର୍ଯ୍ୟାଳୟ ସମେତ ରାଜସ୍ୱ ବିଭାଗ କର୍ମଚାରୀମାନେ ମେଡିକାଲ୍ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ।

# ସୁରେଶ୍ୱରୀ ମନ୍ଦିରରେ ସେବା ସଂକଳ୍ପ ଅଭିଯାନର ପ୍ରଥମ ଦିନ ପାଳିତ



ସୁବର୍ଣ୍ଣପୁର,୧୮।୯(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲାର ସୁରେଶ୍ୱରୀ ମନ୍ଦିର ପରିସରରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ 'ସେବା ସଂକଳ୍ପ ଅଭିଯାନ'ର ପ୍ରଥମ ଦିନର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅଭିଯାନ ୧୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର, ୨୦୨୬ ପର୍ଯ୍ୟନ୍ତ ପାଳନ କରାଯିବ। ପ୍ରଥମ ଦିନର କାର୍ଯ୍ୟକ୍ରମରେ ସ୍ୱଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ରଙ୍ଗୋଲି ପ୍ରସ୍ତୁତି, କେକ୍ କାଟିବା ଓ ଦୀପ ପ୍ରଜ୍ୱଳନ ଭଳି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେବା ସଂକଳ୍ପ ଅଭିଯାନରେ ମୋଟ ୧, ୪୪, ୬୨୩ଟି ଦୀପ ପ୍ରଜ୍ୱଳନ କରାଯିବ ସୁବର୍ଣ୍ଣପୁର ଜିଲ୍ଲାରେ। ଆଜି ସକାଳରେ ମା' ସୁରେଶ୍ୱରୀଙ୍କ ପୀଠରେ ୧, ୦୦୦ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ମାସ ବ୍ୟାପି ଅଭିଯାନରେ ପ୍ରତ୍ୟେକ ବିଏଲଏଫ, ଜିଏଲଏଫ ଏବଂ ଡ଼ିଏଲଏଫ, ମନ୍ଦିର, ଦେବାଳୟ ଓ ଗୃହମାନଙ୍କରେ ଦୀପ ପ୍ରଜ୍ୱଳନ କରାଯିବ। ଏହି ଅବସରରେ ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ବିଶ୍ୱଜିତ ପରିଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା ଏବଂ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ପ୍ରକଳ୍ପ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱଂ ସହାୟକ ଗୋଷ୍ଠୀର ମହିଳାମାନେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ସେବା ଓ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ରହିଥିବା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ବାର୍ତ୍ତାକୁ ନେଇ ସୁରେଶ୍ୱରୀ ମନ୍ଦିର ପରିସରରେ 'ସେବା ସଂକଳ୍ପ ଅଭିଯାନ'ର ପ୍ରଥମ ଦିନର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଘରେ ନଥିବା ବେଳେ କଳା କନା ବୁଲାଇଲେ ଚୋର



ବୈଶିଙ୍ଗା,୧୮।୯(ସଂଚାର ବ୍ୟୁରୋ)ଃ ବୈଶିଙ୍ଗା ଉପକଣ୍ଠ ରଙ୍ଗାମାଟିଆ ଗ୍ରାମର ଦୁଇ ଜଣଙ୍କ ଘରୁ କଳା କନା ବୁଲାଇଲେ ଚୋର। ଅଭିଯୋଗ ମୁତାବକ ଶିକ୍ଷକ ଗିରିଜା ପ୍ରସାଦ ଦାଶ ରଙ୍ଗାମାଟିଆ ସ୍ଥିତ ବୀରକିଶୋର ମହାନ୍ତିଙ୍କ ଘରେ ୩ବର୍ଷ ଧରି ଭଡ଼ାରେ ରହୁଛନ୍ତି। ଦୁଇ ଦିନ ଧରି ସେ ଘରେ ନଥିବା ବେଳେ ଏହାର ସୁଯୋଗ ନେଇ ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ସହ ଟଙ୍କା ଚୋରି କରିନେଇଥିଲେ। ପଡ଼ୋଶୀ ଘରେ ଥିବା ଅବସରପ୍ରାପ୍ତ ଶିକ୍ଷୟତ୍ରୀ ରଶ୍ମୀରେଖା ପଣ୍ଡାଙ୍କ ଘରୁ ମଧ୍ୟ ଚୋରି ହୋଇଯାଉଛି। ସେ ଘରେ ନଥିବାରୁ ତାଙ୍କ ଘରର ମୁଖ୍ୟ କବାଟର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ସହ ମୋବାଇଲ ଓ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଦୁଇ ଜଣଙ୍କ ଅଭିଯୋଗକୁ ଭିତ୍ତି କରି ବୈଶିଙ୍ଗା ଥାନାରେ ଦୁଇଟି ମାମଲା ରୁଜୁ କରିଛନ୍ତି। ଗୁରୁବାର ସନ୍ଧ୍ୟା ସମୟରେ ସନ୍ଧାନୀ କୁକର ସହ ବୈଶିଙ୍ଗା ଥାନର ଏଏସଆଇ ଗୋବିନ୍ଦ ଟୁଡୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏଥି ସହିତ ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନମୂନା ସଂଗ୍ରହ କରିଛନ୍ତି। ଦୁଇ ଦିନ ପୂର୍ବରୁ ବ୍ୟାଙ୍କ ଡକାୟତି ବିଫଳ ହୋଇଥିଲେ ମଧ୍ୟ ପୁଣି ଚୋରୀ ଜନ ସାଧାରଣଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏହା ପରେ ପେଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା

ବୈଲିଙ୍ଗା,୧୮।୯(ସଂଚାର ବ୍ୟୁରୋ)ଃ ବିଶ୍ୱ ନିର୍ମାଣର ନିୟନ୍ତା ଶ୍ରୀ ଶ୍ରୀ ବିଶ୍ୱକର୍ମା ଙ୍କର ପୂଜାର୍ଚ୍ଚନା ବୈଶିଙ୍ଗାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିବା ଜଣାଯାଇଛି। ବୈଶିଙ୍ଗା ମୋଟର ସଂଘ ଆନୁକୂଲ୍ୟରେ ବୈଶିଙ୍ଗା ବସଷ୍ଟାଣ୍ଡ ନିକଟରେ ସମସ୍ତ କର୍ମକର୍ତ୍ତା ଙ୍କ ସହଯୋଗରେ ଖୁବ ଧୂମ ଧାମରେ ପାଳିତ ହୋଇଯାଇଛି। ଆଜି ଏହି ଉପଲକ୍ଷେ ଏକ ଅନ୍ନଛତ୍ର ଅନୁଷ୍ଠିତ ହୋଇଥିଲା। ପ୍ରାୟ



ଦୁଇ ହଜାର ରୁ ଅଧିକ ଜନସାଧାରଣ ଅନ୍ନ ପ୍ରସାଦ ସେବନ କରିଥିବାର ଦେଖା ଯାଇଥିଲା। ବୈଶିଙ୍ଗା ଥାନାଧିକାରୀ ବାବା ଶଙ୍କର ସରାଫ ନିମନ୍ତ୍ରିତ ହୋଇ ଏହି ଅନ୍ନଛତ୍ର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ନିଜେ ମଧ୍ୟ ପ୍ରସାଦ ବଣ୍ଟନ କରିଥିବାର ଦେଖାଯାଇଥିଲା। ସେହିପରି ବୈଶିଙ୍ଗା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ନାୟକ ଏବଂ କମର୍ସିଆଲ ଜେଇ ବିଜୟଶ୍ରୀ ବରାଳ ଙ୍କ ପରିଚାଳନାରେ ଲାଇନ ମ୍ୟାନ ପ୍ରଶାନ୍ତ ସାହୁ, ଜ୍ୟୋତିକାନ୍ତ ବିଶ୍ୱାଳଙ୍କ ସମେତ ଅନ୍ୟ ସମସ୍ତ ଲାଇନ ମ୍ୟାନ, ହେଲପର୍, ମିଟର ରିଡର ସମେତ କର୍ମଚାରୀ ମାନେ ସହଯୋଗ କରିଥିଲେ। ସେହି ପରି ମହୁରୀ ସ୍ଥିତ ବୈଶିଙ୍ଗା ଆଇଟିଆଇ ପ୍ରିନ୍ସିପାଲ ରମାକାନ୍ତ ଜେନା ଙ୍କ ପରିଚାଳନାରେ ଛାତ୍ର/ଛାତ୍ରୀ ମାନେ ଶ୍ରୀ ଶ୍ରୀ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରିଥିଲେ।

# ବ୍ଲକସ୍ତରୀୟ ସମୂହ ଖେଳ ଓ ଦୌଡ଼ କୁଦ ପ୍ରତିଯୋଗିତା



ବାଲିଆପାଳ,୧୮।୯(ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ହେବାକୁ ଥିବା ବ୍ଲକ ସ୍ତରୀୟ ସମୂହ ଖେଳ ଓ ଦୌଡ଼ କୁଦ ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ଉତ୍ସବରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବଂଶୀଧର ନାୟକଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଚିତ୍ରାଙ୍ଗନା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଶାଲ୍ ଜଳାଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରତ୍ୟେକ ଜୁନରୁ ଶହେ କୋଡ଼ିଏ ଲେଖାଏଁ ଛାତ୍ରଛାତ୍ରୀ ଭାଗନେଇଥିବା ବେଳେ ଚାରୋଟି ଜୁନରୁ ସର୍ବମୋଟ ଚାରି ଶହ ଅଶୀ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଅଂଶ ଗ୍ରହଣ କରିଥିଲେ। ଶହେ, ଦୁଇ ଶହ, ଚାରିଶହ, ଆଠଶହ, ପନ୍ଦର ଶହ, ତିନି ହଜାର ମିଟର ଦୌଡ, ଲଙ୍ଗଜାମ୍ପ, ହାଇଜାମ୍ପ, ଡିସକସ, ସଟପୁଟ, କବାଡି, ଜାଭଲିନ, ଖୋକ ପ୍ରଭୃତି ଖେଳ ଅନୁଷ୍ଠିତ ହୋଇଛି। ଅନ୍ୟ ଖେଳ ଗୁଡ଼ିକ ଆସନ୍ତା କାଲି ଖେଳା ଯିବ ବୋଲି ବ୍ଲକ ଖେଳ ସଂଘର ସମ୍ପାଦକ ଅମରେନ୍ଦ୍ର ପାତ୍ର କହିଛନ୍ତି। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟ ଭାବେ ବକ୍ତା ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ବେହେରା, ସମରଞ୍ଜନ ଜେନା, ଅଜୟ କୁମାର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ମୁର୍ମୁ, ମଞ୍ଜୁଲତା ମାରାଣ୍ଡି ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ବଜ୍ରାଘାତରେ ବୃଦ୍ଧଙ୍କ ମୃତ୍ୟୁ



ବାଲିଆପାଳ,୧୮।୯(ସଂଚାର ବ୍ୟୁରୋ)ଃ ବାଲିଆପାଳ ଥାନା ଅନ୍ତର୍ଗତ କୁଦମାନସିଂ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା, ସୂଚନା ଅନୁଯାୟୀ କୁଦମାନସିଂ ଗ୍ରାମର ରଘୁନାଥ ପାତ୍ର (୬୨) ଶୁକ୍ରବାର ସକାଳେ ନଳିତା ଚାଷ ହୋଇଥିବା ବିଲକୁ ଯାଇଥିଲେ, ହଠାତ ପ୍ରବଳ ବର୍ଷା ଏବଂ ଘଡଘଡି ଆରମ୍ଭ ହେବାରୁ ସେ ବିଲରୁ ଆସୁଥିବା ବେଳେ ବଜ୍ରପାତ ହୋଇ ଥିଲା, ଘଟଣା ସ୍ଥଳରେ ରଘୁନାଥ ସଜ୍ଞାହୀନ ହୋଇ ପଡ଼ିଥିଲେ, ପରିବାର ଲୋକେ ତୁରନ୍ତ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରାଇ ଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ, ତେବେ ମୃତକ ରଘୁନାଥ ପାତ୍ରଙ୍କ ପରିବାର ଅତ୍ୟନ୍ତ ଗରୀବ ହୋଇଥିବାରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।